ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୩୧/୨୦୧୯ (୧୬ ପୃଷ୍ଠା) | Bhubaneswar, Thursday, January 31/ 2019 | ★★★★★★

୪୫ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-

ଟପ୍ସରେ ପାରା-ଆଥ୍‌ଲେଟ୍ ଜୟନ୍ତୀ ବେହେରା

ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ରେ ସାମିଲ ହୋଇଛନ୍ତି ଓଡ଼ିଆ ପାରା-ଆଥ୍‌ଲେଟ୍ ଜୟନ୍ତୀ ବେହେରା।

୧୫

୦୮

ଧାରାବାହିକ ପ୍ରଯୋଜନା କରିବେ ସୌନ୍ଦର୍ଯ୍ୟା ରଜନୀକାନ୍ତ

ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ସୌନ୍ଦର୍ଯ୍ୟା ଐତିହାସିକ ତାମିଲ ଉପନ୍ୟାସ 'ପନିୟିନ୍ ସେଲଭାନ'ର ଧାରାବାହିକ ନିର୍ମାଣ କରିବେ।

■ ଜଷ୍ଟିସ ଶ୍ରୀକ୍ରିଷ୍ଣା କମିଟି ରିପୋର୍ଟ ପ୍ରଦାନ

ବ୍ୟାଙ୍କର ଆଚାର ସଂହିତା ଭାଙ୍ଗିଛନ୍ତି ଚନ୍ଦା କୋଚ୍ଚର

ଚନ୍ଦା କୋଚ୍ଚର

ମୁମ୍ବାଇ,୩୦।୧

ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚ୍ଚରଙ୍କ ବିରୋଧରେ ତଦନ୍ତ କରୁଥିବା ଜଷ୍ଟିସ ବି.ଏନ୍ ଶ୍ରୀକ୍ରିଷ୍ଣା କମିଟି ତାଙ୍କର ରିପୋର୍ଟ ବୁଧବାର ବ୍ୟାଙ୍କ ବୋର୍ଡକୁ ପ୍ରଦାନ କରିଛନ୍ତି। ଏଥିରେ ଚନ୍ଦା ବ୍ୟକ୍ତିଗତ ସ୍ୱାର୍ଥସାଧନ ଲାଗି ବ୍ୟାଙ୍କର ଆଚାର ସଂହିତା ଉଲ୍ଲଂଘନ କରିଛନ୍ତି ବୋଲି ଦର୍ଶାଯାଇଛି। ଏହାକୁ ଆଧାରକରି ଆଇସିଆଇସିଆଇ ବ୍ୟାଙ୍କ ଚନ୍ଦାଙ୍କ ଇସ୍ତଫାକୁ ବହିଷ୍କାର ଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ବ୍ୟାଙ୍କର ଆଭ୍ୟନ୍ତରୀଣ ନୀତି ଅନୁଯାୟୀ, ୨୦୦୯ ଏପ୍ରିଲରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ତାଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ଭତ୍ତା, ବୋନସ, ଆର୍ଥିକ ଫାଇଦା ଆଦିକୁ ଫେରସ୍ତ ନିଆଯିବ। ଏହାଛଡ଼ା ତାଙ୍କୁ ଭବିଷ୍ୟତରେ ମିଳିବାକୁ ଥିବା ସମସ୍ତ ଫାଇଦାକୁ ମଧ୍ୟ ରୋକାଯିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶର ଆଇନ, ବ୍ୟାଙ୍କର ସମସ୍ତ ପ୍ରକାର ନିୟମକୁ ଉଲ୍ଲଂଘନ କରି ଚନ୍ଦା ବ୍ୟକ୍ତିଗତ ସ୍ୱାର୍ଥସାଧନ ଲାଗି କାର୍ଯ୍ୟ କରିଥିଲେ। ବାର୍ଷିକ ଫଳାଫଳ ଘୋଷଣା ବେଳେ ସେ ଉଚିତ୍ ମାର୍ଗ ଆପଣାଇ ନ ଥିଲେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଜଷ୍ଟିସ ଶ୍ରୀକ୍ରିଷ୍ଣାଙ୍କୁ ତଦନ୍ତରେ ଏକ ଆଇନ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ପିମ୍ପୁଡ଼ିଙ୍କ ବିଶ୍ୱ

ଆଜିର ମନ୍ତବ୍ୟ

" ଝୁଲା ପାର୍ଲାମେଣ୍ଟ ଏକ ବ୍ୟାଧି, ଯାହା ୩ ଦଶନ୍ଧି ଧରି ଦେଶର ବିକାଶକୁ ରୋକି ଦେଇଥିଲା।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

କିଛି ତଥ୍ୟ

ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ(ଆଇପିପିବି) ଶୁଭାରମ୍ଭ ପରଠାରୁ ଗତ ପାଞ୍ଚ ମାସ ମଧ୍ୟରେ ୧.୨୬ ଲକ୍ଷ ଟଚ୍ ପଏଣ୍ଟରେ ସେବା ପ୍ରଦାନ କରୁଛି।

– ଡାକ ବିଭାଗ

ଖୋଳିଥିବା ଗାତରେ ନିରଞ୍ଜନ

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଗତ ୨୫ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିଲେ। ତାଙ୍କ ଗସ୍ତର ଠିକ୍ ୨୪ ଘଣ୍ଟା ପୂର୍ବରୁ ଘଟିଥିବା ଏକ ଖବର ରାଜ୍ୟ ରାଜନୀତିରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏକ ଠକେଇ ମାମଲାରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ସମନ୍ କରାଯାଇଥିଲା। ପୂର୍ବରୁ ଅନୈତିକ ଖଣିକାରବାର ପାଇଁ ଓଡ଼ିଶା ହାଇକୋର୍ଟ ନିରଞ୍ଜନଙ୍କୁ ଏକ ହାବିଚୁଆଲ ବ୍ରାଇବ ଗିଭର(ଅଭ୍ୟାସଗତ ଲାଞ୍ଚଦାତା) ଭାବେ ଆଖ୍ୟା ଦେଇଥିବା ହେତୁ, ତତ୍କାଳୀନ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରରୁ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ଅନ୍ୟ ଏକ ପ୍ରଚ୍ଛଦପଟରେ ଦିଲ୍ଲୀ ପୋଲିସର ଇଓଡବ୍ଲ୍ୟୁ ଯେଉଁ ମାମଲା ପାଇଁ ଉଭୟ ବାପ-ପୁଅଙ୍କୁ ସମନ୍ କରିଛି, ସେ ନେଇ କିଛି ତଥ୍ୟ ଆମ୍ଭର ହସ୍ତଗତ ହୋଇଛି, ଯାହାକୁ ନେଇ ନିମ୍ନୋକ୍ତ ରିପୋର୍ଟଟି ପରିବେଷଣ କରାଯାଇଛି।

ନୃସିଂହ ମହାନ୍ତି

ଭୁବନେଶ୍ୱର,୩୦।୧

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁତ୍ର ନିଜ ଦ୍ୱାରା ୨୦୦୬ ମସିହାରେ ବିଛାଇଥିବା ଜାଲରେ ଫସିବାକୁ ଯାଉଛନ୍ତି। ନିରଞ୍ଜନ ଭାବାସୀ ଟେଲିଜେନ୍ସ ପ୍ରାଇଭେଟ୍ ଲିଃର ଅଧ୍ୟକ୍ଷ ହୋଇଥିବା ବେଳେ ତାଙ୍କ ପୁତ୍ର ସେହି କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ।

ଏହି କମ୍ପାନୀକୁ ଦିଲ୍ଲୀର ଦମ୍ପତି ଫରିଦ୍ ଅରିଫୁଦ୍ଦିନ ଏବଂ ଗାର୍ଗୀ ଫରିଦଙ୍କ ଦ୍ୱାରା ପ୍ରଥମେ ଆରମ୍ଭ କରାଯାଇଥିଲା। ଅଭିଯୋଗ ଅନୁଯାୟୀ କମ୍ପାନୀ ସହ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିବିଶେଷ ମିଥ୍ୟା ଦଲିଲ ପ୍ରସ୍ତୁତ କରିଥିଲେ। ଏମିତି କି ମିଥ୍ୟା ଦଲିଲ ପ୍ରସ୍ତୁତ କରାଯାଇ ବ୍ୟାଙ୍କ୍ ଅଫ୍ ଚାଇନାରୁ ଭାବାସୀ କମ୍ପାନୀ ପାଇଁ ୧୭,୦୦୦ କୋଟି ଟଙ୍କାର ଅର୍ଥ ଅନୁମୋଦନ କରାଯାଇଥିବା ଦର୍ଶାଯାଇଛି। ଏହି ମିଥ୍ୟା ଦଲିଲକୁ ଆୟୁଧ କରି ଓଡ଼ିଶାର ଅନ୍ୟତମ ଖଣି ବ୍ୟବସାୟୀ କମଲଜିତ୍ ସିଂ ଆଲୁୱାଲିଆଙ୍କୁ ଭାବାସୀ କମ୍ପାନୀରେ ୩୨ କୋଟି ଟଙ୍କା ନିବେଶ କରିବାକୁ ନିରଞ୍ଜନ ପ୍ରବର୍ତ୍ତାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସହ ଧୋକା ହୋଇଥିବା ଅନୁଭବ କରି ଆଲୁୱାଲିଆ ଦିଲ୍ଲୀ ପୋଲିସର ସହାୟତା ନେଇଥିଲେ। ବର୍ତ୍ତମାନ ଏହି ମାମଲାର ଯାଞ୍ଚ ଦିଲ୍ଲୀ ପୋଲିସର ଇଓଡବ୍ଲ୍ୟୁ କରୁଛି, ତେଣୁ ପଟ୍ଟନାୟକ ବାପ-ପୁଅ ବିବାଦକୁ ଟାଣି ହୋଇଯାଇଛନ୍ତି। ବର୍ତ୍ତମାନ ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅନ୍ୟ ଦଳଗୁଡିକୁ ଦୁର୍ନୀତି ପ୍ରସଙ୍ଗରେ କଡ଼ା ସମାଲୋଚନା କରୁଛନ୍ତି। ଅପରପକ୍ଷରେ ପ୍ରଦେଶ କଂଗ୍ରେସର ସଭାପତି ନିରଞ୍ଜନ ଏବଂ ତାଙ୍କ ପୁଅ ନବଜ୍ୟୋତି ସାଂଘାତିକ ଠକେଇରେ ଫସି ଯାଇଛନ୍ତି। କୋର୍ଟରୁ ନିର୍ଦ୍ଦେଶ ପାଇ ଦିଲ୍ଲୀ ପୋଲିସ ଇଓଡବ୍ଲ୍ୟୁ ଏହି ଆର୍ଥିକ ଜାଲିଆତିର ତଦନ୍ତ କରୁଛି, ଯାହାର ପ୍ରଚ୍ଛଦପଟରେ ନିକଟ ଅତୀତରେ ନିରଞ୍ଜନ ଏବଂ ନବଜ୍ୟୋତିଙ୍କୁ ଇଓଡବ୍ଲ୍ୟୁ ପକ୍ଷରୁ ସମନ କରାଯାଇଥିଲା।

ଧରିତ୍ରୀର ହସ୍ତଗତ ହୋଇଥିବା କେତେକ ଦଲିଲ୍ ଅନୁଯାୟୀ, ଆଲୁୱାଲିଆ କରିଥିବା ମାମଲାର ମୁଖ୍ୟ ଅଭିଯୁକ୍ତ ଫରିଦ୍ ଅରିଫୁଦ୍ଦିନ୍‌ଙ୍କ କହିବା ହେଲା ଯେ, ୨୦୦୬ରେ ନିରଞ୍ଜନ ପଟ୍ଟନାୟକ ତାଙ୍କୁ ଖଣି ବ୍ୟବସାୟୀ କେଜେଏସ୍ ଆଲୁୱାଲିଆଙ୍କ ସହ ପରିଚୟ କରାଇଥିଲେ। ଏଥିସହିତ ତାଙ୍କୁ ନିବେଶ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ସେଥିପାଇଁ ବର୍ତ୍ତମାନ କମ୍ପାନୀ ଏବଂ ଏହାର ମାଲିକମାନେ ଅଦାଲତର ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ଅପରପକ୍ଷରେ ନବଜ୍ୟୋତି ପଟ୍ଟନାୟକ ଜାଲିଆତି କରି କମ୍ପାନୀରୁ ୬ କୋଟି ଟଙ୍କା ନେଇଯାଇଥିଲେ ବୋଲି ଫରିଦ୍ ପାଲଟା ଅଭିଯୋଗ କରିଛନ୍ତି। ଯେଉଁ କାରଣରୁ କନିଷ୍ଠ ପଟ୍ଟନାୟକଙ୍କୁ ଦିଲ୍ଲୀ ପୋଲିସ ପଚରାଉଚରା ଆରମ୍ଭ କରିଛି। ବର୍ତ୍ତମାନ ପଟ୍ଟନାୟକ ପିତାପୁତ୍ର ୨୦୦୯ରୁ କମ୍ପାନୀକୁ ପରିତ୍ୟାଗ କରିସାରିଥିବା ମତ ଦେଉଛନ୍ତି। ହେଲେ କମ୍ପାନୀ ଦ୍ୱାରା ହୋଇଥିବା ଆର୍ଥିକ ଜାଲିଆତି ସେହି ସମୟରେ ହୋଇଥିଲା, ଯେବେ ନିରଞ୍ଜନ ଭାବାସୀର ଅଧ୍ୟକ୍ଷ ଏବଂ ନବଜ୍ୟୋତି ଏହାର ଅନ୍ୟତମ ପ୍ରମୁଖ ନିର୍ଦ୍ଦେଶକ ରହିଥିଲେ। ☞ପୃଷ୍ଠା-୪

ନିରଞ୍ଜନ ପଟ୍ଟନାୟକ

ନବଜ୍ୟୋତି ପଟ୍ଟନାୟକ

ମସିହା	ଘଟଣାବଳୀ
୨୩.୯.୨୦୦୬	କମ୍ପାନୀ ପାଇଁ ସଂସ୍ଥା ଏବଂ ନିବେଶକଙ୍କ ମଧ୍ୟରେ ଚୁକ୍ତି
୧୭.୩.୨୦୦୮	ସିକ୍ୟୁରିଟି ବାବଦକୁ ଅସ୍ପନ ଚୁକ୍ତି ସ୍ୱାକ୍ଷରିତ, ନିବେଶକଙ୍କୁ ୧୩୦ କୋଟି ଟଙ୍କାର ଚେକ୍ ପ୍ରଦାନ
୨୦୦୬ରୁ ୨୦୦୯	ନବଜ୍ୟୋତି ପଟ୍ଟନାୟକଙ୍କ ଦ୍ୱାରା ବେଆଇନ ଭାବେ କମ୍ପାନୀରୁ ଏହି ସମୟରେ ୬ କୋଟି ଟଙ୍କା ଉଠାଣ
୨୩.୩.୨୦୦୯	କମ୍ପାନୀରୁ ନବଜ୍ୟୋତିଙ୍କ ଇସ୍ତଫା
୨୧.୭.୨୦୧୨	ନିବେଶକଙ୍କ ଦ୍ୱାରା ସଂସ୍ଥାର ପ୍ରତିଷ୍ଠାତା ତଥା ଅଭିଯୁକ୍ତଙ୍କୁ ଲିଗାଲ ନୋଟିସ
୨୭.୭.୨୦୧୨	ଅଭିଯୁକ୍ତଙ୍କ ଦ୍ୱାରା ପଟ୍ଟନାୟକ ପିତାପୁତ୍ର ଏବଂ ସାମ୍ ପିତ୍ରୋଦାଙ୍କ ନାଁ ପ୍ରକାଶ
୧୪.୧୧.୨୦୧୪	ଦିଲ୍ଲୀ ପୋଲିସରେ ନିବେଶକଙ୍କ ଦ୍ୱାରା ମାମଲା ଦାୟର
୨୨.୧୨.୨୦୧୪	ମାମଲାର ସ୍ୱତନ୍ତ୍ର ଅନୁସନ୍ଧାନ ପାଇଁ ଇଓଡବ୍ଲ୍ୟୁକୁ ଦିଲ୍ଲୀ ପୋଲିସର ନିର୍ଦ୍ଦେଶ
୨୭.୨.୨୦୧୫	ଆକ୍ସନ ଟେକେନ୍ ରିପୋର୍ଟରେ ଇଓଡବ୍ଲ୍ୟୁ ଦ୍ୱାରା ନିରଞ୍ଜନ ଏବଂ ତାଙ୍କ ପୁତ୍ରଙ୍କ ନାଁ ପ୍ରକାଶ
୪.୧.୨୦୧୭	ସାକେତ କୋର୍ଟ ଦ୍ୱାରା ଇଓଡବ୍ଲ୍ୟୁକୁ ଏଫ୍‌ଆଇଆର ଦାୟର ପାଇଁ ନିର୍ଦ୍ଦେଶ
୨୫.୧.୨୦୧୭	ଇଓଡବ୍ଲ୍ୟୁ ଦ୍ୱାରା ଏଫ୍‌ଆଇଆର ରେଜିଷ୍ଟର
୪.୧୨.୨୦୧୮	୬୦ ଦିନ ମଧ୍ୟରେ ତଦନ୍ତ ସାରିବାକୁ ଇଓଡବ୍ଲ୍ୟୁ ସାକେତ କୋର୍ଟର ନିର୍ଦ୍ଦେଶ

ଏନ୍‌ଡିଏକୁ ନିଅଣ୍ଟ ପଡ଼ିବ ୨୦ ଆସନ

ନୂଆଦିଲ୍ଲୀ,୩୦।୧

ଆସନ୍ତା ସାଧାରଣ ନିର୍ବାଚନରେ କୌଣସି ଦଳ ବା ମେଣ୍ଟକୁ ସଂଖ୍ୟାଗରିଷ୍ଠତା ମିଳିବ ନାହିଁ। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ୨୫୨ ଆସନରେ ସଫଳତା ମିଳିବ, ଯାହାକି ସରକାର ଗଢ଼ିବା ପାଇଁ ଆବଶ୍ୟକ କୁହୁକ ସଂଖ୍ୟା ୨୭୨ଠାରୁ ୨୦ କମ୍ ବୋଲି ମଙ୍ଗଳବାର ଟାଇମ୍ସ ନାଓ-ଭିଏମ୍‌ଆର୍ ଓପିନିୟନ୍ ପୋଲ୍ ଭବିଷ୍ୟବାଣୀ କରିଛି। ଲୋକ ସଭା ନିର୍ବାଚନକୁ ଆଉ ୩ ମାସରୁ କମ୍ ସମୟ ବାକି ଥିବାବେଳେ ସବୁ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏନ୍‌ଡିଏ ପୁଣିଥରେ କ୍ଷମତାସୀନ ହେବା ପାଇଁ ଅଣ୍ଟା ଭିଡୁଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) କେନ୍ଦ୍ରରେ ସରକାର ଗଢ଼ିବା ଲାଗି ନୂଆ ରଣନୀତି ଆପଣାଇଛି। ଅନ୍ୟପକ୍ଷରେ ତୃତୀୟ ମେଣ୍ଟ ବା ସଂଘୀୟ ସାମ୍ମୁଖ୍ୟ ଗଢ଼ି କ୍ଷମତାର ସ୍ୱାଦ ଚାଖିବାକୁ ଅନ୍ୟ କେତେକ ବିରୋଧୀ ଦଳ ସ୍ୱପ୍ନ ଦେଖୁଛନ୍ତି। ଏଭଳି ସମୟରେ ଏବେ ନିର୍ବାଚନ ହେଲେ ଖଣ୍ଡିତ ଜନାଦେଶ ଝୁଲା ସ୍ଥିତି ସୃଷ୍ଟି କରିବ। ଫଳରେ ଏନ୍‌ଡିଏକୁ ୨୦ ଆସନ ନିଅଣ୍ଟ ହେବ ବୋଲି ସର୍ଭେରେ କୁହାଯାଇଛି। ଜାନୁୟାରୀ ୧୪ରୁ ୨୫ ତାରିଖ ମଧ୍ୟରେ କରାଯାଇଥିବା ଏହି ସର୍ବେକ୍ଷଣରେ ୧୫,୭୩୧ ଭୋଟରଙ୍କୁ ସାମିଲ କରାଯାଇଥିଲା। ଏଥିରେ ଭାଜପା ୨୧୫ ଆସନ ପାଇ ସବୁଠୁ ବଡ଼ ଦଳ ଭାବେ ଉଭା ହେବ ଏବଂ ଏନ୍‌ଡିଏ ୨୫୨ ଆସନ ଦଖଲ କରିବାରେ ସକ୍ଷମ ହେବ ବୋଲି କୁହାଯାଇଛି। ସେହିପରି ଉପା ୧୪୭ ଏବଂ ଅନ୍ୟ ଦଳ ୧୪୪ ଆସନ ପାଇବେ ବୋଲି ଭୋଟର କହିଛନ୍ତି। ଓଡ଼ିଶାରେ ୨୦୧୪ ସାଧାରଣ ନିର୍ବାଚନରେ ଶାସକ ବିଜୁ ଜନତା ଦଳ (ବିଜେଡି) ୨୧ରୁ ୨୦ ଆସନ ଦଖଲ କରିଥିବାବେଳେ ଭାଜପା କେବଳ ଖାତା ଖୋଲିବାରେ ସକ୍ଷମ ହୋଇଥିଲା। ହେଲେ ଆଗାମୀ ନିର୍ବାଚନରେ ରାଜ୍ୟରେ ଭାଜପାକୁ ଆଶାତୀତ ସଫଳତା ମିଳିବ। ଭାଜପା ପ୍ରାର୍ଥୀ ୧୩ ଆସନ ଦଖଲ କରିବେ ଏବଂ ବିଜେଡି ୮କୁ ଖସିବ ବୋଲି ସର୍ଭେରୁ ଜଣାପଡ଼ିଛି। ସେହିପରି ମଧ୍ୟପ୍ରଦେଶରେ ୨୯ ଆସନ ମଧ୍ୟରୁ ଭାଜପା ପୂର୍ବ ତୁଳନାରେ ୪ ଆସନ ହରାଇ ୨୩ଟିରେ ଜିତିବ ଏବଂ ୬ଟିରେ କଂଗ୍ରେସ ସଫଳତା ପାଇବ। ଅନୁରୂପ ଭାବେ ରାଜସ୍ଥାନରେ ମଧ୍ୟ ଗୈରିକ ଦଳକୁ ପରାଜୟର ମୁହଁ ଦେଖିବାକୁ ପଡ଼ିବ। ଏହି ରାଜ୍ୟରେ ଭାଜପା ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ୮ଟି ଆସନ କମ୍ ପାଇ ୧୭ ଆସନରେ ସନ୍ତୁଷ୍ଟ ହେବ। ଛତିଶଗଡ଼ କଥା ଚିନ୍ତା କଲେ ୨୦୧୪ରେ ଏଠାରେ ଭାଜପା ୧୦ ଆସନ ଦଖଲ କରିଥିଲା। ଏହି ରାଜ୍ୟରେ ଆସନ୍ତା ନିର୍ବାଚନରେ ଭାଜପା ୫ ଆସନ ପାଇବ। ଭାଜପାକୁ ସବୁଠୁ ବଡ଼ ଝଟକା ଲାଗିବ ଉତ୍ତରପ୍ରଦେଶ (ୟୁପି)ରେ। ରାଜନୈତିକ ଦୃଷ୍ଟିରୁ ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ ୟୁପିରେ ୮୦ ଲୋକ ସଭା ଆସନ ରହିଛି। ଏଠାରେ ଭାଜପାକୁ ମାତ୍ର ୨୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ, ଯାହାକି ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ୪୬ କମ୍। ଅନ୍ୟପକ୍ଷରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ମାୟାବତୀଙ୍କ ନେତୃତ୍ୱାଧୀନ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମହାମେଣ୍ଟକୁ ୫୧ ଆସନରେ ସଫଳତା ମିଳିବ ବୋଲି ଆକଳନ କରାଯାଇଛି। ବିହାରରେ ଏନ୍‌ଡିଏ ସହଯୋଗୀଙ୍କୁ ୨୫ ଆସନରେ ସଫଳତା ମିଳିବ, ଯାହାକି ଗତ ନିର୍ବାଚନ ତୁଳନାରେ ୫ କମ୍। ଏହି ୫ ଆସନ କଂଗ୍ରେସ ଓ ଏହାର ☞ପୃଷ୍ଠା-୪

ଟାଇମ୍ସ ନାଓ-ଭିଏମ୍‌ଆର୍ ସର୍ଭେ

- ସାଧାରଣ ନିର୍ବାଚନ ପରେ ଝୁଲା ଲୋକ ସଭା
- ଭାଜପା ୨୧୫, ଏନ୍‌ଡିଏ ପାଇବ ୨୫୨ ଆସନ
- ୯୬କୁ ଉଠିବ କଂଗ୍ରେସ, ଉପା ହାତରେ ୧୪୭
- ଓଡ଼ିଶାରେ ୧୩ ଆସନ ଦଖଲ କରିବ ଭାଜପା
- ୟୁପିରେ ଏସ୍‌ପି-ବିଏସ୍‌ପି ମହାମେଣ୍ଟକୁ ୫୧ ସିଟ୍

ଦାରିଙ୍ଗବାଡ଼ିରେ ପୁଣି ତୁଷାରପାତ

■ **ଗୋଟିଏ ଦିନରେ ୭ ଡିଗ୍ରୀ ଖସିଲା ପାରଦ, ଅସହ୍ୟ ଶୀତ**

ଦାରିଙ୍ଗବାଡି,୩୦।୧(ଡି.ଏନ.ଏ.)

ଓଡ଼ିଶାର କଶ୍ମୀର କନ୍ଧମାଳ ଜିଲା ଦାରିଙ୍ଗବାଡିରେ ପୁଣି ଶୀତ ବୃଦ୍ଧି ପାଇବା ସହ ବୁଧବାର ତୁଷାରପାତ ହୋଇଛି। ଗତ ୩ଦିନ ହେଲା ଅଞ୍ଚଳରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗିରହିଥିଲା। ମଙ୍ଗଳବାର ପାଗରେ ପରିବର୍ତ୍ତନ ଆସିବା ସହ ସନ୍ଧ୍ୟାରେ ଶୀତ ବୃଦ୍ଧି ପାଇଥିଲା। ଦାରିଙ୍ଗବାଡ଼ିରେ ମଙ୍ଗଳବାରର ତାପମାତ୍ରା ୧୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ବୁଧବାର ଏହା କମି ୪ ଡିଗ୍ରୀରେ ପହଞ୍ଚିଛି। ଗୋଟିଏ ଦିନରେ ୭ଡିଗ୍ରୀ ପାରଦ ଖସିବା ଚଳିତ ବର୍ଷ ପାଇଁ ପ୍ରଥମ ଘଟଣା।

ହଠାତ୍ ତୁଷାରପାତ ଯୋଗୁ ଶୀତ ବୃଦ୍ଧି ପାଇବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଦାରିଙ୍ଗବାଡିର ବି.ଡକେବାଡି ଅଞ୍ଚଳ ସମେତ ବିଦ୍ୟୁତ୍ କାର୍ଯ୍ୟାଳୟ, କଫିବଗିଚା, କିଲାବାଡି ପ୍ଲିହେରୀ, ସିମନବାଡି, ସିଆଙ୍ଗବାଲି, ଭ୍ରମରବାଡି, ଗ୍ରୀନବାଡି, ଦନେକବାଡି ଆଦି ଅଞ୍ଚଳରେ ଅଧିକ ତୁଷାରପାତ ହୋଇଛି। ଦାରିଙ୍ଗବାଡିକୁ ଆସିଥିବା ପର୍ଯ୍ୟଟକ ତୁଷାରପାତର ମଜା ନେଇଥିଲେ। ଏଭଳି ତୁଷାରପାତ ପ୍ରଥମଥର ପାଇଁ ଦେଖୁଥିବା କହିଛନ୍ତି ପଶ୍ଚିମବଙ୍ଗ ପର୍ଯ୍ୟଟକ ଦେବାଚାର୍ଯ୍ୟ ବୋଷ। ପର୍ଯ୍ୟଟକ ଶୀତ ଓ ତୁଷାରପାତର ମଜା ନେଉଥିବା ବେଳେ ସ୍ଥାନୀୟ ଲୋକେ ବିଶେଷ କରି ବୃଦ୍ଧାବୃଦ୍ଧ ବେଶ୍ ହଇରାଣ ହେଉଛନ୍ତି।

ସୂଚନାଯୋଗ୍ୟ, ଡିସେମ୍ବର ୩୦ ଏବଂ ୩୧ରେ ଦାରିଙ୍ଗବାଡିରେ ପାରଦ ୩ ଡିଗ୍ରୀ ତଳକୁ ଖସିବା ସହ ଜିଲାର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିଲା।

ଦାରିଙ୍ଗବାଡିର ବି.ଡକେବାଡି ଅଞ୍ଚଳରେ ତୁଷାରପାତ।

■ ଆଜିଠାରୁ ପାର୍ଲାମେଣ୍ଟ ଅଧିବେଶନ

ଶୁକ୍ରବାର ବଜେଟ

ନୂଆଦିଲ୍ଲୀ,୩୦।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଗୁରୁବାର ଆରମ୍ଭ ହେଉଛି। ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କର ଶେଷ ବଜେଟ ହୋଇଥିବାରୁ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ଲୋକାଭିମୁଖୀ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ରାଫାଲ ଯୁଦ୍ଧବିମାନ ଚୁକ୍ତିନାମା ଏବଂ କୃଷକମାନଙ୍କ ପ୍ରତି ଅବହେଳା ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବା ଲାଗି ରଣନୀତି ପ୍ରସ୍ତୁତ କରିଛି। ବର୍ତ୍ତମାନ ସରକାରଙ୍କର ଏହି ଶେଷ ଅଧିବେଶନ ଫେବୃୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ପୂର୍ବାହ୍ନ ୧୧ଟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଉଭୟ ଗୃହର ମିଳିତ ଅଧିବେଶନରେ ଅଭିଭାଷଣ ରଖିବେ। ଶୁକ୍ରବାର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ଏପ୍ରିଲ-ମେ'ରେ ଲୋକ ସଭା ☞ପୃଷ୍ଠା-୪

■ **ରାଫାଲ୍, କୃଷି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ସଜବାଜ**

■ ଏସ୍‌ସିବିରେ ସି-ଆର୍ମ ମେଶିନ ଅଚଳ

ଚିକିତ୍ସା ପାଇଁ ବନ୍ଧା ପଡ଼ିଲା ଘରଡିହ

- ଜମି ବିକିବାକୁ ଗ୍ରାହକ ଖୋଜୁଛନ୍ତି ସୁଦାମ
- ସରକାରଙ୍କ ମାଗଣା ଚିକିତ୍ସାକୁ ନେଇ ଉଠିଲା ପ୍ରଶ୍ନ
- ଘରୋଇ ହସ୍ପିଟାଲ, ଏସ୍‌ସିବି ଡାକ୍ତର ମାଲାମାଲ

କଟକ ଅଫିସ, ୩୦।୧

ଏସ୍‌ସିବି ମେଡିକାଲର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ଥିବା ଗୁରୁତ୍ୱପୂର୍ଣ୍ଣ ସି-ଆର୍ମ ମେଶିନ ଅଚଳ ହୋଇପଡ଼ିଛି। ୧୫ ଦିନରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇପଡିଥିବା ଏହି ମେଶିନ କେବେ ସଜଡ଼ା ଯାଇ ଓ ଚିକିତ୍ସା ସେବାରେ ଲଗାଯିବ ସେ ସମ୍ପର୍କରେ ଡାକ୍ତର କିମ୍ବା ମେଡିକାଲ ପ୍ରଶାସନ ଠିକ୍ ତଥ୍ୟ ଦେଇପାରୁ ନାହାନ୍ତି। ଫଳରେ ଗୁରୁତର ରୋଗୀମାନଙ୍କୁ ଏଠାରୁ ଡିସ୍‌ଚାର୍ଜ କରାଯାଉଛି। ଏହି ରୋଗୀଙ୍କ ମଧ୍ୟରୁ କେତେଜଣ ଏବେ ଜୀବନ ବଞ୍ଚାଇବା ପାଇଁ ସି-ଆର୍ମ ମେଶିନ ଥିବା ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମାତ୍ର ସେଠାରେ ବ୍ୟୟବହୁଳ ଚିକିତ୍ସା ପାଇଁ କିଏ ଘରଡିହ ବନ୍ଧା ପକାଇଛି ତ ଆଉ କିଏ ନିଜ ଚାଷଜମି ବିକ୍ରି କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ଘରୋଇ ମେଡିକାଲ ଏହି ଚିକିତ୍ସା କରୁଛି ସେଠାକୁ ଏସ୍‌ସିବିର ଡାକ୍ତରମାନେ ହିଁ ଯାଉଛନ୍ତି। ତେଣୁ ନିର୍ଦ୍ଦିଷ୍ଟ କେତେକ ଘରୋଇ ହସ୍ପିଟାଲର ଲାଭ ପାଇଁ ଜାଣିଶୁଣି ଏସ୍‌ସିବି ମେଡିକାଲର ଉକ୍ତ ମେଶିନକୁ ଅଚଳ କରାଯାଇଥିବା ବା ଏଥିପାଇଁ ଷଡ଼ଯନ୍ତ୍ର ରଚାଯାଇଥିବା କେତେଜଣ ସାମାଜିକ କର୍ମୀ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଜଗତପୁର ଅଞ୍ଚଳର ସୁଦାମ ପଣ୍ଡା ଜଣ୍ଡିସରେ ଆକ୍ରାନ୍ତ ହୋଇ ଏସ୍‌ସିବିକୁ ଆସିଥିଲେ। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ତାଙ୍କୁ ଗତ ଜାନୁୟାରୀ ୧୮ରେ ଭର୍ତ୍ତି କରାଯାଇଥିଲା। ସୁଦାମଙ୍କ କ୍ଷେତ୍ରରେ ଇଆର୍‌ସିପି (ଏଣ୍ଡୋସ୍କୋପିକ୍ ରେଟ୍ରୋଗ୍ରେଡ୍ କୋଲାନ୍‌ଜିଓ ପାନକ୍ରିଆଟୋଗ୍ରାଫି) ଚିକିତ୍ସା ଆବଶ୍ୟକ ପଡ଼ିଥିଲା। ଏହି ଚିକିତ୍ସା ସି-ଆର୍ମ ମେଶିନ ମାଧ୍ୟମରେ କରାଯାଇଥାଏ। ଏହି ଚିକିତ୍ସା ପାଇଁ ସୁଦାମ ସେଠାରେ ୭ଦିନ ହେବ ଅପେକ୍ଷା କରି ପଡ଼ିରହିଥିଲେ। ମାତ୍ର ସି-ଆର୍ମ ମେଶିନ ଅଚଳ ଥିବାରୁ ଚିକିତ୍ସା ସମ୍ଭବ ନୁହେଁ ବୋଲି ବିଭାଗୀୟ ଡାକ୍ତର ତାଙ୍କୁ କହିଥିଲେ। ଅନ୍ୟପଟେ ସୁଦାମଙ୍କ ଅବସ୍ଥା କ୍ରମଶଃ ସଙ୍କଟାପନ୍ନ ହେବାରୁ ଡାକ୍ତରମାନେ ତାଙ୍କୁ ୨୫ ତାରିଖରେ ଡିସ୍‌ଚାର୍ଜ କରିଦେଇଛନ୍ତି। ☞ପୃଷ୍ଠା-୪

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE | 30.01.2019 | Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	84	137	147
CTC	86	140	150
DKL	86	140	150
BDK	88	142	152
BLS	89	144	154
ANG	86	140	150

*Conditions Apply
Eggs Retail Price- 51/-Dozen
Issued in the Interest of Consumers

ଯେଉଁ ଅସହିଷ୍ଣୁତା ଯୋଗୁ ଗାନ୍ଧିଜୀଙ୍କୁ ହତ୍ୟା କରାଯାଇଥିଲା, ତାହା ଆଜି ଅଧିକ ଉଗ୍ର ହୋଇ ପ୍ରକାଶ ପାଉଛି।
- ଏସ୍. ସୁଧାକର ରେଡ୍ଡୀ, ସିପିଆଇ ସାଧାରଣ ସମ୍ପାଦକ

ସଂକ୍ଷେପରେ

ନୋ-ଡିଲ୍ ବ୍ରେକ୍‌ଜିଟ୍ ଖାରଜ

ଲଣ୍ଡନ, ୩୦।୧(ପି.ଟି.): ବ୍ରିଟିଶ ଏମ୍‌ପିମାନେ ନୋ-ଡିଲ୍ (ବିନା ଚୁକ୍ତିନାମା) ବ୍ରେକ୍‌ଜିଟ୍ ବିରୋଧରେ ଭୋଟ ଦେଇଛନ୍ତି। ତେବେ ୟୁରୋପ ୟୁନିଅନରେ ଅଟକି ରହିଥିବା ବ୍ରେକ୍‌ଜିଟ ଚୁକ୍ତିନାମା ଉପରେ ପୁନଃ ବୁଝାମଣା କରିବା ଲାଗି ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ଉଦ୍ୟମକୁ ଏମ୍‌ପିମାନେ ସମର୍ଥନ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଭୋଟରେ ନୋ-ଡିଲ୍ ବ୍ରେକ୍‌ଜିଟ୍ ବିରୋଧରେ ୩୧୮ ଖଣ୍ଡ ଭୋଟ ଯାଇଥିଲା। ଫଳରେ ଏହା ଖାରଜ ହୋଇଯାଇଛି। ଅର୍ଥାତ୍ ଆସନ୍ତା ମାର୍ଚ୍ଚ ୨୯ରେ ବିନା ରାଜିନାମାରେ ୨୮ ସଦସ୍ୟ ବିଶିଷ୍ଟ ୟୁରୋପୀୟ ୟୁନିଅନରୁ ବ୍ରିଟେନ ଓହରିଯିବା ଲାଗି ଥେରେସା ସରକାରଙ୍କ ଯୁକ୍ତିକୁ ଶକ୍ତ ଧକ୍କା ଲାଗିଛି।

'ଟ୍ରମ୍ପ୍ ଦେଇଛନ୍ତି ମୋ ହତ୍ୟା ନିର୍ଦ୍ଦେଶ'



ମସ୍କୋ,୩୦।୧: ଭେନିଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ତାଙ୍କ ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଟ୍ରମ୍ପ୍ ତାଙ୍କୁ ହତ୍ୟା କରିବାକୁ ଚାହାନ୍ତି। ଏଥିପାଇଁ ସେ ପଡ଼ୋଶୀ କଲମ୍ବିଆ ସରକାର ଓ ମାଫିଆମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ କିଛି ହେଲେ ସେଥିପାଇଁ ଟ୍ରମ୍ପ୍ ଓ କଲମ୍ବିଆ ରାଷ୍ଟ୍ରପତି ଇଭାନ ଡ୍ୟୁକ୍ ଦାୟୀ ରହିବେ। କିନ୍ତୁ ଆମେରିକା ନେତୃତ୍ୱ ଓ ଅନ୍ତଃ ଶତ୍ରୁଙ୍କ ସହ ଆଲୋଚନା ଲାଗି ସେ ପ୍ରସ୍ତୁତ ବୋଲି ନିକୋଲାସ୍ କହିଛନ୍ତି। ନିଜ ୬ ବର୍ଷ ଶାସନରେ ସବୁଠୁ ବଡ଼ ଚ୍ୟାଲେଞ୍ଜକୁ ସାମ୍ନା କରୁଥିବା ୫୬ ବର୍ଷୀୟ ନିକୋଲାସ୍ ଭେନିଜୁଏଲାରେ ଲାଗିରହିଥିବା ରାଜନୈତିକ ସଙ୍କଟକୁ ନେଇ ରୁଷିଆର ଆର୍‌ଆଇଏ ଏଜେନ୍ସିକୁ ସାକ୍ଷାତ୍‌କାର ଦେଇ ଏହା କହିଛନ୍ତି।

ମୁହଁରେ ଲଗାମ ନାହିଁ

ସାଧାରଣ ନିର୍ବାଚନର ତାରିଖ ଘୋଷଣା ହୋଇନାହିଁ। ହେଲେ ବାକ୍‌ଯୁଦ୍ଧକୁ ନେଇ ଅନୁଭୂତ ହେଉଛି ରାଜନୈତିକ ଉଷ୍ମତା । ଭୋଟ ଯେତିକି ପାଖେଇ ଆସୁଛି ଶାସକ-ବିରୋଧୀଙ୍କ ମଧ୍ୟରେ ବଢ଼ୁଛି ସେତିକି ଆରୋପ-ପ୍ରତ୍ୟାରୋପ ଓ କାଦୁଅଫିଙ୍ଗା ପର୍ବ। କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ଚକ୍ରବ୍ୟୂହରେ ଛନ୍ଦି 'ପାରିକର ବାଣ' ମାରିଛନ୍ତି। ଭାଜପା 'ଚାଣକ୍ୟ' ଅମିତ୍ ଶାହ ବିରୋଧୀଙ୍କ ମହାମେଣ୍ଟକୁ ତାଚ୍ଛଲ୍ୟ କରି 'ତୁମର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ' ବୋଲି ପଚାରିଛନ୍ତି। ସେପଟେ କେନ୍ଦ୍ରମନ୍ତ୍ରୀ ଅନନ୍ତ ହେଗ୍‌ଡେ ରାହୁଲଙ୍କୁ 'ହାଇବ୍ରିଡ୍ ନମୁନା' କହି ତାଙ୍କର ଜାତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି ୟୁପିର ଭାଜପା ବିଧାୟକ ସୁରେନ୍ଦ୍ର ସିଂ ରାହୁଲଙ୍କୁ ରାବଣ ଓ ପ୍ରିୟଙ୍କାଙ୍କୁ ସୂର୍ପଣଖା ଭାବେ ଅଭିହିତ କରି ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଏସବୁ ଜାତୀୟ ରାଜନୀତିକୁ ସରଗରମ କରିବାରେ ଲାଗିଛି। ନେତାଙ୍କ ମନ୍ତବ୍ୟରୁ ମନେହେଉଛି ସତେଯେମିତି କାହା ମୁହଁରେ ଲଗାମ ନାହିଁ।

■ ମହାମେଣ୍ଟ କ୍ଷମତାକୁ ଆସିଲେ
ଦିନକୁ ଜଣେ ପ୍ରଧାନମନ୍ତ୍ରୀ:ଶାହ

କାନପୁର,୩୦।୧(ପି.ଟି.)

ବିରୋଧୀଙ୍କ ପ୍ରସ୍ତାବିତ ମହାମେଣ୍ଟ କ୍ଷମତାକୁ ଆସିଲେ ଦିନକୁ ଜଣେ ଲେଖାଏ ନେତା ପ୍ରଧାନମନ୍ତ୍ରୀ ହେବେ। ସପ୍ତାହର ୬ ଦିନରେ ଜଣେ ଜଣେ ନୂଆ ନେତା ପ୍ରଧାନମନ୍ତ୍ରୀ ଆସନରେ ବସିବେ ଏବଂ ରବିବାର ଦେଶ ଶୋଇପଡ଼ିବ ବୋଲି ବୁଧବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ସମାଲୋଚନା କରିଛନ୍ତି।

ଗତ ୧୯ରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବାହକତ୍ୱରେ କୋଲକାତାରେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ମୋଦି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଥିଲେ। ସେପଟେ ଶାହଙ୍କ ପଶ୍ଚିମବଙ୍ଗରେ ପ୍ରଚାରକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ବିରୋଧ କରୁଥିବାରୁ ଭାଜପା କର୍ମୀ ଓ ନେତା ମନଇଚ୍ଛା ମନ୍ତବ୍ୟ ଦେବାରେ ଲାଗିଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶର କାନପୁର ଭାଜପାର ବୁଥ୍ ସ୍ତରୀୟ କର୍ମୀଙ୍କୁ ସମ୍ବୋଧିତ କରି ଶାହ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ସ୍ପଷ୍ଟକରିବା ଉଚିତ ଯେ ସେମାନଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କିଏ। ଯଦି ମହାମେଣ୍ଟ ସରକାର ଗଢ଼େ ତେବେ ମାୟାବତୀ ସୋମବାର, ଅଖିଳେଶ ଯାଦବ ମଙ୍ଗଳବାର, ମମତା ବୁଧବାର, ଶରଦ ପାୱାର ଗୁରୁବାର, ଏଚ୍.ଡି. ଦେବେଗୌଡ଼ା ଶୁକ୍ରବାର ଏବଂ ଏମ୍.କେ. ଷ୍ଟାଲିନ୍ ଶନିବାର ପ୍ରଧାନମନ୍ତ୍ରୀ ହେବେ। ରବିବାର ଛୁଟିଦିନ ଥିବାରୁ ଦେଶ ଶୋଇଯିବ। ସେମାନେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ହେଲେ ସେମାନଙ୍କ ପାଖରେ ଜଣେ ସର୍ବସମ୍ମତ ନେତା ନାହାନ୍ତି। ସବୁଠୁ ବଡ଼ ନିଯୁକ୍ତି ପାଇଁ ଅନେକ ପ୍ରାର୍ଥୀ ଥିବାରୁ ବିଭ୍ରାନ୍ତି ସୃଷ୍ଟି ହେଲାଣି। ହେଲେ ଏନ୍‌ଡିଏର ଏକମାତ୍ର ପସନ୍ଦ ନରେନ୍ଦ୍ର ମୋଦି ବୋଲି ଶାହ କହିଛନ୍ତି।

'ବାୟୁସେନାକୁ ବିକି ଦେଇଛନ୍ତି ମୋଦି'

ନୂଆଦିଲ୍ଲୀ,୩୦।୧(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ବାୟୁସେନାକୁ ବିକ୍ରି କରିଦେଇଛନ୍ତି। ଏହାସହ ସେ ନିଜ ବନ୍ଧୁ ତଥା ବ୍ୟବସାୟୀ ଅନିଲ ଅମ୍ବାନୀଙ୍କୁ ୩୦,୦୦୦ କୋଟି ଟଙ୍କା ଦେଇ ଯୁବପିଢ଼ିଙ୍କ ସୁଯୋଗ ଚୋରି କରିଛନ୍ତି ବୋଲି ବୁଧବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

ପଣଜୀରେ ଗୋଆ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ମନୋହର ପାରିକରଙ୍କୁ ଭେଟିବାର ଦିନକ ପରେ ରାହୁଲ ପୁଣିଥରେ ରାଫାଲ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ଯୁବ କ୍ରାନ୍ତି ଯାତ୍ରାର ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ରାହୁଲ କହିଛନ୍ତି, ମୋଦି କର୍ଣ୍ଣାଟକ ଓ ଓଡ଼ିଶାର ଯୁବତୀ ଯୁବକମାନଙ୍କ ସୁଯୋଗକୁ ଚୋରି କରି ୩୦ ହଜାର କୋଟି ଟଙ୍କା ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି ବୋଲି ସାରା ଦେଶ ଜାଣିଛି। ରାଫାଲ ସମ୍ପର୍କିତ ସତକୁ ମୋଦି ଚପାଇ ଦେଇପାରିବେ ନାହିଁ। ସେ ରାତିରେ ଶୋଇ ପାରିବେ ନାହିଁ। ମୋଦି ଯେତେବେଳେ ଶୋଇବାକୁ ଯିବେ, ତାଙ୍କ ସାମ୍ନାକୁ ରାଫାଲ ଯୁଦ୍ଧବିମାନର ଚିତ୍ର ଓ ବାୟୁସେନାର ଶହୀଦଙ୍କ ଛବି ଆସିବ ବୋଲି ରାହୁଲ କହିଛନ୍ତି। ରାହୁଲ ଆହୁରି କହିଛନ୍ତି, ସେ ବୁଧବାର ପାରିକରଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧବିମାନ କିଣା ଚୁକ୍ତିରେ ପରିବର୍ତ୍ତନ ଆଣିବାବେଳେ ତାଙ୍କର ପରାମର୍ଶ ନେଇ ନ ଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ ପାରିକର କହିଛନ୍ତି ବୋଲି ରାହୁଲ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ପାରିକର ନିନ୍ଦା କରିଛନ୍ତି। ରାହୁଲ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଉଭୟଙ୍କ ମଧ୍ୟରେ ହୋଇଥିବା ୫ ମିନିଟର ସାକ୍ଷାତ ବେଳେ ରାଫାଲ ପ୍ରସଙ୍ଗରେ କିଛି ଆଲୋଚନା ହୋଇନାହିଁ ବୋଲି ପାରିକର ସ୍ପଷ୍ଟ କରିଛନ୍ତି। ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ଭେଟି ରାଜନୈତିକ ଫାଇଦା ହାସଲ କରିବା ଅନୁଚିତ ବୋଲି ରାହୁଲଙ୍କ ଉଦ୍ଦେଶ୍ୟରେ ପାରିକର ଏକ ପତ୍ର ଲେଖିଛନ୍ତି।

'ପ୍ରିୟଙ୍କା ସୂର୍ପଣଖା'

ବାଲିଆ,୩୦।୧(ପି.ଟି.)

ସୁରେନ୍ଦ୍ର ସିଂ

ଉତ୍ତରପ୍ରଦେଶସ୍ଥିତ ବାଲିଆର ଭାଜପା ବିଧାୟକ ସୁରେନ୍ଦ୍ର ସିଂ ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ। ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭଉଣୀ ତଥା ଏଆଇସିସିର ନବନିଯୁକ୍ତ ସାଧାରଣ ସମ୍ପାଦକ (ପୂର୍ବ ୟୁପି ପ୍ରଭାରୀ) ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସୂର୍ପଣଖାଙ୍କ ସହ ତୁଳନା କରିଛନ୍ତି। ବିଧାୟକ ସୁରେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ରାମାୟଣର ରାମ। ରାହୁଲ ରାବଣ ଓ ତାଙ୍କ ଭଉଣୀ ପ୍ରିୟଙ୍କା ହେଲେ ସୂର୍ପଣଖା। ରାମଙ୍କ ବିରୋଧରେ ସୂର୍ପଣଖାଙ୍କୁ ରାବଣ ଲଢ଼ାଉଛନ୍ତି। ରାମ ଲଙ୍କା ଜୟ କରିବା ନିଶ୍ଚିତ ବୋଲି ସୁରେନ୍ଦ୍ର ସମାଲୋଚନା କରିଛନ୍ତି।

'ରାହୁଲ ହାଇବ୍ରିଡ୍ ନମୁନା'

ନୂଆଦିଲ୍ଲୀ,୩୦।୧: ଅନନ୍ତ କୁମାର ହେଗ୍‌ଡେ। ଜଣେ କେନ୍ଦ୍ରମନ୍ତ୍ରୀ ଭାବେ ଯେତିକି ପରିଚିତ ନୁହନ୍ତି, ବାରମ୍ବାର ବିବାଦୀୟ ମନ୍ତବ୍ୟକୁ ନେଇ ତା'ଠୁ ବେଶି ଚର୍ଚ୍ଚିତ। ହିନ୍ଦୁ ମହିଳାଙ୍କୁ ଛୁଇଁଲେ ହାତ କାଟି ଦିଆଯିବ ବୋଲି ମନ୍ତବ୍ୟ ଦେବା ପରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି ହେଗ୍‌ଡେ। ସେ କହିଛନ୍ତି, ରାହୁଲଙ୍କ ଧର୍ମକୁ ନେଇ କିଛି ସୂଚନା ନାହିଁ। ତାଙ୍କ ବାପା ଜଣେ ମୁସଲମାନ ଓ ମା' ଖ୍ରୀଷ୍ଟିୟାନ। ହେଲେ କଂଗ୍ରେସ ନେତାମାନେ ରାହୁଲଙ୍କୁ ପଇତାଧାରୀ ବ୍ରାହ୍ମଣ ବୋଲି ମିଛ କହୁଛନ୍ତି। ପ୍ରକୃତରେ ରାହୁଲ ଏକ ହାଇବ୍ରିଡ୍ ନମୁନା। ଏଭଳି ପ୍ରସଙ୍ଗଗୁଡ଼ିକୁ ଆମେ ବୁଝିପାରୁଛୁ। କିନ୍ତୁ ସେହି ଖାଲି-ମସ୍ତିଷ୍କଧାରୀ ମଣିଷ କିଛି ଜାଣି ପାରୁନାହାନ୍ତି। ଏଭଳି ହାଇବ୍ରିଡ୍ ନମୁନା ସାରା ବିଶ୍ୱର କୌଣସି ଲାବରେଟୋରିରେ ଦେଖିବାକୁ ମିଳନ୍ତି ନାହିଁ। ବାପ-ପୁଅ ଭିନ୍ନ ଭିନ୍ନ ପ୍ରକାର। ଏପରି କେବଳ କଂଗ୍ରେସର ପ୍ରୟୋଗଶାଳାରେ ତୁମେ ଦେଖିବାକୁ ପାଇବ ବୋଲି ହେଗ୍‌ଡେ ସମାଲୋଚନା କରିଛନ୍ତି।

ଅନନ୍ତ କୁମାର ହେଗ୍‌ଡେ

ନୂଆଦିଲ୍ଲୀର ରାଜଘାଟସ୍ଥିତ ଗାନ୍ଧିଜୀଙ୍କ ସମାଧିପୀଠରେ ବୁଧବାର ୭୧ତମ ଶ୍ରାଦ୍ଧବାର୍ଷିକୀରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

■ ଏସ୍‌ସି/ଏସ୍‌ଟି ଆଇନରେ ସଂଶୋଧନ
ସ୍ଥଗିତାଦେଶକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୩୦।୧(ପି.ଟି.)

ଅନୁସୂଚିତ ଜାତି (ଏସ୍‌ସି)/ଅନୁସୂଚିତ ଜନଜାତି (ଏସ୍‌ଟି) ଅଧିନିୟମର ସଂଶୋଧନ ଉପରେ ସ୍ଥଗିତାଦେଶ ଦେବାକୁ ସୁପ୍ରିମକୋର୍ଟ ବୁଧବାର ପୁଣିଥରେ ମନା କରିଦେଇଛନ୍ତି। ଉକ୍ତ ଅଧିନିୟମର ସଂଶୋଧନରେ ଅନ୍ତରୀଣ ଜାମିନ ବ୍ୟବସ୍ଥା ନାହିଁ। କୋର୍ଟ ଏହି ସଂଶୋଧନକୁ କାଏମ ରଖିବା ସହ କେନ୍ଦ୍ର ସରକାରଙ୍କ ରିଭ୍ୟୁ ପିଟିଶନ୍ ସମେତ ଅନ୍ୟାନ୍ୟ ଆବେଦନର ଶୁଣାଣି ଫେବୃୟାରୀ ୧୯ରେ କରିବାକୁ ଧାର୍ଯ୍ୟ କରିଛନ୍ତି। ଏହି ପ୍ରସଙ୍ଗରେ ସବିଶେଷ ଶୁଣାଣି ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ୟୁ.ୟୁ. ଲଳିତ କହିଛନ୍ତି। ଏସ୍‌ସି/ଏସ୍‌ଟି ଅଧିନିୟମରେ ସଂଶୋଧନକୁ ଚ୍ୟାଲେଞ୍ଜ କରିଥିବା ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିକାଶ ସିଂ କୋର୍ଟରେ ଉପସ୍ଥିତ ହୋଇ ତୁରନ୍ତ ଏହା ଉପରେ ସ୍ଥଗିତାଦେଶ ଲାଗି ଦାବି କରିଥିଲେ। କୋର୍ଟ ପୂର୍ବରୁ ମଧ୍ୟ ଏହି ମାମଲା ଉପଯୁକ୍ତ ଖଣ୍ଡପୀଠରେ ଶୁଣାଣି ନ ହେବା ପର୍ଯ୍ୟନ୍ତ ଏହା ଉପରେ ସ୍ଥଗିତାଦେଶ ଦେବାକୁ ମନା କରିଦେଇଥିଲେ। ଏଥିସହିତ ପିଟିଶନ୍ ଉପରେ ସରକାରଙ୍କୁ ଜବାବ ମାଗିଥିଲେ।

ଏସ୍‌ସି/ଏସ୍‌ଟି ଅଧିନିୟମର ଅପବ୍ୟବହାର ରୋକିବା ଲାଗି ସର୍ବୋଚ୍ଚ ଅଦାଲତ ଏହି ଆଇନରେ ଗିରଫ ଉପରେ ଗତବର୍ଷ ମାର୍ଚ୍ଚ ୨୦ରେ କଟକଣା ଆଣିଥିଲେ। କୌଣସି ଅଭିଯୋଗ ଉପରେ ହଠାତ୍ କାହାକୁ ଗିରଫ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଥିଲେ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅଗଷ୍ଟ ୯ରେ ସରକାର ପାର୍ଲାମେଣ୍ଟରେ ଏକ ବିଲ୍ ଗୃହୀତ କରାଇଥିଲେ ଯେଉଁଥିରେ ଅନ୍ତରୀଣ ଜାମିନ ବ୍ୟବସ୍ଥାକୁ ହଟାଇ ଦିଆଯାଇଥିଲା।

■ ୨୦୦୮ ଆସାମ ବିସ୍ଫୋରଣ ମାମଲା
୧୦ ଜଣଙ୍କୁ ଆଜୀବନ ଜେଲ

ଗୁଆହାଟୀ,୩୦।୧(ପି.ଟି.)

ରଞ୍ଜନ ଦୈମାରୀ

୨୦୦୮ ଆସାମ ସିରିଏଲ ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଜାତୀୟ ବୋଡୋଲାଣ୍ଡ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏଫବି) ମୁଖ୍ୟ ରଞ୍ଜନ ଦୈମାରୀଙ୍କ ସମେତ ୧୦ ଜଣଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ବୁଧବାର କଡ଼ା ସୁରକ୍ଷା ମଧ୍ୟରେ ସ୍ୱତନ୍ତ୍ର ସିବିଆଇ ବିଚାରପତି ଅପରେଶ ଚକ୍ରବର୍ତ୍ତୀ ଦଣ୍ଡ ଘୋଷଣା କରିଥିଲେ। ଅନ୍ୟ ଯେଉଁମାନେ ଆଜୀବନ ଜେଲ୍‌ଦଣ୍ଡ ପାଇଛନ୍ତି ସେମାନେ ହେଲେ, ଜର୍ଜ ବୋଡୋ, ବି. ଥରାଇ, ରାଜୁ ସର୍କାର, ଅଞ୍ଚାଇ ବୋଡୋ, ଇନ୍ଦ୍ର ବ୍ରହ୍ମା, ଲୋକୋ ବାସୁମତାରୀ, ଖର୍ଗେଶ୍ୱର ବାସୁମତାରୀ, ଅଜୟ ବାସୁମତାରୀ ଏବଂ ରାଜେନ ଗୋୟାରୀ। ଅନ୍ୟ ୩ ଅପରାଧୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିବାବେଳେ ଜେଲ୍‌ଦଣ୍ଡ ଭୋଗି ସାରିଥିବା ୨ ଜଣଙ୍କୁ ମୁକ୍ତ କରି ଦିଆଯାଇଛି। ୨୦୦୮ ଅକ୍ଟୋବର ୩୦ରେ ଆସାମର ବିଭିନ୍ନ ସ୍ଥାନରେ ୯ଟି ବିସ୍ଫୋରଣରେ ୮୮ ନିହତ ହୋଇଥିଲେ।

ଇତିହାସର ଆଇନାରେ
ଜାନୁୟାରୀ ୩୧ର ପ୍ରମୁଖ ଘଟଣା

୧୯୬୬ ଜାନୁୟାରୀ ୩୧ରେ ଦକ୍ଷିଣ କାଜାକ୍‌ସ୍ତାନର ବୈକାନୁର କସ୍‌ମୋଡ୍ରମ ଅନ୍ତରୀକ୍ଷ ତଟରୁ ଲୁନା-୯ ମହାକାଶଯାନ ଚନ୍ଦ୍ରକୁ ଛଡ଼ାଯାଇଥିଲା। ୨.୭ମିଟର ଲମ୍ବ, ୧୫୩୮ କେଜି ଓଜନର ଏହି ମହାକାଶଯାନ ପ୍ରଥମଥର ଚନ୍ଦ୍ର ପୃଷ୍ଠର ଫଟୋଗ୍ରାଫିକ୍ ତଥ୍ୟ ପୃଥିବୀକୁ ପଠାଇବାରେ ସଫଳ ହୋଇଥିଲା।

୧୯୯୬ ଜାନୁୟାରୀ ୩୧ରେ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋସ୍ଥିତ ସେଣ୍ଟ୍ରାଲ୍ ବ୍ୟାଙ୍କରେ ଆତ୍ମଘାତୀ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୫୩ଜଣଙ୍କ ମୃତ୍ୟୁ ଘଟିଥିଲା। ୧,୪୦୦ ଆହତ ହୋଇଥିଲେ। ବ୍ୟାଙ୍କ୍‌କୁ ଟାର୍ଗେଟ୍‌ରେ ରଖି ବିସ୍ଫୋରକ ସାମଗ୍ରୀର ଏକ ଟ୍ରକ ଜରିଆରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ତାମିଲ ଟାଇଗରଙ୍କ ଦ୍ୱାରା ଏହି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା।

ଲୋକପାଳ ଦାବିରେ ଆନ୍ନାଙ୍କ ଅନଶନ

ରାଲେଗାଓଁ ସିଦ୍ଧି,୩୦।୧(ପି.ଟି.)

କେନ୍ଦ୍ର ସରକାର ଲୋକପାଳ ନିଯୁକ୍ତି ପ୍ରତିଶ୍ରୁତି ପୂରଣ ନ କରିବା ଏବଂ ମହାରାଷ୍ଟ୍ର ସରକାର ରାଜ୍ୟରେ ଲୋକାୟୁକ୍ତ ଆଇନ ପ୍ରଣୟନ ନ କରିବା ପ୍ରତିବାଦରେ ସାମାଜିକ କର୍ମୀ ଆନ୍ନା ହାଜାରେ ବୁଧବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ମହାରାଷ୍ଟ୍ର ଅହମଦନଗର ଜିଲାର ନିଜ ଗ୍ରାମ ରାଲେଗାଓଁ ସିଦ୍ଧିରେ ଥିବା ପଦ୍ମାବତୀ ମନ୍ଦିରରେ ସକାଳେ ପ୍ରାର୍ଥନା କରିବା ପରେ ଆନ୍ନା ଯୁବଛାତ୍ର ଏବଂ କୃଷକମାନଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ଯାଦବବାବା ମନ୍ଦିର ନିକଟରେ ଅନଶନରେ ବସିଥିଲେ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲୋକାୟୁକ୍ତ ପରିସରଭୁକ୍ତ କରିବା ଲାଗି ମହାରାଷ୍ଟ୍ର କ୍ୟାବିନେଟ ନିଷ୍ପତ୍ତି ନେଇଥିବାରୁ ଆନ୍ନା ଏହାକୁ ସ୍ୱାଗତ କରିଛନ୍ତି। ତେବେ ସରକାର ତାଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କରିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସେ କହିଛନ୍ତି। କ୍ଷମତାକୁ ଆସିବା ପୂର୍ବରୁ କେନ୍ଦ୍ର ସରକାର ଲୋକପାଳ ନିଯୁକ୍ତି ସମେତ କୃଷକମାନଙ୍କ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, ଯାହା ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ।

ପିଏଚ୍‌ଡି ଫେଲୋଶିପ୍ ବଢ଼ିଲା

ନୂଆଦିଲ୍ଲୀ,୩୦।୧(ପି.ଟି.)

ପିଏଚ୍‌ଡି ଛାତ୍ରୀଛାତ୍ର ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଗବେଷଣା କରୁଥିବା ଅନ୍ୟମାନଙ୍କ ଲାଗି କେନ୍ଦ୍ର ସରକାର ଫେଲୋଶିପ୍ (ଗବେଷଣା ବୃତ୍ତି) ବଢ଼ାଇଛନ୍ତି। ଏହାଦ୍ୱାରା ୬୦ ହଜାରରୁ ଊର୍ଦ୍ଧ୍ୱ ଗବେଷକ ପ୍ରତ୍ୟକ୍ଷ ଉପକୃତ ହେବେ। ପିଏଚଡିର ପ୍ରଥମ ଦୁଇ ବର୍ଷ ଲାଗି ଫେଲୋଶିପ୍‌କୁ ମାସିକ ୨୫ ହଜାର ଟଙ୍କାରୁ ୩୧ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅବଶିଷ୍ଟ ସମୟ ଲାଗି ଏହାକୁ ୨୮ ହଜାରରୁ ୩୫ ହଜାର ଟଙ୍କାକୁ ବଢ଼ାଇ ଦିଆଯାଇଛି। ଜାନୁୟାରୀ ୧ରୁ ଏହି ବର୍ଦ୍ଧିତ ଫେଲୋଶିପ୍ ଲାଗୁ ହେବ ବୋଲି ବୁଧବାର ସରକାରଙ୍କ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ପ୍ରଥମ ଥର ଲାଗି ସରକାର ଗବେଷକ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ବୃଦ୍ଧି ଏବଂ ସ୍ୱୀକୃତି ଲାଗି ଅଧିକ ଆର୍ଥିକ ଏବଂ ଶୈକ୍ଷିକ ପ୍ରୋତ୍ସାହନ ଲାଗି ସୁପାରିସ୍ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ଆଧାରରେ ସେମାନଙ୍କୁ ଅଧିକ ଫେଲୋଶିପ୍ ମିଳିବ।

ଗାନ୍ଧିଜୀଙ୍କୁ ଗୁଳି, ନାଥୁରାମଙ୍କୁ ଫୁଲମାଳ

ଆଲିଗଡ଼,୩୦।୧: ୧୯୪୮ ଜାନୁୟାରୀ ୩୦ରେ ନାଥୁରାମ ଗଡସେ ମହାତ୍ମା ଗାନ୍ଧୀଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏଥିପାଇଁ ସାରା ଦେଶରେ ବୁଧବାର ଗାନ୍ଧିଜୀଙ୍କ ୭୧ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଛି। ଦେଶବାସୀ ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। ହେଲେ ଉତ୍ତରପ୍ରଦେଶର ଆଲିଗଡ଼ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ହିନ୍ଦୁ ମହାସଭା ପକ୍ଷରୁ ଗାନ୍ଧିଜୀଙ୍କ ହତ୍ୟାକାରୀ ନାଥୁରାମ ଗଡସେଙ୍କ 'ଶୌର୍ଯ୍ୟ ଦିବସ' ପାଳନ କରାଯାଇଛି। ଏହି ଅବସରରେ ଅଖିଳ ଭାରତ ହିନ୍ଦୁ ମହାସଭାର ରାଷ୍ଟ୍ରୀୟ ସମ୍ପାଦକ ପୂଜା ଶକୁନ ପାଣ୍ଡେ ଗାନ୍ଧିଜୀଙ୍କ କୁଶପୁତ୍ତଳିକାକୁ ଗୁଳି କରିଛନ୍ତି। ତାଙ୍କ ଗୁଳି ବାଜିବା ପରେ ଗାନ୍ଧିଜୀଙ୍କ କୁଶପୁତ୍ତଳିକାରୁ 'ରକ୍ତ' ଝରିବାରେ ଲାଗିଥିଲା। ଏହା ପରେ ସେ ନାଥୁରାମଙ୍କ ଫଟୋଚିତ୍ରରେ ଫୁଲମାଳ ପିନ୍ଧାଇ ମିଷ୍ଟାନ୍ନ ବାଣ୍ଟିଥିଲେ। ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଏହାକୁ ଦେଶବ୍ୟାପୀ ନିନ୍ଦା କରାଯାଇଛି। ଆଲିଗଡ଼ ପୋଲିସ ପୂଜା ଶକୁନ ଓ ଅନ୍ୟ ୧୦ରୁ ୧୨ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି।

ରାହତ୍ ଫତେ ଅଲି ଖାନ୍‌ଙ୍କୁ ଇଡି ନୋଟିସ

ନୂଆଦିଲ୍ଲୀ, ୩୦।୧: ବିଦେଶୀ ମୁଦ୍ରା ନିୟମ ଉଲ୍ଲଂଘନ ନେଇ ପାକିସ୍ତାନୀ ଗାୟକ ରାହତ ଫତେ ଅଲି ଖାନ ଏବଂ ତାଙ୍କ ମ୍ୟାନେଜର ମାରୁଫ୍ ଅଲିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନୋଟିସ ଜାରି କରିଛି। ୨୦୧୧ରେ ଦିଲ୍ଲୀ ବିମାନବନ୍ଦରରୁ ସେମାନଙ୍କ ନିକଟରୁ ୧.୨୪ ଲକ୍ଷ ଡଲାର ଜବତ ହୋଇଥିଲା। ସେହିପରି ଖାନ ଭାରତରେ ବିଭିନ୍ନ ବେଆଇନ ଉତ୍ସରୁ ଇଭେଣ୍ଟ ମ୍ୟାନେଜରଙ୍କ ସହାୟତାରେ ୩୪୦,୦୦୦ ଡଲାର ଗ୍ରହଣ କରିଥିବାବେଳେ ମ୍ୟାନେଜର ମାରୁଫ୍‌ଙ୍କ ଜରିଆରେ ୨୨୫,୦୦୦ ଡଲାର ଭାରତ ବାହାରକୁ ନେଇଯିବାରେ ସକ୍ଷମ ହୋଇଥିଲେ। ଏହି ବିଦେଶୀ ମୁଦ୍ରା ଚୋରା କାରବାରକୁ ଆଧାର କରି ପାକିସ୍ତାନୀ ନାଗରିକ ଖାନ୍ ଏବଂ ତାଙ୍କ ମ୍ୟାନେଜର ମାରୁଫ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଥିବା ଇଡିର ଅଧିକାରୀ ଜଣାଇଛନ୍ତି। ଖାନ୍ ପ୍ରାୟ ୨.୬୧ କୋଟିର ବେହିସାବ ବିଦେଶୀ ମୁଦ୍ରା ଅନୈତିକ ଉପାୟରେ ଠୁଳ କରିଥିବା ଛାନ୍‌ଭିନରୁ ଜଣାପଡ଼ିଛି। ଖାନ୍ ଇଭେଣ୍ଟ କାର୍ଯ୍ୟକ୍ରମର ଅଧିକାଂଶ ପେ'ମେଣ୍ଟ କ୍ୟାସ୍ (ନଗଦ ଟଙ୍କା) ଆକାରରେ ଗ୍ରହଣ କରିଥିଲା ବେଳେ ବିଭିନ୍ନ ଉତ୍ସ ମାଧ୍ୟମରେ ଉକ୍ତ ଟଙ୍କା ୟୁଏସ୍ ଡଲାରରେ ପରିବର୍ତ୍ତନ କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଏପରି ସ୍ଥଳେ ବିଦେଶୀ ମୁଦ୍ରା ପ୍ରବନ୍ଧନ ଅଧିନିୟମ (ଫେମା) ଆକ୍ଟ ଅଧୀନ ପାକିସ୍ତାନରେ ରହୁଥିବା ବଲିଉଡ୍‌ର ପ୍ଲେବ୍ୟାକ୍ ସିଙ୍ଗର୍ ଖାନ୍ ଏବଂ ତାଙ୍କ ମ୍ୟାନେଜର ମାରୁଫ୍‌ଙ୍କ ବିରୋଧରେ ଇଡି ପକ୍ଷରୁ ମାମଲା ରୁଜୁ ହୋଇଥିବା କୁହାଯାଇଛି।

TRADEMARK & COPYRIGHT CAUTION NOTICE

Baazar Kolkata / बाजार कोलकाता / ବଜାର କୋଲକାତା
LADIESWEAR MENSWEAR KIDSWEAR ACCESSORIES

Our Client, M/s. Baazar Retail Limited of 493B G.T. Road, Ware House No. M-7, Bengal Jute Mill Industries Compound, Howrah – 711102, West Bengal, India, brings to the Notice of members of the public and trade including distributors, dealers and retailers of Menswear, Ladieswear, Kidswear, Readymade Garments, Apparel and Accessories and Household Products, that they are the sole and exclusive owner and proprietor of the trademark BAAZAR KOLKATA, in respect of Ladieswear, Menswear, Kidswear, Readymade Garments, Apparel, Accessories, Household Products and Retail Stores and other allied and cognate goods and services. The said Trademark and Copyright has acquired reputation and goodwill by virtue of unmatchable quality of goods and service and use since 2002.

Our client has taken steps and obtained trademark registration for its trademarks and labels as represented above under the Trade Marks Act, 1999 and thus the marks are protected under the statute.

Our client has noticed some unscrupulous concerns and persons using our client's well-known trademark to wrongfully project to the consumers, their association with our client's trademarks and copyrights.

All concerned are hereby asked to take note that our client will take strict civil and criminal action against any person or entity found to use the aforesaid trademark or copyright or any other mark, label or domain name deceptively similar thereto.

The consumers, media, merchant bankers and service providers are hereby alerted against such misrepresentation and are requested to bring to the Notice of our client instances of such illegal acts. This would enable our client to institute appropriate action against such firms/companies/entities who are not only causing loss and damage to our client, but are acting to the prejudice of the public as well.

GOLDFINN TECHNOLOGIES
International Trademark, Copyright & Patent Attorneys
38/4, Nabapally, P.O. : Joka, Near Ranjannagar, Kolkata - 700104
E-mail : legal@goldfinn.com; legal@baazarkolkata.com | Ph : 09874710123

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩୧ ଜାନୁୟାରୀ, ୨୦୧୯

ପାକିସ୍ତାନ ଜେଲରେ ଦୀର୍ଘ ୮ ବର୍ଷ ମୃତ୍ୟୁ ଆଶଙ୍କାରେ କାଟିଥିବା କ୍ୟାଥୋଲିକ୍ ମହିଳା ଏସିଆ ବିବିଙ୍କୁ ସୁପ୍ରିମ୍‌କୋର୍ଟ ମୁକ୍ତ କରିଥିବା ବେଳେ କାନାଡ଼ାରେ ତାଙ୍କୁ ସ୍ୱାଗତ କରାଯିବ ବୋଲି କାନାଡିଆନ୍ ବିସଫ କହିଛନ୍ତି। ତାଙ୍କ ପରିବାରବର୍ଗଙ୍କୁ କାନାଡ଼ାର ଏକ ସହରରେ ସୁରକ୍ଷା ଯୋଗାଇ ଦିଆଯିବ। ଏପରି କି ସେମାନଙ୍କ ଠିକଣା ବର୍ତ୍ତମାନ ସମୟରେ ଗୁପ୍ତ ରଖାଯିବ ବୋଲି ସେ ଜଣାଇଛନ୍ତି।

ସଂକ୍ଷେପରେ

ମେ' ୧୨ରେ ଓଜେଇଇ

ଭୁବନେଶ୍ୱର,୩୦।୧(ବ୍ୟୁରୋ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଆସନ୍ତା ମେ' ୧୨ରେ ଅନୁଷ୍ଠିତ ହେବ। ଏମ୍‌ବିଏ, ଏମ୍‌ସିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ସିଏ, ଏମ୍ ଟେକ୍, ଏମ୍ ଟେକ୍(ପାର୍ଟଟାଇମ୍), ଏମ୍ ପ୍ଲାନ୍, ଏମ୍ ଆର୍କ, ଏମ୍ ଫାର୍ମା, ବି ଫାର୍ମା, ଲାଟେରାଲ ଏଣ୍ଟ୍ରି ବି ଟେକ୍ ଆଦି ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଜାନୁୟାରୀ ୩୦ରୁ ମାର୍ଚ୍ଚ ୨୦ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ଓଜେଇଇ ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିପାରିବେ। ମାର୍ଚ୍ଚ ୨୫ ମଧ୍ୟରେ ଫି' ଦାଖଲ କରିବାର ଶେଷ ତାରିଖ ରହିଥିବା ବେଳେ ଏପ୍ରିଲ ୨୦ରୁ ଛାତ୍ରୀଛାତ୍ରମାନେ ନିଜ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଚଳିତବର୍ଷ ମଧ୍ୟ ଏମ୍‌ବିଏ, ଏମ୍‌ସିଏ, ଏମ୍ ଟେକ୍, ଏମ୍ ପ୍ଲାନ୍, ଏମ୍ ଆର୍କ, ଏମ୍ ଫାର୍ମା ଭଳି ସମସ୍ତ ମାଷ୍ଟର ଡିଗ୍ରୀ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ମୋଡ୍‌ରେ ପରୀକ୍ଷା ହେବ। ସେହିଭଳି ଇଣ୍ଟିଗ୍ରେଟେଡ୍ ଏବଂ ଲାଟେରାଲ ଏଣ୍ଟ୍ରି ପାଠ୍ୟକ୍ରମ ପାଇଁ 'ପେନ୍ ଆଣ୍ଡ୍ ପେପର' ମୋଡ୍‌ରେ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ ରହିବ ଏବଂ ରାଜ୍ୟ ବାହାରର ଛାତ୍ରୀଛାତ୍ରମାନେ କେବଳ ଘରୋଇ କଲେଜ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାର ସୁଯୋଗ ପାଇପାରିବେ।

ନାବାଳିକା ଗଣବଳାତ୍କାର ଘଟଣା
ଗଞ୍ଜାମ ଏସ୍‌ପିଙ୍କୁ ଜବାବ ତଲବ

କଟକ ଅଫିସ, ୩୦।୧: ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନାବାଳିକା ଗଣବଳାତ୍କାର ଘଟଣାରେ ଗଞ୍ଜାମ ଏସ୍‌ପିଙ୍କୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଜବାବ ତଲବ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ନିମନ୍ତେ କମିଶନଙ୍କ ପକ୍ଷରୁ ନୋଟିସ ଜାରି ହୋଇଛି। ସୂଚନାଥାଉକି, କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଜଣେ ୮ ବର୍ଷର ନାବାଳିକା ଗଣବଳାତ୍କାରର ଶିକାର ହୋଇଥିଲେ। ପୀଡ଼ିତା ପରିବାରକୁ କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ମାନବାଧିକାର କମିଶନରେ ମାମଲା ରୁଜୁ ହୋଇଥିଲା।

ଦ୍ୱିତୀୟ ବିବାହ କରିବାକୁ ଯାଉଥିବା ଯୁବକ ଗିରଫ

ଆବାସିକ ସ୍କୁଲରେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା
ଏନ୍‌ସିପିସିଆର୍‌ଙ୍କ ଉଦ୍‌ବେଗ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଆବାସିକ ବିଦ୍ୟାଳୟଗୁଡ଼ିକରେ ନାବାଳିକା ସୁରକ୍ଷିତ ନାହାନ୍ତି। ସେମାନଙ୍କ ଉପରେ ଯୌନ ଅତ୍ୟାଚାର ବଢ଼ି ଚାଲିଛି। ଗୋଟିଏ ପରେ ଗୋଟିଏ ଖବର ପ୍ରକାଶ ପାଇବାରେ ଲାଗିଛି। ଏହାକୁ ନେଇ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନସିପିସିଆର) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକର ତଦନ୍ତ କରି ଆସନ୍ତା ମାସକ ମଧ୍ୟରେ ରିପୋର୍ଟ ଦେବାକୁ କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାସକ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ

କନ୍ଧମାଳ, କଳାହାଣ୍ଡି, ଢେଙ୍କାନାଳ ଏବଂ ଯାଜପୁର ଜିଲାରେ ଥିବା ଆବାସିକ ସ୍କୁଲରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଖବର ଜାନୁୟାରୀ ଆରମ୍ଭରୁ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଏହାକୁ ଆଧାର କରି ଏନସିପିସିଆର ସମସ୍ତ ଆଦିବାସୀ ଛାତ୍ରୀ ନିବାସଗୁଡ଼ିକର ତଦନ୍ତ କରି ମାସକ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଏନସିପିସିଆର ଗଭୀର ଚିନ୍ତା ପ୍ରକଟ କରିବା ସହ ଯଦି ଏଭଳି ଘଟଣା ବାରମ୍ବାର ଘଟିବ ତେବେ ଆବାସିକ ବିଦ୍ୟାଳୟଗୁଡ଼ିକ ଉପରୁ ଛାତ୍ରୀମାନଙ୍କର ପରିବାର ସଦସ୍ୟଙ୍କ ଭରସା ତୁଟିଯିବ । ବିଶେଷ କରି ଗ୍ରାମାଞ୍ଚଳ ଏବଂ ଆଦିବାସୀ ବହୁଳ ଅଞ୍ଚଳରେ ପିଲାମାନେ, ମାତାପିତା, ଶିକ୍ଷକ, ପୋଲିସ ଏବଂ ପିଲାମାନଙ୍କ ସହ ରହୁଥିବା କର୍ମଚାରୀମାନଙ୍କୁ ସଚେତନ କରିବା ଏବଂ ଯୌନ ନିର୍ଯାତନାରୁ ଶିଶୁମାନଙ୍କୁ ସୁରକ୍ଷା ଦେବା (ପୋକସୋ) ଆଇନ ବିଷୟରେ ଜଣାଇବା ପାଇଁ ସଚେତନତା ସୃଷ୍ଟି କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ, କନ୍ଧମାଳ, କୋରାପୁଟ ଜିଲାରେ ନାବାଳିକାଙ୍କ ଉପରେ ଯୌନ ନିର୍ଯାତନା ଘଟଣା ସାମ୍ନାକୁ ଆସିଛି।

ରାଜକୋଷକୁ ଡୁବାଇବ ନୂଆ ଘୋଷଣା

- ରଣଭାର ଟପିବ ୯୦ ହଜାର କୋଟି
- ମିଳୁନି କେନ୍ଦ୍ର ସହାୟତା
- ବଢୁଛି ଖୋଲା ବଜାର ଋଣ ଚାପ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ନିର୍ବାଚନକୁ ଆଖିରେ ରଖି ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, କଳିଆ ଭଳି ଗୋଟିଏ ପରେ ଗୋଟିଏ ନୂଆ ଯୋଜନା ରାତ୍ରୀରେ ୫ ଟଙ୍କିଆ ଆହାର, ଅଙ୍ଗନୱାଡି କର୍ମୀଙ୍କ ପାଇଁ ସହାୟତା ରାଶି ବୃଦ୍ଧି, ବୃଦ୍ଧା ବୃଦ୍ଧଙ୍କ ଭତ୍ତା ବୃଦ୍ଧି, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ଆର୍ଥିକ ସହାୟତା ଆଦି ଘୋଷଣା କରି ଚାଲିଛନ୍ତି। ଏଥିସହିତ ସରକାରୀ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ଦେବା ନେଇ ରାଜକୋଷ ଉପରେ ଆର୍ଥିକ ବୋଝ ବଢ଼ି ଚାଲିଛି। ଏହାକୁ ଭରଣା କରିବାକୁ ରାଜସ୍ୱ ଆୟ କୁଳୋଉ ନ ଥିବାରୁ ସରକାର ଋଣ ଉପରେ ଅଧିକ ନିର୍ଭରଶୀଳ ହୋଇଛନ୍ତି। ଏଥିଯୋଗୁ ରାଜ୍ୟର ଋଣ ଭାର ମଧ୍ୟ ତୀବ୍ର ଗତିରେ ଉପରମୁହାଁ ହେବାରେ ଲାଗିଛି। ଅର୍ଥ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷ ଶେଷବେଳକୁ ରାଜ୍ୟର ଋଣଭାର ୯୧ ହଜାର ୯୫୦କୋଟିକୁ ଟପିଯିବ। ଯାହାକି ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦର (ଜିଏସଡିପି)୨୧ ପ୍ରତିଶତ। ପ୍ରାଥମିକ ଆକଳନ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଜିଏସଡିପି ୪.୪୫ ଲକ୍ଷ କୋଟି ଛୁଇଁବ ବୋଲି ଅନୁମାନ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ୨୦୧୭-୧୮ରେ ରାଜ୍ୟର ଋଣ ଭାର ୭୬,୪୮୩.୬୮ କୋଟି ଥିଲା। ସେହି ବର୍ଷ ରାଜ୍ୟ ସରକାର ୧୪ ,୩୪୮.୨୨ କୋଟି ଟଙ୍କା ଋଣ କରିଥିଲେ। ସେଥିରୁ ଖୋଲାବଜାରରୁ ୮ ହଜାର କୋଟି ଟଙ୍କା ଅଣାଯାଇଥିଲା। ୧୯୯୯-୨୦୦୦ରେ ରାଜ୍ୟର ଋଣ ଭାର ୧୮,୧୦୦କୋଟି ଟଙ୍କା ଥିବାବେଳେ ୨୦୦୯-୧୦ରେ ୩୭ ହଜାର ୭୩୦ କୋଟି ଏବଂ ୨୦୧୪-୧୫ରେ ୪୩,୨୭୩ କୋଟି ଥିଲା। ୨୦୧୮-୧୯ରେ ବିତ୍ତୀୟ ନିଅଣ୍ଟ ଜିଏସଡିପିର ୩.୪ ପ୍ରତିଶତ ହେବ ବୋଲି ଅର୍ଥ ବିଭାଗ ଆକଳନ କରିଛି। ଚଳିତ ବର୍ଷ ୧୨ ହଜାର କୋଟି ଟଙ୍କା ଖୋଲା ମାର୍କେଟରୁ ଉଠାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। କେନ୍ଦ୍ର ସରକାର କେନ୍ଦ୍ରୀୟ ଯୋଜନା ଗୋଟିଏ ପରେ ଗୋଟିଏ ବନ୍ଦ କରିଚାଲିଥିବାବେଳେ ଅନୁଦାନ ଲଗାତର ହ୍ରାସ କରି ଚାଲିଛନ୍ତି। ଅନ୍ୟ ପଟେ କେନ୍ଦ୍ର ସରକାର ରାଜ୍ୟକୁ ଋଣ ଯୋଗାଇବା ନେଇ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। କେନ୍ଦ୍ର ସରକାରଙ୍କ ନିକଟରୁ ସହାୟତା ନ ପାଇ ରାଜ୍ୟ ସରକାର ଏବେ ଖୋଲା ବଜାରରୁ ଋଣ ଆଣିବାକୁ ବାଧ ହେଉଛନ୍ତି। ଫଳରେ ଅଧିକ ସୁଧରେ ଖୋଲା ବଜାରରୁ ଅଧିକ ଋଣ ଉଠାଣ ରାଜ୍ୟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର, ଷ୍ଟେଟ ପ୍ରୋଭିଡେଣ୍ଟ ଫଣ୍ଡ(ଏସପିଏଫ), ନ୍ୟାଶନାଲ ସ୍ମଲ ସେଭିଂ ସ୍କିମ ଫଣ୍ଡ (ଏନଏସଏସଏସଏଫ) ଋଣ ଯୋଗାଣ ହ୍ରାସ ପାଇ ଚାଲିଛି। ୧୯୯୫-୯୬ରୁ ୨୦୧୮ ମାର୍ଚ୍ଚ ୩୧ ମଧ୍ୟରେ ବଜାରରୁ ଋଣ ଉଠାଣ ୧୦ ଗୁଣାରୁ ଅଧିକ ହୋଇଛି। ୧୯୯୫-୯୬ରେ ଖୋଲା ବଜାରରୁ ରାଜ୍ୟ ସରକାର ୨୩୮୦ କୋଟି ଟଙ୍କା ଉଠାଇଥିବା ବେଳେ ଏହି ପରିମାଣ ଏବେ ୨୪ ହଜାର କୋଟିରେ ପହଞ୍ଚିଲାଣି। କେନ୍ଦ୍ରରେ ଭାଜପା ପରିଚାଳିତ ଏନଡିଏ ସରକାର କ୍ଷମତାସୀନ ହେବା ପରଠାରୁ ଅର୍ଥାତ୍ ୨୦୧୪-୧୫ରୁ କେନ୍ଦ୍ରୀୟ ଅନୁଦାନ ଲଗାତର ହ୍ରାସ ପାଇ ଚାଲିଛି। ୮ଟି କେନ୍ଦ୍ରୀୟ ଯୋଜନା ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାବେଳେ ୨୯ରୁ ଊର୍ଦ୍ଧ୍ୱ ଯୋଜନାରେ କେନ୍ଦ୍ର ଅଂଶଧନ ୩୦ରୁ ୪୦ ପ୍ରତିଶତ ହ୍ରାସ ପାଇଛି। ରାଜ୍ୟ ସରକାର ଯେତେସବୁ ଋଣ କରୁଛନ୍ତି ସେଥିରୁ ୭୫ ପ୍ରତିଶତ ଖୋଲା ବଜାରରୁ ଆହରଣ କରୁଛନ୍ତି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ନିକଟରୁ ରାଜ୍ୟକୁ ୮ହଜାର କୋଟିରୁ କମ ଋଣ ସହାୟତା ମିଳୁଥିବାବେଳେ ଖୋଲା ବଜାରରୁ ୪ ଗୁଣା ଅଧିକ ଉଠାଇବାକୁ ରାଜ୍ୟ ସରକାର ବାଧ ହେଉଛନ୍ତି। ଏସପିଏଫରୁ ରାଜ୍ୟ ସରକାର ୨୧ ହଜାର ୭୦୦ କୋଟି ଟଙ୍କା ଋଣ ଉଠାଇଛନ୍ତି। ସେଥିରେ କର୍ମଚାରୀମାନଙ୍କ ଅବଦାନ କମ୍ ରହୁଥିବାରୁ ଏହି ଋଣ ହ୍ରାସ ପାଇବାରେ ଲାଗିଛି। ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ(ଜିପିଏଫ) ପରିମାଣ ମଧ୍ୟ କମି ଚାଲିଛି। କାରଣ ନୂତନ ନିଯୁକ୍ତି ପାଉଥିବା କର୍ମଚାରୀମାନଙ୍କର ଜମାରାଶି ଜିପିଏଫରେ କଟୁ ନାହିଁ। ସେହି କର୍ମଚାରୀମାନେ ଜାତୀୟ ପେନ୍‌ସନ ଯୋଜନା(ଏନପିଏସ)ରେ ସାମିଲ ହୋଇଛନ୍ତି। ଏଥିପାଇଁ ଏସପିଏଫ ଜମା କମିବାରେ ଲାଗିଛି। ଏନଏସଏସଏସଏଫ ରାଜ୍ୟ ସରକାରଙ୍କର ଅନ୍ୟ ଏକ ମୁଖ୍ୟ ଋଣ ଆହରଣ ଉତ୍ସ ହୋଇଥିଲେ ମଧ୍ୟ ସେଥିପାଇଁ ରାଜ୍ୟ ସରକାରଙ୍କୁ ଅଧିକ ସୁଧ ଦେବାକୁ ପଡ଼ିଥାଏ। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଏନଏସଏସଏସଏଫରୁ ୧୧ ହଜାର କୋଟି ଟଙ୍କା ଋଣ ଉଠାଇଛନ୍ତି। ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ୨୮,୫୫୦ କୋଟି ନିଜସ୍ୱ ଟିକସରୁ ଏବଂ ଅଣ ଟିକସରୁ ୧୦ ହଜାର ୩୦୦ କୋଟି ଟଙ୍କା ପାଇବେ ବୋଲି ଆକଳନ କରିଛନ୍ତି। ଦ୍ରବ୍ୟ ଓ ସେବା ଟିକସ(ଜିଏସଟି) କ୍ଷତିପୂରଣ ବାବଦରେ ଏ ପର୍ଯ୍ୟନ୍ତ ୧୩୨୬ କୋଟି ଟଙ୍କା ପାଇଥିବା ବେଳେ ୨୦୧୯ ମାର୍ଚ୍ଚ ଶେଷ ଆଡ଼କୁ ୩୫୦ କୋଟି ଟଙ୍କା ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

ଫିସକାଲ ରେସପନସିବିଲିଟି ଆଣ୍ଡ ବଜେଟ ମ୍ୟାନେଜମେଣ୍ଟ(ଏଫଆରବିଏମ) ଆକ୍ଟ ଅନୁଯାୟୀ ରାଜ୍ୟ ସରକାର ଜିଏସଡିପିର ୩.୫ ପ୍ରତିଶତ ଋଣ କରି ପାରିବେ। ଏଫଆରବିଏମ ନର୍ମ ଅନୁଯାୟୀ ରାଜ୍ୟର ଋଣ ସୀମା ଅତିକ୍ରମ କରି ନାହିଁ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ରାୟଗଡା ଜିଲା ସଦର ବ୍ଲକ୍ କୁମୁଟିପେଣ୍ଠ ପଞ୍ଚାୟତ ଅଧୀନ ହନୁମାନ ନଗରସ୍ଥିତ ଜଗନ୍ନାଥ ମିଲ୍‌ରେ ବୁଧବାର ଭୋର ପ୍ରାୟ ୪ଟାବେଳେ ନିଆଁ ଲାଗି ପ୍ରାୟ ୩୫ ଲକ୍ଷ ଟଙ୍କାର କପା ପୋଡି ପାଉଁଶ ହୋଇଯାଇଛି। ଖବରପାଇ ୫ଟି ଦମକଳ ଗାଡ଼ି କପା କାରଖାନା ନିକଟକୁ ଆସିଥିଲା। ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ପାଣି ସିଞ୍ଚନ କରାଯିବାପରେ ନିଆଁକୁ ଆୟତ୍ତ କରାଯାଇ ପାରିଥିଲା।

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:..................................
ଜନ୍ମ ତାରିଖ: ....

ସୁମନ
ପରିବାରବର୍ଗ

ମୁଗ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-65528

One acre converted land with boundary wall 30 ft. road side at Athagarh. 9437284700. D-10789

70,000/- booking ଦେଇ Xavier University ପାଖରେ (1200 sqft.) plotର ମାଲିକ ହୁଅନ୍ତୁ। 6371481421. D-65458

Plot on lowest budget Brahmanajharilo, 9km. from BBSR, 16km. from Cuttack 250/- sqft. 7809525452. D-65808

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329

1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10803

Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Improving your health, skin care through expert therapist, excellent offer. 9668374480. D-65544

Herbal full body massage by smart/ expert therapist. Contact: 8338067247. D-65546

New opening ayurvedic body massage smart therapist, Shree herbal. 7750020754. D-65545

Herbal fullbody massage with refreshment by well trained therapist. 7381239385. D-65540

Experience full body massage with us by experts. 06742597822, 7377048581. D-65541

Ayurvedic full body massage ladies/ gents experts therapist. 8338097451 . D-65802

LOST

A plastic bag missed at Gundicha Temple, Puri on 24.01.2019, in this bag I lost also my SBI original Passbook & a ROR bearing Khata No.- 655, Plot No.- 2352, Mouza Jaleswarpada under Kakatpur Tahasil area. If anybody found this bag please contact Jyoti Sankar Samantraya. Ph. No.: 9437667562. D-10826

ମୁଁ ଶ୍ରୀମତୀ ସରୋଜ ସରାଓ୍ୱଗି, ବୟସ ୫୧ବର୍ଷ, ସ୍ୱା: କେ.କେ. ସରାଓ୍ୱଗି, ସା: ଷ୍ଟେସନ ବଜାର, ଥା: ଟାଉନ, ଜିଲ୍ଲା: ଢେଙ୍କାନାଳ ସର୍ବସାଧାରଣଙ୍କ, ଅବଗତି ନିମନ୍ତେ ଜଣେଇଦେଉଅଛି କି, ମୁଁ ଶ୍ରୀନିବାସ ସାହୁ (ମୃତ)ଙ୍କ ଠାରୁ କୋରିଆଁ ମୌଜା ସ୍ଥିତ ହାଲ ଖାତା ୨୪୦, ପ୍ଲଟ ନଂ ୩୪୦ ରେ ଥିବା ଏ୦.୪୧ଡେ ଜମିକୁ ରେଜିଷ୍ଟ୍ରି ଦଲିଲ ନଂ ୩୯୫୧ ତା:୨୨।୧୦।୨୦୦୨ରିଖ ଦିନ କିଣି ମିଉଟେସନ ଖାତା ନଂ ୩୪୧/୩୧୮ରେ ମୋ ନାମରେ ରେକର୍ଡ କରାଇ ନିର୍ଦ୍ୱନ୍ଦ୍ୱରେ ଭୋଗ ଦଖଲ କରୁଅଛି। ଉକ୍ତ ପ୍ଲଟକୁ ଘରବାରି କିସମରେ ବଦଳାଇବାକୁ ତହସିଲ ଅଫିସ ଯାଇଥିବା ସମୟରେ ମୋର ରେଜିଷ୍ଟ୍ରି ଦଲିଲ (ନଂ ୩୯୫୧) କେଉଁଠାରେ ହଜିଯାଇଅଛି। ମୁଁ ଏ ବିଷୟରେ ଥାନାରେ ଏତଲା ଦେଇଛି, ଯାହା ଏସ.ଡି.ଇ ନଂ ୦୬ ତା:୦୧।୧୨।୨୦୧୮ରିଖରେ ଦାଏର ହୋଇଛି। ଯଦି କେହି ବ୍ୟକ୍ତି ଏହି ଦଲିଲର ସନ୍ଧାନ ପାଆନ୍ତି ତେବେ ଥାନା ଜରିଆରେ ବା ମୋତେ ମୋ ଠିକଣାରେ ବା ଏହି ଫୋନ ନଂ ୭୩୮୧୧୮୮୮୮ରେ ଜଣାଇବାକୁ ଅନୁରୋଧ। ଧ-୧୦୮୨୭

AFFIDAVIT

By virtue of affidavit before Executive Magistrate, Bhubaneswar, I, Aishwarya Behera has changed my surname from Behera to Misra after marriage with Srinit Misra, I shall be known as Aishwarya Misra for all purposes. D-10825

କମ୍ପ୍ୟୁଟର ସାଇନ୍ସରେ ଡକ୍ଟରେଟ୍ ଲାଭ

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (Deemed to be University) ଅଧୀନସ୍ଥ ଆଇ.ଟି.ଇ.ଆର୍. (ITER) ଇଂଜିନିୟରିଂ କଲେଜର **ସୁଶ୍ରୀ ଝୁମ ସ୍ୱାଇଁ** କମ୍ପ୍ୟୁଟର ସାଇନ୍ସ ଓ ଇଂଜିନିୟରିଂରେ ପିଏଚ୍. ଡି (Ph.D.) ଡିଗ୍ରୀ ଲାଭ କରିଛନ୍ତି। (Vide memo No. Ex/668/38/2019) ସେ ଉପରୋକ୍ତ କଲେଜର କମ୍ପ୍ୟୁଟର ସାଇନ୍ସ ଓ ଇଂଜିନିୟରିଂ ବିଭାଗର ପ୍ରଫେସର ବିନୋଦ କୁମାର ପଟ୍ଟନାୟକ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ପ୍ରଫେସର ବିଭୁଧେନ୍ଦୁ ପତିଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ରଚିତ ସନ୍ଦର୍ଭ– "Resolution of security issues in mobile AD HOC networks" ମରିସିୟସର ବିଶ୍ୱବିଦ୍ୟାଳୟ ଓ ଟେକ୍ନୋଲୋଜିର ପ୍ରଫେସର ନଓ୍ୱାଜ ମହମ୍ମଦଅଲ୍ଲି ଏବଂ ମହୀଶୂରର ସରକାରୀ ଇଂଜିନିୟରିଂ କଲେଜ ଚମରାଜନଗର, କର୍ଣ୍ଣାଟକର କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ପ୍ରଫେସର ନାଗପ୍ପା ୟୁ ଭଜନ୍ତ୍ରିଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଏହି ସଫଳତା ପାଇଁ ସେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର (Deemed to be University) ପ୍ରତିଷ୍ଠାତା ପ୍ରଫେସର ମନୋଜ ରଞ୍ଜନ ନାୟକ ଓ କୁଳପତି ପ୍ରଫେସର ଅମିତି ବାନାର୍ଜୀ, ଡିନ୍ (ରିସର୍ଚ୍ଚ) ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ, ଡିନ୍ ପ୍ରଫେସର ପି.କେ.ସାହୁ ଓ କମ୍ପ୍ୟୁଟର ପ୍ରୟୋଗ ବିଭାଗର ମୁଖ୍ୟା ପ୍ରଫେସର ଦେବାହୁତି ମିଶ୍ରଙ୍କୁ ଶ୍ରେୟ ଦେଇଛନ୍ତି। ସୁଶ୍ରୀ ଝୁମ୍ ସ୍ୱାଇଁ ନୟାଗଡ଼ ଜିଲ୍ଲା ମଶାବାରୀ (ଓଡ଼ଗାଁ) ନିବାସୀ ଇଂଜିନିୟର ବାଇଧର ସ୍ୱାଇଁ ଓ ଶ୍ରୀମତୀ ସରୋଜିନୀ ସ୍ୱାଇଁଙ୍କ ଜ୍ୟେଷ୍ଠା କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂର୍ଣ୍ଣ କୃତଜ୍ଞତା ଜଣାଇବା ସହିତ ବାପା, ମାଆ, ଭାଇ, ପରିବାରବର୍ଗ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ ଓ ସହକର୍ମୀମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଧ-୧୦୮୩୧

ନିରୁଦ୍ଦିଷ୍ଟ

ଜିତେନ୍ଦ୍ର ବେହେରା, (ଡାକ ନାମ-ଲିକୁନ୍), ପିତା: ଗୁଣନିଧି ବେହେରା, ଗ୍ରାମ: ମାଟିଆପଡ଼ା, ପୋ: ସିଉଳା, ଜିଲ୍ଲା-ପୁରୀ, ରଙ୍ଗ-କଳା, ମଧ୍ୟମ ଧରଣର ଚେହେରା, ସେ ଗତ ତା-୧୫.୦୭.୨୦୧୫ ରିଖଠାରୁ କେଉଁଆଡେ ଚାଲିଯାଇଛନ୍ତି। ସେ ଘରୁ ଗଲାବେଳେ ହଳଦିଆ ରଙ୍ଗର ଫୁଲ ଗଞ୍ଜି ଓ ଧଳା ହାଫ୍ ପ୍ୟାଣ୍ଟ ପିନ୍ଧିଥିଲେ। ଯଦି କୌଣସି ସହୃଦୟବ୍ୟକ୍ତି ଜିତେନ୍ଦ୍ରଙ୍କର ସନ୍ଧାନ ପାଆନ୍ତି, ତେବେ ମୋବାଇଲ ନଂ-୭୭୫୧୮୯୨୨୮୧, ୭୯୭୮୦୫୭୧୮୨ରେ ଯୋଗାଯୋଗ କରିବାକୁ ଅନୁରୋଧ। ଜିତେନ୍ଦ୍ରଙ୍କର ସନ୍ଧାନ ଦେଇଥିବା ଲୋକଙ୍କୁ ୩୦,୦୦୦ଟଙ୍କାର ପୁରସ୍କାର ଦିଆଯିବ। ଧ-୧୦୮୩୨

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମ ପୃଷ୍ଠାରୁ...

ଖୋଳିଥିବା ଗାତରେ...

କେତେଜଣ ଆଇନ ବିଶାରଦଙ୍କ ମତ ଅନୁଯାୟୀ, ଦିଲ୍ଲୀସ୍ଥିତ ସାକେତ କୋର୍ଟଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ ଜାରି ରହିଛି। କମ୍ପାନୀର ବିବାଦପୂର୍ଣ୍ଣ ସମୟରେ ହିଁ ନିରଞ୍ଜନ ଏବଂ ନବଜ୍ୟୋତିଙ୍କର ପ୍ରତ୍ୟକ୍ଷ ସମ୍ପର୍କ ରହିଥିଲା। ୨୦୦୬ରେ ଫରିଦ ଅରିଫୁଦ୍ଦିନ ଏବଂ ତାଙ୍କ ସ୍ତ୍ରୀ ଗାର୍ଗୀ ଫରିଦଙ୍କ ଦ୍ୱାରା କମ୍ପାନୀ ଆରମ୍ଭ ହୋଇଥିଲା। ଏହି ସମୟରେ ହିଁ ନିରଞ୍ଜନ ଏବଂ ନବଜ୍ୟୋତି ଯଥାକ୍ରମେ ଅଧ୍ୟକ୍ଷ ଏବଂ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ଥିଲେ। ଆଲୁୱାଲିଆ ୧୪ ଏପ୍ରିଲ ୨୦୦୭ରୁ ୨୯ ଜାନୁୟାରୀ, ୨୦୦୯ ମଧ୍ୟରେ ୧୯ଟି ଚେକ୍ ମାଧ୍ୟମରେ ୩୨ କୋଟି ଟଙ୍କା ନିବେଶ କରିଛନ୍ତି। ପରବର୍ତ୍ତୀ ସମୟରେ ତାଙ୍କୁ ପ୍ରଦାନ କରାଯାଇଥିବା ସିକ୍ୟୁରିଟି ଡିପୋଜିଟ୍ ଚେକ୍ ବ୍ୟାଙ୍କରେ ବାଉନ୍ସ ହୋଇଯାଇଥିଲା। ଯେଉଁଥିପାଇଁ ଆଲୁୱାଲିଆ ଦିଲ୍ଲୀ ପୋଲିସ ଏବଂ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ସହ ଭାବାସୀ କମ୍ପାନୀ ଏବଂ ଏହାର ମାଲିକମାନେ ଠକେଇ କରିଥିବା ଆଲୁୱାଲିଆ ଅଭିଯୋଗ କରିଥିଲେ।

୪ ଜାନୁୟାରୀ, ୨୦୧୭ରେ ଦିଲ୍ଲୀ ସ୍ଥିତ ସାକେତ କୋର୍ଟ ଇଓଡବ୍ଲ୍ୟୁକୁ ଆଇପିସି ଦଫା ୪୨୦ ଅନୁଯାୟୀ ଜାଲିଆତି ମାମଲା ରୁଜୁ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଦ୍ୱାରା ୪ ଡିସେମ୍ବର, ୨୦୧୮ରେ ଇଓଡବ୍ଲ୍ୟୁକୁ ଆହୁରି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ, ୬୦ ଦିନ ଅର୍ଥାତ ଫେବୃୟାରୀ ପ୍ରଥମ ସପ୍ତାହ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କର। ଏଥିସହିତ ଆସନ୍ତା ୬ ଫେବୃୟାରୀ ୨୦୧୯ ସୁଦ୍ଧା ମାମଲା ସମ୍ପର୍କିତ ଏକ ରିପୋର୍ଟ ଅଦାଲତ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆଶ୍ଚର୍ଯ୍ୟଜନକ ଭାବେ ଏହି ମାମଲାରେ କେବଳ ନିରଞ୍ଜନ ଏବଂ ନବଜ୍ୟୋତି ନୁହଁନ୍ତି, ଜଣାଶୁଣା ଟେକ୍ନୋକ୍ରାଟ ସାମ୍ ପିତ୍ରୋଡା ବେଆଇନ ଭାବେ କମ୍ପାନୀରୁ ୯ କୋଟି ଟଙ୍କା ଉଠାଇ ନେଇଥିଲେ ବୋଲି ଫରିଦ୍ ଅଭିଯୋଗ କରିଛନ୍ତି। ସେହି କାରବାର କମ୍ପାନୀ ଏବଂ ନିବେଶକାରୀମାନଙ୍କ ମଧ୍ୟରେ ଥିବା ନିୟମାବଳୀର ବିରୁଦ୍ଧାଚରଣ କରୁଛି। ଫରିଦ୍‌ଙ୍କୁ ଉଭୟ ପଟ୍ଟନାୟକ ପିତାପୁତ୍ର ଏବଂ ସାମ୍ ପିତ୍ରୋଡା ଠକିଛନ୍ତି ବୋଲି ସେ କହିଛନ୍ତି। ଅଭିଯୁକ୍ତ ଫରିଦ୍ ଅଦାଲତରେ ଦେଇଥିବା ବୟାନ ଅନୁଯାୟୀ ନିବେଶକ ପୂର୍ବ ପ୍ରତିଶ୍ରୁତିରୁ ଓହରିଯାଇଥିବା ଦର୍ଶାଇଛନ୍ତି। ଏଥିସହିତ ପଟ୍ଟନାୟକ ପିତା-ପୁତ୍ର ଏବଂ ସାମ୍ ପିତ୍ରୋଡାଙ୍କୁ ଠକେଇ ଅଭିଯୋଗ ପରିସରଭୁକ୍ତ କରିଛନ୍ତି। ନିବେଶକ(ଆଲୁୱାଲିଆ)ଙ୍କୁ ଆଇନତଃ ୨୭ ଜୁଲାଇ, ୨୦୧୭ରେ ଦେଇଥିବା ଏକ ଉତ୍ତରରେ ଫରିଦ୍ କହିଛନ୍ତି ଯେ, ପ୍ରାଥମିକ ଭାବେ କମ୍ପାନୀରେ ୪୫ କୋଟି ଟଙ୍କାର ନିବେଶ କରାଯିବାର ଥିଲା। ହେଲେ ତନ୍ମଧ୍ୟରୁ ୯.୦୨ କୋଟି ଟଙ୍କା ସିଧାସଳଖ ନିବେଶକଙ୍କ ଆକାଉଣ୍ଟରୁ ସାମ୍ ପିତ୍ରୋଡାଙ୍କ ନିକଟକୁ ଯାଇଛି। ପ୍ରିଟୋଡା ଜଣେ ଭାରତୀୟ, ଯିଏକି ଯୁକ୍ତରାଷ୍ଟ୍ର ଆମେରିକାରେ ରହୁଛନ୍ତି, ଯାହାଙ୍କର ଭାବାସୀ କମ୍ପାନୀ ସହ କୌଣସି ଆନୁଷ୍ଠାନିକ ସମ୍ବନ୍ଧ ନାହିଁ। ଫରିଦ୍ ଆହୁରି କହିଛନ୍ତି ଯେ, ୨୦୦୫ରୁ ୨୦୦୯ ମଧ୍ୟରେ କମ୍ପାନୀ ନିର୍ଦ୍ଦେଶକ ନବଜ୍ୟୋତିଙ୍କ ଦ୍ୱାରା ହିଁ ୬ କୋଟି ଟଙ୍କା ଉଠାଣ ହୋଇଛି, ଯେଉଁ ନିବେଶ ମୂଳତଃ ନିରଞ୍ଜନ ପଟ୍ଟନାୟକଙ୍କ ପାଇଁ କରାଯାଇଥିଲା।

ଅପରପକ୍ଷରେ ଇଡି ଦ୍ୱାରା ୫ ମେ, ୨୦୧୫ରେ ପ୍ରସ୍ତୁତ କରାଯାଇଥିବା ଆକ୍ସନ ଟେକେନ୍ ରିପୋର୍ଟ ଅନୁଯାୟୀ କମ୍ପାନୀ ସହ ନିବେଶକାରୀ ଆଲୁୱାଲିଆଙ୍କୁ ନିରଞ୍ଜନ ହିଁ ପରିଚିତ କରାଇଥିଲେ। ପରବର୍ତ୍ତୀ ସମୟରେ ଆଲୁୱାଲିଆ ନିରଞ୍ଜନ ଏବଂ ନବଜ୍ୟୋତିଙ୍କ ପକ୍ଷରୁ କମ୍ପାନୀରେ ନିବେଶ କରିଛନ୍ତି। ହେଲେ ନିରଞ୍ଜନଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ, ଯାଞ୍ଚ ଟିମ୍ ଅଭିଯୋଗକାରୀଙ୍କ କଥାକୁ ଆଖିବୁଜି ବିଶ୍ୱାସ କରିଯାଇଥିଲେ। ଏଥି ସହିତ ତଦନ୍ତ ମଧ୍ୟ ନିରପେକ୍ଷ ଭାବେ ହୋଇନାହିଁ।

ଭାବାସୀ କମ୍ପାନୀରେ ପ୍ରମୁଖ ନିବେଶକାରୀ କେଜେଏସ୍ ଆଲୁୱାଲିଆ ଓଡ଼ିଶାର ଜଣେ ପ୍ରମୁଖ ଖଣି ବ୍ୟବସାୟୀ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ସିଧାସଳଖ ଭାବେ ଇନ୍ଦ୍ରାଣୀ ପଟ୍ଟନାୟକଙ୍କ ଖଣି କମ୍ପାନୀ ସହ ସଂପୃକ୍ତ। ପଟ୍ଟନାୟକମାନଙ୍କର ଖଣି କମ୍ପାନୀଗୁଡିକରେ ନିକଟରେ ଆୟକର ଠକେଇ ଅଭିଯୋଗରେ ଆଇଟି ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା। ଉଭୟ ପଟ୍ଟନାୟକ ଏବଂଆଲୁୱାଲିଆଓଡ଼ିଶାରପ୍ରମୁଖଏବଂବଡ଼ବଡ଼ଖଣିରମାଲିକାନାହାସଲକରିଛନ୍ତି।

ବ୍ୟାଙ୍କର ଆଚାର ...

ପରାମର୍ଶଦାତା କମ୍ପାନୀ ଓ ଫୋରେନ୍ସିକ ତଥା ତଦନ୍ତକାରୀ ସେବା ଯୋଗାଣକାରୀଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ତେବେ ଏହି ତଦନ୍ତ ରିପୋର୍ଟର ପ୍ରଭାବ ପୂର୍ବରୁ ପ୍ରକାଶିତ ବ୍ୟାଙ୍କର ଫଳାଫଳ ଉପରେ ପଡିବ ନାହିଁ ବୋଲି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଗତ ସପ୍ତାହରେ ଉକ୍ତ ଋଣ ମାମଲାର ତଦନ୍ତ କରୁଥିବା ସିବିଆଇ ପକ୍ଷରୁ ଚନ୍ଦା, ତାଙ୍କ ସ୍ୱାମୀ ଦୀପକ କୋଚ୍ଚର, ଭିଡିଓକନ ଗ୍ରୁପ୍ ମାଲିକ ବେଣୁଗୋପାଳ ଧୂତ୍ ଏବଂ ଅନ୍ୟମାନଙ୍କ ବିରୋଧରେ ଏତଲା ଦାଏର କରାଯାଇଥିଲା।

ଏନ୍‌ଡିଏକୁ ନିଅଣ୍ଟ ...

ସହଯୋଗୀ ଦଳଗୁଡ଼ିକ ଦଖଲ କରିପାରନ୍ତି। ସେହିପରି ପଶ୍ଚିମବଙ୍ଗ କଥା ବିଚାର କଲେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୩୨ ଆସନ ପାଇବ। ୨୦୧୪ରେ ଭାଜପା ଏଠାରେ ୨ ଆସନ ପାଇଥିବାବେଳେ ଏଥର ୯କୁ ଉନ୍ନତି କରିବ। କଂଗ୍ରେସ ଗୋଟିଏ ଆସନ ପାଇବାକୁ ଥିବାବେଳେ ବାମ ସାମ୍ମୁଖ୍ୟ ଖାତା ଖୋଲି ପାରିବ ନାହିଁ ବୋଲି ଜଣାପଡ଼ିଛି।

ଦକ୍ଷିଣ ଭାରତରେ ଭାଜପାର ବିଶେଷ ପ୍ରଭାବ ଦେଖିବାକୁ ମିଳିବ ନାହିଁ ବୋଲି ଓପିନିୟନ୍ ପୋଲ୍ ଅନୁମାନ କରିଛି। ତାମିଲନାଡୁରେ ୩୯ ଆସନରୁ ଉପାକୁ ୩୫ଟିରେ ସଫଳତା ମିଳିବ। ଶାସକ ଏଆଇଏଡିଏମ୍‌କେ ମାତ୍ର ୪ ଆସନରେ ସନ୍ତୁଷ୍ଟ ହେବ, ଯାହାକି ୨୦୧୪ ନିର୍ବାଚନ ତୁଳନାରେ ୩୩ କମ୍। କେରଳରେ ମୋଟ ଲୋକ ସଭା ଆସନ ସଂଖ୍ୟା ୨୦। ଏହି ରାଜ୍ୟରେ ଆସନ୍ତା ନିର୍ବାଚନରେ ଭାଜପା କେବଳ ଖାତା ଖୋଲିପାରିବ। କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ୧୬ ଏବଂ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ୩ ଆସନରେ ସଫଳ ହେବେ। କର୍ଣାଟକରେ ଉଭୟ ଭାଜପା ଏବଂ କଂଗ୍ରେସ ୧୪ଟି ଲେଖାଏ ଆସନରେ ବିଜୟୀ ହେବେ। ୨୦୧୪ରେ ଏଠାରେ ଭାଜପାକୁ ୧୭ ଓ କଂଗ୍ରେସକୁ ୧୧ ଆସନରେ ସଫଳତା ମିଳିଥିଲା। ଆନ୍ଧ୍ରପ୍ରଦେଶରେ ଜଗନ୍‌ମୋହନ୍ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ସବୁଠୁ ବେଶି ଲାଭବାନ ହେବ। ଏଠାରେ ୨୫ ଆସନରୁ ୨୩ଟିରେ ୱାଇଏସ୍‌ଆର୍ କଂଗ୍ରେସ ପ୍ରାର୍ଥୀ ଜିତିବେ। ଶାସକ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ହାତରେ ମାତ୍ର ୨ଟି ଆସନ ରହିବ। ଗତ ଲୋକ ସଭା ନିର୍ବାଚନରେ ଟିଡିପି ୧୫ ଓ ୱାଇଏସ୍‌ଆର୍ କଂଗ୍ରେସ ୮ ଆସନରେ ଜିତିଥିଲା। ତେଲେଙ୍ଗାନାରେ ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ୧୦, କଂଗ୍ରେସ ୫ ଏବଂ ଭାଜପା ଗୋଟିଏ ଆସନ ଦଖଲ କରିବ ବୋଲି ଜନମତ ସର୍ଭେରୁ ଜଣାପଡ଼ିଛି। ତେବେ ଉତ୍ତର-ପୂର୍ବରେ ଭାଜପା ତା'ର ଆଧିପତ୍ୟ ବଜାୟ ରଖିବ। ଆସାମର ୧୪ ଆସନରୁ ଭାଜପା ୮ ଦଖଲ କରିବ। କଂଗ୍ରେସ ତା'ର ପୂର୍ବ ୩ ଆସନ ବଜାୟ ରଖିବ। ଉତ୍ତର-ପୂର୍ବର ଅନ୍ୟ ଅଞ୍ଚଳଗୁଡ଼ିକରେ ୧୧ ଆସନ ରହିଛି। ଏଥିରୁ ଭାଜପା ୯ ଆସନ ପାଇବ ଏବଂ ଉପାକୁ କେବଳ ଗୋଟିଏ ଆସନ ମିଳିବ। ମହାରାଷ୍ଟ୍ରରେ ଭାଜପା ଓ ଏହାର ଅମାନିଆ ସହଯୋଗୀ ଶିବସେନା ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଛି। ଏହାସତ୍ତ୍ୱେ ଦୁଇଦଳ ୪୮ରୁ ୪୩ଟି ଆସନ ଦଖଲ କରିବେ, ଯାହାକି ପୂର୍ବ ନିର୍ବାଚନ ତୁଳନାରେ ଗୋଟିଏ ଅଧିକ ବୋଲି ଟାଇମ୍ସ ନାଓ-ଭିଏମ୍‌ଆର୍ ସର୍ଭେରେ ଆକଳନ କରାଯାଇଛି।

ଶୁକ୍ରବାର ...

ନିର୍ବାଚନ ଥିବାରୁ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ଖୁସିକରିବା ଲାଗି ସରକାର ଅନେକ ଜନକଲ୍ୟାଣ ଯୋଜନା ଘୋଷଣା କରିପାରନ୍ତି। ଏହା ବ୍ୟତୀତ ବିବାଦୀୟ ନାଗରିକତ୍ୱ ସଂଶୋଧନ ବିଲ୍ ଏବଂ ତିନି ତଲାକ୍ ବିଲ୍ ଗୃହୀତ କରାଇବା ଲାଗି ସରକାର ଉଦ୍ୟମ କରିବେ। ବିରୋଧୀ ଦଳଗୁଡିକ ଏହି ବିଲ୍‌କୁ ବିରୋଧ କରିଆସୁଥିବାବେଳେ ଜେଡିୟୁ ଭଳି କେତେକ ଏନଡିଏ ସହଯୋଗୀ ଦଳ ମଧ୍ୟ ବିଲ୍ ଉପରେ ଭିନ୍ନମତ ରଖିଛନ୍ତି। ଏହା ବ୍ୟତୀତ ପ୍ରବାସୀ ଭାରତୀୟ (ଏନଆର୍‌ଆଇ)ଙ୍କୁ ପ୍ରକ୍ସି ମାଧ୍ୟମରେ ଭାରତରେ ମତଦାନ ଲାଗି ଅନୁମତି ଦେବା ନିମନ୍ତେ ଉଦ୍ଦିଷ୍ଟ ଜନପ୍ରତିନିଧି ଆଇନ(ସଂଶୋଧନ) ବିଲ୍, ୨୦୧୭ ଏବଂ ଜାତୀୟ ମେଡିକାଲ କାଉନସିଲ ବିଲ୍ ମଧ୍ୟ ସରକାରଙ୍କ କାର୍ଯ୍ୟସୂଚୀରେ ରହିଛି। ରାଜ୍ୟ ସଭାରେ ସରକାରଙ୍କ ସଂଖ୍ୟାଗରିଷ୍ଠତା ନ ଥିବାରୁ ଏହିସବୁ ବିଲ୍ ଅଟକି ରହିଛି। ଗତ ଶୀତ ଅଧିବେଶନରେ ନାଗରିକତ୍ୱ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ଏହାକୁ ଚୟନ କମିଟିକୁ ପଠାଇବା ପାଇଁ ରାଜ୍ୟ ସଭାରେ ବିରୋଧୀ ଦାବି କରିଥିଲେ। ଭାରତର ନାଗରିକତା ପାଇଁ ଆବେଦନ ନିମନ୍ତେ ଯୋଗ୍ୟ ଶରଣାର୍ଥୀ ଦେଶ ତାଲିକାରୁ ବାଂଲାଦେଶକୁ ବାଦ୍ ଦେବା ସେମାନଙ୍କର ଦାବି ଥିଲା। କେନ୍ଦ୍ର ସରକାର ଅଯୋଧ୍ୟାସ୍ଥିତ ନିର୍ବିବାଦୀୟ ଜମିକୁ ହିନ୍ଦୁ ଟ୍ରଷ୍ଟ ଓ ଅନ୍ୟ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଛନ୍ତି। ସରକାରଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏଭଳି ଲୋକପ୍ରିୟ ଘୋଷଣା କରିପାରିବେ ନାହିଁ ବୋଲି ବିରୋଧୀ କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଗୃହରେ ବିରୋଧୀ ସରକାରଙ୍କୁ ଅଡୁଆରେ ପକାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଅଧିବେଶନ ପୂର୍ବରୁ ବୁଧବାର ସଂଧ୍ୟାରେ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ସର୍ବଦଳୀୟ ବୈଠକ ଡାକିଥିଲେ। ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବାରେ ସହଯୋଗ କରିବା ଲାଗି ସେ ସବୁ ଦଳର ନେତାଙ୍କୁ ଅନୁରୋଧ କରିଛନ୍ତି।

ମନେ ପଡ଼ନ୍ତି

୧୧ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦୁର୍ଗାପ୍ରସନ୍ନ ପଟ୍ଟନାୟକ
ଦିବଂଗତ ଆଡଭୋକେଟ
ଲୁଇସ୍ ରୋଡ, ଭୁବନେଶ୍ୱର
ପୂର୍ବତନ ଚେୟାରମ୍ୟାନ ରାଜ୍ୟ ବାର୍ କାଉନସିଲ
ପୂର୍ବତନ ଚେୟାରମ୍ୟାନ ଭୁବନେଶ୍ୱର ମ୍ୟୁନିସିପାଲିଟି
ଆବିର୍ଭାବ: ୧୯୨୭ ମସିହା ଦୁର୍ଗାଷ୍ଟମୀ
(ଜନ୍ମସ୍ଥାନ- ଗ୍ରାମଣ୍ଡିହ, ଚନ୍ଦକା, ଖୋର୍ଦ୍ଧା)
ତିରୋଧାନ: ୨୦୦୮ ମସିହା (ଏକାଦଶୀତିଥି)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ। ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୫୮୦୩୫

ଦଶାହ ଉପଲକ୍ଷେ

ସ୍ୱର୍ଗତ ଭୀମସେନ ମହାନ୍ତି
ଆବିର୍ଭାବ: ୨୪।୦୨।୧୯୪୧
ତିରୋଧାନ: ୨୨।୦୧।୨୦୧୯
ବାପା, ତୁମ୍ଭର ଅକାଳ ବିୟୋଗ ଆମ୍ଭମାନଙ୍କୁ ଗଭୀର ଦୁଃଖ ଦେଇଚାଲିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ ନିକଟରେ ତୁମ୍ଭର ଅନ୍ତର ଆତ୍ମାର ସଦ୍‌ଗତି କାମନା କରୁଅଛୁ। ତୁମ୍ଭର ଅଭାଗା ଶୋକସନ୍ତପ୍ତ ପରିବାର ଏବଂ ବନ୍ଧୁବର୍ଗ। ଧ-୬୫୮୦୭

ଚିକିତ୍ସା ପାଇଁ ...

କଟକର ଏକ ଘରୋଇ ହସ୍ପିଟାଲରେ ଏହି ଚିକିତ୍ସା ମିଳୁଥିବା ନେଇ ସୁଦାମ ଜଗତ୍‌ସିଂହପୁର ଅଞ୍ଚଳର ନୃସିଂହ ଚରଣ ବେହେରା ନାମକ ରୋଗୀଙ୍କଠାରୁ ଜାଣିବାକୁ ପାଇଥିଲେ। ନୃସିଂହ ସମାନ ରୋଗରେ ଆକ୍ରାନ୍ତ ହୋଇ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ଭର୍ତ୍ତି ହୋଇଥିଲେ। ଇଆର୍‌ସିପି ଚିକିତ୍ସା ପାଇଁ ତାଙ୍କୁ ୧୫ ଦିନ କାଳ ଅପେକ୍ଷା କରିବାକୁ ପଡ଼ିଥିଲା। ଶେଷରେ ନିରାଶ ହୋଇ ସେ କଟକର ଏକ ଘରୋଇ ହସ୍ପିଟାଲକୁ ଏହି ଚିକିତ୍ସା ନିମନ୍ତେ ଯାଇଥିଲେ। ସେଠାରେ ଇଆର୍‌ସିପି ଚିକିତ୍ସା ପାଇଁ ତାଙ୍କୁ ୮୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ନିଜ ଘରଡିହ ବନ୍ଧାପକାଇ ଉକ୍ତ ଟଙ୍କାରେ ଚିକିତ୍ସିତ ହୋଇଥିବା ନୃସିଂହ କହିଛନ୍ତି। ନୃସିଂହଙ୍କଠାରୁ ଏକଥା ଶୁଣିବା ପରେ ଏବେ ସୁଦାମ ମଧ୍ୟ ଉକ୍ତ ହସ୍ପିଟାଲ ସହିତ ଯୋଗାଯୋଗ କରିଛନ୍ତି। ସୁଦାମଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ନିଜ ଜମି ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ତାଙ୍କ ଭ୍ରାଇଁ ବେଣୁଧର ପଣ୍ଡା କହିଛନ୍ତି।

ସୂଚନା ଥାଉକି, ସି-ଆର୍ମ ମେଶିନ ମାଧ୍ୟମରେ ରୋଗୀଙ୍କ ପେଟରେ ଥିବା ରୋଗ ଚିହ୍ନଟ କରାଯାଇଥାଏ। ପେଟରେ ପଥର ଜମିଥିଲେ କିମ୍ବା କ୍ୟାନ୍‌ସର ହୋଇଥିଲେ ଏହି ମେଶିନ ମାଧ୍ୟମରେ ଡାକ୍ତର ଚିକିତ୍ସା ଆରମ୍ଭ କରିଥାନ୍ତି। ଏଥିସହ ଜଟିଳ ସ୍ଥିତିରେ ଥିବା ଜଣ୍ଡିସ ଆକ୍ରାନ୍ତଙ୍କ ପେଟରେ ସି-ଆର୍ମ ମେଶିନ ମାଧ୍ୟମରେ ଏକ ପାଇପ ଲଗାଯାଇ ଚିକିତ୍ସା କରାଯାଇଥାଏ। ଏସ୍‌ସିବିରେ ଏହି ଗୁରୁତ୍ୱପୂର୍ଣ୍ଣ ମେଶିନଟି ଅଚଳ ହୋଇପଡ଼ିବା ଦ୍ୱାରା କେବଳ ନୃସିଂହ କି ସୁଦାମ ନୁହନ୍ତି, ବହୁ ରୋଗୀ ମେଡିକାଲରୁ ଫେରୁଥିବା ଜଣାପଡ଼ିଛି। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ଜଣେ ଡାକ୍ତର କୁହନ୍ତି, ମେଶିନଟି ସଜାଡ଼ିବା ନିମନ୍ତେ ୫୦ ହଜାର ଟଙ୍କା ଆବଶ୍ୟକ। ଏ ସମ୍ପର୍କରେ ମେଡିକାଲ ପ୍ରଶାସନକୁ ଅବଗତ କରାଯାଇଛି। ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରାଙ୍କୁ ପଚାରିବାରୁ ଏହା ତାଙ୍କ ନଜରକୁ ଆସି ନ ଥିବା କହିଛନ୍ତି। ସାମାଜିକ କର୍ମୀ ଅଚ୍ୟୁତ ସାହୁ କୁହନ୍ତି, ରାଜ୍ୟ ସରକାର ରାଜ୍ୟର ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେଉଥିବା କହି ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବତା କ'ଣ ସୁଦାମ ଓ ନୃସିଂହଙ୍କ ପରି ରୋଗୀମାନେ ହିଁ ଅନୁଭବ କରୁଛନ୍ତି। ଯେଉଁଠି ଚିକିତ୍ସା ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରାଯାଉଛି ସେଠି ମାତ୍ର ୫୦ହଜାର ଟଙ୍କା ଲାଗି ସି-ଆର୍ମ ମେଶିନ ଅଚଳ ହୋଇପଡିବା ନିଶ୍ଚିତ ଆଶ୍ଚର୍ଯ୍ୟର ବିଷୟ। ଏହା ପଛରେ ଏସ୍‌ସିବି ଡାକ୍ତରମାନଙ୍କ ପ୍ରଚ୍ଛନ୍ନ ହାତ ଥିବା ସାହୁ ଅଭିଯୋଗ କରିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ ଆଜିର ଗ୍ରହଚକ୍ରର ଉତ୍ତରାର୍ଦ୍ଧରେ ଆଠୋଟି ଗ୍ରହ ଅବସ୍ଥାନ କରି ଆପଣଙ୍କ ପାଇଁ ଶୁଭଫଳ ଅପରାହ୍ନରେ ପ୍ରଦାନ କରିବେ। ବୁଧ ନିଜ ଭାବରୁ ଷଷ୍ଠସ୍ଥ ହେତୁ ନିକଟ ସମ୍ପର୍କୀୟମାନଙ୍କ ଅନାଦର ଭାବ ମନକୁ ବ୍ୟଥିତ କରିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କଠିନ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

ବୃଷ ସାଧାରଣ କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ଆଶଙ୍କା ରହିଛି।

ମିଥୁନ କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇପାରିବ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଫଳରେ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହୋଇପାରନ୍ତି।

କର୍କଟ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ଅଫିସ୍‌ରେ ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡିବ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

ସିଂହ ପାରିବାରିକ ସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ, ଯାହାକି କାର୍ଯ୍ୟର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବ। ତଥାପି ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇପାରନ୍ତି। କ୍ରୀଡା, ଚଳଚ୍ଚିତ୍ର, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

କନ୍ୟା ପରିବାର ସହମତି ବିନା ବନ୍ଧୁଙ୍କ ପରାମର୍ଶରେ କୌଣସି କାମ କରିବା ଲାଗି ମନ ବଳାଇପାରନ୍ତି। କିନ୍ତୁ କୌଣସି ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କଲେ ହଇରାଣ ହେବାକୁ ପଡିପାରେ। ମାଲିମକଦ୍ଦମା, ତର୍କ ବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବାର ସୂଚନା ରହିଛି।

ତୁଳା ବନ୍ଧୁଙ୍କ ସହ ଆଲୋଚନା ପ୍ରସଙ୍ଗରେ ବିଭିନ୍ନ ପ୍ରକାର କଥା କହିବା କାରଣରୁ ବିବାଦ ବଢ଼ିପାରେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବ୍ୟଥିତ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

ବିଛା ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ। ରାଜନୀତି, ପ୍ରଶାସନ, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

ଧନୁ କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାଖପଡ଼ୋଶୀ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଦୋଷଯୁକ୍ତ ମନ୍ତବ୍ୟ ଦେବେ। ଦିନଟିରେ ଯାନ ବାହନରେ ସତର୍କତା ରକ୍ଷା କରନ୍ତୁ। ବାକି ଥିବା ଟଙ୍କା ପାଇବାରେ ଆଜି କୌଣସି ପ୍ରକାର ଅସୁବିଧା ହେବନାହିଁ।

ମକର ମାନସିକ ଅଶାନ୍ତି ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ଶାନ୍ତି ଫେରି ଆସିବ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

କୁମ୍ଭ ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ।

ମୀନ ଆଜି ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ମାଘ କୃଷ୍ଣପକ୍ଷର ଷଟ୍‌ତିଳା ଏକାଦଶୀ ଗୁରୁବାର, ଓଳାଶୁଣୀ ଯାତ୍ରା, ଜାନୁୟାରୀ ୩୧ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୨୬ମି. ଗତେ ଘ୭।୫୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୫୬ମି. ଗତେ ଘ୧।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୩ମି. ଗତେ ଘ୨।୪୭ମି. ମଧ୍ୟେ ରାହୁକାଳ।

ଚାଇନାର ଚାଙ୍ଗଚୁନ୍ ସହରରେ ବୁଧବାର ଏକ ଆପାର୍ଟମେଣ୍ଟରେ ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ୩ ଜଣ ଆହତ ହୋଇଛନ୍ତି। ଗ୍ୟାସ୍ ବ୍ୟବହାରରେ ଅସାବଧାନତା ଯୋଗୁ ଏଭଳି ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ବାରିପଦାରେ ହେବ ରିଂରୋଡ୍

ବାରିପଦା ଅଫିସ,୩୦।୧

ବାରିପଦା ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୪ଟି ବଡ଼ ଘୋଷଣା କରିଛନ୍ତି। ସେଥିମଧ୍ୟରେ ରହିଛି ରିଂରୋଡ୍। ବନ୍ୟାରୁ ରକ୍ଷାକରିବା ପାଇଁ ବାରିପଦା ସହରର ଚତୁଃପାର୍ଶ୍ୱରେ ନିର୍ମାଣ ହେବ ଉକ୍ତ ରିଂରୋଡ୍। ସେହିପରି ବିଶ୍ୱ ଦରବାରରେ ମୟୂରଭଞ୍ଜ ଜିଲାକୁ ପରିଚୟ ଦେଇଛି ଛଉନୃତ୍ୟ। ଏହାର ବିକାଶ ପାଇଁ ବାରିପଦାଠାରେ ପ୍ରତିଷ୍ଠା ହେବ ଛଉନୃତ୍ୟ ଗବେଷଣା ପ୍ରତିଷ୍ଠାନ। ଅନ୍ୟ ଦୁଇ ଘୋଷଣା ହେଲା ବାରିପଦାସ୍ଥିତ ଅର୍ବାନ୍ କୋଅପରେଟିଭ ବ୍ୟାଙ୍କର ପୁନରୁଦ୍ଧାର ଏବଂ ମୟୂରଭଞ୍ଜ ଆୟୁର୍ବେଦିକ କଲେଜକୁ ସରକାରୀ କଲେଜ ଭାବେ ପରିଣତ କରିବା। ଅର୍ବାନ୍ କୋଅପରେଟିଭ ବ୍ୟାଙ୍କ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଏହାର ବ୍ୟାଙ୍କିଂ ଲାଇସେନ୍ସ ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ।

ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରୁଛନ୍ତି।

ବାରିପଦା ଛଉ ପଡିଆରେ ଆୟୋଜିତ ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ଏଭଳି ଘୋଷଣା କରିବା ସହ ୧୫୦ କୋଟି ଟଙ୍କାର ଜିଲାର ୧୧ଟି ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସେଥିମଧ୍ୟରେ ୪ଟି ହାଇଲେଭଲ ସେତୁ, ୨ଟି ଛାତ୍ରୀନିବାସ, ୩ଟି ପାଇପ ଜଳଯୋଗାଣ ପ୍ରକଳ୍ପ, ମାତୃ ଓ ଶିଶୁ ଚିକିତ୍ସାକେନ୍ଦ୍ର ଏବଂ ଜିଲା ପଞ୍ଚାୟତ ସମ୍ବଳ କାର୍ଯ୍ୟାଳୟ ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ୬ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିସହ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ

୧୫୦ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

ଏବଂ ମହାସଂଘଗୁଡିକୁ ମୋଟ ୪୯ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ସେଥିମଧ୍ୟରେ ୨୦ ହଜାର ୨୯୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏ ସିଡ୍ ମନି ସହାୟତା ଦିଆଯାଇଥିଲା। ସେହିପରି ୨୬ଟି ବ୍ଲକସ୍ତରୀୟ ମହାସଂଘକୁ ମୁଖ୍ୟମନ୍ତ୍ରୀ ୨୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଡିଜିଟାଲ ସଶକ୍ତୀକରଣ ନିମନ୍ତେ ୩୯,୪୧୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଇଥିଲା। ମିଶନ ଶକ୍ତି ନିର୍ଦ୍ଦେଶିକା ତଥା କମିଶନର ସୁଜାତା କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇ ମିଶନ ଶକ୍ତିର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କୁ ଚିଟ୍‌ଫଣ୍ଡ ଭୂତ ଘାରିଛି: ଲେଖାଶ୍ରୀ

ଭୁବନେଶ୍ୱର, ୩୦।୧ (ବ୍ୟୁରୋ)

ବାରିପଦା ଛଉ ପଡିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନିଃସହାୟତା ବୁଧବାର ସାଢେ ୪କୋଟି ଓଡିଆ ଦେଖିଛନ୍ତି ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ଚିଟ୍‌ଫଣ୍ଡର ଭୂତ ଘାରିଛି । ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା ସରକାରୀ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହେଲେନାହିଁ । କାଳେ ଚିଟ୍‌ଫଣ୍ଡର କାଳିମା ଦେହରେ ଲାଗିବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସଭାରୁ ତାଙ୍କୁ ଦୂରରେ ରଖାଗଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ବାରିପଦା ଆସିଥିଲେ । ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ମୟୂରଭଞ୍ଜ ଏମ୍‌ପି ପ୍ରଧାନମନ୍ତ୍ରୀଙ୍କ ସହ ମଞ୍ଚରେ ବସିଥିଲେ । ଜଣେ ଦୁର୍ନୀତିଗ୍ରସ୍ତଙ୍କୁ ଦୂରରେ ରଖିବା ଚିନ୍ତା ନା ଓଡିଶା ସରକାରଙ୍କ ପୃଷ୍ଠପୋଷକତାରେ ଲୋକଙ୍କ କଷ୍ଟ ଅର୍ଜିତ ଅର୍ଥକୁ ଲୁଟ କରିଥିବା ହାଁସଦାଙ୍କୁ ପାଖରେ ବସାଇଲେ କାଳେ ଜନବିରୋଧର ଶିକାର ହେବେ ସେଥିପାଇଁ ସାମ୍ବିଧାନିକ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରିବାକୁ ଯୋଜନା କରାଯାଇଥିଲା। ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ମହିଳାମାନଙ୍କୁ ପଇସା ବାଣ୍ଟିବାକୁ ଯାଉଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।

ଜଗିଙ୍କୁ ସ୍ୱାଧିକାର କମିଟିକୁ ଡକାଇବାକୁ ବିରୋଧ

ବିଧାନସଭା ସ୍ୱାଧିକାର କମିଟିରୁ ଇସ୍ତଫା ଦେଲେ କନକ ବର୍ଦ୍ଧନ ସିଂଦେଓ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ବିଧାନସଭା ଖବର ପ୍ରସାରଣକୁ ନେଇ ବିଧାନସଭା ସ୍ୱାଧିକାର କମିଟି ଓଟିଭି ନିର୍ଦ୍ଦେଶିକା ଜଗି ମଙ୍ଗତ ପଣ୍ଡାଙ୍କୁ ସମନ କରିଥିଲା। ଜଗି ଜାନୁୟାରୀ ୨୮ ତାରିଖରେ କମିଟି ନିକଟରେ ବ୍ୟକ୍ତିଗତ ହାଜର ହୋଇ ପକ୍ଷ ରଖିଥିଲେ। ଏହାକୁ ବିରୋଧ କରି ସ୍ୱାଧିକାର କମିଟିର ସଦସ୍ୟ ତଥା ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ କମିଟିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ବୁଧବାର ବିଧାନସଭା ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କୁ ପ୍ରଦାନ କରିଛନ୍ତି। କେ.ଭି ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓଟିଭି ଦ୍ୱାରା ପ୍ରସାରଣ କରାଯାଇଥିବା ଏକ ଖବରକୁ ନେଇ ୨୦୧୮ ନଭେମ୍ବର ୨୦ ତାରିଖରେ ବିଧାନସଭାରେ ଏକ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ଏହାକୁ ବିରୋଧ କରି ବାଚସ୍ପତିଙ୍କ ଦ୍ୱାରା ୨୦୧୮-୧୯ ପାଇଁ ଗଠନ କରାଯାଇଥିବା ସ୍ୱାଧିକାର କମିଟିର ସଦସ୍ୟ ପଦବୀରୁ ଇସ୍ତଫା ଦେଉଥିବା ଉଲ୍ଲେଖ କରିଛନ୍ତି। ଓଟିଭି ଖବର ପ୍ରସାରଣ କରି ବିଧାନସଭାର ମର୍ଯ୍ୟାଦାହାନି କରିଥିବା ବାହିନୀପତି ଦର୍ଶାଇଥିଲେ। ତେବେ ଏଥିରେ ସେ ଉକ୍ତ ଚ୍ୟାନେଲର ପରିଚାଳନା ନିର୍ଦ୍ଦେଶିକାଙ୍କୁ କମିଟି ସମ୍ମୁଖରେ ହାଜର କରାଇବାକୁ ଉଲ୍ଲେଖ କରି ନ ଥିଲେ। ଗଣମାଧ୍ୟମ ମାଲିକଙ୍କୁ ଡକାଇବାର ବ୍ୟବସ୍ଥା ନାହିଁ। ସ୍ୱାଧିକାର କମିଟିକୁ ସମ୍ପାଦକ କିମ୍ବା ଖବରଦାତାଙ୍କୁ ଡକାଯାଇ ଥାଏ। ସେହିପରି ଚ୍ୟାନେଲର ସମ୍ପାଦକ କିମ୍ବା ରିପୋର୍ଟରଙ୍କୁ ଡକାଯାଇ ପାରିଥାଆନ୍ତା। ଏହା ନ କରି ଉକ୍ତ ଚ୍ୟାନେଲର ନିର୍ଦ୍ଦେଶିକାଙ୍କୁ ଡକାଯାଇଛି। ଜଗି ଓଡ଼ିଶାର ଜଣେ ଖ୍ୟାତନାମା ମହିଳା ଉଦ୍ୟୋଗୀ। ତାଙ୍କୁ ସର୍ବସାଧାରଣରେ ଅପମାନିତ କରାଯାଇଛି। ମହିଳା ବିରୋଧୀ ଏବଂ ରାଜନୈତିକ ବିଦ୍ୱେଷ ଭାବ ରଖି ଏଭଳି କରାଯାଇଛି ବୋଲି କେ.ଭି ବାଚସ୍ପତିଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଉକ୍ତ କାରଣ ଦର୍ଶାଇବା ସହ କମିଟିର ସଦସ୍ୟ ହୋଇଥିଲେ ମଧ୍ୟ ତାଙ୍କ ପ୍ରତି ଅନ୍ୟାୟ କରାଯିବା ସହ ଏହା ସ୍ୱାଧୀନ ଭାବେ କାର୍ଯ୍ୟ କରୁ ନାହିଁ ଅଭିଯୋଗ ଆଣି ଇସ୍ତଫା ଦେଇଥିବା କେ.ଭି ଉଲ୍ଲେଖ କରିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ କମିଟିରେ ହାଜର ହୋଇ ଫେରିବା ପରେ ଜାଣିଶୁଣି ତାଙ୍କୁ ତାଙ୍କ ଟିଭି ଚ୍ୟାନେଲକୁ ହଇରାଣ ଓ ବଦନାମ କରିବାକୁ ଉଦ୍ୟମ କରାଯାଉଥିବା ଜଗି ଅଭିଯୋଗ କରିଥିଲେ। ତାରା ମଧ କମିଟିକୁ ଡକାଯିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ କହିଥିଲେ ଯେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବକୁ ଉଠେଇ ନେବାକୁ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହା ସତ୍ତ୍ୱେ ପୁଣି ଡକାଯିବାକୁ ନେଇ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଉପକ୍ରମ)

ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ୨୫୪୫୧୭୦, ୨୫୪୨୭୧୧, ଇ-ମେଲ: 0815ro@iobnet.co.in & 0815law@iob.in

ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି
(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୮(୬) ଓ ୯(୧) ଅନୁଯାୟୀ)

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଓ ୯(୧)ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି)

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟକୁ ଅସୁଲ କରିବା ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ସୁରକ୍ଷିତ ଋଣଦାତା) ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଗଠନମୂଳକ ଦଖଲ ନେଇ **"ଯାହାବି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି । ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା, ସମ୍ପତ୍ତି ବିବରଣୀ ଏବଂ ଅନ୍ୟାନ୍ୟ ବିବରଣୀ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

କ୍ର. ନଂ	ଶାଖାର ନାମ/ ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା	ସମ୍ପତ୍ତିର ବିବରଣୀ
୧.	**ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ପେଟ୍ ଇଣ୍ଡଷ୍ଟ୍ରିଜ୍, ସତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ୍ ପରିଡା, ପିତା-କ୍ଷେତ୍ରମୋହନ ପରିଡା, ସା:ଏସ୍-୩/୫, ନିଉ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଜଗତପୁର, କଟକ-୭୫୪୦୨୧, ବାସସ୍ଥାନ ଠିକଣା: ସା-ଗୋପାଳ ସାହି, ମଙ୍ଗଳାବାଗ, ଜିଲ୍ଲା-କଟକ, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତି, ପିତା-ଚନ୍ଦ୍ରମଣୀ ମହାନ୍ତି, ସା-ଗୋପାଳ ଜିଉ ଲେନ୍, ମଠ ସାହି, ତେଲେଙ୍ଗା ବଜାର, ଜିଲ୍ଲା: କଟକ-୭୫୩୦୦୯ ।	ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ଯାହା ପ୍ଲଟ ନଂ.୧୧୨୪, ଖାତା ନଂ.୮୭୦/୭, ମୌଜା-କଟକ ସହର, ୟୁନିଟ୍-୧୪, ଏରିଆ-୦.୦୨୭ ଡିସିମିଲି, ଗୃହ ଏରିଆ-୯୨୫ ବର୍ଗଫୁଟ, ଘର ନଂ.-୩୮୯, ଗୋପାଳ ଜିଉ ଲେନ୍, ମଠ ସାହି, ଜିଲ୍ଲା-କଟକ, ଓଡିଶାରେ ଅବସ୍ଥିତ। ଚଉହଦି: ଉତ୍ତର-ରତ୍ନାକର ଘଡେଇ, ପୂର୍ବ-ରାସ୍ତା, ପଶ୍ଚିମ-ବଂଶୀଧର ସ୍ୱାଇଁ, ଦକ୍ଷିଣ-ରମେଶ ଚନ୍ଦ୍ର ମହାନ୍ତି ।
୨.	**ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ଋଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜି ଏଜେନ୍ସିସ୍, ସତ୍ତ୍ୱାଧିକାରୀ:ଶ୍ରୀମତୀ ସୁଧା ତିବ୍ରେୱାଲ, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ମନୋଜ କୁମାର ତିବ୍ରେୱାଲ, ପ୍ଲଟ ନଂ.: ୧୦୯୬, ରାଜେନ୍ଦ୍ର ନଗର, ପୋ-ମଧୁପାଟଣା, କଟକ-୭୫୩୦୧୦, ବାସସ୍ଥାନ ଠିକଣା: ପ୍ଲଟ ନଂ.୧୨୨୮, ମହାନଦୀ ବିହାର, କଟକ-୭୫୩୦୦୪ ।	ଶ୍ରୀ ମନୋଜ କୁମାର ତିବ୍ରେୱାଲଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହା ଫ୍ଲାଟ ନଂ.୧୮୩ ଏବଂ ୧୮୪, ୩ୟ ମହଲା, ସ୍ୱସ୍ତିୟମ କମ୍ପ୍ଲେକ୍ସ, ଅନୁରୂପ ରେଭିନ୍ୟୁ ପ୍ଲଟ ନଂ.-୨୮୨, ଖାତା ନଂ.-୪୧, ମୌଜା-ଫଇଜ୍ ନଗର, ଥାନା-ମଙ୍ଗଳାବାଗ, ତହସିଲି-କଟକ ସଦର, ଏରିଆ-୨୦୦୦ ବର୍ଗଫୁଟ, ଜିଲ୍ଲା-କଟକରେ ଅବସ୍ଥିତ। ଚଉହଦି: ଉତ୍ତର-ଜୟ ନଟିଆ, ପୂର୍ବ-ଭେଣ୍ଡର, ପଶ୍ଚିମ-ବକ୍ସିବାଟି ରୋଡ, ଦକ୍ଷିଣ-ରାସ୍ତା।
୩.	**ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୨୭୦, ମୋ-୯୯୬୭୯୧୩୯୨୫** ଋଣଗ୍ରହୀତା: ମେସର୍ସ ସାର୍କ ଫାର୍ମାସ୍ୟୁଟିକାଲ୍ସ, ସତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ପାତ୍ର, ପିତା-ନନ୍ଦ କିଶୋର ପାତ୍ର, ସା-ସାଇଲୋ ଝାରପଡା, ଝାରପଡା, କଟକ-୭୫୪୦୦୩, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଚିତ୍ତରଞ୍ଜନ ସିଂହ, ସା-ମହିଦାସ ବଜାର, ଚାନ୍ଦିନୀ ଚୌକ, ଜିଲ୍ଲା-କଟକ, ଓଡିଶା-୭୫୩୦୦୨ ।	ଶ୍ରୀ ଚିତ୍ତରଞ୍ଜନ ସିଂହଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହା ମୌଜା ନଂ.-୫, କଟକ ସହର ୟୁନିଟ୍ ନଂ.-୩୭, ବାଦାମବାଡ଼ି, ଥାନା-ମଧୁପାଟଣା, ଜିଲ୍ଲା-କଟକ, ଖାତା ନଂ.-୧୬୦, ପ୍ଲଟ ନଂ.-୩୧୯/୭୯୬, ହାଲ/ସାବକ ଖାତା ନଂ.-୩୯୧, ପ୍ଲଟ ନଂ.-୧୨୦୭, ୧୨୦୮, ଏରିଆ- ଏକର ୦.୦୫୧ ଡିସିମିଲିରେ ଅବସ୍ଥିତ । ଚଉହଦି: ଉତ୍ତର- ପ୍ଲଟ ନଂ.୩୨୦, ପୂର୍ବ-ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୯୧, ଦକ୍ଷିଣ-୭୯୭ (କ୍ରିମେସନ୍ ପଡିଆ) ।
୪.	**ଲୁଇସ୍ ରୋଡ ଶାଖା, ଫୋନ୍: ୦୬୭୪-୨୪୩୨୧୪୯, ମୋ-୯୯୩୮୪୬୧୮୪୦** ଋଣଗ୍ରହୀତା: ମେସର୍ସ ସ୍ୱାତୀ ବଟିକ୍, ଶ୍ରୀମତୀ ସ୍ୱାଗତୀକା ରାଉତ (ପରିଚାଳନା ପାର୍ଟନର), ଶ୍ରୀମତୀ ସମ୍ପତ୍ତିକା ରୟ (ପାର୍ଟନର), ଠିକଣା-୧: କଳିଙ୍ଗ ମାର୍କେଟ, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା-ଖୋର୍ଦ୍ଧା, ଓଡିଶା, ଠିକଣା-୨: ସମ୍ ହସ୍ପିଟାଲ୍ ସମ୍ମୁଖ, ସା-ସାମପୁର, ବ୍ୟାଙ୍କ ଅଫ୍ ବରୋଦା ଉପର, ପ୍ରଥମ ମହଲା, ଭୁବନେଶ୍ୱର-୭୫୧୦୦୩, ବାସସ୍ଥାନ ଠିକଣା: ପ୍ଲଟ ନଂ.୨୨୯୯(ପି), ମୌଜା-ଗାଡକଣ, ପୋ/ଥାନା-ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡିଶା, ଜାମିନ୍‌ଦାର:ଶ୍ରୀ ରଞ୍ଜନ କୁମାର ରାଉତ, ପ୍ଲଟ ନଂ.୨୨୯୯(ପି), ମୌଜା-ଗାଡକଣ, ପୋ/ଥାନା-ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡିଶା	ଶ୍ରୀମତୀ ସମ୍ପତ୍ତିକା ରୟଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହା ମୌଜା -ଗାଡକଣ, ଥାନା-ମଞ୍ଚେଶ୍ୱର, ପୋ-ମଞ୍ଚେଶ୍ୱର, ଖାତା ନଂ.-୫୭୦, ପ୍ଲଟ ନଂ.-୨୨୯୯(ପି), ଏରିଆ-ଏକର୦.୦୩୦ ଡିସିମିଲି, ଜିଲ୍ଲା-ଖୋର୍ଦ୍ଧା, ଓଡିଶାରେ ଅବସ୍ଥିତ। ଚଉହଦି: ଉତ୍ତର-ନେତ୍ରାନନ୍ଦ ବେହେରା, ପୂର୍ବ- ବଂଶୀଧର ବେହେରା, ପଶ୍ଚିମ-ସରକାରୀ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୨୨୯୯(ପି)।
୫.	**ହରିପୁର ରୋଡ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀମତୀ ସ୍ନେହଲତା ବେହେରା, ଋଣଗ୍ରହୀତା ଓ ଜାମିନ୍‌ଦାର: ଶ୍ରୀ ତପନ କୁମାର ବେହେରା, ଉଭୟଙ୍କ ଠିକଣା: ସା/ପୋ-ମଙ୍ଗଳାବାଗ, ଦୁର୍ଗା ମନ୍ଦିର ନିକଟ, ଜିଲ୍ଲା-କଟକ, ଓଡିଶା-୭୫୩୦୦୧ ।	ଶ୍ରୀମତୀ ସ୍ନେହଲତା ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୧୧-୨ଇ/୭୨୯, ଖାତା ନଂ.-୩୭୦/୫୬୮, ମୌଜା/ଥାନା-ମର୍କତ ନଗର, ଏରିଆ-୧୦୮୦ ବର୍ଗଫୁଟ, ଜିଲ୍ଲା-କଟକ, ଓଡିଶାରେ ଅବସ୍ଥିତ । ଚଉହଦି: ଉତ୍ତର-୦୬ ମିଟର ଚଉଡା ରାସ୍ତା, ପୂର୍ବ-୦୯ ମିଟର ଚଉଡା ରାସ୍ତା, ପଶ୍ଚିମ-ପ୍ଲଟ ନଂ.୨ଇ/୭୨୮, ଦକ୍ଷିଣ-ପ୍ଲଟ ନଂ.୨ଇ/୭୩୦ ।
୬.	**ଗୋରୁଆଳ ଶାଖା, ଫୋନ୍: ୦୬୭୫୨-୨୧୧୧୪୨, ମୋ-୯୪୩୭୫୨୧୬୦୬** ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା: ମେସର୍ସ ରଘୁନାଥ କାଜ୍ୟୁ ପ୍ରୋସେସିଂ, ସତ୍ତ୍ୱାଧିକାରୀ: ଶ୍ରୀ ରଘୁନାଥ ମିଶ୍ର, ସା/ପୋ-ଗୋରୁଆଳ, ଜିଲ୍ଲା-ପୁରୀ, ଓଡିଶା, ପିନ୍-୭୫୨୦୦୨ ।	ଶ୍ରୀ ରଘୁନାଥ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହା ପ୍ଲଟ ନଂ.୨୯୫, ଖାତା ନଂ.୧୮୫/୧୭, ମୌଜା-ଆରେଡା, ଥାନା/ତହସିଲି- ବ୍ରହ୍ମଗିରି, ଏରିଆ-ଏକର୦.୩୪ ଡିସିମିଲି, ଜିଲ୍ଲା-ପୁରୀ, ଓଡିଶାରେ ଅବସ୍ଥିତ । ଚଉହଦି: ଉତ୍ତର- ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଜମି, ପୂର୍ବ-ଗ୍ରାମ ରାସ୍ତା, ପଶ୍ଚିମ- ପଞ୍ଚୁ ରାଉତଙ୍କ ଜମି, ଦକ୍ଷିଣ-ଭାଗିରଥୀ ସ୍ୱାଇଁଙ୍କ ଜମି।
୭.	**ହରିପୁର ରୋଡ୍ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଷ୍ଟାଇଲୋ ଡ୍ରେସେସ୍, ଦୋକାନ ନଂ.-୩୪, ଆଲି ମାର୍କେଟ କମ୍ପ୍ଲେକ୍ସ, ସତ୍ତ୍ୱାଧିକାରୀ - ଶ୍ରୀ ସୁରେନ୍ଦ୍ର ସେନ୍, ପିତା-କୈଳାସ ସେନ୍, ଜାମିନ୍‌ଦାର: ଶ୍ରୀମତୀ ବାସନ୍ତୀ ସେନ୍, ଉଭୟଙ୍କ ବାସସ୍ଥାନ ଠିକଣା: ପ୍ଲଟ ନଂ.-୩୫୬/୩୭୪୬ ଏବଂ ୩୫୬/୩୪୦୪, ପୁରୁଣା ରାଉସପାଟଣା, ପୋ-ବକ୍ସିବଜାର, ଥାନା-ପୁରୀଘାଟ, ଜିଲ୍ଲା-କଟକ, ଓଡିଶା ।	ଶ୍ରୀ ସୁରେନ୍ଦ୍ର ସେନ୍ ଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ପ୍ଲଟ ନଂ.-୩୫୬/୩୭୪୬ ଏବଂ ୩୫୬/୩୪୦୪, ଖାତା ନଂ.-୧୨୦୫/୮୮୩ ଏବଂ ୧୨୦୫/୫୩୪, ମୌଜା-ସାମନ୍ତ ସାହି, (ୟୁନିଟ୍-୨୩), ଥାନା-ପୁରୀଘାଟ, ତହସିଲି-କଟକ ସଦର, ଜିଲ୍ଲା-କଟକ, ଓଡିଶା, ପ୍ଲଟ ନଂ. ୩୫୬/୩୭୪୬ ର ଏରିଆ-ଏକର ୦.୦୦୭.୫ ଡିସିମିଲି ଏବଂ ପ୍ଲଟ ନଂ. ୩୫୬/୩୪୦୪ ର ଏରିଆ- ଏକର ୦.୦୧୫ ଡିସିମିଲି, ସମୁଦାୟ ଏରିଆ-ଏକର୦.୦୨୨.୫ ଡିସିମିଲିରେ ଅବସ୍ଥିତ। ଚଉହଦି: ଉତ୍ତର- ରାସ୍ତା, ପୂର୍ବ- ନାଗିନ୍ ସେନ୍, ପଶ୍ଚିମ-ସାଧାରଣ ଗଳି ରାସ୍ତା, ଦକ୍ଷିଣ- ଉପେନ୍ଦ୍ର ସେନ୍ ।
୮.	**କୋଶଳା ଶାଖା, ଫୋନ୍: ୦୬୭୬୧-୨୫୧୬୧୦, ମୋ-୯୭୭୭୬୮୬୬୬୧** ଋଣଗ୍ରହୀତା/ଜାମିନ୍‌ଦାର: ଶ୍ରୀମତୀ ସବିତା ନାଏକ, ସ୍ୱା-ଗୋବିନ୍ଦ ନାଏକ, ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀ ଗୋବିନ୍ଦ ନାଏକ, ପିତା-୰ସର୍ବେଶ୍ୱର ନାଏକ, ସା/ପୋ-କୋଶଳା, ଥାନା-ଛେଣ୍ଡିପଦା, ଜିଲ୍ଲା-ଅନଗୁଳ, ଓଡିଶା-୭୫୯୧୩୦ ।	ଶ୍ରୀ ଗୋବିନ୍ଦ ନାଏକଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-ରାଇଝରଣ, ଥାନା-ଛେଣ୍ଡିପଦା, ଜିଲ୍ଲା-ଅନୁଗୁଳ, ଖାତା ନଂ.-୨୮୫/୬୩୭, ପ୍ଲଟ ନଂ.-୧୮୭୫/୨୮୨୧, ୧୮୭୫/୨୮୪୯, ୧୮୭୫/୨୮୫୬, ୧୮୭୫/୨୮୧୫, ଏରିଆ-ଏକର୦.୧୬୦ ଡିସିମିଲିରେ ଅବସ୍ଥିତ । ଚଉହଦି: ପୂର୍ବ-ରାସ୍ତା, ପଶ୍ଚିମ- ରାସ୍ତା, ଉତ୍ତର- ଖାଲି ଜମି, ଦକ୍ଷିଣ-ଖାଲି ଜମି ।
୯.	**କୋଶଳା ଶାଖା, ଫୋନ୍: ୦୬୭୬୧-୨୫୧୬୧୦, ମୋ-୯୭୭୭୬୮୬୬୬୧** ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା: ମେସର୍ସ ଗୋବିନ୍ଦ ମୋଟର୍ସ, ସତ୍ତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ନାଏକ, ପିତା-୰ସର୍ବେଶ୍ୱର ନାଏକ, ସା/ପୋ-ସିଏମ୍‌ପିଡିଆଇ କ୍ୟାମ୍ପ ନିକଟ, ଲକ୍ଷ୍ମୀ ବଜାର, କୋଶଳା, ଜିଲ୍ଲା-ଅନୁଗୁଳ, ଓଡିଶା-୭୫୯୧୩୦, ଜାମିନ୍‌ଦାର: ଶ୍ରୀ ସୁବାସ ଚନ୍ଦ୍ର ସାହୁ, ସା/ପୋ-ବାହିଆଲି ସାହି, କୋଶଳା, ଜିଲ୍ଲା-ଅନୁଗୁଳ, ଓଡିଶା-୭୫୯୧୩୦ ।	ଶ୍ରୀ ଗୋବିନ୍ଦ ନାଏକଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-ସିମିଳିସାହି, ଥାନା-ଛେଣ୍ଡିପଦା, ଜିଲ୍ଲା-ଅନୁଗୁଳ, ଖାତା ନଂ.-୧୦୦୩/୯୬, ପ୍ଲଟ ନଂ.-୧୬୯/୮୭୨୬, ଏରିଆ-୩୪୪୧.୨୪ ବର୍ଗଫୁଟ ରେ ଅବସ୍ଥିତ । ଚଉହଦି: ପୂର୍ବ-ସିଏମପିଡିଆଇ କ୍ୟାମ୍ପ, ପଶ୍ଚିମ-କୁମୁଦ ଚନ୍ଦ୍ର ସାହୁ, ଉତ୍ତର-ରାସ୍ତା, ଦକ୍ଷିଣ-ଖାଲି ଜମି। **(ଏହି ସମ୍ପତ୍ତି ଉଭୟ ଆକାଉଣ୍ଟ (ଶ୍ରୀମତୀ ସବିତା ନାଏକ ଏବଂ ମେସର୍ସ ଗୋବିନ୍ଦ ମୋଟର୍ସ ରେ ବନ୍ଧକ ଅଛି)** ।
୧୦.	**କୋଶଳା ଶାଖା, ଫୋନ୍: ୦୬୭୬୧-୨୫୧୬୧୦, ମୋ-୯୭୭୭୬୮୬୬୬୧** ଋଣଗ୍ରହୀତା: ଶ୍ରୀ ଧରଣୀଧର ସାହୁ, ପିତା-ବିରଞ୍ଚି ନାରାୟଣ ସାହୁ, ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀ ବିରଞ୍ଚି ନାରାୟଣ ସାହୁ, ସା/ପୋ-ଲକ୍ଷ୍ମୀ ବଜାର, କୋଶଳା, ଜିଲ୍ଲା-ଅନୁଗୁଳ, ଓଡିଶା-୭୫୯୧୩୦, ଜାମିନ୍‌ଦାର: ଶ୍ରୀ ନୀଳକଣ୍ଠ ପ୍ରଧାନ, ପିତା-ପ୍ରକାଶ ପ୍ରଧାନ, ସା/ପୋ-କୋଶଳା, ଜିଲ୍ଲା-ଅନୁଗୁଳ, ଓଡିଶା-୭୫୯୧୩୦ ।	ଶ୍ରୀ ବିରଞ୍ଚି ନାରାୟଣ ସାହୁଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-କୋଶଳା, ଥାନା-ଛେଣ୍ଡିପଦା, ଜିଲ୍ଲା-ଅନୁଗୁଳ, ଖାତା ନଂ.-୯୦୪, ପ୍ଲଟ ନଂ.-୯୦୬୨, ୯୦୬୧, ଏରିଆ-୨୧୫୧.୮୬ ବର୍ଗଫୁଟ ରେ ଅବସ୍ଥିତ । ଚଉହଦି: ପୂର୍ବ-ନିଜ ଜାଗା, ପଶ୍ଚିମ-ରାସ୍ତା, ଉତ୍ତର-ରାସ୍ତା, ଦକ୍ଷିଣ-ନିଜେ।
୧୧.	**କୋଶଳା ଶାଖା, ଫୋନ୍: ୦୬୭୬୧-୨୫୧୬୧୦, ମୋ-୯୭୭୭୬୮୬୬୬୧** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଗୁଣ୍ଡିଚା ପ୍ରଧାନ, ଜାମିନ୍‌ଦାର: ଶ୍ରୀମତୀ ଗୀତାଞ୍ଜଳୀ ସାହୁ, ସା-ଝିଣ୍ଡିପାଳ, ବରପଦା (କୋରଡା), ଜିଲ୍ଲା-ଅନୁଗୁଳ, ଓଡିଶା ।	ଶ୍ରୀ ଗୁଣ୍ଡିଚା ପ୍ରଧାନଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-କୋଶଳା, ଥାନା-ଛେଣ୍ଡିପଦା, ଜିଲ୍ଲା-ଅନୁଗୁଳ, ଖାତା ନଂ.-୨୪୧, ପ୍ଲଟ ନଂ.-୮୩୩୬, ଏରିଆ-୦.୦୫୨୫ ହେକ୍ଟର ରେ ଅବସ୍ଥିତ। ଚଉହଦି: ପୂର୍ବ-ରାସ୍ତା, ପଶ୍ଚିମ-ରାସ୍ତା, ଉତ୍ତର-ସୁଶାନ୍ତ ବେହେରା, ଦକ୍ଷିଣ-ପ୍ରଶନ୍ନ ସାହୁ।
୧୨.	**ନାଲ୍‌କୋ ନଗର ଶାଖା, ଫୋନ୍: ୦୬୭୬୪-୨୨୦୨୬୯, ମୋ-୯୦୭୮୫୪୩୨୫୫** ଋଣଗ୍ରହୀତା/ଜାମିନ୍‌ଦାର: ଶ୍ରୀମତୀ ରଞ୍ଜୁଲତା ବେହେରା, ସ୍ୱା-ସଞ୍ଜୟ କୁମାର ବେହେରା, ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀ ସଞ୍ଜୟ କୁମାର ବେହେରା, ପିତା-ପ୍ରଫୁଲ କୁମାର ବେହେରା, ସା/ପୋ-ବଳରାମ ପ୍ରସାଦ, ନାଲ୍‌କୋ ନଗର, ଜିଲ୍ଲା-ଅନଗୁଳ, ଓଡିଶା ।	ଶ୍ରୀ ସଞ୍ଜୟ କୁମାର ବେହେରାଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-ରଙ୍ଗଥାଳୀ, ପୋ-ଆଖୁଆପାଳ, ଥାନା-ପରଜଙ୍ଗ, ଜିଲ୍ଲା-ଢେଙ୍କାନାଳ, ଖାତା ନଂ.-୧୨୧/୩୧୨, ପ୍ଲଟ ନଂ.-୨୪୬, ଏରିଆ-ଏକର୦.୦୮ ଡିସିମିଲିରେ ଅବସ୍ଥିତ । ଚଉହଦି: ପୂର୍ବ/ ପଶ୍ଚିମ/ଦକ୍ଷିଣ- ଅନ୍ୟମାନଙ୍କ ଖାଲି ଜମି, ଉତ୍ତର- କଚା ରାସ୍ତା ।
୧୩.	**ନନ୍ଦପୁର ଶାଖା, ଫୋନ୍: ୦୬୭୫୬-୨୫୦୨୨୦, ମୋ-୮୪୩୮୫୦୪୨୯୧** ଋଣଗ୍ରହୀତା:ଶ୍ରୀ ଦେବାଶିଷ ମହାପାତ୍ର, ପିତା-ରାମଚନ୍ଦ୍ର ମହାପାତ୍ର, ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀ ରାମଚନ୍ଦ୍ର ମହାପାତ୍ର, ଜାମିନ୍‌ଦାର: ଶ୍ରୀ ଶ୍ରୀକାନ୍ତ ମହାପାତ୍ର ଏବଂ ଝିନା ମହାପାତ୍ର, ସା-ଅଳାଇଡିହ, ପୋ-ବାଲୁଗାଁ, ଜିଲ୍ଲା-ଖୋର୍ଦ୍ଧା, ଓଡିଶା-୭୫୨୦୩୦ ।	ଶ୍ରୀ ରାମଚନ୍ଦ୍ର ମହାପାତ୍ରଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-ଗୋପିକାନ୍ତପୁର, ଥାନା-ବାଣପୁର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.- ୧୩୪, ପ୍ଲଟ ନଂ.-୪୦୫, ଏରିଆ-ଏକର୦.୦୩୨ ଡିସିମିଲି, ପ୍ଲଟ ନଂ.-୪୦୬, ଚକ ନଂ.-୭୬, ଏରିଆ-ଏକର୦.୮୭୯ ଡିସିମିଲିରେ ଅବସ୍ଥିତ। ଚଉହଦି: ପୂର୍ବ-କଣ୍ଠ ମଙ୍ଗରାଜ, ପଶ୍ଚିମ-ନରସିଂହ ପ୍ରଧାନ, ଉତର-ନରସିଂହ ପ୍ରଧାନ, ଦକ୍ଷିଣ- ରାମଚନ୍ଦ୍ର ମହାପାତ୍ର ।
୧୪.	**ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୨୭୦, ମୋ-୯୯୬୭୯୧୩୯୨୫** ଋଣଗ୍ରହୀତା/ବନ୍ଧକଦାତା:ଶ୍ରୀମତୀ ଅନୁସୂୟା ମିଶ୍ର, ସ୍ୱା-ବିବେକାନନ୍ଦ ମିଶ୍ର, ଜାମିନ୍‌ଦାର: ଶ୍ରୀ ବିବେକାନନ୍ଦ ମିଶ୍ର, ସା-ତଳବଣିଆ ଷ୍ଟେସନ ବଜାର, ଜଗତପୁର, କଟକ ମୁନିସିପାଲ କର୍ପୋରେସନ, ଜିଲ୍ଲା-କଟକ, ଓଡିଶା-୭୫୪୦୨୧ ।	ଶ୍ରୀମତୀ ଅନୁସୂୟା ମିଶ୍ରଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-ନିମ୍ପୁର, ଥାନା-ଟାଙ୍ଗୀ, ଥାନା ନଂ.- ୭୧, ତହସିଲି: ଟାଙ୍ଗୀ-ଚୌଦ୍ୱାର, ତହସିଲି ନଂ.-୧୬୭, ଜିଲ୍ଲା-କଟକ, ଖାତା ନଂ.-୭୭୨/୩୦୬୨, ପ୍ଲଟ ନଂ.-୨୨୯୩/୭୫୪୫, ଏରିଆ-ଏକର୦.୦୨୦ ଡିସିମିଲିରେ ଅବସ୍ଥିତ। ଚଉହଦି: ପୂର୍ବ-ରାସ୍ତା, ପଶ୍ଚିମ-ସେହି ବିକ୍ରୟ ପ୍ଲଟର ଅଂଶ, ଉତ୍ତର-ପ୍ଲଟ ନଂ.-୨୨୯୨, ଦକ୍ଷିଣ- ପ୍ଲଟ ନଂ.୨୨୯୪ ।

କ୍ର. ନଂ	ସଂରକ୍ଷିତ ମୂଲ୍ୟ	ଅମାନତ ଜମା	ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ	ଡିମାଣ୍ଡ/ ଦଖଲ ନୋଟିସ୍ ତାରିଖ	ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ	କ୍ଷମତାପ୍ରାପ୍ତଅଧିକାରୀ/ସେବା ପ୍ରଦାନକାରୀଙ୍କ ନିକଟରେ ବିଡ୍ /ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ	ଇ-ନିଲାମ ତାରିଖ/ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରିଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ ।)
୧.	ଟ.୩୦,୯୫,୦୦୦/-	ଟ.୩,୦୯,୫୦୦/-	ଟ.୫୨,୪୬,୧୬୦/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୫.୦୪.୨୦୧୭ / ୦୫.୦୯.୨୦୧୭	୧୩.୦୨.୨୦୧୯ ପର୍ଯ୍ୟନ୍ତ	୧୮.୦୨.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୧୯.୦୨.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୨.	ଟ.୪୨,୫୪,୦୦୦/-	ଟ.୪,୨୫,୪୦୦/-	ଟ.୩୭,୦୧,୬୨୭/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୭.୦୪.୨୦୧୭ / ୧୯.୦୭.୨୦୧୭	୧୩.୦୨.୨୦୧୯ ପର୍ଯ୍ୟନ୍ତ	୧୮.୦୨.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୧୯.୦୨.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୩.	ଟ.୪୫,୯୦,୦୦୦/-	ଟ.୪,୫୯,୦୦୦/-	ଟ.୨୯,୫୧,୨୩୭.୫୬ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୫.୦୭.୨୦୧୭ / ୦୯.୧୦.୨୦୧୭	୧୩.୦୨.୨୦୧୯ ପର୍ଯ୍ୟନ୍ତ	୧୮.୦୨.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୧୯.୦୨.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୪.	ଟ.୫୬,୦୯,୧୦୦/-	ଟ.୫,୬୦,୯୧୦/-	ଟ.୪୦,୨୧,୦୬୪/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୭.୦୪.୨୦୧୭ / ୨୧.୦୯.୨୦୧୭	୧୩.୦୨.୨୦୧୯ ପର୍ଯ୍ୟନ୍ତ	୧୮.୦୨.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୧୯.୦୨.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୫.	ଟ.୩୧,୯୦,୦୦୦/-	ଟ.୩,୧୯,୦୦୦/-	ଟ.୧୮,୦୮,୨୦୭/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୫.୦୭.୨୦୧୭ / ୦୨.୦୨.୨୦୧୮	୧୩.୦୨.୨୦୧୯ ପର୍ଯ୍ୟନ୍ତ	୧୮.୦୨.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୧୯.୦୨.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୬.	ଟ.୧୭,୦୦,୦୦୦/-	ଟ.୧,୭୦,୦୦୦/-	ଟ.୧୭,୯୦,୭୦୨.୩୫ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୫.୦୭.୨୦୧୭ / ୧୧.୧୦.୨୦୧୭	୧୩.୦୨.୨୦୧୯ ପର୍ଯ୍ୟନ୍ତ	୧୮.୦୨.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୧୯.୦୨.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୭.	ଟ.୩୭,୪୫,୦୦୦/-	ଟ.୩,୭୪,୫୦୦/-	ଟ.୨୧,୧୫,୬୯୯/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୫.୦୭.୨୦୧୭ / ୨୦.୧୧.୨୦୧୮	୨୭.୦୨.୨୦୧୯ ପର୍ଯ୍ୟନ୍ତ	୦୪.୦୩.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୦୫.୦୩.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୮.	ଟ.୫,୧୦,୦୦୦/-	ଟ.୫୧,୦୦୦/-	ଟ.୧୪,୩୫,୫୭୩.୭୩ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୨୭.୦୮.୨୦୧୮ / ୧୭.୧୧.୨୦୧୮	୨୭.୦୨.୨୦୧୯ ପର୍ଯ୍ୟନ୍ତ	୦୪.୦୩.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୦୫.୦୩.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୯.	ଟ.୩୬,୮୨,୦୦୦/-	ଟ.୩,୬୮,୨୦୦/-	ଟ.୨୭,୫୯,୪୭୨.୦୨ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୨୭.୦୮.୨୦୧୮ / ୧୭.୧୧.୨୦୧୮	୨୭.୦୨.୨୦୧୯ ପର୍ଯ୍ୟନ୍ତ	୦୪.୦୩.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୦୫.୦୩.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୧୦.	ଟ.୯,୪୯,୦୦୦/-	ଟ.୯୪,୯୦୦/-	ଟ.୨,୫୫,୪୯୫.୭୯ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୨୭.୦୮.୨୦୧୮ / ୧୭.୧୧.୨୦୧୮	୨୭.୦୨.୨୦୧୯ ପର୍ଯ୍ୟନ୍ତ	୦୪.୦୩.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୦୫.୦୩.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୧୧.	ଟ.୧୭,୦୦,୦୦୦/-	ଟ.୧,୭୦,୦୦୦/-	ଟ.୨,୨୩,୨୭୩/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୦୬.୦୯.୨୦୧୮ / ୧୭.୧୧.୨୦୧୮	୨୭.୦୨.୨୦୧୯ ପର୍ଯ୍ୟନ୍ତ	୦୪.୦୩.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୦୫.୦୩.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୧୨.	ଟ.୧୭,୦୦,୦୦୦/-	ଟ.୧,୭୦,୦୦୦/-	ଟ.୧୧,୮୯,୬୩୩/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୦.୦୭.୨୦୧୮ / ୨୦.୧୧.୨୦୧୮	୨୭.୦୨.୨୦୧୯ ପର୍ଯ୍ୟନ୍ତ	୦୪.୦୩.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୦୫.୦୩.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୧୩.	ଟ.୩୪,୮୦,୦୦୦/-	ଟ.୩,୪୮,୦୦୦/-	ଟ.୯,୧୫,୨୮୪.୦୮ +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୦.୦୭.୨୦୧୮ / ୨୦.୧୧.୨୦୧୮	୨୭.୦୨.୨୦୧୯ ପର୍ଯ୍ୟନ୍ତ	୦୪.୦୩.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୦୫.୦୩.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା
୧୪.	ଟ.୯,୫୮,୦୦୦/-	ଟ.୯୫,୮୦୦/-	ଟ.୯,୧୯,୫୨୨/- +ସେବାବଦ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ	୧୨.୦୯.୨୦୧୮ / ୨୦.୧୧.୨୦୧୮	୨୭.୦୨.୨୦୧୯ ପର୍ଯ୍ୟନ୍ତ	୦୪.୦୩.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ	୦୫.୦୩.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା

ନିୟମ ଏବଂ ସର୍ତ୍ତାବଳୀ:

(୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ: **M/s 4 CLOSURE** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ **(୨)** ଇ-ନିଲାମ ବିଡ୍ ଫାର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ ପୋର୍ଟାଲ **https://iob.foreclosureindia.com** ରେ ଉପଲବ୍ଧ । **(୩)**ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜୀକରଣ କରିବା ଦରକାର । ସେମାନଙ୍କୁ ସେବାପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସ୍‌ୱାର୍ଡ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ । **(୪)**ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ୍" ମାଧ୍ୟମରେ ପୋର୍ଟାଲ **https://iob.foreclosureindia.com** କିମ୍ବା ବ୍ୟାଙ୍କର ମେଲ୍ ଆଇଡ଼ି **roplan@bhusco.iobnet.co.in** ରେ ଅମାନତ ରାଶି (**UTR** ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡ଼ି କାର୍ଡ/ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ/ପ୍ୟାନ କାର୍ଡ/ଆଧାର କାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତପ୍ରାପ୍ତ ଅଧୀକାରୀଙ୍କଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରେ ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ । **(୫)**ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକି **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account" ସହୀଦ ନଗର ଶାଖା, ଭୁବନେଶ୍ୱର** ଆକାଉଣ୍ଟ ନଂ. **08730200001058, (IFSC Code- IOBA0000873)** ସପକ୍ଷରେ ପଇଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ । ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ । **(୬)** ଅମାନତ ରାଶି ବିନା ପ୍ରସ୍ତାବଗୁଡ଼ିକ ବାତିଲ କରାଯିବ **(୭)** ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡ଼ାକ ଦ୍ୱାରା ସମ୍ପନ୍ନ ହେବ । ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ । ଇ-ନିଲାମ ବନ୍ଦ ହେବାର ପୂର୍ବ ୫ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ମିନିଟ୍ ବୃଦ୍ଧି ପାଇବ । **(୮)** ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ । କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତି କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ । ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ । ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପଇଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ । **(୯)** ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ପ୍ରଦାନ କରାଯିବ । **(୧୦)** କ୍ରେତା ଜମି ହସ୍ତାନ୍ତରିତ ଫି ଯଥା: ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ । **(୧୧)** କ୍ଷମତାପ୍ରାପ୍ତ ଅଧୀକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି । **(୧୨)** ସମ୍ପତ୍ତିଗୁଡ଼ିକ **"ଯାହାବି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତିରେ ବିକ୍ରୟ କରାଯିବ । ବ୍ୟାଙ୍କ ସମସ୍ତ ଜ୍ଞାତ ଏନକମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱକି ସେ ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ । **(୧୩)** ଉପର ଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧୀକାର ଦିଆଯିବ । ଏହାବ୍ୟତିତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟୀତ୍ୱ ରହିବ ନାହିଁ । **(୧୪)** ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ । **(୧୫)** ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କର ଇ-ମେଲ ଆଇଡ଼ି ମାଧ୍ୟମରେ ଜଣାଇଦିଆଯିବ । **(୧୬)** ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ । କ୍ଷମତାପ୍ରାପ୍ତ ଅଧୀକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ/ଅଧୀକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ । **(୧୭)** ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ ନମ୍ବରରେ ଜମା କରାଯିବ । ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। **(୧୮)** ଇ-ନିଲାମ/ ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସମ୍ପୃକ୍ତ ଶାଖା ପ୍ରବନ୍ଧକ କିମ୍ବା Authorized officer, Sri Lingaraj Gouda, Mob.: 9437141805, 7978370113, **Indian Overseas Bank, Regional Office, Bhubaneswar, Phone No.: 0674-2540032, mail ID- roplan@bhusco.iobnet.co.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ: **M/s 4 Closure, Flat No.102, Amrutha Apartments, Plot No.20, Motinagar, Hyderabad-500018, Ph.: 04023836405, 08142000030/60/61, E-mail : info@foreclosureindia.com, info@bankauctions.in, aditya@bankauctions.in, Contact No.: 08142000030/66 .** **(୧୯)** ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି : **ଟ.୩୦,୦୦୦/-** ରଖାଯାଇଛି । **(୨୦)** ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ କ୍ର.ନଂ.୧ ରୁ ୬ରେ ବର୍ଣ୍ଣିତ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନିମନ୍ତେ **୧୫ ଦିନିଆ** ନୋଟିସ୍ ଅଟେ ଏବଂ ରୁଲ ୮(୬) ଅନୁଯାୟୀ କ୍ର.ନଂ.୭ରୁ ୧୪ରେ ବର୍ଣ୍ଣିତ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନିମନ୍ତେ **୩୦ ଦିନିଆ** ନୋଟିସ୍ ଅଟେ ।

ସ୍ଥାନ-ଭୁବନେଶ୍ୱର
ତାରିଖ- ୩୦.୦୧.୨୦୧୯

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଯେଉଁମାନେ ଶାସନ କ୍ଷମତାର ଅଧିକାରୀ- ସେମାନଙ୍କର ସାମାଜିକ ସ୍ଥିତିର ଉଚ୍ଚତା ଯାହା ହେଉନା କାହିଁକି- ସେମାନଙ୍କୁ ଯଥାର୍ଥ ସତ୍ୟଦ୍ରଷ୍ଟାମାନଙ୍କ ନିକଟରୁ ଅନୁପ୍ରେରଣା ଗ୍ରହଣ କରିବାକୁ ହେବ। ସେହି ସତ୍ୟ ଦ୍ରଷ୍ଟାମାନଙ୍କ ସଂକଳ୍ପ ଏବଂ ଭଗବତ୍ ସଂକଳ୍ପ ଏକ। -ଶ୍ରୀମା

ପିମ୍ପୁଡ଼ିଙ୍କ ବିଶ୍ୱ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଆମର ଭାଗ୍ୟ ଭଲ ଯେ, ଏ ଯାବତ୍ ଆବିଷ୍କୃତ ହୋଇଥିବା ସମସ୍ତ ୧୩,୦୦୦ ପ୍ରଜାତିର ପିମ୍ପୁଡ଼ି ଆକାରରେ କ୍ଷୁଦ୍ର। ଯଦି ବିରାଡ଼ି ଆକୃତିର ବି ହୋଇଥାନ୍ତେ, ତେବେ ସେମାନେ ହିଁ ଏ ପୃଥିବୀରେ ରାଜ୍ କରୁଥାନ୍ତେ। ମଙ୍ଗଳ ପୃଷ୍ଠରେ କେମିତି ପହଞ୍ଚି ହେବ, ତାହାର ବାଟ ସେମାନେ ବାହାର କରିସାରନ୍ତେଣି। ଚନ୍ଦ୍ରପୃଷ୍ଠରେ ବି ବସତି ସ୍ଥାପନ କରିସାରନ୍ତେଣି। ସେମାନେ ଯେକୌଣସି ଗାଣିତିକ ବା ମାଧ୍ୟାକର୍ଷଣଜନିତ ସମସ୍ୟାର ସମାଧାନ କରିବା ସହ ବିନା ଧାତୁରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାରେ ପାରଙ୍ଗମ ହେବାଟା ବି ବିଚିତ୍ର ନୁହଁ, ଯଦି ସେମାନେ ଅତି କମ୍‌ରେ ବିରାଡ଼ି ଆକୃତିର ବି ହୋଇଥାନ୍ତେ। ସେମାନେ ସମୁଦ୍ରରେ ଯାତ୍ରା କରି ଯଥାସମ୍ଭବ ଅନେକ ପ୍ରଜାତିକୁ ଧ୍ୱଂସ କରିସାରନ୍ତେଣି। ସେମାନେ ସବୁବେଳେ ଯୁଦ୍ଧରତ ରହୁଥାନ୍ତେ, କିନ୍ତୁ ସେମାନଙ୍କ ଯୁଦ୍ଧବିଗ୍ରହ ଯୋଗୁ ପ୍ରକୃତି ଓ ପରିବେଶର କିଛି କ୍ଷତି ହେଉ ନ ଥାନ୍ତା କିମ୍ବା ଜଳବାୟୁର ପ୍ରଦୂଷଣ ଘଟୁ ନ ଥାନ୍ତା।

ମୁଁ ପିମ୍ପୁଡ଼ିମାନଙ୍କୁ କ୍ଷୁଦ୍ରାକୃତି ମଣିଷ ବୋଲି ମନେକରେ। ପ୍ରତିଦିନ ମୁଁ ସେମାନଙ୍କ ବିଷୟରେ ନୂଆ ନୂଆ କଥା ଶିଖୁଛି। ମଣିଷଙ୍କ ପରି ପିମ୍ପୁଡ଼ିମାନେ ଖାଦ୍ୟ ଓ ବାସସ୍ଥାନ ପାଇଁ ଲଢ଼େଇ କରନ୍ତି। ସେମାନେ ପରସ୍ପର ଭିତରେ ବା ଦଳ ଦଳ ଭିତରେ ବା ଜାତି ଜାତି ଭିତରେ ମଣିଷ ଜନ୍ମର ବହୁ ପୂର୍ବରୁ ଲଢ଼େଇ କରିଆସୁଛନ୍ତି। କୀଟପତଙ୍ଗଙ୍କ ଜୀବାଶ୍ମ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ପ୍ରାୟ ୯୯ ନିୟୁତ ବର୍ଷ ତଳେ, ଯେତେବେଳେ ଡାଇନୋସର ଏ ପୃଥିବୀରେ ରାଜୁତି କରୁଥିଲେ, ତା' ପୂର୍ବରୁ ପିମ୍ପୁଡ଼ି ଅଛନ୍ତି। ଯୁଦ୍ଧ କରି ମରିଥିବା ପିମ୍ପୁଡ଼ିମାନଙ୍କୁ ପ୍ରାଚୀନ ବର୍ମିଜ ଅମ୍ବର (ଜୀବାଶ୍ମୀକୃତ ଉଦ୍ଭିଦ ରେଜିନ୍)ରେ ସାଇତି ରଖାଯାଇଛି। ମାର୍କ ମୋଫେଟ୍‌ଙ୍କ ପୁସ୍ତକ 'ଆଡ୍‌ଭେଞ୍ଚର୍ସ ଆମଙ୍ଗ୍ ଆଣ୍ଟସ୍'ରେ ସେ କାଲିଫର୍ନିଆରେ ଆର୍ଜେଣ୍ଟାଇନ୍ ପିମ୍ପୁଡ଼ିମାନଙ୍କର ଦୁଇଟି ବିଶାଳ କଲୋନୀ ମଧ୍ୟରେ ଅଞ୍ଚଳଗତ ଅଧିକାରକୁ ନେଇ ଯୁଦ୍ଧ ହେବା କଥା ଲେଖିଛନ୍ତି। ସମ୍ମୁଖ ଯୁଦ୍ଧରେ ପ୍ରତି ମାସରେ ନିୟୁତ ନିୟୁତ ପିମ୍ପୁଡ଼ି ମରନ୍ତି। ଏପରି କି ମଣିଷମାନଙ୍କ ପରି ପିମ୍ପୁଡ଼ିମାନଙ୍କ ଭିତରେ ବିବାଦ ଓ ଯୁଦ୍ଧ ହୁଏ ବୋଲି ବୈଜ୍ଞାନିକ ଚାର୍ଲସ ଡାର୍ୱିନ୍ ଲେଖିଛନ୍ତି।

ମଣିଷ ଓ ପିମ୍ପୁଡ଼ିମାନଙ୍କ ଭିତରେ ଥିବା କିଛି ସାଦୃଶ୍ୟ ଏଠାରେ ଆଲୋଚନା କରୁଛି। ⁕ ଫ୍ଲୋରିଡ଼ା ପିମ୍ପୁଡ଼ି (ଫର୍ମିକା ଆର୍କବୋଲ୍‌ଡି) ନିଜ ବସାକୁ ତାଙ୍କ ଶତ୍ରୁ ଟ୍ରାପ୍ ଜଅ ଆଣ୍ଟଙ୍କ ଖପୁରିରେ ସଜାନ୍ତି। କିନ୍ତୁ ଟ୍ରାପ୍ ଜଅ ପିମ୍ପୁଡ଼ିମାନେ ଆକାରରେ ବଡ଼, ନାହୁଡ଼ ଅଛି ଏବଂ ସେମାନଙ୍କର ମୁହଁ ବିୟର-ଟ୍ରାପ୍ (ମୂଷାଧରା ଯନ୍ତା ବିଶେଷ) ପରି ବନ୍ଦ ହୁଏ। ଶତ୍ରୁ ଆକ୍ରମଣ ବେଳେ ସେମାନେ ବାଟୁଲିଖାଡ଼ାରୁ ବାଟୁଲି ନିକ୍ଷେପ ହେଲା ପରି ଦୂରକୁ କୁଦିପଡ଼ି ନିଜକୁ ରକ୍ଷା କରିପାରନ୍ତି। କିନ୍ତୁ ଆର୍କବୋଲ୍‌ଡି ପରି କ୍ଷୁଦ୍ରକାୟ ପିମ୍ପୁଡ଼ି କିପରି ସେମାନଙ୍କୁ ମାରିପାରନ୍ତି? ଇନ୍‌ସେକ୍ଟିସ୍ ସୋସିଆକ୍ସ ନାମକ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ ଏହି ପିମ୍ପୁଡ଼ିମାନଙ୍କର ମେଶିନ୍ ଗନ୍ ଭଳି ଏକ ଏସିଡ୍ ସ୍ପ୍ରେ କରିବାର ନଳିକା ଅଛି। ଏମାନେ ଶତ୍ରୁ ଉପରକୁ ବିଷାକ୍ତ ଏସିଡ୍ ସ୍ପ୍ରେ କରନ୍ତି। ତା'ପରେ ସେମାନେ ଶତ୍ରୁର ମୁଣ୍ଡ କାଟି ଟ୍ରଫି ଭାବରେ ସାଙ୍ଗରେ ନେଇଯାନ୍ତି। କିନ୍ତୁ ସେମାନେ ପ୍ରଥମେ ଟ୍ରାପ୍‌ଡୋର ପିମ୍ପୁଡ଼ିମାନଙ୍କୁ ସୁହାଇଲା ଭଳି ଏକ ବାସ୍ନା ସ୍ପ୍ରେ କରି ଲୁଚି ରହନ୍ତି ଏବଂ ସୁଯୋଗ ଦେଖି ଆକ୍ରମଣ କରନ୍ତି। ପିମ୍ପୁଡ଼ିମାନଙ୍କର ଆଖି ଥିଲେ ମଧ୍ୟ ସେମାନେ ଶତ୍ରୁ ଓ ମିତ୍ରଙ୍କ ଭିତରେ ପ୍ରଭେଦ ବାରିବା ଏବଂ ଖାଦ୍ୟ ଅନ୍ୱେଷଣରେ ଯାଉଥିବା ସାଥୀ ପିମ୍ପୁଡ଼ିମାନଙ୍କୁ ଅନୁସରଣ କରିବା ଲାଗି ନିଜର ଘ୍ରାଣଶକ୍ତି ଉପରେ ଅଧିକ ନିର୍ଭର କରନ୍ତି।

⁕ ତେବେ ଆର୍କବୋଲ୍‌ଡି ପିମ୍ପୁଡ଼ିମାନଙ୍କର କିଛି ନିଜସ୍ୱ ସମସ୍ୟା ଅଛି। ପଲିଏର୍ଗସ ପିମ୍ପୁଡ଼ିମାନେ ଏଫ୍. ଆର୍କବୋଲ୍‌ଡି ପିମ୍ପୁଡ଼ିମାନଙ୍କର ସମୂହ ବ୍ରେନ୍‌ୱାଶ୍ କରି ସେମାନଙ୍କୁ ଅପହରଣ କରି ନେଇଯାନ୍ତି। ବାସ୍ତବରେ ସେମାନେ ପାଇରେଟ୍/କିଡ୍‌ନାପର ପିମ୍ପୁଡ଼ି ଭାବେ ଜଣାଶୁଣା। ସେମାନଙ୍କ ରାଣୀ ପ୍ରଥମେ ଆର୍କବୋଲ୍‌ଡି ପିମ୍ପୁଡ଼ି କଲୋନିକୁ ଚିହ୍ନଟ କରେ। ତା'ପରେ ସେମାନଙ୍କ କଲୋନି ଭିତରେ ଗୁପ୍ତରେ ପ୍ରବେଶ କରି ତାଙ୍କ ରାଣୀକୁ ମାରି ତା' ରକ୍ତରେ ଗାଧୋଇପଡ଼େ। ସେ ସେଠାରେ ନିଜେ ରାଣୀ ଆସନରେ ବସି ମେଞ୍ଚାଏ ଅଣ୍ଡା ଦିଏ। ସେ ଅଣ୍ଡାରୁ ପଲିଏର୍ଗସ ପିମ୍ପୁଡ଼ିଙ୍କ ଶ୍ରମିକମାନେ ଜନ୍ମ ହୋଇ ଅବଶିଷ୍ଟ ଆର୍କବୋଲ୍‌ଡି ପିମ୍ପୁଡ଼ିଙ୍କୁ କରାୟତ୍ତ କରିନିଅନ୍ତି।

କାମ୍ବୋଡ଼ିଆର ଫୋମ୍ କୁଲେନ୍ ଜାତୀୟ ଉଦ୍ୟାନରେ ବିରାଟ ମିଲିପେଡ୍ (ବହୁପଦ କୀଟ ବିଶେଷ)କୁ ଲୁଇଶ୍ ଲେପ୍ଟୋଜେନିସ୍ ପିମ୍ପୁଡ଼ିମାନେ ଏକ ଚେନ୍ ଆକାରରେ ଦଳବଦ୍ଧ ହୋଇ ଘୋଷାରି ଘୋଷାରି ନେବାର ଗବେଷକମାନେ ଦେଖିଛନ୍ତି। ପ୍ରତ୍ୟେକ ପିମ୍ପୁଡ଼ି ତା' ଆଗରେ ଥିବା ପିମ୍ପୁଡ଼ିର ପିଚାକୁ କାମୁଡ଼ି ଧରିଥାଏ। ପ୍ରଥମ ପିମ୍ପୁଡ଼ିଟି ମିଲିପେଡ୍‌ର ଆଣ୍ଟିନାକୁ ଖୁବ୍ ମୁଜଭୁତ କରି କାମୁଡ଼ି ଧରିଥାଏ। ଏହିପରି ସେମାନେ ମିଲିପେଡ୍‌କୁ ବୋହି ନିଅନ୍ତି। ୱିଭର ପିମ୍ପୁଡ଼ି ଓ ଆର୍ମି ପିମ୍ପୁଡ଼ି ମଧ୍ୟ ବସା ତିଆରି କରିବା ଓ ନାଳ ଆଦି ପାରି ହୋଇ ଯିବା ପାଇଁ ଏହିପରି ଚେନ୍ ତିଆରି କରନ୍ତି। କିନ୍ତୁ ଲେପ୍ଟୋଜେନିସ୍ ପିମ୍ପୁଡ଼ି ଶିକାରକୁ ବୋହି ନେବା ପାଇଁ ଚେନ୍ ତିଆରି କରିବାରେ ପ୍ରଥମ ପିମ୍ପୁଡ଼ି ଭାବେ ଜଣାଯାଇଛି। କେତେକ ପିମ୍ପୁଡ଼ି ରାସ୍ତା ସଫା କରିବା ପାଇଁ ଆଗେ ଆଗେ ଚାଲନ୍ତି।

⁕ ବଡ଼ମୁଣ୍ଡିଆ ପିମ୍ପୁଡ଼ି (ଫିଡୋଲ ମେଗାସେଫାଲା)ଙ୍କ କଲୋନିରେ ସୈନିକ ପିମ୍ପୁଡ଼ି ଥାନ୍ତି। ଗଣ୍ଡି ତୁଳନାରେ ସେମାନଙ୍କ ମୁଣ୍ଡ ଓ ମାଢ଼ି ବହୁତ ବଡ଼। ଶତ୍ରୁକୁ ଆକ୍ରମଣ କରିବା ଓ ଶିକାରକୁ କାଟି ଖାଇବାରେ ସେମାନେ ଏହାକୁ ବ୍ୟବହାର କରନ୍ତି। ଲିନିଆନ୍ ସୋସାଇଟିର ବାୟୋଲୋଜିକାଲ ଜର୍ନାଲ ଅନୁସାରେ, ବଡ଼ମୁଣ୍ଡିଆ ପିମ୍ପୁଡ଼ି ସୈନିକମାନେ ସେମାନଙ୍କୁ ପ୍ରତିଆକ୍ରମଣ କରିବାର କୌଶଳ ଜାଣିଥିବା ଅନ୍ୟ ପିମ୍ପୁଡ଼ିଙ୍କ ସଂସ୍ପର୍ଶରେ ଆସିଲେ ନିଜ ଦେହକୁ ଆହୁରି ବଡ଼ାଇ ଦେଇପାରନ୍ତି। ବଡ଼ମୁଣ୍ଡିଆ ପିମ୍ପୁଡ଼ିମାନେ ହେଉଛନ୍ତି ବିଶ୍ୱ ପର୍ଯ୍ୟଟକ। ସେମାନେ ବିଭିନ୍ନ ସ୍ଥାନକୁ ଯାତ୍ରା କରନ୍ତି। ଗୋଟିଏ ଉଷ୍ମ ପରିବେଶରେ ସେମାନେ ପଦାର୍ପଣ କଲା ମାତ୍ରେ ସେ ସ୍ଥାନରେ ପୂର୍ବରୁ ରହୁଥିବା ଅନ୍ୟ ପିମ୍ପୁଡ଼ି, ବୁଢ଼ିଆଣୀ, ଗୋବର ପୋକ ଓ ଅନ୍ୟ ଅମେରୁଦଣ୍ଡୀ ପ୍ରାଣୀମାନଙ୍କ ବିପଦ ସମୟ ଆସିଗଲା ଜାଣ। ଏମାନେ ଅନେକ ବସା ତିଆରି କରି ଦଳ ଦଳ ହୋଇ ରହନ୍ତି। କିନ୍ତୁ ଏମାନେ ପ୍ରତିରକ୍ଷା, ବଂଶବୃଦ୍ଧି, ଅଞ୍ଚଳ ସମ୍ପ୍ରସାରଣ ଓ ଖାଦ୍ୟ ସଂଗ୍ରହରେ ପରସ୍ପରକୁ ସହଯୋଗ କରନ୍ତି। ଶିକାର ପ୍ରତିଆକ୍ରମଣାତ୍ମକ ନ ହେଲେ ଏମାନେ ନିଜର କଳେବର ବୃଦ୍ଧି କରନ୍ତି ନାହିଁ। କିନ୍ତୁ ଯଦି ସେମାନେ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ମୁଖୀନ ହୁଅନ୍ତି, ତେବେ ନିଜ ଶରୀରର ଆକାର ତିନିଗୁଣ ବୃଦ୍ଧି କରିପାରନ୍ତି।

⁕ ବୋର୍ନିଓର କଲବୋପ୍ସିସ୍ ଏକ୍ସପ୍ଲୋଡେନ୍ସ ପିମ୍ପୁଡ଼ିମାନେ ଆତଙ୍କବାଦୀଙ୍କ ପରି ଆତ୍ମଘାତୀ ଆକ୍ରମଣ କରିଥାନ୍ତି ବୋଲି ଜୁକୀଜ୍ ନାମକ ପତ୍ରିକାରେ ପ୍ରକାଶିତ ଅନୁଧ୍ୟାନ ରିପୋର୍ଟରୁ ଜଣାପଡ଼ିଛି। ଶତ୍ରୁ ହାବୁଡ଼ରେ ପଡ଼ିଲେ ସେମାନେ ନିଜ ଦେହରେ ବିସ୍ଫୋରଣ ଘଟାନ୍ତି। ଦେହର ଆବରଣ ଭାଙ୍ଗିଯିବା ସହ ଦେହରୁ ବିଷାକ୍ତ ଉପାଦାନ ଛିଟିକି ଶତ୍ରୁ ଉପରେ ପଡ଼େ ଓ ଶତ୍ରୁ ଡରି ପଳାଇଯାଏ କିମ୍ବା ମରିଯାଏ। ଏ ଆତ୍ମଘାତୀ ଆକ୍ରମଣରେ ପାଖରେ ଥିବା କିଛି ଶ୍ରମିକ ପିମ୍ପୁଡ଼ି ମଧ୍ୟ ମରନ୍ତି।

⁕ ଆର୍ମି ପିମ୍ପୁଡ଼ିମାନେ ଜଙ୍ଗଲ ସାରା ଖେଦି ବୁଲନ୍ତି। ଯଦି ସେମାନେ ବାଟରେ ଅନ୍ୟ ଆର୍ମି ପିମ୍ପୁଡ଼ି ଦଳଙ୍କୁ ଭେଟନ୍ତି, ତେବେ ତାଙ୍କୁ ଉପେକ୍ଷା କରି ନିଜ ବାଟରେ ଯାଇପାରନ୍ତି କିମ୍ବା ଉଭୟ ଦଳ ସେଇଠୁ ଫେରି ବିପରୀତ ଦିଗକୁ ଯାଇପାରନ୍ତି। କିନ୍ତୁ ଯଦି ସେମାନେ ଅନ୍ୟ ପ୍ରଜାତିର ପିମ୍ପୁଡ଼ିଙ୍କୁ ଭେଟନ୍ତି, ତେବେ ତାଙ୍କୁ ଆକ୍ରମଣ କରନ୍ତି। ସେମାନଙ୍କ ଭିତରେ ଦିନ ଦିନ ଧରି ଯୁଦ୍ଧ ଚାଲିପାରେ। ଶେଷରେ ସେମାନେ ଶତ୍ରୁ ଉପରେ ବିଜୟ ହାସଲ କରି ତାଙ୍କ ବସା ଦଖଲ କରନ୍ତି। ଆର୍ମି ପିମ୍ପୁଡ଼ି ଆସିବା ମାତ୍ରେ ପ୍ରେ ଆଣ୍ଟ ପିମ୍ପୁଡ଼ି ସେମାନଙ୍କୁ ପାରିବେ ନାହିଁ ଜାଣି ବସା ଛାଡ଼ି ଚାଲିଯାନ୍ତି।

ପିମ୍ପୁଡ଼ିମାନେ ସ୍ୱାର୍ଥପର ମଣିଷଙ୍କ ପରି ସାରା ବିଶ୍ୱକୁ ଦୁଇ ଭାଗରେ ବିଭକ୍ତ କରିବାକୁ ଚାହାନ୍ତି: ସେମାନଙ୍କ ବଂଶ ଏବଂ ଅବଶିଷ୍ଟ ବିଶ୍ୱ।

Email: gandhim@nic.in

ପ୍ରାର୍ଥନା ମଞ୍ଜୁର ହେଉ

ସୁଧିରାଜ ରାଉତ

ପ୍ରତିବର୍ଷ ଶ୍ରୀଜଗନ୍ନାଥ ଗାଁ ଦାଣ୍ଡଦେଇ ଆମ ପଟ ମୁଣ୍ଡରୁ ଆସନ୍ତି ଠାକୁରାଣୀ ପଟ ମୁଣ୍ଡକୁ, ସାତ ଦିନ ରହନ୍ତି, 'ସପ୍ତା' ହୁଏ, ଭାଗବତ ପଢ଼ାହୁଏ। ସେତେବେଳେ ମୁଁ ଷଷ୍ଠରେ ପଢୁଥାଏ। କୌଣସି କାରଣରୁ ଗାଁର ଦୁଇମୁଣ୍ଡ ଭିତରେ ପାଟିତୁଣ୍ଡ ଯୋଗୁ ଆମ ପଟ ସପ୍ତା କାର୍ଯ୍ୟରେ ଭାଗ ନ ନେବାକୁ ସିଦ୍ଧାନ୍ତ ନେଇଥାଏ। ସବୁଠୁ ବଡ଼କଥା- ଠାକୁର ଦାଣ୍ଡଦେଇ ଯାଉଥାନ୍ତି ଅଥଚ ଦାଣ୍ଡରେ ଗୋବର ଲିପାହୋଇ ନ ଥାଏ, କାହାଘର କବାଟ ଖୋଲା ନ ଥାଏ। ଆଉ ଗାଁ ହେଡ଼ମାଷ୍ଟର, ଯିଏ ମୋ ବଡ଼ବାପା ତଥା ଗାଁର ମୁଖିଆ, ସେ ଆମକୁ ଟ୍ୟୁଶନ କରୁଥାନ୍ତି। ଯେମିତି ଝାଞ୍ଜ, ମୃଦଙ୍ଗ ବାଜିଲା, ହରିବୋଲ ହୁଳହୁଳି ଶୁଭିଲା ମୁଁ 'ଏକ' କହି ଝାଞ୍ଜମୃଦଙ୍ଗ ସାଥିରେ ଠାକୁରଙ୍କ ସହ ସେ ଅପୂର୍ବ ଆନନ୍ଦରେ ହଜିଗଲି। ଠାକୁର ବସିଲେ, ଭାଗବତ ପଢ଼ାହେଲା। ମୋର ମନେପଡ଼ିଲା- ଟ୍ୟୁଶନରୁ 'ଏକ' କହି ଆସି ଦୁଇଘଣ୍ଟା ଅତିକ୍ରାନ୍ତ ହୋଇଗଲାଣି। ବଡ଼ବାପାଙ୍କ ନାଲିଆଖି ଆଉ ବେତ ମୋତେ ଦିଶିବାକୁ ଲାଗିଲା। ବସିପଡ଼ିଲି ଠାକୁରଙ୍କ ଆଗରେ, ମନେପଡୁନି ହାତ ଯୋଡ଼ିଥିଲି କି ନାହିଁ, ଆଖିରୁ କିନ୍ତୁ ଭୟ ଓ ଭକ୍ତିର କେଇବୁନ୍ଦା ଲୁହ ଗଡ଼ିପଡ଼ିଲା। ଫେରି ଦେଖିଲି ଟ୍ୟୁଶନ ଛୁଟି ହୋଇସାରିଛି, ବଡ଼ବାପା ବସିଛନ୍ତି, ମୋ ବହି ସେମିତି ଥୁଆ ହୋଇଛି। କେତେଜଣ ଦାଦା ଓ ଭାଇ ମୋତେ ଦେଖି ମନ୍ତବ୍ୟ ଦେଉଥାନ୍ତି- 'କୁଳାଙ୍ଗାର ଆସିଗଲା, ଆମ ବଂଶକୁ ମାଟିରେ ମିଶାଇ।'। ବଡ଼ବାପା ଉଠି ମୋତେ ଚାହିଁଲେ, ଅନ୍ୟ ସଭିଙ୍କୁ ଚାହିଁ କହିଲେ ''ପିଲାଠାରୁ କିଛି ଶିଖ ! ଠାକୁର ଦାଣ୍ଡ ଦେଇ ଗଲେ, ସପ୍ତା ଆରମ୍ଭ ହେଲା, ଅଥଚ... ଧିକ ଆମ ଜୀବନ !'' ଏ ଘଟଣା ପରେ ସମଗ୍ର ଗାଁ ଗୋଟିଏ ହୋଇ ଭାଗବତ ଭାବରସରେ ହଜିଗଲା। ଅନେକ ଥର ଭାବିଛି ଏ କଥା, ଅନେକ ଥର ପୁଲକିତ, ଶିହରିତ ହୋଇଛି ଏହାକୁ ମନେପକାଇ। କିଏ ଏହା କଲା ? ଉତ୍ତର ଯାହା ବି ହେଉ ମୁଁ ନିଶ୍ଚିତ- ହୃଦୟ ସହ ପ୍ରାର୍ଥନାର ଅସରନ୍ତି ଶକ୍ତି ରହିଛି।

ମୋ ସମଗ୍ର ଜୀବନ ଭିତରେ, ଆଜି ଏତେ ବଡ଼ ହେବା ପରେ ଅତୀତକୁ ଦେଖି ଏତିକି ଜାଣୁଛି, ହୃଦୟ ସହ ପ୍ରାର୍ଥନା କରି ଯାହା ମାଗିଛି, ଯାହା ଚାହିଁଛି ... ତାହା ପାଇଛି। କ'ଣ ପାଇଛି ଲେଖି ବସିଲେ ବହିଟିଏ ହେବ। ଆଜି ଭାବୁଛି ଏଇ ମାଗିବା ଆଉ ପାଇବା ହିଁ କ'ଣ 'ଜୀବନ' ! ଜୀବନର ସୂର୍ଯ୍ୟ ମଥାନ ତଳକୁ ଖସିଲେଣି ; ଏମିତି କ'ଣ ଜୀବନ-ସୂର୍ଯ୍ୟ ଅସ୍ତ ଯାଏ ମାଗିଚାଲିଥିବି?

ଥରେ କିଛି କୁନି ପିଲା ମୋତେ ପ୍ରାର୍ଥନା ଉପରେ ଗପଟିଏ କହିବାକୁ ଅନୁରୋଧ କଲେ, ତାହା ଏହିଭଳି- ଜଣେ ରାଜା ଥିଲେ। ରାଜ୍ୟର ବିଭିନ୍ନ ସମସ୍ୟାକୁ ନେଇ ସର୍ବଦା ଚିନ୍ତିତ ରହୁଥିଲେ। ବୃଦ୍ଧ ପ୍ରଧାନମନ୍ତ୍ରୀ ରାଜାଙ୍କୁ ସର୍ବଦା ଚିନ୍ତାରେ ରହୁଥିବା ଦେଖି କହିଲେ, ''ମହାରାଜ ! ଗୋଟିଏ ଉପାୟ କହିବି। ଆପଣ ଯାହା ସବୁ ସମସ୍ୟା ଅଛି, ତାକୁ ହୃଦୟର ସହ, ନିଷ୍ଠାର ସହ ଲେଖି ଈଶ୍ୱରଙ୍କୁ ପ୍ରାର୍ଥନାପୂର୍ବକ ଅର୍ପଣ କରନ୍ତୁ, ସମାଧାନ ମାଗନ୍ତୁ।'' ରାଜା ପ୍ରଧାନମନ୍ତ୍ରୀଙ୍କୁ ପିତୃତୁଲ୍ୟ ସମ୍ମାନ କରୁଥିଲେ, ତାଙ୍କ କଥାକୁ ନିଷ୍ଠା, ବିଶ୍ୱାସର ସହ ମାନୁଥିଲେ। ସେ ନିଜ ସଭାଗୃହରେ ପାରିଷଦ, ମନ୍ତ୍ରିବର୍ଗଙ୍କୁ କହିଲେ, ''ଯାହା ରାଜ୍ୟର ସମସ୍ୟା ସବୁ ଉପସ୍ଥାପନା, ଆଲୋଚନା କରିବା ପୂର୍ବରୁ ପ୍ରଥମେ ନିଷ୍ଠା, ବିଶ୍ୱାସର ସହ ଉକ୍ତ ସମସ୍ୟାକୁ ଲେଖି ସଭାଗୃହରେ ପ୍ରତିଷ୍ଠିତ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଆଗେ ଅର୍ପଣ କରନ୍ତୁ। ଏହା ପରେ ଯାଇ ଉକ୍ତ ବିଷୟରେ ଆଲୋଚନା କରିବା। ମନେରଖିବା ପ୍ରକୃତ ସମାଧାନ ସେ ହିଁ କହିବେ।'' ଏହି ଅଭିନବ ଉପାୟ ଦ୍ୱାରା ରାଜା, ମନ୍ତ୍ରୀ, ପାରିଷଦଙ୍କ ମଧ୍ୟରେ ସଙ୍ଗତି, ସକାରାତ୍ମକ ଚିନ୍ତନ ବୃଦ୍ଧି ପାଇଲା ; ସଭାରେ ଅପଯୁକ୍ତିର ପ୍ରଭାବ ଅନେକ କମିଗଲା। ରାଜ୍ୟରେ ଅଧିକ ସୁଶାସନ, ସମୃଦ୍ଧି ଦୃଶ୍ୟମାନ ହେଲା। ଥରେ ରାଜା ଅର୍ପିତ ପ୍ରାର୍ଥନାସବୁକୁ ନେଇ ବହିଟିଏ କରିବାକୁ ମନସ୍ଥ କଲେ। ଯେତେସବୁ ପ୍ରାର୍ଥନା ଅର୍ପଣ କରାହୋଇଛି ପ୍ରାର୍ଥନା ହୁଣ୍ଡିରେ ରାଜା ସେ ମଧ୍ୟରୁ ପ୍ରେରଣାପ୍ରଦ ପ୍ରାର୍ଥନାସବୁ ବାଛୁଥାଆନ୍ତି। ବାଛୁ ବାଛୁ ଦେଖିଲେ କିଛି ଲେଖାହୋଇ ନ ଥିବା ଅନେକ କାଗଜ ପଡ଼ିଛି। ରାଜା ଟିକେ ଦୁଃଖୀ ହେଲେ, ପୁଣି ଦୟା ଆସିଲା ତା'ଙ୍କ ମନରେ ଯେ, ସଭାଗୃହରେ ଏପରି ବ୍ୟକ୍ତି ଅଛନ୍ତି ଯିଏ ଈଶ୍ୱରଙ୍କୁ ଦୁଇଧାଡ଼ି ଭାବ କହିପାରନ୍ତି ନାହିଁ। ସଭାଗୃହରେ ଘୋଷଣା କଲେ- ଲେଖାବିହୀନ କାଗଜ ଯିଏ ପକାଉଛନ୍ତି, ଅନୁରୋଧ ମୋତେ ଏକାନ୍ତରେ ଭେଟିବାକୁ। କଥା ଦେଉଛି ମୁଁ ଉକ୍ତ ବ୍ୟକ୍ତିଙ୍କ ନାମ ଗୁପ୍ତ ରଖିବି ଏବଂ ଯଦି ସମ୍ଭବ ହୁଏ, ତାଙ୍କୁ ମୋ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କରିବି।

ପ୍ରଭାତରେ ବୃଦ୍ଧ ପ୍ରଧାନମନ୍ତ୍ରୀ ରାଜାଙ୍କୁ ଏକାନ୍ତରେ ଭେଟି କହିଲେ, ମହାରାଜ ! ମୁଁ ସେହି ବ୍ୟକ୍ତି ଯିଏ ଲେଖାବିହୀନ କାଗଜ ସବୁ ପକାଇଛି। ରାଜା ବୃଦ୍ଧଙ୍କୁ ଚାହିଁ କିଛି ସମୟ ନିର୍ବାକ୍ ହେଲେ ଓ ଆଶ୍ଚର୍ଯ୍ୟଚକିତ ହୋଇ କହିଲେ, ଆପଣ ହିଁ ଆମ ସଭିଙ୍କୁ ଏ ସ୍ୱର୍ଗୀୟ ଶିକ୍ଷା ଦେଇଛନ୍ତି, ଅଥଚ ଆପଣ ! ବୃଦ୍ଧ କହିଲେ- ମହାରାଜ, ଈଶ୍ୱରଙ୍କୁ ଜୀବନତମାମ ମାଗି ମାଗି, ଲେଖା ଜଣେଇ ଜଣେଇ ସବୁକିଛି ପାଇଛି, ଏବେ ମୋ ଜୀବନ ଅସ୍ତ ହେବା ନିକଟ ହେଲାଣି। ଦିନେ ଭାବିଲି ମାଗିବା ବହୁତ ହୋଇଗଲା। ସାଦା କାଗଜଟିଏ ତାଙ୍କ ପାଦତଳେ ଥୋଇ କହିଲି- ପ୍ରଭୁ ! ଆପଣ କ'ଣ ଚାହାନ୍ତି ଏଥର ଏଥିରେ ଲେଖନ୍ତୁ, ଆପଣ ଯାହା ଚାହାନ୍ତି ତାହା ମୁଁ ଦେବାକୁ ଓ ହେବାକୁ ଚାହେଁ। ମୁଁ ଏତିକି ନିଶ୍ଚିତ ଆପଣ ମୋଠାରୁ ଢେର୍ ଅଧିକ ଜାଣନ୍ତି ଠିକ୍ କ'ଣ ମୋ ଜୀବନ ପାଇଁ। ତେଣୁ ମୋର କିଛି କହିବାର ନାହିଁ, ଏବେ ଆଉ କିଛି ମାଗିବାର ନାହିଁ...।

ଆଜି ମୋ ହୃଦୟ କହୁଛି- ହେ ପ୍ରଭୁ! ସେହି ବୃଦ୍ଧ ପ୍ରଧାନମନ୍ତ୍ରୀଙ୍କ ପ୍ରାର୍ଥନା ମୋ ପାଇଁ ମଧ୍ୟ ପ୍ରଯୁଜ୍ୟ। ମୋର କେଉଁଥିରେ ଭଲ ହେବ, ମୁଁ ଜାଣିନି। ଆପଣଙ୍କ ଇଚ୍ଛା ହିଁ ମଙ୍ଗଳ। ଆପଣଙ୍କର ସେଇ ମଙ୍ଗଳ ଇଚ୍ଛା ମୋ ଭିତରେ ମୂର୍ତ୍ତ ହେଉ। ଏହି ପ୍ରାର୍ଥନା ମୋତେ ମଞ୍ଜୁର ହେଉ। **ମୋ- ୯୪୩୭୬୪୧୪୧୩**

ଏଇ ଭାରତରେ

ପରୀକ୍ଷାରେ କପି କରିବା ପାଇଁ ଛାତ୍ରୀଛାତ୍ର କେତେ ପ୍ରକାର କୌଶଳ ଅବଲମ୍ବନ କରନ୍ତି। ତେବେ ଏକ ଅଭିନବ ଉପାୟରେ କପି କରିବା ପଦ୍ଧତି ସମସ୍ତଙ୍କୁ ଚକିତ କରିଛି। ଏହା ମଡିଫାଏଡ୍ ଫୋନ୍ ଡିଭାଇସ୍ ନାମରେ ପରିଚିତ। ଉତ୍ତରପ୍ରଦେଶରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ମଥୁରାର ଏକ ପରୀକ୍ଷା କେନ୍ଦ୍ରରେ ପୋଲିସ ନିଯୁକ୍ତି ଲାଗି ଲିଖିତ ପରୀକ୍ଷା ଚାଲିଥିବା ବେଳେ କେତେଜଣ ଛାତ୍ର ବେକରେ ପିନ୍ଧିଥିବା ତାବିଜରେ ଏକ ମଡିଫାଏଡ୍ ଫୋନ୍ ଡିଭାଇସ୍ ଦ୍ୱାରା କପି କରୁଥିବା ଜଣାପଡିଥିଲା। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ କାର୍ଯ୍ୟରେ ସମ୍ପୃକ୍ତ ର୍ୟାକେଟ୍‌କୁ ଧରିବା ପାଇଁ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି । ଏହି ପଦ୍ଧତି ଅନୁଯାୟୀ, ପରୀକ୍ଷାର୍ଥୀ ପ୍ରଶ୍ନପତ୍ରର ଫଟୋ ୱେବ୍ କ୍ୟାମେରାରେ ଉଠାଇ ଏହାକୁ ପରୀକ୍ଷା କେନ୍ଦ୍ର ବାହାରେ ଥିବା ମୋବାଇଲ୍ ଡିଭାଇସ୍‌କୁ ପଠାଇଥାନ୍ତି। ଏହାପରେ ତାଙ୍କ କାନରେ ଥିବା ବ୍ଲୁଟୁଥ୍ ଡିଭାଇସ୍ ମାଧ୍ୟମରେ ଉତ୍ତର ଡକାଯାଇଥାଏ। କପି କରିବାର ଏଭଳି ଉପାୟ ବେଶ୍ ଆଶ୍ଚର୍ଯ୍ୟଜନକ ବୋଲି ନୋଏଡା ୟୁନିଟ୍ ଡିଏସ୍‌ପି କହିଛନ୍ତି। ଦେଶର ବିଭିନ୍ନ ସହରରେ କାର୍ଯ୍ୟ କରୁଥିବା ଏହି ର୍ୟାକେଟର ସଦସ୍ୟଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

୨୫ ବର୍ଷ ତଳର ଧରିତ୍ରୀ

ଧରିତ୍ରୀ DHARITRI

୩୧ ଜାନୁୟାରୀ ୧୯୯୪

- ଫିଲିପାଇନ୍ସରେ ମୁସଲମାନ ବିଚ୍ଛିନ୍ନତାବାଦୀ ଗେରିଲା ଏବଂ ସରକାରଙ୍କ ମଧ୍ୟରେ ଏକ ଯୁଦ୍ଧବିରତି ରାଜିନାମା ସ୍ୱାକ୍ଷରିତ।
- ମେକ୍ସିକୋର ନାରାଜୋଆ ସହର ନିକଟରେ ଏକ ବିମାନ ବସ ଉପରେ ଖସି ପଡିବା ଫଳରେ ୧୩ ଜଣଙ୍କ ମୃତ୍ୟୁ।
- ବିଶ୍ୱକପ କ୍ରିକେଟ ଚାମ୍ପିୟନ ଭାରତୀୟ କ୍ରିକେଟ ଦଳର ପୂର୍ବତନ କ୍ୟାପଟେନ୍ ତଥା ଅଲରାଉଣ୍ଡର କପିଲଦେବ ଟେଷ୍ଟ କ୍ରିକେଟରେ ୪୩୧ଟି ଉଇକେଟ ଅକ୍ତିଆର କରି ନ୍ୟୁଜିଲାଣ୍ଡର ରିଚାର୍ଡ ହାଡଲୀଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି।

su | do | ku ସୁ-ଡୋ-କୁ

		3	E	5		0					1	D	4	
8	2			3				5	4	9				7
			8		4		1	6						5
	0	D		C			E							
			7	D						5				E
C			6				7		8			B		
	A			B		9								
4			C					E		B		A		
1					D	6				7	0			2
					3						A	6	7	4
	6					5	B			4			0	
A	4		B	2			D		3		6	1		C
	B	7						3					9	
2	3	8		0	A		C							
		5		8	C			A				3		

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

A	C	4	9	3	2	B	1	D	8	0	E	7	6	5
0	7	3	5	B	A	C	4	6	D	2	1	9	8	E
D	8	9	4	1	C	5	E	2	A	7	6	B	0	3
E	B	6	0	7	D	9	8	A	3	5	C	2	4	1
2	5	1	8	6	E	7	3	0	9	4	B	C	D	A
1	3	8	D	A	B	0	2	7	5	C	4	E	9	6
7	E	C	2	5	4	8	6	B	0	9	A	3	1	D
5	A	D	1	0	9	3	C	E	2	6	7	8	B	4
9	4	B	7	E	6	D	A	5	1	8	3	0	2	C
6	2	0	3	C	8	4	9	1	B	E	D	5	A	7
3	0	A	C	2	5	E	B	4	6	D	9	1	7	8
B	1	2	A	8	7	6	D	9	C	3	5	4	E	0
8	D	E	6	4	0	1	5	C	7	B	2	A	3	9
4	9	5	B	D	3	A	7	8	E	1	0	6	C	2
C	6	7	E	9	1	2	0	3	4	A	8	D	5	B

ଗତକାଲିର ଉତ୍ତର

ଝିଅ ଯଦି କାଳୀ

ରୁଦ୍ର ପ୍ରସନ୍ନ ରଥ

ଆପଣଙ୍କ ଝିଅ ଭଲ ପାଠ ପଢ଼ିଛି, ଦେଖିବାକୁ ମନ୍ଦ ନୁହେଁ, ବ୍ୟବହାର ଭଲ, ବାହାଘର କରିବାରେ ପୁଅଘରର କିଛି ଆପତ୍ତି ନାହିଁ, ହେଲେ ସେ ତାଙ୍କ ପୁଅ ପାଇଁ ଟିକେ ସଫା ରଙ୍ଗର ଝିଅ ଖୋଜୁଛନ୍ତି। ଆପଣଙ୍କ ଝିଅର ରଙ୍ଗ ଟିକିଏ ସଫା ନୁହେଁ। ମଧ୍ୟସ୍ଥର ଏମିତି ଅଧାଖଣ୍ଡିଆ କେଇପଦ କଥାରେ ବାହାଘର ଭାଙ୍ଗି ଯାଉଥିବା ଆପଣ ଅନେକ ଥର ଶୁଣିଥିବେ। ପୁଅ ଘର ଭଦ୍ର ହୋଇଥିଲେ ନିଜେ ଏ କଥା କହିପାରନ୍ତି ନାହିଁ ସତ, କିନ୍ତୁ ମଧ୍ୟସ୍ଥ ହାତରେ ବାହାଘର ଭାଙ୍ଗିବା ଖବରଟା ବେଶ୍ ଚାଲାକିରେ ଜଣାଇ ଦେଇଥାନ୍ତି। ଆଉ ମଧ୍ୟସ୍ଥର ଅଧାଖଣ୍ଡିଆ କଥାରୁ କନ୍ୟାପିତାଙ୍କୁ ପୂରା ଘଟଣାଟି କ'ଣ ତାହା ଜାଣିବା ପାଇଁ ବିଶେଷ କଷ୍ଟ କରିବାକୁ ପଡ଼େ ନାହିଁ। ତାଙ୍କର ଅଲିଅଳି ସୁନାନାକୀ ଝିଅଟି ନିଜ ଅଜାଣତରେ ଦେଖିବାକୁ ଆସିଥିବା ଲୋକଙ୍କ ଆଖିରେ କାଳୀ ଝିଅ ପାଲଟି ଯାଇଥାଏ।

ଭାରତରେ ଝିଅ ଜନ୍ମକରି ଅନେକ ଲୋକ ପାରିବାରିକ ଆଉ ସାମାଜିକ ଚାପ ଭିତରେ ମୂଳରୁ ଥାଆନ୍ତି। ଝିଅ ଜନ୍ମହେବା ସଙ୍ଗେ ସଙ୍ଗେ ତାହାର ବାହାଘର ଚିନ୍ତା ମା'ବାପାଙ୍କୁ ଘାରିବାକୁ ଲାଗିଥାଏ। ସମୟ ବଢ଼ିବା ସହ ଝିଅର ରଙ୍ଗ କେମିତି ବଦଳୁଛି ତାହା ମଧ୍ୟ ଦେଖିବାକୁ ମାତାପିତା ଆଗ୍ରହର ସହ ଅପେକ୍ଷା କରିଥାନ୍ତି। ଯଦି ବୟସ ବଢ଼ିବା ସଙ୍ଗେ ସଙ୍ଗେ ଝିଅର ରଙ୍ଗ ନ ଫିଟୁଛି ତାକୁ ନେଇ ମା'ବାପା ବ୍ୟସ୍ତ ହୋଇ ପଡ଼ନ୍ତି। କଳା ରଙ୍ଗର ଝିଅ ଲୋକଙ୍କ ଆଖିରେ ବାପ ପାଇଁ ଗୋଟିଏ ବୋଝ ହୋଇ ରହିଥାଏ।

ସଫା ରଙ୍ଗ ବା ଗୋରା ରଙ୍ଗର ଝିଅ ପ୍ରତି ଆମ ସମାଜର ଏକ ଭିନ୍ନ ଧାରଣା ରହିଛି। ଆମେ ଆମ ସଂସ୍କୃତି ଆଉ ପରମ୍ପରାରେ ଗୋରା ରଙ୍ଗକୁ ବେଶ୍ ପ୍ରାଧାନ୍ୟ ଦେଇଆସିଛେ। ଆମ ପୁରାଣର ସବୁ ଦେବଦେବୀ ସଫା ରଙ୍ଗର। ଆମ ଫିଲ୍ମର ହିରୋଇନମାନେ ବି ଗୋରା। ଆମ ପାଇଁ ବିଜ୍ଞାପନରେ ଆସୁଥିବା ମଡେଲମାନେ ବି ଗୋରା। ଆମ ସମସ୍ତଙ୍କର ବୋଧହୁଏ ଗୋଟିଏ ଧାରଣା, ଗୋରା ରଙ୍ଗ ଗ୍ରହଣୀୟ, ଗୋରୀମାନେ ହିଁ ଆମ ଘରଣୀ ହେବାକୁ ଯୋଗ୍ୟ। ନିଜର ରଙ୍ଗ କଳା ଥିଲେ ବି ପୁରୁଷଟିଏ ଗୋରା ରଙ୍ଗର ସ୍ତ୍ରୀ ବାଛିବାରେ ବ୍ୟସ୍ତ ଥାଏ। ଆଉ ସବୁ ଡିଗ୍ରୀ, ଯୋଗ୍ୟତା ଏବଂ ବ୍ୟବହାର ଥାଇ ମଧ୍ୟ କାଳୀ ଝିଅଟି ଝିଅ ଦେଖାନ୍ତ ପର୍ବରେ ବାରବାର ପ୍ରତ୍ୟାଖ୍ୟାତ ହେଉଥାଏ।

କାଳୀଝିଅଙ୍କ ପ୍ରତି ବାଛବିଚାର କେବଳ ବାହାଘରରେ ସୀମିତ ନୁହେଁ, ବରଂ ସମାଜରେ ଆହୁରି ଅନେକ କ୍ଷେତ୍ରରେ ଏହା ବେଶ୍ ଶକ୍ତିଶାଳୀଭାବେ ପ୍ରତିଫଳିତ ହୋଇଥାଏ। ପାଠ ପଢ଼ିଲା ସମୟରେ କେତେବେଳେ ତାକୁ ପଛ ସିଟ୍‌ରେ ବସିବାକୁ ପଡୁଥିବା ବେଳେ କେତେବେଳେ କେବଳ କଳାରଙ୍ଗ ଯୋଗୁ ତାହାର ପ୍ରେମ ପ୍ରତ୍ୟାଖ୍ୟାତ ହୋଇଯାଏ। ଏପରିକି ବେସରକାରୀ କ୍ଷେତ୍ରରେ କଳା ରଙ୍ଗ ଅନେକ ସମୟରେ ତା'ର ଚାକିରି କ୍ଷେତ୍ରରେ ପ୍ରମୋଶନ ଦିଗରେ ବାଧକ ହୋଇ ଠିଆ ହୋଇଥାଏ। ଅନେକ କ୍ଷେତ୍ରରେ ବେସରକାରୀ ଚାକିରି ଯଥା ବସ୍‌ଙ୍କ ପିଏ, ଷ୍ଟେନୋ, ସେକ୍ରେଟାରି ଆଦି ହେବା ପାଇଁ ପ୍ରାର୍ଥିନୀର ରଙ୍ଗ ଗୋରା ହେବା ଆବଶ୍ୟକ ହୋଇଥାଏ। ଯଦିଓ ଏହାକୁ ସାର୍ବଜନୀନ କରାଯାଇ ନ ଥାଏ ତଥାପି ଗୋରା ରଙ୍ଗର ମହିଳାଙ୍କୁ ଏଥିପାଇଁ ପ୍ରାଥମିକତା ମିଳିଥାଏ।

ଏହି କାଳୀ ଝିଅ ପାଇଁ ହିଁ ବିଜ୍ଞାପନର ବଜାର ବେଶ୍ ଗରମ ଥାଏ। କେତେ ପାଉଡର, ସ୍ନୋ, ମଶ୍ଚରାଇଜର, ଫେସ୍‌କ୍ରିମ୍ ନିଜର ବେପାର ବଢ଼ାଇ ଚାଲିଥାଆନ୍ତି। ଏମାନେ ହିଁ ଆମର ବଦ୍ଧମୂଳ ଧାରଣାକୁ ଆହୁରି ଦୃଢ଼ୀଭୂତ କରିଥାଆନ୍ତି। କଳା ରଙ୍ଗ ଖରାପ। ଏହି ରଙ୍ଗ ଯୋଗୁ ପ୍ରତ୍ୟାଖ୍ୟାନ ହେବାର ଭୟ ସର୍ବାଧିକ। ଏହି ରଙ୍ଗକୁ ଘୃଣାକର। ବିଜ୍ଞାପିତ ହେଉଥିବା ଜିନିଷ ବ୍ୟବହାର କଲେ ଏକ ଘୃଣ୍ୟ ଏବଂ ଅଗ୍ରହଣୀୟ ବଳୟରୁ ବାହାରି ହେବ। ଆପଣ ଗୋରୀ ହେଲେ ହିଁ ଗ୍ରହଣୀୟ ହେବେ। ଏହି ବ୍ୟାବସାୟିକ ଉପପାଦ୍ୟକୁ ପ୍ରମାଣ କରିବାକୁ ବି କାଳୀ ଝିଅ ପ୍ରାଣପଣେ ଲାଗିଥାଏ। ମାସ ମଧ୍ୟରେ କ୍ରିମ୍ ଆଉ ଫେସ୍ ପ୍ୟାକରେ ନିଜର କ୍ଷମତା ଯାଏ ଖର୍ଚ୍ଚକରି ମଧ୍ୟ ସେ ଅନେକ ସମୟରେ କାଳୀ ହେବାର ବିଡ଼ମ୍ବନାରୁ ବାହାରିପାରେ ନାହିଁ।

ପ୍ରାଚୀନ ଭାରତବର୍ଷରେ ଯଦିଓ ଆମ ପୁରାଣଗୁଡ଼ିକରେ ଗୋରା କଳା ରଙ୍ଗ ବିଷୟରେ ବର୍ଣ୍ଣନା ଥିଲା, ତେବେ ଚର୍ମର ରଙ୍ଗକୁ ନେଇ ଆମ ଭିତରେ ଭେଦଭାବ ନ ଥିଲା। ମାତ୍ର ଭାରତକୁ ଇଂରେଜମାନେ ଶାସନ କରିବାକୁ ଆସିବା ପରେ ପରେ ହିଁ ଏହି ରଙ୍ଗଭେଦ ବଢ଼ିବାକୁ ଲାଗିଲା। ନିଜର ଧଳାରଙ୍ଗ ଯୋଗୁ ଇଂରେଜମାନେ ଭାରତୀୟମାନଙ୍କଠାରୁ ନିଜକୁ ଉଚ୍ଚତର ବୋଲି ଭାବୁଥିଲେ। ନିଜ ପାଇଁ ଭଲ ଭଲ ଚାକିରି ରଖି କୃଷ୍ଣକାୟ ଭାରତୀୟମାନଙ୍କୁ ନୀଚ ସ୍ତରର ବୋଲି ଭାବିଲେ। କାଳକ୍ରମେ ଭାରତୀୟ ସମାଜରେ ଗୋରାକଳା ଭେଦଭାବ ପ୍ରବେଶକଲା, ଆଉ ଇଂରେଜମାନେ ଭାରତ ଛାଡ଼ିବାର ୭୦ବର୍ଷ ପରେ ମଧ୍ୟ ଭାରତ ଏବେ ବି କଳା ଗୋରା ଭେଦଭାବରୁ ମୁକ୍ତ ହୋଇପାରୁନାହିଁ। କଳାପୁରୁଷ ସାମାଜିକ କ୍ଷେତ୍ରରେ ଗ୍ରହଣୀୟ ହେଉଥିଲା ବେଳେ କାଳୀ ଝିଅ ପାଇଁ ଆମେ ନିଜ ଅଜାଣତରେ ଅନେକ ପ୍ରାଚୀର ତିଆରି କରିଚାଲିଛେ। ସେ ପ୍ରାଚୀର ଡେଇଁ ମହିଳା ଜଣକ ଶିକ୍ଷାଗତ କିମ୍ବା ସମାନତା ଅଧିକାରକୁ ଉପଭୋଗ କରିପାରୁନାହିଁ। ଆଉ କେବଳ ଚର୍ମର ରଙ୍ଗ ଯୋଗୁ ମହିଳା ଜଣଙ୍କ ସୁଯୋଗରୁ ବଞ୍ଚିତ ହେଉଛି। ଅସହାୟ ହୋଇ କେତେବେଳେ ଚର୍ମର ରଙ୍ଗକୁ ନିନ୍ଦି ଘରକୋଣରେ ଲୁହ ଗଡ଼ାଉଛି ତ ଆଉ କେତେବେଳେ ହତାଶହୋଇ ଆତ୍ମହତ୍ୟା କରୁଛି।

ସମାଜର ଭୌତିକ ଅଗ୍ରଗତିକୁ ନେଇ ଆମେ ଡିଣ୍ଡିମ ପିଟୁଥିବା ବେଳେ ତଥାପି କାଳୀ-ଗୋରୀ ଭେଦଭାବ ଆମ ମନର କେଉଁ ଏକ ସନ୍ଧିରେ ବସାବାନ୍ଧି ରହିଛି। ଝିଅ କାହିଁକି, ମଣିଷର ଶିକ୍ଷାଗତ ଯୋଗ୍ୟତା, ବ୍ୟବହାର, ଆଉ ମାନବିକତା ତା'ର ସବୁଠାରୁ ବଡ଼ ପରିଚୟ ହେବା ଉଚିତ। ଜୀବନ ମଧ୍ୟରେ ଅନେକ ଥର ବଦଳୁଥିବା ଚର୍ମର ରଙ୍ଗ ଆମ ଆଖି ପରଦା ଉପରେ ପଟଳ ପକାଇବାରେ ସମର୍ଥ ନ ହେଉ। ମଣିଷ ମଣିଷକୁ ଭଲପାଇ ଶିଖୁ। ଝିଅକୁ କେବଳ ଝିଅ ରୂପେ ବିଚାର କରାଯାଉ, ଆଉ କାଳୀ ଝିଅ ଅପଶବ୍ଦ ଭାବେ ଗଣାଯାଉ।

ଧବଳଗିରି, ଯାଜପୁର ରୋଡ,
ମୋ- ୭୯୭୮୬୭୧୭୭୬

ପାଠକ ଶ୍ରେଷ୍ଠ ବିଚାରକ

ବାଆକୁ ବତା

ମହାଶୟ,

ଧରିତ୍ରୀ(୧୫ା୧)ରେ ପ୍ରକାଶିତ ସିସିଟିଭିର ଫଟୋ ସହ ବ୍ୟଙ୍ଗଚିତ୍ର ବେଶ୍ ସମୟୋପଯୋଗୀ ହୋଇଛି। ଦାରିଙ୍ଗବାଡ଼ି ଆଶ୍ରମ ସ୍କୁଲରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ସନ୍ତାନ ପ୍ରସବ କାରଣରୁ ଏହି ସଂସ୍ଥାର ଦାୟିତ୍ୱରେ ଥିବା କେତେକ କର୍ମକର୍ତ୍ତାଙ୍କ ସହ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନର ଶିକାର ହେବାକୁ ପଡ଼ିଛି। ତେବେ ଗର୍ଭବତୀ ଛାତ୍ରୀ ବିଦ୍ୟାଳୟ ପରିସରରେ ରହୁଥିବା ବେଳେ କାହିଁକି ଏପରି ଘଟଣାକୁ ଏତେଦିନ ପର୍ଯ୍ୟନ୍ତ ଚପାଇ ରଖାଗଲା ତାହା ସଂଶୟ ସୃଷ୍ଟି କରିଛି। ଏଏନ୍‌ଏମ୍‌ଙ୍କ ଦ୍ୱାରା ପ୍ରତି ମାସ ସ୍ୱାସ୍ଥ୍ୟ ପରୀକ୍ଷା ହେଉଥିବା ବେଳେ ଏହା କିପରି ଅଜଣା ରହିଗଲା ? ତେବେ ଏଥିପାଇଁ କେବଳ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାୟୀ କରିବା ସମୀଚୀନ ନୁହେଁ, କାରଣ ପିଲାମାନେ ଘରକୁ ଯାଇ କିମ୍ବା ହଷ୍ଟେଲ ବାହାରେ ଦୁଷ୍କର୍ମରେ ଲିପ୍ତ ହୋଇ କୁମାରୀ ମାତୃତ୍ୱ ଲାଭ କରିପାରନ୍ତି। ପ୍ରତିକାର ସ୍ୱରୂପ ସବୁ ଆବାସିକ ସେବାଶ୍ରମରେ ସିସିଟିଭି ଲାଗିବ ବୋଲି ସରକାର ନିଷ୍ପତ୍ତି ନେବା ବାଆକୁ ବତା ସ୍ୱରୂପ ମନେହୁଏ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ସମ୍ମାନ ଓ ସମ୍ବର୍ଦ୍ଧନାରେ ପ୍ରତାରଣା

ଏବେ ସମ୍ମାନ ଓ ସମ୍ବର୍ଦ୍ଧନା ଦେବା ଏକ ବ୍ୟବସାୟରେ ପରିଣତ ହୋଇଗଲାଣି। ଲେଖକମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ସାହିତ୍ୟ ସଂସଦ ଏବଂ ପାଠାଗାର ସମ୍ମାନ, ସମ୍ବର୍ଦ୍ଧନା ଏବଂ ଉପଢୌକନ ଦେଉଛନ୍ତି। ଲେଖକମାନଙ୍କୁ ଚୟନ କରି ସେମାନେ ଫୋନ୍ ଜରିଆରେ ଖବର ଦିଅନ୍ତି। ସେମାନଙ୍କୁ କିଭଳି ସମ୍ବର୍ଦ୍ଧିତ କରାଯିବ ସେ ବିଷୟରେ କହି ସେହି ସଂସ୍ଥାକୁ କିଛି ଆର୍ଥିକ ସାହାଯ୍ୟ ଦେବାକୁ ଅନୁରୋଧ କରନ୍ତି। କେତେକ ଆଶାୟୀ ଲେଖିକାଲେଖକ ସେମାନେ ଦେଇଥିବା ଠିକଣା ବା ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ପୈଠ କରନ୍ତି। ପରେ କେଉଁ ସଂସ୍ଥା ଲେଖକଙ୍କୁ ସମ୍ବର୍ଦ୍ଧିତ କରିଥାଏ, ଆଉ କିଏ ସେ ଅର୍ଥକୁ ଚଳୁ କରି ଚୁପଚାପ ରହିଯାଏ। ପୁଣି କେଉଁଠି ମୋଟେ ସେଭଳି ସଂସ୍ଥା ନ ଥାଇ ମଧ୍ୟ କେତେକ ଧୂର୍ତ୍ତ ଲୋକ ଏଭଳି କାର୍ଯ୍ୟ କରି ଅର୍ଥ ହଡପ କରୁଛନ୍ତି। ଯେଉଁ ସଂସ୍ଥା ବି ସମ୍ବର୍ଦ୍ଧିତ କରୁଛନ୍ତି, ସେମାନଙ୍କ ହାତରୁ କିଛି ଖର୍ଚ୍ଚ ହେଉନାହିଁ। କେବଳ ଉପରେ ଉପରେ ନାଁ ନେଉଛନ୍ତି। ଏହାଦ୍ୱାରା ଯୁବ ଲେଖକମାନେ ପ୍ରତାରିତ ହେଉଛନ୍ତି। କିନ୍ତୁ ଲୋକଲଜ୍ଜା ଭୟରେ କାହାକୁ କିଛି କହିପାରୁନାହାନ୍ତି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଚିରନ୍ତନୀ

ନିଆଶାର ଦହନରେ
ଦଗଧ କରଇ ଯେହୁ ପ୍ରାଣ,
ନ ଜନମୁ ତାର ଲାଗି
ଅନ୍ତରେ ମୋ ତିଳେ ଅଭିମାନ।
ଇଚ୍ଛଇ ମରଣ ମୋର
ଅହରହ ଏ ଜଗତେ ଯେହୁ,
ତାହାରି ସେବାର ଲାଗି
ରକତ ନିଗାଡ଼ି ଦିଏଁ ଦେହୁଁ।

(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୩୧ ଜାନୁୟାରୀ, ୨୦୧୯

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଫେବୃୟାରୀ ୧୧ରେ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ବର୍ଷକ ମଧ୍ୟରେ ଏହା ନେତାନ୍ୟାହୁଙ୍କ ଦ୍ୱିତୀୟ ନୂଆଦିଲ୍ଲୀ ଗସ୍ତ। ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦି ୨୦୧୭ରେ ତେଲ୍ଆଭିଭ ଗସ୍ତ କରିଥିଲେ।

ସଂକ୍ଷେପରେ

ରଘୁନାଥପାଲ୍ଲି ବିଧାୟକଙ୍କ ବିରୋଧରେ ନିର୍ବାଚନୀ ମାମଲା
ନିଷ୍ପତ୍ତି ନେବେ ନିର୍ବାଚନ କମିଶନର

କଟକ ଅଫିସ, ୩୦।୧: ସୁନ୍ଦରଗଡ଼ ଜିଲା ରଘୁନାଥପାଲ୍ଲି ବିଧାୟକ ସୁବ୍ରତ ତରାଇଙ୍କ ବିରୋଧରେ ନିର୍ବାଚନୀ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ନିୟମାନୁଯାୟୀ ଯଦି ନିର୍ବାଚନକୁ ନେଇ କୌଣସି ମାମଲା ଚାଲିଥାଏ, ତେବେ ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ସ୍ୱତନ୍ତ୍ର ଭାବେ ସଂରକ୍ଷିତ କରି ରଖାଯାଇଥାଏ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ସୁନ୍ଦରଗଡ଼ ଜିଲାପାଳ ରଘୁନାଥପାଲ୍ଲି ନିର୍ବାଚନମଣ୍ଡଳୀର ୨୦୧୪ ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ସଂରକ୍ଷଣ ମୁକ୍ତ କରି ସେଗୁଡ଼ିକୁ ନେବା ନିମନ୍ତେ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନର ଶୁଣାଣି କରି ବିଚାରପତି ବି.ଆର୍. ଷଡଙ୍ଗୀ ଏହି ନିଷ୍ପତ୍ତି ନିର୍ବାଚନ କମିଶନର ନେବେ ବୋଲି ଆଦେଶ ଦେଇଛନ୍ତି। ସୂଚନାଥାଉକି, ବିଧାୟକ ସୁବ୍ରତ ତରାଇ ୨୦୧୪ରେ ଭୋଟରଙ୍କୁ ଅର୍ଥ ଦେଇ ନିର୍ବାଚନ ଜିତିଥିବା ନେଇ ହାଇକୋର୍ଟରେ ମାମଲା ହୋଇଥିଲା। ଅସାଧୁ ଉପାୟରେ ବିଧାୟକ ନିର୍ବାଚନ ଜିତିଥିବାରୁ ତାଙ୍କ ସଭ୍ୟପଦ ରଦ୍ଦ କରିବାକୁ ଜଗବନ୍ଧୁ ବେହେରା ନାମକ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

କନ୍ୟାଶ୍ରମରେ ଛାତ୍ରୀଙ୍କ ମୃତ୍ୟୁ, ଜଣେ ଗୁରୁତର

ସୋର, ୩୦।୧(ଡି.ଏନ୍.ଏ.): ସୋର ଅଞ୍ଚଳରେ ଥିବା ଏକ କନ୍ୟାଶ୍ରମରେ ଜଣେ ଛାତ୍ରୀଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ କମରପୁର ଗ୍ରାମର ଲାଲ ହାଁସଦାଙ୍କର ୮ବର୍ଷର ଝିଅ ହେମାଜନୀ ହାଁସଦା। ସେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ କନ୍ୟାଶ୍ରମ ତରଫରୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ଛାତ୍ରୀ ସରସ୍ୱତୀ ମଳିକ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ କେତେକ ଅନ୍ତେବାସିନୀ କହିଛନ୍ତି ଯେ, ମଙ୍ଗଳବାର ଜଣେ ଅନ୍ତେବାସୀଙ୍କର ପରିବାର ଲୋକେ ବରକୋଳି ଆଣିଥିଲେ। ସେହି ବରକୋଳିକୁ କେତେଜଣ ମିଶି ଖାଇଥିଲେ। ଏହାପରେ ଏହି ଘଟଣା ଘଟିଥିବା କୁହାଯାଉଛି। ଛାତ୍ରୀଙ୍କ ମୃତ୍ୟୁକୁ ନେଇ ସୋର ଡାକ୍ତରଖାନାରେ ପ୍ରବଳ ଭିଡ଼ ହୋଇଥିଲା। ସୋର ପୋଲିସ, ତହସିଲଦାର ଦେବୀପ୍ରସନ୍ନ ଦାସ ପହଞ୍ଚି ତଦନ୍ତ କରିଛନ୍ତି। ବାଲେଶ୍ୱର ଶିଶୁ ମଙ୍ଗଳ କମିଟି ଘଟଣାସ୍ଥଳରେ ପହଞ୍ଚିଥିଲା। ସୋର ପୋଲିସ ଶବ ଜବତ କରି ଥାନାରେ ମାମଲା (ନଂ. ୭/୧୯) ରୁଜୁ କରିଛି।

■ ଜବାବ ମାଗୁଛି ଓଡ଼ିଶା ସମାବେଶ
'୧୯ବର୍ଷର ସରକାରକୁ ୧୯ରେ ସଫା କରିବାକୁ ହେବ'

ଛଇତନା ମେଳଣ ପଡ଼ିଆରେ ଅନୁଷ୍ଠିତ 'ଜବାବ ମାଗୁଛି ଓଡ଼ିଶା' ସମାବେଶରେ ମଞ୍ଚାସୀନ ଭାଜପା ନେତୃମଣ୍ଡଳୀ।

ପୁରୀ ଅଫିସ,୩୦।୧

ପୁରୀ ହେଉଛି ପବିତ୍ର ମାଟି। ଏହି ମାଟିରେ ଦିନେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଏବଂ ଚାଖି ଖୁଣ୍ଟିଆଙ୍କ ପରି ସୁଯୋଗ୍ୟ ସନ୍ତାନ ଜନ୍ମ ନେଇଥିଲେ। ଏହି ମାଟି ପ୍ରତି ସଦାସର୍ବଦା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ତେଣୁ ଏହି ମାଟିରୁ ଆମେ ସଂକଳ୍ପ ନେବା। ୧୯ ବର୍ଷର ଭ୍ରଷ୍ଟାଚାରୀ, ଦୁର୍ନୀତିଖୋର, ଅପାରଗ, ସ୍ଥାଣୁ ଓ ମିଛୁଆ ସରକାରକୁ ୧୯ରେ ସଫା କରିବା ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପୁରୀ ସଦର ନିର୍ବାଚନମଣ୍ଡଳୀ ଛଇତନା ମେଳଣ ପଡ଼ିଆରେ ବୁଧବାର ଆୟୋଜିତ ଜବାବ ମାଗୁଛି ଓଡ଼ିଶା ସମାବେଶରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ବିଶ୍ୱ ପ୍ରସିଦ୍ଧ କୋଣାର୍କ, ଶ୍ରୀମନ୍ଦିର, ବିଶୁ ମହାରଣାର କାହାଣୀ, ଧର୍ମପଦର ବଳିଦାନର ସ୍ୱାକ୍ଷର ବହନ କରୁଥିବା ଏହି ଜିଲା ଆଜି ସବୁକ୍ଷେତ୍ରରେ ଅବହେଳିତ। ଅର୍ଦ୍ଧାଧିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ସବୁ ଘରକୁ ପାଇପ ଯୋଗେ ପିଇବା ପାଣିର ବ୍ୟବସ୍ଥା ନାହିଁ, ଲୋକଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ମିଳୁନି। ଜଳସେଚନ ବ୍ୟବସ୍ଥା ତଦ୍ରୂପ। ଯେତିକି ପାଣି ସମୁଦ୍ରକୁ ବହିଯାଉଛି ତାକୁ ଯଦି ରଖିବାର ବ୍ୟବସ୍ଥା ହୁଅନ୍ତା ତେବେ ଏ ଜିଲାର ଚାଷୀ ସମଗ୍ର ଭାରତବର୍ଷକୁ ପନିପରିବା ଯୋଗାଇପାରନ୍ତା। କୁମ୍ଭକର୍ଣ୍ଣ ନିଦରେ ଶୋଇଥିବା ନବୀନ ପଟ୍ଟନାୟକଙ୍କ ସରକାରକୁ ଆଜି ଜବାବ ମାଗିବାର ବେଳ ଆସିଛି ବୋଲି କହିଥିଲେ ଧର୍ମେନ୍ଦ୍ର। ଏଠି ଶିକ୍ଷକଙ୍କୁ ଦରମା ଦେବା ପାଇଁ ସରକାରଙ୍କ ପାଖରେ ପଇସା ନାହିଁ। କିନ୍ତୁ ମୁମ୍ବାଇରୁ ଶାହାରୁଖ୍ ଖାଁ ଏବଂ ସଲମାନ ଖାନ୍‌ଙ୍କୁ ଆଣି ନଚାଇ ଓଡ଼ିଆ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି।

ମୋଦି ସରକାର ବିଭିନ୍ନ ପ୍ରକଳ୍ପ ପାଇଁ ଓଡ଼ିଶାକୁ ୫ଲକ୍ଷ ୧୩ ହଜାର କୋଟି ଟଙ୍କା ଦେଇଛନ୍ତି। ଏଥିସହ କେନ୍ଦ୍ର ସରକାର ଘରେ ଘରେ ପାଇଖାନା ନିର୍ମାଣ ପାଇଁ ଅର୍ଥ ଦେଉଛନ୍ତି। ହେଲେ ହିତାଧିକାରଙ୍କ ଠାରୁ ୨ ହଜାର ଟଙ୍କା ପିସି ଆଦାୟ କରାଯାଉଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଦେଢଲକ୍ଷ ଟଙ୍କା ଲେଖାଏଁ ଦେଇଛନ୍ତି। ମାତ୍ର ଓଡ଼ିଶାର ୪୦ ଭାଗ ଲୋକଙ୍କର ଘର ତିଆରି ହୋଇପାରି ନାହିଁ।

■ ଓଡ଼ିଶାରେ ଯୁବକମାନଙ୍କ ପାଇଁ ସୁଯୋଗ ନାହିଁ
■ ପୁରୀ ଜିଲାର ଚାଷୀ ଭାରତକୁ ପନିପରିବା ଯୋଗାଇପାରିବେ
■ ଜାତୀୟ ରାଜପଥ ତିଆରିରେ ରାଜ୍ୟ ସରକାର ଅସହଯୋଗ କରୁଛନ୍ତି

ଟଙ୍କିକିଆ ଚାଉଳ ହିତାଧିକାରୀ ତାଲିକାରେ ବଡ଼ବଡ଼ିଆଙ୍କ ନାଁ ରହିଥିବା କହିଥିଲେ ଧର୍ମେନ୍ଦ୍ର। ଓଡ଼ିଶାରେ ଜାତୀୟ ରାଜପଥ ଅଧିକ ଯୋଡ଼ା ଯାଇଛି। କିନ୍ତୁ ରାଜ୍ୟ ସରକାର ଏହି ରାସ୍ତା ତିଆରି କରାଇବାରେ ସହଯୋଗ କରୁନାହାନ୍ତି। ସେହିପରି କେନ୍ଦ୍ର ସରକାର ଓଡ଼ିଶା ଉପକୂଳ ରାଜପଥର ପରିକଳ୍ପନା କରିଛନ୍ତି। ୪୧୫ କିମି ଉପକୂଳ ରାଜପଥ ହେଲେ ଓଡ଼ିଶା ଅର୍ଥନୀତିରେ ବଡ଼ ପରିବର୍ତ୍ତନ ହେବ। ଏହାର ଏକ ବଡ଼ ଭାଗ ପୁରୀ ଜିଲା ଦେଇ ଯିବ। ଏହି ଜିଲାର ଜନପ୍ରତିନିଧିମାନେ କେନ୍ଦ୍ର ସରକାରଙ୍କ ଏହି ପ୍ରକଳ୍ପକୁ ଭଣ୍ଡୁର କରିବା ଲାଗି ଚେଷ୍ଟା ଜାରି ରଖିଛନ୍ତି।

ଓଡ଼ିଶାରେ ଖଣିଜ ସମ୍ପଦ ଭରପୂର ଥିଲେ ମଧ୍ୟ ଯୁବକମାନଙ୍କ ପାଇଁ ସୁଯୋଗ ନାହିଁ। ଯେଉଁଥିପାଇଁ କାକଟପୁର ସମୁଦ୍ରକୂଳିଆ ଅଞ୍ଚଳର ଶିକ୍ଷିତ ଯୁବକ ଆଜି ରାଜସ୍ଥାନର ହୋଟେଲରେ କାମ କରୁଛନ୍ତି। ଏହା ହେଉଛି ନବୀନ ସରକାରଙ୍କ ବାସ୍ତବ ଚିତ୍ର ବୋଲି ଧର୍ମେନ୍ଦ୍ର କହିବା ସହ ନୂଆ ଓଡ଼ିଶା ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ କୃଷ୍ଣଚନ୍ଦ୍ର ଜଗଦ୍ଦେବ, କୃଷ୍ଣଚନ୍ଦ୍ର ପଣ୍ଡା, ରମାରଞ୍ଜନ ବଳିୟାରସିଂ, ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ଦଳୀୟ ନେତୃବୃନ୍ଦ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ଘର ମାଲିକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା



■ ହତ୍ୟାର କାରଣ କାନ୍ଥରେ ଲେଖି ହତ୍ୟାକାରୀ ଫେରାର
■ କେୟାର୍‌ଟେକରଙ୍କ ସମ୍ପୃକ୍ତି ଅଭିଯୋଗ
■ ରକ୍ତଭିଜା ଟାଙ୍ଗିଆ ଜବତ

ଖୋର୍ଦ୍ଧା ଅଫିସ,୩୦।୧: ଖୋର୍ଦ୍ଧା ଆଦର୍ଶ ଥାନା ବାଘମାରୀ ଫାଣ୍ଡି ସିମୋର ଛକରେ ଘଟିଛି ବୀଭତ୍ସ ହତ୍ୟାକାଣ୍ଡ। ଏକ ନିର୍ମାଣାଧୀନ କୋଠାଘରେ ଘରର ମାଲିକ କଣ୍ଟାମଳିମ ଗାଁର ସତ୍ୟବ୍ରତ ପାତ୍ର ଓରଫ ତପୁ (୨୫)ଙ୍କୁ ମଙ୍ଗଳବାର ରାତିରେ ହତ୍ୟା କରାଯାଇଛି। ହତ୍ୟା କରାଯାଇଥିବା ଘରର କାନ୍ଥରେ ହତ୍ୟାର କାରଣ ଲେଖି ବାହାରପଟ କବାଟରେ ତାଲାମାରି ହତ୍ୟାକାରୀ ଫେରାର ହୋଇଯାଇଛନ୍ତି। ଘରର କେୟାର୍‌ଟେକର ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ମୃତକଙ୍କ ବାପା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୨୮/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ରକ୍ତଭିଜା ଟାଙ୍ଗିଆକୁ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ନେଇ ପୋଲିସ ସନ୍ଦେହ କରୁଛି।

କଣ୍ଟାମଳିମ ଗାଁର ସତ୍ୟବ୍ରତଙ୍କର ସିମୋର ଛକ ନୂଆ ଘରେ ନରେନ୍ଦ୍ର ବୋଲି ଜଣେ ଯୁବକ କେୟାର୍‌ଟେକର ଭାବେ କାର୍ଯ୍ୟ କରନ୍ତି। ନରେନ୍ଦ୍ର ସବୁବେଳେ ମଦ ପିଅନ୍ତି। ନରେନ୍ଦ୍ରଙ୍କ ମଦ ପିଇବାକୁ ସତ୍ୟବ୍ରତ ବାରମ୍ବାର ବାରଣ କରୁଥିଲେ। ମଦ ପିଇବାକୁ ବାରଣ କରିବାରୁ ନରେନ୍ଦ୍ର ସତ୍ୟବ୍ରତଙ୍କୁ ହତ୍ୟା କରିଥିବା କୁହାଯାଉଛି। ମଙ୍ଗଳବାର ରାତିରେ ନରେନ୍ଦ୍ର ମଦ ପିଇ ଆସିଥିଲେ। ମଦ ପିଇବା ଘଟଣାକୁ ନେଇ ନରେନ୍ଦ୍ର ଓ ସତ୍ୟବ୍ରତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସେ ଉତ୍‌କ୍ଷିପ୍ତ ହୋଇ ସତ୍ୟବ୍ରତଙ୍କୁ ଟାଙ୍ଗିଆରେ ବେକକୁ ହାଣି ଦେଇଥିବା ସନ୍ଦେହ କରାଯାଉଛି। ଏଥିରେ ତାଙ୍କ ବେକ ପ୍ରାୟ ୭୦ ପ୍ରତିଶତ କଟି ଯାଇଛି। ସବୁଠାରୁ ବଡକଥା ଘର ନିର୍ମାଣ ଶେଷ ହୋଇଥିଲେ ସତ୍ୟବ୍ରତଙ୍କ ବିବାହ ହୋଇଥାନ୍ତା। ତାଙ୍କ ନିର୍ବନ୍ଧ ଜଟଣୀ କୁସୁମାଟି ଗାଁରେ ଶେଷ ହୋଇସାରିଛି। ଏଭଳିସ୍ଥଳେ ହତ୍ୟାକାରୀ କାନ୍ଥରେ ଅଙ୍ଗାରରେ ଲେଖିଛନ୍ତି ମୁଁ ତାଙ୍କୁ ଏତିକି କହିଥିଲି। ମୁଁ ଯଦି ମଦ ଖାଇଲି ତୁମେ ବେଶ୍ୟା ବାଡିକି ଯାଉଛ। ବାବା ଟିକେ ଦୟାକରି ଶୁଣନ୍ତୁ ଆପଣଙ୍କ ପୁଅ ମୋ ପ୍ରତି ଅନ୍ୟାୟ କରିଛି। ମୁଁ କିଛି ନେଇନି କେବଳ ମୁଦିଟି ନେଇଛି ବୋଲି ଲେଖା ରହିଛି। ଏ ନେଇ ମୃତକଙ୍କ ବାପା ଗୋପାଳ କୁହନ୍ତି, ପୁଅ ସତ୍ୟବ୍ରତ ଭୁବନେଶ୍ୱରରୁ ଅଟୋରେ ରଙ୍ଗ ପଠାଇ ମଙ୍ଗଳବାର ସନ୍ଧ୍ୟାରେ ଘରକୁ ଫେରିଥିଲେ। ଘରେ ଖାଇପିଇ ଶୋଇଥିଲେ। ଘରେ ଥିବା ନରେନ୍ଦ୍ର ପୁଅ ସତ୍ୟବ୍ରତ ଏକାଠି ଥିଲେ। ଘରର ୩ଟି ଚାବି ସତ୍ୟବ୍ରତ, ନରେନ୍ଦ୍ର ଓ ତାଙ୍କ ପାଖରେ ଥିଲା। ମଦ ପିଇବାକୁ ନେଇ ସତ୍ୟବ୍ରତ ବିଭିନ୍ନ ସମୟରେ ନରେନ୍ଦ୍ରଙ୍କୁ ବାରଣ କରୁଥିଲେ। ଘରର କାର୍ଯ୍ୟ ଶେଷ କରି ବୁଧବାର ପୂର୍ବାହ୍ନରେ ନୂଆ ଘରକୁ ବାଇକ୍ ଯୋଗେ ଯାଉଥିବାବେଳେ ତରତୁଆ ନିକଟରେ ନରେନ୍ଦ୍ରଙ୍କୁ ଚାଲିକରି ଯିବାର ଦେଖିବାକୁ ପାଇଥିଲି। ଘରର ରଙ୍ଗ ହେବାକୁ ଥିବାବେଳେ କୁଆଡେ ଯାଉଛୁ ପଚାରିବାରୁ ମିସ୍ତ୍ରିଙ୍କୁ ଟଙ୍କା ଦେବାକୁ ଯାଉଛି କହି ନରେନ୍ଦ୍ର ଚାଲି ଯାଇଥିଲେ। ପୁଅଙ୍କୁ ନ ପାଇ ଘରର ତାଲା ଭାଙ୍ଗି ଦେଖିଲା ବେଳକୁ ଘରେ ସତ୍ୟବ୍ରତଙ୍କ ମୃତଦେହ ପଡି ରହିଥିଲା ବୋଲି ଗୋପାଳ କହିଛନ୍ତି।

■ ହାଲ୍ ଅର୍ଥ ବିଭାଗରେ ଦୁର୍ନୀତି ଘଟଣା
୪ ଠିକାଦାର, କର୍ମଚାରୀଙ୍କ ଘରେ ସିବିଆଇ ଚଢ଼ାଉ

ସେମିଳିଗୁଡ଼ା/ସୁନାବେଡ଼ା, ୩୦।୧(ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର ଅର୍ଥ ବିଭାଗରେ ଦୁର୍ନୀତି ମାମଲାର ଖୋଳତାଡ଼ କରିଛି ସିବିଆଇ। ବୁଧବାର ପୂର୍ବାହ୍ନରେ ସିବିଆଇର ୧୧ ଜଣିଆ ଟିମ୍ ହାଲ୍ ଠିକା କର୍ମଚାରୀଙ୍କ ଘର ଓ କାର୍ଯ୍ୟାଳୟରେ ପହଞ୍ଚି ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ତଦନ୍ତ କରିଛି।

ସୂଚନା ଅନୁଯାୟୀ, ହାଲ୍ ଅର୍ଥ ବିଭାଗରେ ଶ୍ରମିକ ନିଯୁକ୍ତି ନେଇ ବିନା କାଗଜପତ୍ରରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୧୦ ଜଣଙ୍କୁ ପୋଲିସ ଖୋଜୁଛି। ଏଥିରେ ହାଲ୍‌ର ଅଧିକାରୀ ଓ ଅନ୍ୟ କେତେଜଣ ଠିକାଦାର ରହିଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅର୍ଥ ବିଭାଗର ପୂର୍ବତନ ମ୍ୟାନେଜର ଭବେନ ମୈତ୍ର ନିଜ ଘରେ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ଅନେକ ଦିନ ହେଲା ଫେରାର ରହିଛନ୍ତି। ବୁଧବାର ସିବିଆଇ ଟିମ୍ ଠିକାଦାର ଓ କର୍ମଚାରୀ ବିପ୍ରଚରଣ ମହାରଣା, ଜଗନ୍ନାଥ ଆପଟ୍ଟ, ମମତା ପାଢ଼ୀ, ଜ୍ୟୋତି ପାଢ଼ୀଙ୍କ ଘରେ ଚଢ଼ାଉ କରିଛି। ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୫ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଜଣାପଡ଼ିଥିବା ବେଳେ ପ୍ରକୃତରେ ଏହି ଦୁର୍ନୀତି ୪୪ କୋଟି ଟଙ୍କା ପାଖାପାଖି ହେବ ବୋଲି ଅନୁମାନ କରାଯାଉଛି। ମୁଖ୍ୟ ଅଭିଯୁକ୍ତ ଧରାପଡ଼ିବା ପରେ ହିଁ ଦୁର୍ନୀତିର ପ୍ରକୃତ ପରିମାଣ ଜଣାପଡ଼ିବ।

ଜିଲା ପରିଷଦ ସଭ୍ୟାଙ୍କୁ ବିଧାୟକଙ୍କ ଦୁର୍ବ୍ୟବହାର ଅଭିଯୋଗ

ଭଦ୍ରକ ଅଫିସ, ୩୦।୧

ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ପରିଷଦର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଣେ ଜିଲା ପରିଷଦ ସଭ୍ୟାଙ୍କୁ ବିଧାୟକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆଣି ହୋହଲ୍ଲା ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଦେଇ ରାଜ୍ୟ ସରକାରଙ୍କ କାଳିଆ, ପିଠା ଓ ଅନ୍ୟ ଯୋଜନାର ଟିପ୍ପଣୀ ରଖିଥିଲେ। ଜିଲାପାଳଙ୍କ ଟିପ୍ପଣୀ ପରେ ପରେ ୧୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ ଚେୟାରରୁ ଉଠି ଜିଲାପାଳଙ୍କୁ କେନ୍ଦ୍ର ସରକାରଙ୍କ କେତେକ ଯୋଜନା ସମ୍ପର୍କରେ ଟିପ୍ପଣୀ ରଖିବାକୁ ମତ ଦେଇଥିଲେ। ତାଙ୍କ କଥା ନ ସରୁଣୁ ଉପସ୍ଥିତ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ସଭ୍ୟା ସ୍ୱାଇଁଙ୍କୁ ଗେଟ୍ ଆଉଟ୍ ବୋଲି କହିଥିଲେ। ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବୈଠକରୁ ବିତାଡ଼ିତ କରିବାକୁ ସିଧାସଳଖ ଆଙ୍ଗୁଠି ଦେଖାଇ କହିଥିଲେ ବୋଲି ଅଭିଯୋଗ ହୋଇଛି। ୪ ଭାଜପା ସମର୍ଥିତ ଜିଲା ପରିଷଦ ସଭ୍ୟ ୨ ବିଧାୟକଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରି କକ୍ଷ ତ୍ୟାଗ କରିଥିଲେ। ଜିଲା ପରିଷଦ ସଭ୍ୟା ସ୍ୱାଇଁ ୨ ବିଧାୟକଙ୍କ ବିରୋଧରେ ଭଦ୍ରକ ଟାଉନ ଥାନାରେ ଏତଲା ଦେଇଛନ୍ତି। ଟାଉନ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ବିଧାୟକ ରାୟ ଓ ମଣ୍ଡଳ ଅଭିଯୋଗ ମିଥ୍ୟା ବୋଲି ପ୍ରତିକ୍ରିୟା ରଖିଛନ୍ତି।

ସୁନା ଦୋକାନରୁ ୧୫ ଲକ୍ଷର ଗହଣା ଲୁଟ୍

ରାଜନଗର,୩୦।୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳର ସବୁଠୁ ଜନଗହଳିପୂର୍ଣ୍ଣ ରାସ୍ତା ହଂସୁଆ ସେତୁ ଠାରୁ ମାତ୍ର ଶହେ ଫୁଟ ଦୂରରେ ଥିବା ଏକ ସୁନା ଦୋକାନରୁ ବୁଧବାର ପୂର୍ବାହ୍ନରେ ଦୁର୍ବୃତ୍ତମାନେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସିସି ଟିଭି ଫୁଟେଜକୁ ଆଧାର କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

ହଂସୁଆ ସେତୁ ନିକଟ ଗୁପ୍ତି ମୁଖ୍ୟରାସ୍ତାର ପାର୍ଶ୍ୱରେ ଶ୍ରୀମତୀ ଅଳଙ୍କାର ଓ କଂସାବାସନ ଦୋକାନ ରହିଛି। ସକାଳ ସାଢେ ୯ଟା ସମୟରେ ଏହି ଦୋକାନର ମାଲିକ ପଟ୍ଟାମୁଣ୍ଡାଇ ବ୍ଲକର ନାରାୟଣ କୁଣ୍ଡ ଦୋକାନ ଖୋଲି ଭିତରକୁ ଯାଇଥିଲେ । ଏହି ସମୟରେ ତାଙ୍କୁ ମୋଟର ସାଇକେଲରେ ପିଛା କରୁଥିବା ଦୁଇଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଦୋକାନ ମଧ୍ୟକୁ ଯାଇଥିଲେ। ସେ ଭିତରେ ପଶି ବିଭିନ୍ନ ଅଳଙ୍କାର ଦେଖିଥିଲେ। ପରେ ରୁପାର ପାଉଁଜି ଦେଖାଇବାକୁ କହିଥିଲେ। ପ୍ରଥମ ଦୁର୍ବୃତ୍ତଙ୍କ ଇଙ୍ଗିତରେ ବାହାରେ ପ୍ରସ୍ତୁତ ରହିଥିବା ଅନ୍ୟ ଜଣକ ଦୋକାନ ମଧ୍ୟକୁ ପ୍ରବେଶ କରିବା ସହିତ ସୁନା ଅଳଙ୍କାର ଦେଖିଥିଲେ। ଏହି ସମୟରେ ନାରାୟଣ ରୁପାର ପାଉଁଜି କାଢିବା ବେଳେ ପ୍ରଥମ ଦୁର୍ବୃତ୍ତ ଦୋକାନରୁ ଚତୁରତାର ସହିତ ୪୨୦ ଗ୍ରାମର ସୁନା ଅଳଙ୍କାର ଥିବା ଡବାକୁ ଉଠାଇ ଆଣି ସହଯୋଗୀଙ୍କ ସହ ଚମ୍ପଟ ମାରିଥିଲେ। ନାରାୟଣ ନିଜର ଏକ ସୁନା ଅଳଙ୍କାର ଡବା ନ ପାଇ ବାହାରକୁ ଆସି ଚୋରି ହୋଇଥିବା କହି ପାଟି କରିଥିଲେ। ଚିତ୍କାର ଶୁଣି ପାଖ ଦୋକାନୀ ଓ ସାଧାରଣ ଲୋକେ ସେଠାରେ ପହଞ୍ଚି ଚୋରି ହେବା କଥା ଜାଣିବା ପରେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଅଳଙ୍କାର ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରିଥିଲେ। ଏଥିରେ ଦୁଇଜଣ ଦୁର୍ବୃତ୍ତଙ୍କ ଚେହେରା ଦେଖିବାକୁ ମିଳିଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କ ପତ୍ତା ମିଳିନାହିଁ। ରାଜନଗର ଆଇଆଇସି ସୁକାନ୍ତ କୁମାର ପାତ୍ର ପଟ୍ଟାମୁଣ୍ଡାଇ, ମହାକାଳପଡା, କେନ୍ଦ୍ରାପଡା ହେଡକ୍ୱାର୍ଟରକୁ ଏ ନେଇ ସୂଚନା ଦେବା ସହ ରାସ୍ତା ସିଲ୍ କରିଥିଲେ। ଗତ ୨୧ ତାରିଖରେ ରାଜନଗର ବ୍ଲକର କଣ୍ଡିରାରେ ଘଟିଥିବା ଗୁଳିକାଣ୍ଡ ଓ ପୋଲିସ ଏନକାଉଣ୍ଟର ଭୟ ସାଧାରଣ ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଆଜି ଦିବାଲୋକରେ ରାଜନଗର ବଜାରରୁ ଚୋରିହେବା ଘଟଣା ନେଇ ଆତଙ୍କ ଖେଳିଯାଇଛି।

ଏସ୍.ଇ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଟିଆଇବି-ଜିଟିଏସ୍-୧୮-୧୯, ତାରିଖ: ୨୮।୦୧।୨୦୧୯। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ତରଫରୁ ସିନିୟର ଡିଏସ୍‌ଟିଇ (ସିଓ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖର ୧୫.୦୦ ଘଟିକା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ଏହା ୧୫.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନରେ ଘାଟଶିଳା, କଳେଶ୍ୱର ଏବଂ ସୋରୋ ଷ୍ଟେଶନଠାରେ ମଲ୍ଟି ଲାଇନ (୨ ଲାଇନ) ଟ୍ରେନ୍ ସୂଚନା ପ୍ରଦର୍ଶନ ଫଳକ ଏବଂ ସ୍ୱଚାଳିତ ଘୋଷଣା ପ୍ରଣାଳୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ। **ଟେଣ୍ଡର ମୂଲ୍ୟ:** ₹୨୩,୬୩,୯୨୪.୩୫। **ଇଏମ୍‌ଡି:** ₹୪୭,୩୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୩,୦୦୦/-। **ସମାପ୍ତି ଅବଧି:** ୧୨୦ ଦିନ। **ଦାଖଲ ତାରିଖ:** ତା୦୧।୦୩।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। **ଖୋଲାଯିବା ତାରିଖ:** ତା୦୧।୦୩।୨୦୧୯ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1079)

ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଭୁବନେଶ୍ୱର - ୭୫୧୦୧୪

ସନ୍ଦର୍ଭ: ଏଚ୍‌କେଏ/ଏମ୍‌ଏମ୍ ଆଣ୍ଡ ଡି/ଇ-ଟେଣ୍ଡର/୧୯-୨୦ ତାରିଖ: ୨୯।୦୧।୨୦୧୯

ଇ-ସଂଗ୍ରହ ବିଜ୍ଞପ୍ତି

ଏକବର୍ଷ ଅବଧି ପାଇଁ ନିମ୍ନଲିଖିତ ସାମଗ୍ରୀଗୁଡ଼ିକର ଯୋଗାଣ ବାବଦରେ ଖ୍ୟାତନାମା ଏବଂ ଅଭିଜ୍ଞ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍ ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ହେଉଛି ତା୨୫।୦୨।୨୦୧୯ରିଖ (୧୫.୦୦ ଘଟିକା)। ବିଡରମାନଙ୍କ ପ୍ରାକ୍-ବିଡ୍ ବୈଠକ ତାରିଖ: ୦୬।୦୨।୨୦୧୯ରିଖ (୧୪.୦୦ରୁ ୧୬.୦୦ ଘଟିକା)

୧- ବିବିଧ ସାମଗ୍ରୀ, ୨- ଖାଦ୍ୟ ସାମଗ୍ରୀ, ୩- ପନିପରିବା ଓ ଫଳମୂଳ, ୪- ମାଛ ଓ ଚିଙ୍ଗୁଡ଼ି, ୫- କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା, ୬- ଖାସି ମାଂସ, ୭- ମିଠା ଓ ପନିର, ୮- ଉଦ୍ୟାନକୃଷି ଓ ଉଦ୍ୟାନ ରକ୍ଷଣାବେକ୍ଷଣ, ୯- ଶ୍ରମବଳ।

ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ www.theashokgroup.com, www.hotelkalingaashok.com, http://etenders.gov.in/eprocure/appରେ ଉପଲବ୍ଧ। ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।

ସ୍ୱା./- ମହା ପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର
ଦୂରଭାଷ: ୦୬୭୪-୨୪୩୧୦୫୫/୫୬

■ ଆଇଆଇଟି ବମ୍ବେ ସହ ଉଚ୍ଚଶିକ୍ଷା ବିଭାଗର ବୁଝାମଣାପତ୍ର ସ୍ୱାକ୍ଷର
ରାଜ୍ୟର ୧୦୦ ମହାବିଦ୍ୟାଳୟରେ 'ସ୍ପୋକେନ୍ ଟ୍ୟୁଟୋରିଆଲ'

ଭୁବନେଶ୍ୱର,୩୦।୧(ବ୍ୟୁରୋ)

■ ବିନା ଦେୟରେ ପଢ଼ିପାରିବେ ପିଲା
■ ଡିଜିଟାଲ ଲର୍ନିଂ କ୍ଷେତ୍ରରେ ନୂଆ ସୁଯୋଗ

ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି, ଭର୍ଚୁଆଲ ଲ୍ୟାବ୍‌ସ ଢାଞ୍ଚାରେ ରାଜ୍ୟରେ ଆରମ୍ଭ ହେବ 'ସ୍ପୋକେନ୍ ଟ୍ୟୁଟୋରିଆଲ'। ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟର ୧୦୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୂଆ ପ୍ରକଳ୍ପର ଶୁଭାରମ୍ଭ କରାଯିବ। ଏଥିପାଇଁ ଆଇଆଇଟି ବମ୍ବେ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ। ଏହି ପ୍ରକଳ୍ପ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ କଲେଜର ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ସଫ୍ଟୱେର ଏବଂ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ବିଭିନ୍ନ ବିଷୟରେ ଶିକ୍ଷା ଗ୍ରହଣ କରିପାରିବେ। ଏ ନେଇ ବୁଧବାର ଇଡ୍‌କଲ ଅଡିଟୋରିୟମ୍‌ଠାରେ ଉଚ୍ଚଶିକ୍ଷା ବିଭାଗ ଏବଂ ଆଇଆଇଟି, ବମ୍ବେ ପରିଚାଳିତ ସ୍ପୋକେନ୍ ଟ୍ୟୁଟୋରିଆଲର ଜାତୀୟ ସଂଯୋଜକଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ଉପସ୍ଥିତିରେ ବିଭାଗ ତରଫରୁ ଅତିରିକ୍ତ ଶାସନ ସଚିବ ଡ. ପାର୍ଥସାରଥି ମିଶ୍ର ଏବଂ ସ୍ପୋକେନ୍ ଟ୍ୟୁଟୋରିଆଲ ତରଫରୁ ଶ୍ୟାମା ଆୟାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।

ଡିଜିଟାଲ ଯୁଗରେ ପଢ଼ିବା ଏବଂ ପଢ଼ାଇବା ଦୁଇଟି ଯାକର କନ୍‌ସେପ୍ଟ ବଦଳିଥିବା ବେଳେ କ୍ଲାସ୍‌ରୁମ୍ ଓ ବହିରୁ ବାହାରି ଶିକ୍ଷା କ୍ଷେତ୍ର ବ୍ୟାପକ ହୋଇଛି। ଇ-ଲର୍ନିଂ ଛାତ୍ରୀଛାତ୍ରଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିଛି। ଭିତ୍ତିଭୂମି ଓ ଅଧ୍ୟାପକ ଅଭାବ ଭାରତୀୟ ଶିକ୍ଷା ବ୍ୟବସ୍ଥାର ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଡିଜିଟାଲ ପ୍ଲାଟଫର୍ମ ଏହାର ସମାଧାନର ବାଟ ପାଲଟିଛି। ଏଭଳିସ୍ଥଳେ ରାଜ୍ୟ ସରକାର ଡିଜିଟାଲ ଟେକ୍ନୋଲୋଜି ସହାୟତାରେ ଉଚ୍ଚଶିକ୍ଷାରେ ସଂସ୍କାର ଆଣିବାର ପ୍ରଚେଷ୍ଟା କରିଛନ୍ତି। ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ବା ଇନ୍‌ଫରମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି(ଆଇସିଟି)ର ବ୍ୟବହାର କରି ଉଚ୍ଚ ଗୁଣବତ୍ତାଯୁକ୍ତ ଇ-ଲର୍ନିଂ କେଣ୍ଟେଣ୍ଟ ଉପଲବ୍ଧ କରିବାକୁ ସରକାର ଯୋଜନା କରିଛନ୍ତି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ମିଶନ ଅନ୍ ଏଜୁକେଶନ ଥ୍ରୋ ଆଇସିଟି(ଏନ୍‌ଏମ୍‌ଇଆଇସିଟି) ଦ୍ୱାରା ହୋଇଥିବା ନ୍ୟାଶନାଲ ଡିଜିଟାଲ ଲାଇବ୍ରେରି, ଭର୍ଚୁଆଲ ଲ୍ୟାବ୍‌ସ, ଏନ୍‌ପିଟିଇଏଲ୍, ଜିଆଇଏଏନ୍ ଓ ସ୍ୱୟମ୍ ଭଳି ପ୍ରକଳ୍ପ ଢାଞ୍ଚାରେ ଏହି 'ସ୍ପୋକେନ୍ ଟ୍ୟୁଟୋରିଆଲ' ହେବ। ଆଇଆଇଟି ବମ୍ବେ ଦ୍ୱାରା ଏହାର ଡିଜାଇନ୍ ଏବଂ ବିକାଶ କରାଯିବ। ଉଭୟ ଅଡିଓ ଏବଂ ଭିଡିଓ ମାଧ୍ୟମରେ ଛାତ୍ରୀଛାତ୍ର ଏଠାରୁ ବିଭିନ୍ନ ବିଷୟରେ ଶିକ୍ଷା ଗ୍ରହଣ କରିପାରିବେ।

ବର୍ତ୍ତମାନ ଏହି ପ୍ରକଳ୍ପ ରାଜ୍ୟର ୧୦୦ଟି ଡିଗ୍ରୀ କଲେଜରେ ଲାଗୁ କରାଯିବ। ଛାତ୍ରୀଛାତ୍ରମାନେ ବିନା କୌଣସି ଦେୟରେ ଏହି ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରିପାରିବେ। ଏଥିଲାଗି ଆବଶ୍ୟକ ସମସ୍ତ ପାଠ୍ୟ ଉପକରଣ ଓଡ଼ିଆ ସମେତ ୨୨ଟି ଭାଷାରେ ଉପଲବ୍ଧ ହେବ। ଟ୍ରେନିଂ ଶେଷ ହେବା ପରେ ଅନ୍‌ଲାଇନ୍ ଟେଷ୍ଟ କରାଯାଇ ପ୍ରଶିକ୍ଷଣ ନେଇଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯିବ। ଏହା ପରବର୍ତ୍ତୀ ସମୟରେ ପିଲାମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ବିଶେଷ ସହାୟକ ହୋଇପାରିବ।

ଇଣ୍ଡିଆ ଏସ୍‌ଏମ୍‌ଇ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଲିଃ isarc
[ସିଆଇଏନ୍: ୟୁ୬୭୧୧୯୦ଏମ୍‌ଏଚ୍୨୦୦୮ପିଏଲ୍‌ସି୧୮୧୦୬୨]
୧୦୦୪, ନମନ ସେଣ୍ଟର (୧୦ମ ମହଲା), ପ୍ଲଟ୍ ନଂ. ସି-୩୧, ଜି-ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବାଇ - ୪୦୦ ୦୫୧। ଟେଲି: ୬୧୫୬୭୯୬୦୦, ଫାକ୍ସ: ୬୧୫୬୭୬୯୯ ଇମେଲ: isarc@isarc.in

ଆପେଣ୍ଡିକ୍ସ-IV [(ନିୟମ-୮(୧)] ଦଖଲ ନୋଟିସ

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆ ଏସ୍‌ଏମ୍‌ଇ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ ଆଇଏସ୍‌ଏଆରସି-ଏଫ୍‌ଏ-୨୭-।/୨୦୧୨-୧୩ ଟ୍ରଷ୍ଟ (ଏତଦ୍‌ପଶ୍ଚାତ୍ "ଆଇଏସ୍‌ଏଆରସି" ଭାବେ ଉଲ୍ଲିଖିତ)ର ଟ୍ରଷ୍ଟି କ୍ଷମତାରେ କାର୍ଯ୍ୟରତ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଏତଦ୍‌ପଶ୍ଚାତ୍ "ସରଫେସି ଆକ୍ଟ" ଭାବେ ଉଲ୍ଲିଖିତ)ର ଧାରା ୧୩ (୨) ଅଧୀନରେ **ତା୧୨।୦୨।୨୦୦୮ରିଖ** ଦିନ ଋଣଗ୍ରହୀତା/ଜାମିନଦାତା **ମେସର୍ସ ମେଡିରାଡ୍ ଟେକ୍ ଇଣ୍ଡିଆ ଲିଃ** ସ୍ଥାନ ଡି-୮୨, ସରିତା ବିହାର, ନୂଆଦିଲ୍ଲୀ-୧୧୦୦୪୪ ଏବଂ ନାଲ୍‌କୋ ଛକ, ଭୁବନେଶ୍ୱର-୭୫୧୦୧୩ଙ୍କୁ ନୋଟିସରେ ଦର୍ଶିତ ଅର୍ଥରାଶି ଅର୍ଥାତ୍ **ତା୦୧।୦୨।୨୦୦୮ରିଖ ସୁଦ୍ଧା ରହିଥିବା ଟ.୨,୮୨,୧୦,୬୫୧.୦୦ (ଦୁଇକୋଟି ବୟାଅଣୀ ଲକ୍ଷ ଦଶହଜାର ଛଅଶହ ଏକାବନ ଟଙ୍କା ମାତ୍ର)** ସମେତ ପରିଶୋଧ ତାରିଖ ସୁଦ୍ଧା ଚୁକ୍ତିମୂଳକ ଦରରେ ପରବର୍ତ୍ତୀ ସୁଧ, କଥିତ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନୋଟିସ ଜାରି କରିଥିଲେ।

ତା୧୨।୧୨।୨୦୧୨ରିଖର ଆସାଇନ୍‌ମେଣ୍ଟ ରାଜିନାମା ଅନୁଯାୟୀ, ଆଇଏସ୍‌ଏଆରସି ଆଇଏସ୍‌ଏଆରସି-ଏଫ୍‌ଏ-୨୭-।/୨୦୧୨-୧୩ ଟ୍ରଷ୍ଟର କ୍ଷମତାରେ ସରଫେସି ଆକ୍ଟ, ୨୦୦୨ର ଧାରା ୫ର ବ୍ୟବସ୍ଥାପନ ଅନୁଯାୟୀ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ଋଣଗ୍ରହୀତାଙ୍କୁ ମଞ୍ଜୁର କରାଯାଇଥିବା ଆର୍ଥିକ ସହାୟତା ସମେତ ସମସ୍ତ ନିହିତ ବନ୍ଧକ ସୁଧ ତଥା ସେମାନଙ୍କର ସମସ୍ତ ଅଧିକାରର ଆସାଇନ୍‌ମେଣ୍ଟ ନେଇଥିଲେ। ଋଣଗ୍ରହୀତା/ଜାମିନଦାତା/ବନ୍ଧକଦାତା ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ବିଶେଷକରି ଋଣଗ୍ରହୀତା/ଜାମିନଦାତା/ବନ୍ଧକଦାତା ଏବଂ ସାଧାରଣ ଭାବେ ଜନସାଧାରଣଙ୍କୁ ଏତଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩ (୪) ସହିତ ପଠନପୂର୍ବକ କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **୨୯ ଜାନୁୟାରୀ, ୨୦୧୯** ଦିନ ନିଜ ଦଖଲକୁ ନେଇଛନ୍ତି।

ବିଶେଷକରି ଋଣଗ୍ରହୀତା/ଜାମିନଦାତା/ବନ୍ଧକଦାତା ଏବଂ ସାଧାରଣ ଭାବେ ଜନସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ କଥିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କାରବାର କରାଗଲେ ଆଇଏସ୍‌ଏଆରସି ଦ୍ୱାରା ତା୦୧।୦୨।୨୦୦୮ରିଖ ସୁଦ୍ଧା ରହିଥିବା କଥିତ ମୋଟ ଅର୍ଥରାଶି ଟ.୨,୮୨,୧୦,୬୫୧.୦୦ **(ଦୁଇକୋଟି ବୟାଅଣୀ ଲକ୍ଷ ଦଶହଜାର ଛଅଶହ ଏକାବନ ଟଙ୍କା ମାତ୍ର)** ଏବଂ ତା୨।୨।୨୦୦୮ଠାରୁ ତାହା ଉପରେ ଲାଗୁ ସୁଧ ଆଦାୟଯୋଗ୍ୟ ହେବ।

"ଆକ୍ଟର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନ ଅନୁଯାୟୀ, ଉପଲବ୍ଧ ସମୟ ସଂକ୍ରାନ୍ତରେ, ବନ୍ଧକ ପରିସମ୍ପତ୍ତିଗୁଡ଼ିକୁ ମୁକୁଳାଇବା ପାଇଁ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।"

*****ଅସ୍ଥାବର/ସ୍ଥାବର ସମ୍ପତ୍ତିଗୁଡ଼ିକର ବର୍ଣ୍ଣନା*****

୧. କମ୍ପାନୀ ନାମରେ ଅସ୍ଥାବର ପରିସମ୍ପତ୍ତିଗୁଡ଼ିକର ଦୃଷ୍ଟିବନ୍ଧକ।
୨. ଜିଲ୍ଲା- ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ଲଟ୍.ନଂ. ପି/୨୦ଠାରେ ଅବସ୍ଥିତ ଏବଂ ୨.୪୨୬ ଏକର କ୍ଷେତ୍ରର ପରିମାପର, ନକସା ନଂ. ବି-୯୮୩ (ବିଡିଏ) ଅନୁଯାୟୀ, ରାଜସ୍ୱ ପ୍ଲଟ୍ ନଂ.୧୨ (ଭାଗ) ଏବଂ ଜମି ୧୩(ଭାଗ), ଖାତା ନଂ.୧୪୨୭ (ଜିଏଡି), ମୌଜା- ଜୟଦେବ ବିହାର ଏବଂ ପ୍ଲଟ୍ ନଂ.୩୨୬ (ଭାଗ), ଖାତା ନଂ.୬୧୯ (ଜିଏଡି), ମୌଜା-ଚନ୍ଦ୍ରଶେଖରପୁର, ନ୍ୟୁ କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାଠାରେ ଅବସ୍ଥିତ କମ୍ପାନୀର ସ୍ଥାବର ସମ୍ପତ୍ତିର ନ୍ୟାୟସଙ୍ଗତ ବନ୍ଧକ।

ପ୍ରାଧିକୃତ ଅଧିକାରୀ
ସ୍ଥାନ: ଭୁବନେଶ୍ୱର
ଇଣ୍ଡିଆ ଏସ୍‌ଏମ୍‌ଇ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ଲିମିଟେଡ୍ (ଆଇଏସ୍‌ଏଆର୍‌ସି)
ତାରିଖ: ୨୯ ଜାନୁୟାରୀ, ୨୦୧୯ ଆଇଏସ୍‌ଏଆରସି-ଏଫ୍‌ଏ-୨୭-।/୨୦୧୨-୧୩ ଟ୍ରଷ୍ଟ ଭାବେ ନିଜର କ୍ଷମତାରେ କାର୍ଯ୍ୟରତ

ଶ୍ରୁତିଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

ମାତ୍ର ୫ ବର୍ଷ ବୟସରେ କରାଟେ ଚାମ୍ପିୟନ ହୋଇଥିବା ଶ୍ରୁତି ଓଝାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ସମ୍ମାନିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ)ରେ ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୁତିଙ୍କୁ ରୌପ୍ୟ ମେଡେଲ ପ୍ରଦାନ କରିଛନ୍ତି। ଶ୍ରୁତି ଜୀବନରେ ଆହୁରି ସଫଳତା ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୁତି ଏଯାବତ୍ ସେ ୩ଟି ଅନ୍ତର୍ଜାତୀୟ, ୪ଟି ଜାତୀୟ ଏବଂ ୩ଟି ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ପଦକ ଜିତିସାରିଛନ୍ତି।

ସଂକ୍ଷେପରେ

ଏମ୍ଏସ୍ପି, ସ୍ୱତନ୍ତ୍ର ପାହ୍ୟା ଓ ମହିଳା ସ୍ଥାନ ସଂରକ୍ଷଣକୁ ବିଜେଡି ପ୍ରସଙ୍ଗ କରିବ

ନୂଆଦିଲ୍ଲୀ,୩୦।୧:

ଷୋଡ଼ଶ ଲୋକ ସଭାର ଶେଷ ଅଧିବେଶନ ଗୁରୁବାର ଆରମ୍ଭ ହେଉଥିବାବେଳେ ବିଜୁ ଜନତା ଦଳ (ବିଜେଡି) ଏମ୍ଏସ୍ପି, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଏବଂ ମହିଳା ସ୍ଥାନ ସଂରକ୍ଷଣକୁ ପ୍ରସଙ୍ଗ କରିବ ବୋଲି କହିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) କ୍ୱିଣ୍ଟାଲ ପ୍ରତି ୨୯୩୦ ଟଙ୍କା କରିବା, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଦାବି ଦଳ ପକ୍ଷରୁ ଉଠାଯିବ ବୋଲି ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ କହିଛନ୍ତି। ଧାନ ଏମ୍ଏସ୍ପି ବୃଦ୍ଧି ଦାବିରେ ବିଜେଡି ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଅଧିବେଶନରେ ସେହି ପ୍ରସଙ୍ଗ ଉଠାଇବା ସହ ପ୍ରାକୃତିକ ବିପର୍ଯ୍ୟୟ ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ୍ ଦିଆଯାଇଛି ବୋଲି ଭର୍ତ୍ତୃହରି କହିଛନ୍ତି। ଗତ ଅଧିବେଶନରେ ଉକ୍ତ ପ୍ରସଙ୍ଗ ତାଲିକାଭୁକ୍ତ ହୋଇଥିଲେ ମଧ ଆଲୋଚନା ହୋଇପାରି ନ ଥିଲା। ଏହା ବ୍ୟତୀତ ରାଜ୍ୟ ବିଧାନସଭା ଏବଂ ପାର୍ଲାମେଣ୍ଟରେ ମହିଳାଙ୍କ ଲାଗି ସ୍ଥାନ ସଂରକ୍ଷଣ ଏବଂ ପୋଲାଭରମ୍ ପ୍ରସଙ୍ଗ ମଧ ଉଠାଯିବ। ୧୩ ତାରିଖରେ ଶେଷ ହେବାକୁ ଥିବା ଏହି ଅଧିବେଶନରେ ମୋଟ ୧୦ଟି କାର୍ଯ୍ୟଦିବସ ରହିଛି। ତେଣୁ ଓଡ଼ିଶା ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗ ଉଠାଇବାକୁ ଉଦ୍ୟମ କରାଯିବ। କେନ୍ଦ୍ର ସରକାରଙ୍କ ପାଖରେ ୬୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅନୁଦାନ ବକେୟା ପଡିରହିଥିବାବେଳେ ସେଥିପାଇଁ ଚାପ ପକାଇବେ ବୋଲି ଭର୍ତ୍ତୃହରି କହିଛନ୍ତି।

ଜନଜାତିଙ୍କ ଅଧିକାରକୁ ଛଡ଼ାଇ ନିଆଯାଇଛି: ଭାଜପା

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

- ପୁରୀରେ ଭାଜପା ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚା ମହାଧିବେଶନ
- ଯୋଗଦେବେ ଆସାମ ଓ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ

ପୁରୀ ତାଳବଣିଆଠାରେ ଆସନ୍ତା ୨ ଓ ୩ ତାରିଖରେ ଦୁଇଦିନିଆ ଭାଜପା ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ମହାଧିବେଶନ ଅନୁଷ୍ଠିତ ହେବ । ଫେବୃୟାରୀ ୧ରେ ମୋର୍ଚ୍ଚାର ରାଷ୍ଟ୍ରୀୟ ପଦାଧିକାରୀମାନଙ୍କ ବୈଠକ ଅନୁଷ୍ଠିତ ହେବ । ବୈଠକରେ ବିଭିନ୍ନ ସାଂଗଠନିକ ରଣନୀତି ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାମବିଚାର ନେତମ ସୂଚନା ଦେଇଛନ୍ତି । ମହାଧିବେଶନର ଉଦ୍‌ଘାଟନୀ ସମାରୋହରେ ଆସାମ ଓ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ ତ୍ରିପୁରା ଉପ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ। ଏହାସହ ୩ ତାରିଖରେ ଆଦିବାସୀଙ୍କ ହକ୍ ପାଇଁ 'ଆଦିବାସୀ ଅଧିକାର ରାଲି'ର ଆୟୋଜନ କରାଯାଇଛି । ଏହି ରାଲିକୁ ଦଳର ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଉଦ୍‌ବୋଧନ କରିବେ । ଓଡିଶାରେ ଜନଜାତିମାନଙ୍କ ଅଧିକାରକୁ ରାଜ୍ୟ ସରକାର ଛଡ଼ାଇ ନେଉଥିବା ରାମବିଚାର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାମବିଚାର କହିଛନ୍ତି ଯେ, ଆଦିବାସୀମାନଙ୍କ ଅଧିକାର ପାଇଁ ଆୟୋଜିତ ଏହି ଅଧିବେଶନରେ ୫ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ସାମିଲ ହେବେ। ଏହାସହ ଦେଶର ପ୍ରମୁଖ ଆଦିବାସୀ ନେତା, ମନ୍ତ୍ରୀ, ବିଧାୟକ, ଜିଲାପରିଷଦ ଅଧ୍ୟକ୍ଷମାନେ ମଧ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ଲକ୍ଷେରୁ ଉର୍ଦ୍ଧ୍ୱ ଆଦିବାସୀ ଯୋଗଦେଇ ନିଜ ଅଧିକାର ସୁରକ୍ଷା ପାଇଁ ଦାବି ଓ ରାଜ୍ୟ ସରକାରଙ୍କ ଜନଜାତି ବିରୋଧୀ ନୀତିକୁ ବିରୋଧ କରିବେ। ଜନଜାତିମାନଙ୍କ ଅଧିକାରକୁ ଛଡାଇ ନେବା, କେନ୍ଦ୍ର ସରକାର ପ୍ରଣୟନ କରିଥିବା ଯୋଜନାକୁ ଠିକ୍ ଭାବେ ଲାଗୁ କରାଇ ନ ଦେବା ଏବଂ ଜନଜାତି ଆଦିବାସୀମାନଙ୍କର ବିଭିନ୍ନ ଜ୍ୱଳନ୍ତ ପ୍ରସଙ୍ଗକୁ ନେଇ ଆଲୋଚନା ହେବ ବୋଲି ରାମବିଚାର କହିଛନ୍ତି। ଏ ହି ପରିପ୍ରେକ୍ଷୀରେ ଖବରଦାତା ସମ୍ମିଳନୀରେ ଆଦିବାସୀ ଅଧିକାର ରାଲିର ପୋଷ୍ଟର ରିଲିଜ କରାଯାଇଛି ।

ରାମମନ୍ଦିର ନିର୍ମାଣ ୨୧ରୁ

ପ୍ରୟାଗରାଜ,୩୦।୧

ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ

ଫେବୃୟାରୀ ୨୧ରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଦ୍ୱାରିକାପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ବୁଧବାର କହିଛନ୍ତି। କୁମ୍ଭମେଳାରେ ସାଧୁସନ୍ଥମାନଙ୍କ ୩ ଦିନିଆ ଧର୍ମ ସଂସଦ ବୈଠକର ଅନ୍ତିମ ଦିବସରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିଦିନ ମନ୍ଦିର ନିର୍ମାଣ ଶୁଭାରମ୍ଭ ଉତ୍ସବର ଆୟୋଜନ କରାଯିବ। ଏଥିପାଇଁ ସେଠାରେ ଉପସ୍ଥିତ ସାଧୁସନ୍ଥମାନେ ଗୁଳିର ସାମ୍ନା କରିବାକୁ ମାନସିକସ୍ତରରେ ପ୍ରସ୍ତୁତ ହୋଇଥିବା ସେ କହିଛନ୍ତି। ଫେବୃୟାରୀ ୧୦ ବସନ୍ତ ପଞ୍ଚମୀ ପରେ ସାଧୁମାନେ ପ୍ରୟାଗରାଜରୁ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ରାମ ମନ୍ଦିର ନିର୍ମାଣ ନେଇ ଆୟୋଜିତ ହେବାକୁ ଥିବା ଉତ୍ସବକୁ 'ଇଷ୍ଟିକା ନ୍ୟାସ' ବା ଇଟା ସଂଗ୍ରହ ଓ ଖଞ୍ଜିବା କାର୍ଯ୍ୟକ୍ରମ ଭାବେ ନାମିତ କରାଯାଇଛି। ନିକଟରେ ରାମ ଜନ୍ମଭୂମି ବିବାଦୀୟ ମାମଲାରେ ନିର୍ବିବାଦୀୟ ଜମି ମୂଳ ମାଲିକମାନଙ୍କୁ ଫେରାଇ ଦିଆଯିବା ପାଇଁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିବା ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ସାଧୁସନ୍ଥଙ୍କ ଧର୍ମ ସଂସଦ ଆଭିମୁଖ୍ୟ ସ୍ପଷ୍ଟ କରିଥିବା ଜଣାଯାଇଛି।

ଆସନ୍ତା ୬ରେ ପୁଣି ଓଡ଼ିଶା ଆସିପାରନ୍ତି ରାହୁଲ

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୬ତାରିଖରେ ଦ୍ୱିତୀୟ ଥର ଲାଗି ଓଡ଼ିଶା ଗସ୍ତରେ ଆସିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ଏନେଇ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇ ନ ଥିବାବେଳେ ଦଳ ଭିତରେ ଆଲୋଚନା ଜାରି ରହିଛି। ରାହୁଲଙ୍କ କାର୍ଯ୍ୟକ୍ରମ ରାଉରକେଲା କିମ୍ବା ଭବାନୀପାଟଣାଠାରେ ହୋଇପାରେ। ରାଉରକେଲାରେ ଯଦି ରାହୁଲଙ୍କ କାର୍ଯ୍ୟକ୍ରମ କରାଯାଏ ତେବେ ଆୟୋଜନ କରିବା ପାଇଁ ରାଜ୍ୟ ନେତୃବୃନ୍ଦଙ୍କୁ କଷ୍ଟ ହେବ ବୋଲି ଦଳର ଜଣେ ନେତା ସୂଚନା ଦେଇଛନ୍ତି। ସେଥିଲାଗି ରାଉରକେଲାରେ ଏକ ପ୍ରକାର କାର୍ଯ୍ୟକ୍ରମ ନ ହୋଇ ଭବାନୀପାଟଣାରେ ହେବାର ସମ୍ଭାବନା ଅଧିକ ରହିଛି। ଗତ ୨୫ତାରିଖରେ ଦୀର୍ଘ ସାଢ଼େ ୩ବର୍ଷ ପରେ ରାହୁଲ ଓଡ଼ିଶା ଆସି ଉଭୟ ଭାଜପା ଏବଂ ବିଜେଡି ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ରାହୁଲଙ୍କ ଏଭଳି ଆଭିମୁଖ୍ୟ କଂଗ୍ରେସକୁ ପୁନର୍ଜୀବନ ଦେଇଥିବା ରାଜ୍ୟବ୍ୟାପୀ ଚର୍ଚ୍ଚା ହେଉଛି।

ବିଧାନସଭା ଅଧିବେଶନ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

- ରବିବାର ବିଜେଡିର ବିଧାୟକ ଦଳ ବୈଠକ
- ଚିଟ୍‌ଫଣ୍ଡ ପ୍ରସଙ୍ଗରେ ବିଜେଡିକୁ ଘେରିବେ ଭାଜପା, କଂଗ୍ରେସ

ବିଧାନସଭାର ଅନ୍ତିମ ତଥା ବଜେଟ ଅଧିବେଶନ ଆସନ୍ତା ୪ତାରିଖରୁ ଆରମ୍ଭ ହେବ। ୨୦୧୯ ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହୋଇଥିବା କାରଣରୁ ବିରୋଧୀ ଶାସକ ଦଳ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ନିଶ୍ଚିତ। ତେଣୁ ବିରୋଧୀ ଦଳର ରଣନୀତିକୁ ସାମ୍ନା କରିବା ପାଇଁ ଶାସକ ବିଜେଡି ପ୍ରସ୍ତୁତ ହେବ। ଏଥିପାଇଁ ବିଧାନସଭାରେ ବିରୋଧୀଙ୍କୁ ଘେରିବାକୁ ଶାସକ ଦଳର ବିଧାୟକ ଦଳ ବୈଠକ ଆସନ୍ତା ରବିବାର କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ଟାରେ ବିଧାନସଭାର ୫୪ନମ୍ବର କକ୍ଷରେ ଶାସକ ଦଳର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ସୂଚନା ଦେଇଛନ୍ତି। ବୈଠକରେ କେନ୍ଦ୍ର ସରକାରଙ୍କ ଅବହେଳା ପ୍ରସଙ୍ଗକୁ ଜୋର୍‌ଦାର ଭାବେ ଉଠାଯିବ। ଏହାସହ ଶାସକ ଦଳର ଦୁଇ ବିଧାୟକଙ୍କୁ ସିବିଆଇ ନୋଟିସ୍ ଆସିବା ପରେ ବିରୋଧୀଙ୍କ ଆକ୍ରମଣରୁ ମୁକ୍ତି ପାଇବା ପାଇଁ ମଧ ବୈଠକରେ ଗୁରୁତ୍ୱପୂର୍ଣ୍ଣ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି। ଭାଜପା ବିଧାୟକ ଦଳ ବୈଠକ ଆସନ୍ତା ୩ତାରିଖରେ ଅନୁଷ୍ଠିତ ହେବ। ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟରେ ଏହି ବୈଠକ ବସିବ। ବୈଠକରେ ମୁଖ୍ୟତଃ ନାରୀ ନିର୍ଯ୍ୟାତନା, ରାଜ୍ୟ ସରକାରଙ୍କ କାଳିଆ, ପିଠା ଏବଂ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବ୍ୟାପକ ଦୁର୍ନୀତି, ଚାଷୀ ସମସ୍ୟା ଏବଂ ଚିଟ୍‌ଫଣ୍ଡ ପ୍ରସଙ୍ଗକୁ ମୁଖ୍ୟ ଅସ୍ତ୍ର କରାଯିବ ବୋଲି ଜଣାପଡ଼ିଛି। ଦଳର ବୈଠକ ସମ୍ପର୍କିତ ଖବର ଭାଜପା ବିଧାୟକ ରବି ନାୟକ ସୂଚନା ଦେଇଛନ୍ତି। କଂଗ୍ରେସ ମଧ ଉଭୟ ବିଜେଡି ଏବଂ ଭାଜପାକୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି। ଅନ୍ୟପଟେ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଆସନ୍ତା ୩ତାରିଖରେ କଂଗ୍ରେସ ବିଧାୟକ ଦଳ ବୈଠକ ବସିବ ବୋଲି ଜଣାପଡ଼ିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଏରେଣ୍ଡା କେରେଣ୍ଡା କୋଳି
କଉଡ଼ି ନ ଦେଲେ ନ ଦେବି କାଳି
ଶାଶୁଘର ଦେବେ ଗାଳି ।

ସାଧାରଣତଃ ଦୋକାନୀମାନେ ନଗଦ ବେପାର ଉପରେ ଜୋର ଦେଇଥାନ୍ତି। କୌଣସି ଗରାଖ ଆସି ବାକି ମାଗିଲେ ମନା କରିଦେଇଥାନ୍ତି। ପଇସା ନ ଦେଲେ ଜିନିଷ ଦେବେନି ବୋଲି କହିଥାନ୍ତି। ବାକି ଦେଲେ ଶାଶୁଘର ଲୋକେ ଗାଳି ଦେବା ଭୟରେ ବୋହୂ କୋଳି ଭଳି ଅଳ୍ପ ମୂଲ୍ୟର ଜିନିଷ ମଧ ଦେବାକୁ ଅମଙ୍ଗ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଏଇ କଥାକୁ
ନାଆ ପେଲିଦେଲି କଲିକତାକୁ ।

କେତେକ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ ଏତେ ଚିନ୍ତା ବୋଲି କଲି ଫୁତ୍କାରରେ ଉଡେଇ ଦେଇଥାନ୍ତି। କଥାକୁ ଗୁରୁତର ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଧାରାବାହିକ ନିର୍ମାଣ କରିବେ ରଜନୀକାନ୍ତଙ୍କ ଝିଅ

ମୁମ୍ବାଇ

ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ସୌନ୍ଦର୍ଯ୍ୟା ଐତିହାସିକ ତାମିଲ ଉପନ୍ୟାସ 'ପନିୟିନ୍ ସେଲଭାନ'ର ଧାରାବାହିକ ନିର୍ମାଣ କରିବେ। ଷ୍ଟ୍ରିମିଙ୍ଗ୍ ପ୍ଲାଟଫର୍ମ ଏମ୍ଏକ୍ସ ପ୍ଲେୟାରର ସହଭାଗିତାରେ ସୌନ୍ଦର୍ଯ୍ୟା ତାଙ୍କର ମେ' ୬ ଏଣ୍ଟରଟେନ୍‌ମେଣ୍ଟ ସହଯୋଗରେ ଏହି ମେଗା ଧାରାବାହିକ ପ୍ରସ୍ତୁତ କରିବାକୁ ଯାଉଥିବା ଜଣାଇଛନ୍ତି। ଭାରତ ଇତିହାସରେ ଚୋଳ ରାଜବଂଶର ଲମ୍ବା ରାଜୁତି ସମୟର ସାମାଜିକ ଏବଂ ରାଜନୈତିକ ପୃଷ୍ଠଭୂମି ଉପରେ ଆଧାରିତ ତାମିଲ ସାହିତ୍ୟର ସର୍ବାଧିକ ଲୋକପ୍ରିୟ ଉପନ୍ୟାସ 'ପନିୟିନ୍ ସେଲଭାନ'ର ଡିଜିଟାଲ ମେଗା ଧାରାବାହିକ ଡ୍ରାମା ଦର୍ଶକଙ୍କୁ ନିଶ୍ଚିତ ଆନ୍ଦୋଳିତ କରିବ ବୋଲି ସୌନ୍ଦର୍ଯ୍ୟା କହିଛନ୍ତି।

ଆଜି ଆସୁଛନ୍ତି ଅରବିନ୍ଦ କେଜ୍‌ରିୱାଲ

ଭୁବନେଶ୍ୱର,୩୦।୧(ବ୍ୟୁରୋ)- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର ଓଡ଼ିଶା ଆସୁଛନ୍ତି। ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ସାମାଜିକ ନ୍ୟାୟ ପକ୍ଷରୁ ହେବାକୁ ଥିବା ସମାବେଶରେ ଅରବିନ୍ଦ ଯୋଗ ଦେବେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବା ପରେ ଅରବିନ୍ଦଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ। ତାଙ୍କ ସହ ଦଳର ରାଜ୍ୟ ସଭା ସଦସ୍ୟ ଥିବା ସଞ୍ଜୟ ସିଂ ମଧ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏଏପି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅରବିନ୍ଦ ଗୁରୁବାର ପୂର୍ବାହ୍ନ ୧୦ଟା ୩୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ସିଧାସଳଖ ରାଜ୍ୟ ଅତିଥି ଭବନ ଯାଇ ମଧ୍ୟାହ୍ନ ୧୨ଟା ୧୫ ପର୍ଯ୍ୟନ୍ତ ରହିବେ। ଏହି ସମୟରେ ରାଜ୍ୟର କିଛି ବିଶିଷ୍ଟ ବ୍ୟକ୍ତି ତାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ଅରବିନ୍ଦ ୧୨ଟା ୩୦ରେ ଲୋୟର ପିଏମ୍‌ଜି ସଭା ଅଭିମୁଖେ ଗସ୍ତ କରିବେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

କେମିତି ରହିବ ଆଜିର ପାଗ


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ସକାଳେ କୁହୁଡିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୨୭.୪	୯.୬
ଚାନ୍ଦବାଲି	୨୫.୬	୧୩.୦
କଟକ	୨୭.୦	୧୦.୫
ପାରାଦ୍ୱୀପ	୨୪.୭	୧୫.୨
ଭୁବନେଶ୍ୱର	୨୬.୮	୧୦.୮
ଗୋପାଳପୁର	୨୭.୦	୧୫.୦
ପୁରୀ	୨୬.୦	୧୫.୦
ଅନୁଗୋଳ	୨୫.୯	୬.୬
ବାରିପଦା	୨୪.୬	୯.୫
ଝାରସୁଗୁଡ଼ା	୨୫.୧	୭.୬
କେନ୍ଦୁଝର	୨୩.୮	୭.୪
ସମ୍ବଲପୁର	୨୬.୫	୭.୮
ସୁନ୍ଦରଗଡ଼	---	୧୨.୦
ହୀରାକୁଦ	୨୫.୦	୧୦.୧
ତାଳଚେର	---	୧୦.୩
ଭବାନୀପାଟଣା	୨୫.୦	୮.୫
ବଲାଙ୍ଗୀର	୨୫.୭	୧୩.୦
କୋରାପୁଟ	୨୫.୦	୮.୬
ଫୁଲବାଣୀ	---	୬.୩
ଟିଟିଲାଗଡ଼	---	୧୧.୫
ମାଲକାନଗିରି	୨୯.୬	୮.୫
ସୋନପୁର	୨୫.୮	୭.୬
ଦାରିଙ୍ଗିବାଡ଼ି	୨୩.୦	୪.୦
ଢେଙ୍କାନାଳ	---	---

ଡିଗ୍ରୀ ସେଲ୍‌ସିୟସ୍

ଖଟିରେ ଖଟିରେ...

ସବୁ ବନ୍ଧା ହେବ

ଆରେ ହେଇ ମୁଁ ଶୁଣୁଛି କୁଆଡେ, ଏଥର ରାତିଯାକ ତୁମ ଉପର ମହଲା କୋଠରି ଖୋଲା ରହିବ। ଆଉ ତୁମମାନଙ୍କ କେଇଜଣ ହେଭିୱେଟ୍ ଭାଇ କୁଆଡେ ଏଥର ସେଇଠି ଯାଇ ଶୋଇବେ। ଆମ ରମାଦେବୀ କଲେଜ ସାମ୍ନାର ଚା ଖଟିରେ ଜଣେ ଗେରୁଆ ଦଳର ଭାଇ ଏମନ୍ତ ଢଙ୍ଗରେ ଶଙ୍ଖ ଦଳର ଜଣେ ମହାଶୟଙ୍କୁ ଇଙ୍ଗିତ କରୁଥାଆନ୍ତି। ଆଉ କହୁଥାଆନ୍ତି, ହଁ ମ, ଏଥିରେ ଖରାପ କ'ଣ ? ଇଲେକ୍ସନ ପାଖଟା, ଏବେ ଲୋକେ ଶୁଆଇ ଦେଇ ନ ଥାଆନ୍ତେ, ଯଦି ଏତେ ଭଲ ସୁବିଧା ମିଳୁଛି ତେବେ ଖରାପଟା କ'ଣ। ଗେରୁଆ ବାବୁଙ୍କ ଏଇ କେଇପଦ କଥା ଶୁଣି ଶଙ୍ଖ ମହାଶୟ ରକ୍ତ ଚାଉଳ ଚୋବାଇବା ଭଳି ଦାନ୍ତ କଟମଟ କରୁଥାଆନ୍ତି। ଆଉ ରାଗି କହିଲେ, ଆମ ଭାଇମାନେ ସିନା ରକ୍ଷା ପାଇବାକୁ ଉପର ମହଲା ପଳାଇବେ। ହେଲେ ତୁମ ଗେରୁଆ ଭ୍ରାତାମାନେ କୋଉଠି ଶୋଇବେ ହୋ ? ଜମା ଉତ୍ତର ନାହିଁ, ଆଗକୁ ଏମିତି ହବ ଯେ, ଗୋଟେ ପରେ ଗୋଟେ ସବୁ ବନ୍ଧା ହେବ। ତୁମେ ଯେତେ ଖେଳ କଲେ ବି ଏଥର ଶଙ୍ଖ ବାଜିବା ନିଶ୍ଚିତ।

ବାଃ ବାଃରେ ରାଜନୀତି

ପାପୁଲି ଦଳର ହାଇକମାଣ୍ଡ ଓଡ଼ିଶା ବୁଲିଯିବା ପରେ କର୍ମୀ ଉତ୍ସାହିତ ଜଣାପଡୁଛନ୍ତି। ହେଲେ ସେହି ଉତ୍ସାହ କେତେ ଆସନ ଜିତାଇବ, ତାହା ଜଣା ପଡ଼ିନାହିଁ। ଏହିକଥା ବର୍ତ୍ତମାନ ଖଟିରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ମାଷ୍ଟରକ୍ୟାଣ୍ଟିନ ଚା ଖଟିରେ ରବିବାର ଏହି ସମ୍ପର୍କରେ ଆଲୋଚନା ଚାଲିଥାଏ। ଯାଜପୁରର ଜଣେ ବରିଷ୍ଠ କର୍ମୀ କହିଲେ, ଏଥର ୮୦ ଆସନ ସୁନିଶ୍ଚିତ। ଏକଥା ଶୁଣି ଅନ୍ୟ ସଦସ୍ୟଙ୍କ ହଜମ ହେଲା ନାହିଁ। ସେ ଛିଗୁଲେଇ ଯାଜପୁର ବ୍ୟକ୍ତିଙ୍କୁ କହିଲେ, ହାଇକମାଣ୍ଡ ପରା ଦେଶର ମୁଖିଆ ହେବେ। ତେଣୁ ତାଙ୍କର ଲୋକ ସଭା ଆସନ ଦରକାର। ଗଲା ଥରକ ତ ଖମ୍ବଆଳୁ ପାଇଥିଲେ, ଏଥର କେତେ ସେ କଥା କୁହ। ଏକଥା ଶୁଣି ଯାଜପୁର ବ୍ୟକ୍ତିଙ୍କ ମୁଣ୍ଡ ଟିଣ। ସେ କହିଲେ, କାହିଁ ଆମକୁ ତ ସେ କଥା କୁହାଯାଇନି। ୮୦ ବିଧାୟକ ଜିତିଲେ ପାପୁଲି ରାଇଜ ମୁଖିଆ ରାଇଜ ମୁଖ୍ୟ ହେବେ। ଲୋକ ସଭାରୁ କ'ଣ ମିଳିବ। ଏକଥା ଶୁଣି ଅନ୍ୟ ବ୍ୟକ୍ତିଜଣକ କହିଲେ, ତା ମାନେ ପ୍ରଚାର କରିବେ ହାଇକମାଣ୍ଡ, ଫଳ ପାଇବେ ଖଣି ମାନ୍ୟବର। ବାଃ ବାଃରେ ରାଜନୀତି।

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695 8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 (Telangana)
7787907927 7787922501 9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!! ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914 9319817746 9650353144
Add.: T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443 7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website: mahalaxmicreditservices.com
Lane No 5, MG Road, Bangalore
9105689469 8395030162

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765 8512004851

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081 8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BALAJI FINANCE LTD.
(SINCE 1986) GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
28 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306 9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

ପଦ୍ମପତ୍ରରେ ଥିବା ପାଣି ଯେଭଳି ଢଳଢଳ ହୁଏ, ଜୀବନ ସେହିପରି ଚଞ୍ଚଳ।

- ଆଦି ଶଙ୍କରାଚାର୍ଯ୍ୟ

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆଲୁମିନିୟମ୍ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ 'ଆଲୁମିନିୟମ୍' ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟନ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ସକାଳ ୯ଟା ୪୫।
- ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା–୨୦୧୯, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍–୩, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଗୋଲାପ ଫୁଲ ପ୍ରଦର୍ଶନୀ, ଟିସୁ କଲ୍‌ଚର କୃଷିଫାର୍ମ ପରିସର, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟ, ପୂର୍ବାହ୍ନ ୧୦ଟା ୪୫।
- ନେରୋକା ଏଫ୍‌ସି ଓ ଇଣ୍ଡିଆନ ଆରୋଜ ଫୁଟବଲ ଦଳର ଅଭ୍ୟାସ, କଳିଙ୍ଗ ଷ୍ଟାଡିୟମ୍, ଅପରାହ୍ନ ୨ଟା।
- 'ଆଦିବାସୀ ମେଳା–୨୦୧୯', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍–୩, ଅପରାହ୍ନ ୨ଟାରୁ ରାତି ୯ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଓଡ଼ିଶା ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ଅପରାହ୍ନ ୩ଟାରୁ ରାତି ୯ଟା।
- 'ପୁସ୍ତକଚର୍ଚ୍ଚା' କାର୍ଯ୍ୟକ୍ରମରେ ପୁସ୍ତକ 'ନରକିନ୍ନର' ଉପରେ ଆଲୋଚନା, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସଂସ୍କୃତି ନିର୍ଦ୍ଦେଶାଳୟ, ସନ୍ଧ୍ୟା ୬ଟା।
- ଚିରସମର୍ଥାର ବିଂଶତିତମ ସ୍ୱନକ୍ଷତ୍ର ଓ ସମ୍ବର୍ଦ୍ଧନା ଉତ୍ସବ, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ କାର୍ଯ୍ୟକ୍ରମ 'ଶ୍ରୀଜଗନ୍ନାଥାୟନ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ସଂକ୍ଷେପରେ

ଗଞ୍ଜେଇ ଜବତ, ୬ ଗିରଫ

ଭୁବନେଶ୍ୱର,୩୦।୧(ବ୍ୟୁରୋ): କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଚନ୍ଦ୍ରକଳା ଗେଷ୍ଟ ହାଉସରେ ପୋଲିସ ଚଢ଼ାଉ କରି ୨୪ କି.ଗ୍ରା. ଗଞ୍ଜେଇ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଗୋଛାପଡା ଅଞ୍ଚଳର ଅଜୟ ଦିଗଲ, ପଦର୍ଶନ ଦିଗଲ, ସୁଲାଜିତ ବଗତାରି, ପ୍ରଫୁଲ୍ଲ ଦିଗଲ, ମଧୁ ବାଗତ୍ରୀ ଏବଂ ଦିନବନ୍ଧୁ ଦିଗଲ। ସୂଚନା ମୁତାବକ, ଗଞ୍ଜେଇ ଚୋରା କାରବାରରେ ସମ୍ପୃକ୍ତ ଥିବା ଲୋକମାନେ ଚନ୍ଦ୍ରକଳା ଗେଷ୍ଟ ହାଉସରେ ରହିଥିବା ନେଇ ମଙ୍ଗଳବାର ପୋଲିସକୁ ଖବର ମିଳିଥିଲା। ଖବର ପାଇ ତୁରନ୍ତ ଏକ ଟିମ ଉକ୍ତ ଗେଷ୍ଟ ହାଉସରେ ଚଢ଼ାଉ କରିଥିଲା। ପୋଲିସ ସେଠାରୁ ଦୁଇଟି ଜରି ପ୍ୟାକେଟରେ ଥିବା ଗଞ୍ଜେଇ ଜବତ କରିବା ସହ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ସେମାନଙ୍କୁ ପଚରା ଉଚରା କରିବା ପରେ ବୁଧବାର କୋର୍ଟ ଚାଲାଣ କରିଛି।

ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲା
ଶ୍ରୀକାନ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା ସିବିଆଇ

ଭୁବନେଶ୍ୱର, ୩୦।୧(ବ୍ୟୁରୋ): ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇଥିବା ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀକାନ୍ତ ମାହାତୋଙ୍କୁ ୩ ଦିନିଆ ରିମାଣ୍ଡରେ ନେଇଛି ସିବିଆଇ। ବୁଧବାର ସ୍ୱତନ୍ତ୍ର ସିବିଆଇ କୋର୍ଟ ଏନେଇ ଅନୁମତି ପ୍ରଦାନ କରିଛନ୍ତି। ରିମାଣ୍ଡ ସମୟରେ ସିବିଆଇ ତାଙ୍କଠାରୁ ଠକେଇ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, ଠକେଇ ସମ୍ପର୍କରେ ପଚରାଉଚରା ପାଇଁ ସିବିଆଇ ତରଫରୁ ଶ୍ରୀକାନ୍ତଙ୍କୁ ୩ଥର ସମନ ପଠାଯାଇଥିଲେ ମଧ ସେ ହାଜର ହୋଇ ନ ଥିଲେ। ଗତ ୨୪ ତାରିଖ ସକାଳେ ସିବିଆଇର ଏକ ୬ ଜଣିଆ ଟିମ୍ ଶ୍ରୀକାନ୍ତଙ୍କୁ ସାଉଥ କୋଲକାତାସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ଗିରଫ କରିଥିଲା।

ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଅଟକ

ଭୁବନେଶ୍ୱର,୩୦।୧(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଖସି ପଳାଉଥିବା ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ରସୁଲଗଡ କେନାଲବନ୍ଧ ଅଞ୍ଚଳରେ ଜଣେ ନାବାଳିକାଙ୍କ ଘରେ କେହି ନ ଥିବା ବେଳେ ଯୁବକ ଜଣକ ତାଙ୍କ ଘରକୁ ଯାଇ ଅସଦାଚରଣ କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଯୁବକ ଜଣକ ଦଉଡି ପଳାଉଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ।

କମିଶନରେଟ ପୋଲିସର ବାର୍ଷିକ ଅପରାଧ ପରିସଂଖ୍ୟାନ ରିପୋର୍ଟ
ଟୁଇନ୍ ସିଟିରେ ବଢ଼ିଛି ଅପରାଧ

ବଳାତ୍କାର ୨୮%, ହତ୍ୟା ୭.୪% ବୃଦ୍ଧି ପାଇଛି

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ଟୁଇନ୍ ସିଟି ଭୁବନେଶ୍ୱର–କଟକରେ ଅପରାଧ ବଢ଼ି ଚାଲିଛି। ଦିନ ହେଉ ଅବା ରାତି, ସହରବାସୀ ସର୍ବଦା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପୋଲିସ ପକ୍ଷରୁ ଯେତେ ବ୍ୟବସ୍ଥା କରାଗଲେ ମଧ୍ୟ ଅପରାଧୀଙ୍କ ଉପରେ ତାହାର କୌଣସି ପ୍ରଭାବ ପଡୁନାହିଁ। ବରଂ ଦିନକୁ ଦିନ ବଳାତ୍କାର, ହତ୍ୟା, ଲୁଟ୍ ଭଳି ସଙ୍ଗିନ ଅପରାଧ ବୃଦ୍ଧି ପାଉଛି, ଯାହାର ଉଦାହରଣ ହେଉଛି କମିଶନରେଟ ପୋଲିସର ବାର୍ଷିକ ଅପରାଧ ପରିସଂଖ୍ୟାନ ରିପୋର୍ଟ। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଉଭୟ ସହରରେ ଅପରାଧ ବୃଦ୍ଧି ପାଇଥିବା ଏଥିରେ ଦର୍ଶାଯାଇଛି।

ବୁଧବାର କମିଶନରେଟ ମୁଖ୍ୟାଳୟରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଉକ୍ତ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି। ଦ୍ୱୈତନଗରୀରେ ହତ୍ୟା, ବ୍ରାଉନସୁଗାର ବ୍ୟବସାୟ, ଦେହ ବ୍ୟବସାୟ, ଡକାୟତି, ଲୁଟ୍ ଆଦି ଆପରାଧିକ କାର୍ଯ୍ୟକଳାପ ବଢ଼ିଛି। ୨୦୧୫, ୨୦୧୬, ୨୦୧୭ ତୁଳନାରେ ୨୦୧୮ରେ ମୋଟ ଉପରେ ୫% ପ୍ରତିଶତ ଅପରାଧ ବୃଦ୍ଧିପାଇଛି ବୋଲି କମିଶନର ରିପୋର୍ଟ ଆଧାରରେ ସୂଚନା ଦେଇଛନ୍ତି।

କମିଶନରଙ୍କ ସୂଚନା ମୁତାବକ, ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ଅପରାଧ ସଂଖ୍ୟା ଅପେକ୍ଷାକୃତ ବୃଦ୍ଧିପାଇଛି। ବେକାରି ଓ ସହରୀକରଣ ଅପରାଧ ବୃଦ୍ଧିର ମୂଳ କାରଣ ପାଲଟିଛି। ଅପରାଧ ତାଲିକା ଅନୁସାରେ ଉଭୟ ସହରରେ ବଳାତ୍କାର ୨୮%, ହତ୍ୟା ୭.୪%, ରାହାଜାନି ୧୫.୭%, ମୋଟର ଯାନ ଦୁର୍ଘଟଣା ୧୩.୫%, ଡକାୟତି ୫.୭%, ଚୋରି ୦.୬%, ଆଇନ ଶୃଙ୍ଖଳା ପରିସ୍ଥିତି ୫% ବୃଦ୍ଧି ପାଇଛି। ସଂଗଠିତ ଓ ଯୋଜନାବଦ୍ଧ ଅପରାଧ ୨୦୧୮ରେ କମିଛି। ଅନ୍ୟ ବଡ଼ ସହର ଅପେକ୍ଷା ଟୁଇନ୍ ସିଟି ସୁରକ୍ଷିତ ଅଛି ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ରେ ମୋଟ ୧୦୬୮ ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ୧୦୬୭ ଜଣ ଗିରଫ ହୋଇଛନ୍ତି। ଏନ୍‌ଡିପିଏସ୍ ଆକ୍ଟରେ ୫୦ଟି ମାମଲା ରୁଜୁ ହୋଇଛି ଏବଂ ୮୩ ଜଣ ଗିରଫ ହୋଇଛନ୍ତି। ୨୦୧୮ରେ ଉଭୟ ସହରରେ ୫୧ଟି ବନ୍ଧୁକ ଓ ୧୫୬ଟି ଗୁଳି ଜବତ ହେବା ସହ ୧୩୮ ଜଣ ଗିରଫ ହୋଇଛନ୍ତି। ଏନ୍‌ବିଡବ୍ଲ୍ୟୁ ବଳରେ ୪୩୯୫ ଜଣ ଗିରଫ ହୋଇଛନ୍ତି। ସେହିଭଳି ବିଭିନ୍ନ ଜରିମାନା ବାବଦରେ ସାଢ଼େ ୭ କୋଟି ଟଙ୍କା ଆଦାୟ ହୋଇଛି।

ଚୋରି ଏବଂ ଡକାୟତି ପୋଲିସ ପାଇଁ ଚ୍ୟାଲେଞ୍ଜ ବୋଲି କମିଶନର ସ୍ୱୀକାର କରିଛନ୍ତି। ଅପରାଧୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଏବେ ପୋଲିସ ପୁରୁଣା ଫାଇଲ ଖୋଲିବ ବୋଲି ସେ କହିଛନ୍ତି। ୧୨ ବର୍ଷରେ ହୋଇଥିବା ଅପରାଧର ଫାଇଲ ଖୋଲାଯିବ। ଅଭ୍ୟାସଗତ ଅପରାଧୀ, ଚୋରି, ଡକାୟତି ଉପରେ ନଜର ରଖାଯିବା ସହିତ ଅପରାଧୀଙ୍କୁ ଶାସ୍ତି ଦେବା ପାଇଁ ପୋଲିସ ଉଦ୍ୟମ କରିବ। ଆଗାମୀ ନିର୍ବାଚନ କିଭଳି ଭାବରେ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି।

ଭିଏତ୍‌ନାମ ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିବା ଭିଏତ୍‌ନାମ ରାଷ୍ଟ୍ରଦୂତ ମି.ଫାନ ସାନ୍ସ ଚାଉ।

କୋଣାର୍କ, ୩୦।୧(ଡି.ଏନ୍.ଏ.)

ଭାରତରେ ଅବସ୍ଥାପିତ ଭିଏତ୍‌ନାମର ରାଷ୍ଟ୍ରଦୂତ ମି.ଫାନ ସାନ୍ସ ଚାଉ ବୁଧବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଭିଏତ୍‌ନାମ ରାଷ୍ଟ୍ରଦୂତ ଚାଉ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରାଷ୍ଟ୍ରଦୂତ ଚାଉଙ୍କୁ ଗାଇଡ ପ୍ରଦୀପ୍ତ ମଲ୍ଲ ମନ୍ଦିର ସମ୍ପର୍କରେ ଅବଗତ କରିଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେ ଏଠାକାର କଳା ସଂସ୍କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ରାଷ୍ଟ୍ରଦୂତଙ୍କ ଗସ୍ତ ସମୟରେ କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ବୁଧବାର ବିଧାନସଭା ପ୍ରାଙ୍ଗଣରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

ରାଜ୍ୟସ୍ତରୀୟ କୁଷ୍ଠ ନିବାରଣ ଦିବସ
କୁଷ୍ଠରୋଗ ସମ୍ପର୍କିତ ଅନ୍ଧବିଶ୍ୱାସ ଦୂର ହେବା ଦରକାର: ରାଜ୍ୟପାଳ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ରୋଗ ଉପଶମ ପାଇଁ ଔଷଧ ଯେତିକି ଆବଶ୍ୟକ, ତା'ଠୁ ଅଧିକ ସ୍ନେହ ଓ ଶ୍ରଦ୍ଧା ଦରକାର। ସ୍ନେହ, ଶ୍ରଦ୍ଧା ପାଇଲେ ରୋଗୀ ଶୀଘ୍ର ସୁସ୍ଥ ହୋଇପାରିବ। ଏଥିନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି। ବୁଧବାର ରାଜଭବନରେ କୁଷ୍ଠ ନିବାରଣ ଦିବସ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ତଥା ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଅଧ୍ୟକ୍ଷ ପ୍ରଫେସର ଲାଲ ଏହା କହିଛନ୍ତି। କୁଷ୍ଠରୋଗ ଉପରେ ବ୍ୟାପକ ସଚେତନତା ସୃଷ୍ଟି ହେବା ଉଚିତ। ଏହି ରୋଗ ପ୍ରତି ଥିବା ଭ୍ରାନ୍ତି ତଥା ସାମାଜିକ ବାଛବିଚାରମୂଳକ ମନୋଭାବରେ ପରିବର୍ତ୍ତନ ଆସିବା ଦରକାର। ଈଶ୍ୱରୀୟ ଚେତନାରେ ଅନୁପ୍ରାଣୀତ ହୋଇ ରୋଗୀଙ୍କ ସେବା ଏବଂ ସାମାଜିକ ଥଇଥାନ ପାଇଁ ସମସ୍ତେ ଆଗେଇ ଆସିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

ହିନ୍ଦ୍ କୁଷ୍ଠ ନିବାରଣ ସଂଘର କାର୍ଯ୍ୟ ପ୍ରଶଂସନୀୟ ଓ କ୍ଷେତ୍ରୀୟ ସ୍ତରରେ ସଂଘ ଉଲ୍ଲେଖନୀୟ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିବା ରାଜ୍ୟପାଳ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ଭାରତରୁ କୁଷ୍ଠରୋଗର ସମ୍ପୂର୍ଣ୍ଣ ନିବାରଣ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ନିତେନ୍ ଚନ୍ଦ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପି.କେ. ମେହେର୍ଦ୍ଦା, ହିନ୍ଦ୍ କୁଷ୍ଠ ନିବାରଣ ସଂଘର ଅବୈତନିକ ସଚିବ ଏସ୍.ପି. ପାଢ଼ୀ ପ୍ରମୁଖ ରାଜ୍ୟରେ କୁଷ୍ଠରୋଗର ସ୍ଥିତି ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କୁଷ୍ଠ ନିରାକରଣ କ୍ଷେତ୍ରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

ଯାତ୍ରୀ ନିବାସରୁ ଲିଙ୍ଗରାଜ ମନ୍ଦିର ପାଇଁ ବ୍ୟାଟେରି ଚାଳିତ ଯାନ

ପୁରୁଣା ଭୁବନେଶ୍ୱର, ୩୦।୧(ଡି.ଏନ.ଏ.)

ବହୁ ପ୍ରତିକ୍ଷୀତ ଶ୍ରୀଲିଙ୍ଗରାଜ ମନ୍ଦିରର ଯାତ୍ରୀ ନିବାସ ନିର୍ମାଣ ହେବା ପରେ ଏବେ ଅନ୍ୟ ଏକ ଯୋଜନା ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଛି। ବୁଧବାର ୭ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ବ୍ୟାଟେରି ଚାଳିତ ଯାନ ବିଭାଗ ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡକୁ ପ୍ରଦାନ କରାଯାଇଛି। ଏହି ବ୍ୟାଟେରି ଚାଳିତ ଯାନରେ ୧୨ ଜଣ ଲୋକ ବସି ପାରିବେ। ବୋର୍ଡକୁ ୫ଟି ବ୍ୟାଟେରି ଚାଳିତ ଯାନ ଦେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ବୁଧବାର ଦୁଇଟି ଯାନ ଦିଆଯାଇଛି। ପ୍ରତ୍ୟେକ ଯାତ୍ରୀଙ୍କ ପାଖରୁ ମନ୍ଦିର ପର୍ଯ୍ୟନ୍ତ ଏହି ଯାନଗୁଡ଼ିକ ଚାଲିବ ବୋଲି ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ ସୂଚନା ଦେଇଛନ୍ତି। ରାସ୍ତାର ସଂକୋଚନ ନେଇ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ଗାଡ଼ିଗୁଡ଼ିକ ଯାତ୍ରୀ ନିବାସଠାରୁ ମନ୍ଦିର ପର୍ଯ୍ୟନ୍ତ ଏହି ଯାନଗୁଡ଼ିକ ସହାୟକ ହେବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶରେ ଚାଲିବାକୁ ବାର୍ତ୍ତା ପ୍ରଦାନ କରାଯାଉଛି।

୨ ବେଆଇନ କରତ କଳ ଉପରେ ଚଢ଼ାଉ

ଯନ୍ତ୍ରାଂଶ, କାଠ ଓ ଟ୍ରାକ୍ଟର ଜବତ

ବାଲକାଟୀ,୩୦।୧(ଡି.ଏନ୍.ଏ.)

ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ ବେଧଡ଼କ ଭାବେ ଚାଲିଛି ବେଆଇନ କରତ କଳ। ବୁଧବାର ଭୁବନେଶ୍ୱର ବନ ବିଭାଗ ଭିଜିଲାନ୍ସ ସେଲ୍ ପକ୍ଷରୁ ୨ଟି କରତ କଳ ଉପରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ କାଠ ଓ ଏକ ଟ୍ରାକ୍ଟର ଜବତ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ବାଲକାଟୀ ବନବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୧ କିଲୋମିଟର ଦୂରରେ ଭାର୍ଗବୀ ନଦୀ ପଠାକୁ ଲାଗି ଜଙ୍ଗଲିଆ ସ୍ଥାନରେ ବେଆଇଭାନେ ଏକ କରତକଳ ଚାଲୁଥିଲା। ସେହିପରି ଝିଣ୍ଟି ପଞ୍ଚାୟତ ମେଳକ ସାହିରେ ଆଉ ଏକ କରତକଳ ଦୀର୍ଘଦିନରୁ ଚାଲିଆସୁଥିଲା। ଏହି ଦୁଇଟି କରତ କଳ ବେଆଇନ ଭାବେ ଚାଲୁଥିବା ଖବର ପାଇ ଭୁବନେଶ୍ୱର ବନ ବିଭାଗ ଭିଜିଲାନ୍ସ ସେଲ୍ ବାଲିଅନ୍ତା ଥାନା ପୋଲିସ ସହାୟତାରେ ବୁଧବାର ସକାଳେ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଘଟଣାସ୍ଥଳରୁ କରତ କଳ ମାଲିକ ଓ କର୍ମଚାରୀମାନେ ଫେରାର୍ ହୋଇଯାଇଛନ୍ତି। କଳ ଦୁଇଟିକୁ ସିଲ୍ କରାଯାଇ ଏ ନେଇ ୨ଟି ମାମଲା ରୁଜୁ କରାଯାଇଛି।

ଖାରବେଳ ନଗରସ୍ଥିତ ଓଡ଼ିଶା ଖଦି ବୋର୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀରେ ଲୋକେ ଶାଢ଼ି ଦେଖୁଛନ୍ତି।

ଏଇ ବୋଧେ ପ୍ରେମ...

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ସନ୍ତାନର ଅନୁପସ୍ଥିତି ଓ ହାତରେ ଅନେକ ବଳକା ସମୟ ଜୀବନର ସାୟାହ୍ନରେ ଦମ୍ପତିଙ୍କୁ ବ୍ୟସ୍ତବିବ୍ରତ କରିପାରିନି। ଦୁଃଖରେ ଦୁଃଖୀ ହେବା ପରିବର୍ତ୍ତେ ଏହାକୁ ସେମାନେ ଉପଭୋଗ କରୁଛନ୍ତି। ଉଭୟ ସାଥୀ ହୋଇ ଜୀବନ ଜିଇଁବାର ନିଷ୍ପତ୍ତି ନେଇଥିଲେ ବି ସେମାନଙ୍କ ମଧ୍ୟରେ ଏକାଠି ମରିବାର ଚୁକ୍ତି ନ ଥିଲା। ଅଭାବ ବୋଧ ସେମାନଙ୍କୁ ଯେତିକି ଆଘାତ ଦିଏ, ଅଜାଣତରେ ସେତିକି ପରସ୍ପରର ନିକଟତର କରାଏ। କାହାଣୀର ଏହି ଦୁଇ ମୁଖ୍ୟ ଚରିତ୍ର ଅନ୍ୟମାନଙ୍କ ପାଇଁ ପାଲଟିଯାଆନ୍ତି ଉଦାହରଣ। ଦ୍ୱିଧା, ଦ୍ୱନ୍ଦ୍ୱ ଓ ଦୃଢ଼ ନିଷ୍ପତ୍ତିର ସମ୍ମିଶ୍ରଣକୁ ନେଇ ଗତିଶୀଳ ଏଭଳି ଏକ ନାଟକ 'ଏଇ ବୋଧେ ପ୍ରେମ' ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ବିଦ୍ୟା କନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଓ ରୋଟାରି ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ–୩୨୬୨ର ମିଳିତ ପ୍ରୟାସରେ ଏହା ପରିବେଷିତ ହୋଇଥିଲା। ନାଟକ ରଚନା ନାଟ୍ୟକାର ଦିଲୀପ ବଳବନ୍ତରାୟ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଜଗଦୀଶ ପ୍ରସାଦ ମହାରଣା। ଶୁଭକାନ୍ତ ପାଢ଼ୀଙ୍କ ସଂଯୋଜିତ ଏହି ନାଟକର ସଙ୍ଗୀତ ଦେଇଥିଲେ କୈଳାସ ସେନାପତି। ନବୀନ ପରିଡ଼ା, ସୁନନ୍ଦା, ଜଗଦୀଶ, ପ୍ରଦୋଷ, କିଶୋର, ଲକ୍ଷ୍ମୀପ୍ରିୟା, ଶୁଭସ୍ମିତା, ଶୁଭକାନ୍ତ ପ୍ରମୁଖ ଅଭିନୟ କରିଥିଲେ। ଅତିଥି ଭାବେ ରୋଟାରିଆନ୍ ରବିନାରାୟଣ ନନ୍ଦ, ରମେଶ ଚନ୍ଦ୍ର ସାହୁ, ଦିଲୀପ ବଳବନ୍ତରାୟ, ସୁଧାକର ପତ୍ରୀ ଓ ଶୁଭକାନ୍ତ ପାଢ଼ୀ ଯୋଗଦେଇଥିଲେ।

ସ୍ମୃତିପୀଠରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ

ବାଲିଅନ୍ତା,୩୦।୧(ଡି.ଏନ୍.ଏ.)

ବାଲିଅନ୍ତାସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ବୁଧବାର ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଗାନ୍ଧୀ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶୀଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ବେହେରା ଗାନ୍ଧିଜୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ଆଇନଜୀବୀ ବିନୋଦ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ଦିଲୀପ କୁମାର ସାହୁ, ସୁରେନ୍ଦ୍ର କୁମାର ଖୁଣ୍ଟିଆ, ତ୍ରୈଲୋକ୍ୟ ମଙ୍ଗରାଜଙ୍କ ସହ ପାଲାକାର ସୁରେନ୍ଦ୍ର ଛୋଟରାୟ, ପଣ୍ଡିତ ଶ୍ରୀଧର ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ଶହୀଦ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଫ୍ଲାଟ୍ ଦେବା ଆଳରେ ୫ କୋଟି ଠକେଇ

ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

ସୁଲଭ ଦରରେ ଲୋକମାନଙ୍କୁ ଫ୍ଲାଟ ଯୋଗାଇଦେବା ଆଳରେ ୫ କୋଟି ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ବୁଧବାର ଗିରଫ କରିଛି। ସେ ହେଲେ ପୁରୀ କୁମ୍ଭାରବସ୍ତି ଅଞ୍ଚଳର ରିୟଲ ଭାଲ୍ୟୁ ଡେଭଲପର ଆଣ୍ଡ ବିଲ୍ଡର୍ସ ପ୍ରାଇଭେଟ ଲିମିଟେଡର ରାମ ଚନ୍ଦ୍ର ପାତ୍ର। ଏହି ଠକେଇର ମୁଖ୍ୟ ଅଭିଯୁକ୍ତ ତଥା ଶ୍ରୀୟା ଇନ୍‌ଫ୍ରାଷ୍ଟ୍ରକ୍‌ଚର ସର୍ଭିସେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଶେଖର ନାୟକଙ୍କୁ ଗତ ୩ ତାରିଖରେ ଇଓଡବ୍ଲ୍ୟୁ ଗିରଫ କରିଥିଲା।

ସୂଚନା ମୁତାବକ, ୨୦୧୪ ଏବଂ ୨୦୧୫ରେ ଶ୍ରୀୟା ଇନ୍‌ଫ୍ରାଷ୍ଟ୍ରକ୍‌ଚର ନିର୍ଦ୍ଦେଶକ ହିମାଂଶୁ ପୁରୀ ଜିଲା ସିପସରୁବାଲି ଅଞ୍ଚଳରେ ଶ୍ରୀକ୍ଷେତ୍ର କଳିଙ୍ଗ କୁଟୀର ନାମକ ପ୍ରୋଜେକ୍ଟରେ ଫ୍ଲାଟ ଦେବା ନାଁରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କଠାରୁ ପ୍ରାୟ ୫କୋଟି ଟଙ୍କା ଉଠାଇଥିଲେ। ଆପାର୍ଟମେଣ୍ଟ ପ୍ରୋଜେକ୍ଟ ପାଇଁ ରାମଚନ୍ଦ୍ର ଜାଗା ଯୋଗାଇବା ସହ ୩୫ ପ୍ରତିଶତ ଅଂଶୀଦାର ରହିବା ନେଇ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ଏଥିସହ ୩ବର୍ଷ ମଧ୍ୟରେ ଗ୍ରାହକମାନଙ୍କୁ ଫ୍ଲାଟ୍ ହସ୍ତାନ୍ତର କରିବାକୁ ଚୁକ୍ତି ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଦୁଇ ଜଣଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ହିମାଂଶୁଙ୍କ ଠାରୁ ଏକ ବଡ ପରିମାଣର ଅର୍ଥ ନେବା ପରେ ରାମଚନ୍ଦ୍ର ଧରାଛୁଆଁ ଦେଇ ନ ଥିଲେ। ଫଳରେ ଗ୍ରାହକମାନଙ୍କୁ ଫ୍ଲାଟ ମିଳି ନ ଥିଲା କି ସେମାନେ ଟଙ୍କା ଫେରସ୍ତ ପାଇପାରି ନ ଥିଲେ। ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ଦେବଦତ୍ତ ରାଉତରାୟ ଏ ନେଇ ଗତ ଡିସେମ୍ବର ୧୭ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ପକ୍ଷରୁ ଦଫା ୪୨୦/ ୪୦୬/ ୪୬୭/ ୪୬୮/ ୪୭୧/୧୨୦ବିରେ ଏକ ମାମଲା(୨୮/୧୮) ରୁଜୁ ହୋଇଥିଲା।

କଦଳୀବଣ ଭାବି ପାଇଖାନାକୁ ଡେଇଁଥିଲି

ମୋ ଅନୁଭୂତି

ସ୍ୱରୂପ ନାୟକ

ସିନେମା ଜଗତରେ ଖଳନାୟକ ଅର୍ଥାତ୍ ଦେଖିବାକୁ ଓ କାର୍ଯ୍ୟକଳାପ ବି ଭୟଙ୍କର ହେବା ଦରକାର। ପୂର୍ବରୁ ଖଳନାୟକମାନଙ୍କୁ ଭିନ୍ନ ଭିନ୍ନ ଅଭିନୟ କରିବାକୁ ପଡୁଥିଲା। ଏବେ ତାହା ସେତେଟେ ନାହିଁ। ୧୯୮୬-୮୭ ମସିହା କଥା। କୋରାପୁଟର ଏକ ପାହାଡ଼ି ଗାଁ ଭିତରେ 'ଡୋରା' ଫିଲ୍ମ ଶୁଟିଂ ଚାଲିଥାଏ। ଫାଇଟ ସିନ୍। ପ୍ରଶାନ୍ତ ନନ୍ଦ ଓ ମୋ ଭିତରେ କିଛି ସମୟ ସେ ପାହାଡ଼ ପାଖରେ ଫାଇଟିଂ ହେବ। ଫାଇଟ ମାଷ୍ଟର ଯିଏ ଥିଲେ ହଠାତ୍ ତାଙ୍କ ମୁଣ୍ଡକୁ ଏକ ବୁଦ୍ଧି ଜୁଟିଲା। ସେଠାରେ ଏକ ବଡ଼ ପଥର ଥାଏ ଓ ତା' ପାଖକୁ ଏକ କଦଳୀବଣ। ଫାଇଟ ମାଷ୍ଟରଙ୍କ ନିର୍ଦ୍ଦେଶ ରହିଲା ପଥର ଉପରେ ଚଢ଼ି ମୋତେ ସେ କଦଳୀବଣକୁ ଡେଇଁବାକୁ ହେବ। ଶଟ୍ ରେଡି ହେଲା, ମୁଁ ପଥର ଉପରେ ଚଢ଼ିଲି ଓ ସାହସର ସହ କଦଳୀବଣକୁ ଡେଇଁଲି। ସମସ୍ତେ ଶଟ୍ ଭଲ ବୋଲି କହୁଥିଲେ, ହେଲେ ମୁଁ କଦଳୀବଣରୁ ବାହାରିବା ବେଳକୁ ମୋ ହାତ ଦେହ ସବୁଆଡେ ମଳ। ସେଇଟା କଦଳୀବଣ ନୁହେଁ, ବରଂ ସେ ପାହାଡି ଗାଁରେ ରହୁଥିବା କୋଉ ପରିବାରର ପାଇଖାନା ଥିଲା। ଦୁର୍ଗନ୍ଧ ଓ ମୋ ଦେହ ଅପରିଷ୍କାର ହେଇଥିବା ଦେଖି ସମସ୍ତେ ତାଜୁବ। ପାଖରେ ଏକ ଝରଣାକୁ ଯାଇ ଭଲରେ ଧୋଇ ହେଲି ସତ, ହେଲେ କିଛିଦିନ ଯାଏ ଖାଇବା ରୁଚିଲାନି। ଯେତେବେଳେ ଖାଇବାକୁ ବସିଲି, ସେ କଦଳୀବଣ ଭିତରର କଥାଗୁଡ଼ା ମନେ ପଡୁଥାଏ। ଏହି ଅନୁଭୂତି ହେଉଛି ଓଡ଼ିଶା ସିନେ ଜଗତର ବରିଷ୍ଠ କଳାକାର ତଥା ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କର।

ମାତ୍ର ୧୦ବର୍ଷ ବୟସରେ ସ୍ୱରୂପ ଶିଶୁ କଳାକାର ଭାବେ ସିନେ ଜଗତରେ ପାଦ ଥାପିଥିଲେ। ୧୯୫୬ରେ ନିର୍ମାଣ ହୋଇଥିବା 'ଜୟଦେବ' ଚଳଚ୍ଚିତ୍ରର କୃଷ୍ଣ ଭୂମିକାରେ ସ୍ୱରୂପଙ୍କୁ ଦେଖିବାକୁ ମିଳିଥିଲା। ୭୦ରୁ ଊର୍ଦ୍ଧ୍ୱ ସିନେମାରେ ସେ କାର୍ଯ୍ୟ କରି ସାରିଲେଣି। କେବଳ ଅଭିନୟ ନୁହେଁ, ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ସ୍ୱରୂପଙ୍କର ବେଶ୍ ଖ୍ୟାତି ରହିଛି। ୧୯୭୬ରେ 'ସ୍ତ୍ରୀ' ଚଳଚ୍ଚିତ୍ରରେ ସେ ପ୍ରଥମେ ଗୀତିକାର ଭାବେ କାର୍ଯ୍ୟ କରିଛନ୍ତି। କଳିଯୁଗ କୃଷ୍ଣ ମୁହିଁ, ତୁ ମୋ ହିରୋଇନ୍, ତୋରି ପାଇଁ କଳିଜା ମୋର ଏକ ଦୁଇ ତିନ.. ଗୀତ ହେଉଛି ସ୍ୱରୂପଙ୍କ ଦ୍ୱାରା ରଚିତ ପ୍ରଥମ ଗୀତ। 'ହୀରାଲୀଳା' ଚଳଚ୍ଚିତ୍ରରେ ସ୍ୱରୂପ ପ୍ରଥମେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ତେବେ 'ଉଦଣ୍ଡୀ ସୀତା' ଚଳଚ୍ଚିତ୍ରର 'ସୀତା ଲୋ ଆଜି ଜଳୁଛି ଯାହାର ଚିତା ଲୋ' ଗୀତଟି ସ୍ୱରୂପଙ୍କ କଳାକୁ ଚିରସବୁଜ କରି ରଖିଛି।

– ରିପୋର୍ଟ: କୁମାରଶ୍ରୀ ସାହୁ

ଗୋଟିଏ ସେକେଣ୍ଡରେ ଜୀବନ ବଞ୍ଚିଯାଇଥିଲା

ନିଜ କଥା

ରଶ୍ମି ରଞ୍ଜିତ ଦଳବେହେରା

'ନିଜ କଥା' ସ୍ତମ୍ଭରେ ଆମେ ଜାଣିବାକୁ ପାଇଛୁ କଟକ ମୋଟରଯାନ ନିରୀକ୍ଷକ(ଏମ୍‌ଭିଆଇ) ରଶ୍ମି ରଞ୍ଜିତ ଦଳବେହେରାଙ୍କ କିଛି ବ୍ୟକ୍ତିଗତ କଥା। ୧୯୮୦ ମେ ୨୦ରେ ନୟାଗଡ ଜିଲା ତେଣ୍ଡାବାଡି ଗ୍ରାମରେ ଦଳବେହେରା ଜନ୍ମଗ୍ରହଣ କରିଥିଲେ। ପିଲା ଦିନରୁ ସେ ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖିଥିଲେ। ୧୯୯୫ରେ ମାଟ୍ରିକ ପାସ୍ କରିବା ପରେ ୧୯୯୭ରେ ଯୁକ୍ତ୨(ବିଜ୍ଞାନ) ଓ ୨୦୦୧ରେ ଓଡ଼ିଶା ଇଞ୍ଜିନିୟରିଂ କଲେଜରୁ ମେକାନିକାଲ ଟ୍ରେଡ୍‌ରେ ଇଞ୍ଜିନିୟରିଂ ଶେଷ କରିଥିଲେ।

ପ୍ରଥମ ଦରମାରେ କ'ଣ କରିଥିଲେ?

❖ ୨୦୦୨ରେ ଏକ ଘରୋଇ କମ୍ପାନୀରେ ମାସିକ ୧୩୩୧ ଟଙ୍କାରେ ଚାକିରି କରିଥିଲି। ପ୍ରଥମ ମାସର ଦରମାକୁ ମନଭରି ଖର୍ଚ୍ଚ କରିଥିଲି।

କେଉଁ ରଙ୍ଗ ଆପଣ ପସନ୍ଦ?

❖ ଧଳା ରଙ୍ଗ ମୋର ପସନ୍ଦ। ଏହି ରଙ୍ଗରେ ମୁଁ ଶାନ୍ତି ପାଇଥାଏ।

ସିନେମା ଦେଖନ୍ତି?

❖ ସିନେମା ଦେଖିବାକୁ ବହୁତ ଭଲ ପାଏ। ଶେଷଥର ପାଇଁ ଉରି ଦେଖିଥିଲି।

ପସନ୍ଦର ଅଭିନେତ୍ରୀ, ଅଭିନେତା କିଏ?

❖ ସେମିତି କିଛି ନାହିଁ, ଯାହା ଅଭିନୟ ମୋତେ ଭଲ ଲାଗିଥାଏ ସେ ମୋର ପସନ୍ଦ।

ମାର୍କେଟିଂ କରନ୍ତି?

❖ କେବେ ସେ କାମ କରିନି। ସେ ଦାୟିତ୍ୱ ଆମ ଘରେ ବାପା ନିର୍ବାହ କରନ୍ତି। ଏମିତିକି ମୋର ଅଧିକାଂଶ ପ୍ୟାଣ୍ଟ ଶାର୍ଟ ବାପା କିଣିଥାନ୍ତି।

ରୋଷେଇ ଜାଣିଛନ୍ତି?

❖ ସେ ବିଦ୍ୟାରେ ମୁଁ ବହୁତ ଦୁର୍ବଳ। ଭଲ କରି ଚା' କପେ ବି ତିଆରି କରିପାରିବି ନାହିଁ।

ଲଭ ନା ଆରେଞ୍ଜ ମ୍ୟାରେଜ?

❖ ସମ୍ପୂର୍ଣ୍ଣ ଆରେଞ୍ଜ ମ୍ୟାରେଜ। ୨୦୧୨ ଜୁନ ୮ରେ ପରିବାର ଲୋକଙ୍କ ପସନ୍ଦରେ ମୁଁ ଅନୁପମାଙ୍କୁ ବିବାହ କରିଥିଲି।

ସ୍ତ୍ରୀଙ୍କର କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?

❖ ସ୍ତ୍ରୀ ପ୍ରାୟ ମୋ ଉପରେ ଗରଗର ହୋଇଥାନ୍ତି। କାରଣ ମୁଁ ତାଙ୍କୁ ସମୟ ଦେଇପାରି ନ ଥାଏ। ହେଲେ ମୁଁ ଯେତେବେଳେ ରାଗିଯାଏ ସେ ତୁରନ୍ତ ଥଣ୍ଡା ପଡିଯାଆନ୍ତି। କେବେ ବି ମୋ ମୁହଁରେ ଜବାବ ଦେଇନାହାନ୍ତି କିମ୍ବା ମୋତେ ବାଧିଲା ଭଳିଏ କଥା ପଦିଏ ବି କହିନାହାନ୍ତି।

ଜୀବନର କିଛି ସ୍ମରଣୀୟ ଘଟଣା?

❖ ୧୯୯୭ର କଥା। ମଉସା ଘରକୁ ବୁଲିବା ପାଇଁ ପାରାଦୀପ ଯାଇଥାଏ। ପାରାଦୀପ ଗଡ଼ ନିକଟ ଏକ ଶିବ ମନ୍ଦିରକୁ ବାପା, ମଉସା ପୁଅ ଭାଇ ଓ ମୁଁ ବୁଲି ଯାଇଥିଲୁ। ମୁଁ ସ୍କୁଟର ଚଳାଉଥାଏ। ପଛରେ ବାପା ଓ ଭାଇ ବସିଥାନ୍ତି। ହଠାତ୍ ଏକ ଟ୍ରେକର ପଶି ଆସିଥିଲା। ଭାରସାମ୍ୟ ହରାଇ ମୋ ସ୍କୁଟର ସହିତ ଟ୍ରେକରର ଧକ୍କା ହୋଇଥିଲା। ସ୍କୁଟର ତଳେ ପଡିଯାଇଥିଲା। ଡାହାଣ ପଟକୁ ବାପା ଓ ଭାଇ ପଡିଯାଇଥିବା ବେଳେ ମୁଁ ବାମପଟକୁ ଅର୍ଥାତ୍ ଟ୍ରେକରର ଆଗ ଚକା ତଳେ ପଡିଯାଇଥିଲି। ଭଗବାନକୁ ଡାକି ମୁଁ ଆଖି ବୁଜିଦେଇଥିଲି। ମୋ କାନରେ ଖାଲି ବାପାଙ୍କ ଡାକ ଜୋରରେ ଶୁଭୁଥାଏ। ସୌଭାଗ୍ୟବଶତଃ ଟ୍ରେକର ଡ୍ରାଇଭର ବ୍ରେକ ମାରିଦେଇଥିଲେ। ଗୋଟିଏ ସେକେଣ୍ଡରେ ଜୀବନ ବଞ୍ଚିଯାଇଥିଲା। ମୋର ବିଶେଷ କିଛି କ୍ଷତି ହୋଇ ନ ଥିଲା। ସେ କଥା ମୁଁ କେବେ ବି ଭୁଲିପାରିବି ନାହିଁ। ହେଲେ ଏବେ ସେ କଥା ମୋର ମନେ ପଡ଼ିଲେ ମୁଁ ଭାବେ ସେ ଟ୍ରେକରର ଫିଟନେସ ଥିଲା କି ନାହିଁ।

ସାକ୍ଷାତ୍–ନିର୍ମଳ ପଣ୍ଡା

ପୋଲୋ ଭାଲଦୋସ୍ତାନା

ଖାଦ୍ୟ ରୁଚି

ଖାଦ୍ୟରେ ଲୋକଙ୍କ ମନକୁ ଜିଣିହୁଏ। ଅର୍ଥାତ୍ ଯିଏ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରେ ତା' ପାଖରେ ଲୋକଙ୍କ ଗହଳି ହୁଏ। ବ୍ୟବସାୟ ଦୃଷ୍ଟିକୋଣରୁ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତି ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି। କାରଣ ଖାଦ୍ୟ ଭଲ ହେଲେ ବେପାର ବି ଭଲ ହେବ। ଏହି ଦୃଷ୍ଟିକୋଣରୁ ପୁରୀ ସହରର ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ ବିଭିନ୍ନ ପ୍ରକାର ରୁଚିକର ଖାଦ୍ୟ ପ୍ରସ୍ତୁତିକୁ ଗୁରୁତ୍ୱ ଦେଇଥାନ୍ତି। ଏହିଭଳି ଏକ ହୋଟେଲ ହେଉଛି ଲକି ଇଣ୍ଡିଆ ରୟାଲ ହେରିଟେଜ। ନ୍ୟୁ ମେରାଇନ ଡ୍ରାଇଭ ରୋଡରେ ଥିବା ଏହି ହୋଟେଲରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଏ। ଏଠାରେ ଆମିଷ ଖାଦ୍ୟ ମଧ୍ୟରେ ପୋଲୋ ଭାଲଦୋସ୍ତାନାର ବେଶ୍ ଚାହିଦା ରହିଛି। ଏହି ଡିସ୍‌ର ଗୋଟିଏ ପ୍ଲେଟର ମୂଲ୍ୟ ରହିଛି ୪୫୦ ଟଙ୍କା। ପୋଲୋ ଭାଲଦୋସ୍ତାନାର ପ୍ରସ୍ତୁତି ସମ୍ପର୍କରେ ହୋଟେଲ ଲକି ଇଣ୍ଡିଆ ରୟାଲ ହେରିଟେଜର ମୁଖ୍ୟ ସେଫ୍ ତାପସ କୁମାର ପାତ୍ରଙ୍କ ମୁହଁରୁ...

ଆବଶ୍ୟକ ସାମଗ୍ରୀ

ଚିକେନ-୨୫୦ଗ୍ରାମ୍ (ବ୍ରେଷ୍ଟ ପିସ୍)
ଅଲିଭ ଅଏଲ-୨୦ଗ୍ରାମ୍
ମସ୍‌ରୁମ୍-୨୦ଗ୍ରାମ୍(ଛୋଟ ଛୋଟ କଟା)
ଚିଜ୍-୧୫ଗ୍ରାମ୍
ସେଲେରି-୫ଗ୍ରାମ୍
ଓଷ୍ଟର ସସ୍-୫୦ଗ୍ରାମ୍
ବ୍ଲାକ ପିପର କ୍ରସ୍-୫ଗ୍ରାମ୍
ସିଝା ଆଳୁ-୧୦୦ଗ୍ରାମ୍
ସିଝା ଗାଜର-୨୦ଗ୍ରାମ୍
ସିଝା ବ୍ରୋକଲି-୨୦ଗ୍ରାମ୍
ସିଝା ବିନ୍ସ-୨୦ଗ୍ରାମ୍
ସିଝା ଫୁଲକୋବି-୨୦ଗ୍ରାମ୍
ବଟର-୨୦ଗ୍ରାମ୍
ରସୁଣ ପେଷ୍ଟ-୫୦ଗ୍ରାମ୍
ଡେମିଗ୍ଲେଜ(ବ୍ରାଉନ ସସ୍)-୨୦୦ଗ୍ରାମ୍
କଲର କ୍ୟାପ୍‌ସିକମ୍-୨୦ଗ୍ରାମ୍
ହ୍ୱାଇଟ ପିପର-୧ଗ୍ରାମ୍
କ୍ରିମ୍-୧୦ଗ୍ରାମ୍
ଲେମ୍ବୁ-୧ଟା
ସ୍ୱାଦ ଅନୁସାରେ ଲୁଣ

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ ବ୍ରେଷ୍ଟକୁ ଭଲ ଭାବେ ଧୋଇ ତାକୁ ମଝିରୁ ଚିରିଦେବା। କଟାଯାଇଥିବା ମସ୍‌ରୁମ, କଲର କ୍ୟାପ୍‌ସିକମ୍, ଚିଜ୍ ଓ ବ୍ଲାକ ପିପର କ୍ରସ୍‌କୁ ମିଶ୍ରଣ କରି ଚିରାଯାଇଥିବା ଚିକେନ ବ୍ରେଷ୍ଟ ଭିତରେ ଭରିଦେବା। ଏହାପରେ ରୋଲ କରାଯାଇ ସେଥିରେ ଲେମ୍ବୁରସ, ଓଷ୍ଟର ସସ୍, ରସୁଣ ପେଷ୍ଟ ଓ ୧୦ ଗ୍ରାମ୍ ଅଲିଭ ଅଏଲ ମିଶାଇ ୧୦ ମିନିଟ୍ ରଖିଦେବା। ପରେ ଗ୍ରୀଲରରେ ଗ୍ରୀଲ୍ କରାଯିବ। ସିଝା ଆଳୁକୁ ଭଲ ଭାବେ ଚକଟି ସେଥିରେ ଲୁଣ, ହ୍ୱାଇଟ୍ ପିପର ଓ ବଟର ୧୦ ଗ୍ରାମ୍ ମିଶାଇଦେବା। ପ୍ଲେଟ ମଝିରେ ୧୦୦ ଗ୍ରାମ୍ ବ୍ରାଉନ ସସ୍ ଢାଳି ତା' ମଝିରେ ଗ୍ରୀଲ ଚିକେନ ଏବଂ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଆଳୁ ରଖିବା। ବଟରରେ ଭଜାଯାଇଥିବା ସିଝା ପରିବା (ବିନ୍ସ, ଗାଜର, ଫୁଲକୋବି, ବ୍ରୋକଲି)କୁ ତା ଉପରେ ସଜାଇଦେବା। ଏବେ ପ୍ରସ୍ତୁତ ହୋଇଗଲା ପୋଲୋ ଭାଲଦୋସ୍ତାନା। ଅନ୍ୟ ଏକ ଛୋଟ ପାତ୍ରରେ ବଳକା ୧୦୦ ଗ୍ରାମ୍ ବ୍ରାଉନ୍ ସସ୍ ରଖି ଗରମ ଗରମ୍ ଏହାର ସ୍ୱାଦ ନେଇପାରିବା।

ରିପୋର୍ଟ: ହେମନ୍ତ କୁମାର ନାୟକ   ଫଟୋ: ଯଜ୍ଞେଶ୍ୱର ମହାନ୍ତି

ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ

metroselfie@gmail.com

(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

ଆକାଶ

ଅଜୟ

ମନୀଷା

ସୁଧୀର

ସଲିଳା

ସୁଧାଂଶୁ ଶେଖର

ଶ୍ରୀତମ

ରୁଦ୍ରମାଧବ

ଚନ୍ଦ୍ରମଣି

ବିଶ୍ୱନାଥ

ନରେନ୍ଦ୍ର

ପୂର୍ଣ୍ଣଚନ୍ଦ୍ର

ସାର୍ଥକ

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced.

FOR ANSWERS VISIT : **www.dharitri.com**

MOCK TEST PAPER # 5

IITJEE (Main) (MATHEMATICS)

Time : 1 hour **Maximum Marks: 120**

GENERAL INSTRUCTIONS

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

SINGLE CORRECT ANSWER

1. The value of $\lim_{n\to\infty}\left[\left(1+\frac{1^2}{n^2}\right)\left(1+\frac{2^2}{n^2}\right)\ldots\ldots\left(1+\frac{n^2}{n^2}\right)\right]^{1/n}$ is:

(1) $\frac{e^{\pi/2}}{2e^2}$ (2) $2e^2 e^{\pi/2}$ (3) $\frac{2}{e^2}e^{\pi/2}$ (4) None of these

2. Let $f(x)=\frac{x}{(1+x^n)^{1/n}}$ for $n\ge 2$, and $g(x)=\underbrace{(fofo....of)(x)}_{f\text{ occurs } n\text{ times}}$. Then $\int x^{n-2}g(x)\,dx$ equals: (where K is the constant of integration).

(1) $\frac{1}{n(n-1)}(1+nx^n)^{1-\frac{1}{n}}+K$ (2) $\frac{1}{n-1}(1+nx^n)^{1-\frac{1}{n}}+K$

(3) $\frac{1}{n(n+1)}(1+nx^n)^{1+\frac{1}{n}}+K$ (4) $\frac{1}{n+1}(1+nx^n)^{1+\frac{1}{n}}+K$

3. Let $\vec{a}, \vec{b}, \vec{c}$ be three vectors having magnitudes 1, 1 and 2 respectively. If $\vec{a}\times(\vec{a}\times\vec{c})+\vec{b}=\vec{0}$, then the acute angle between $\vec{a}$ and $\vec{c}$ is

(1) $\frac{\pi}{12}$ (2) $\frac{\pi}{6}$ (3) $\frac{\pi}{4}$ (4) $\frac{\pi}{3}$

4. A and B are two non-singular square matrices of each 3 x 3 such that AB = A and BA = B and $|A+B|\ne 0$, then

(1) $|A + B| = 0$ (2) $|A + B| = 8$ (3) $|A – B| = 1$ (4) $|A + B| = 2$

5. If $y=x\log\left(\frac{x}{a+bx}\right)$, then $x^3\frac{d^2y}{dx^2}$ is equal to

(1) $\left(x\frac{dy}{dx}-y\right)^2$ (2) $\frac{a^2x}{(a+bx)^2}$ (3) $\left(\frac{dy}{dx}-y\right)^2$ (4) $\left(x\frac{dy}{dx}+y\right)^2$

6. If α and β are the roots of the equation tanx = 2x; then the value of $\int_{-1}^{1}\sin\alpha x\sin\beta x\,dx\,(\alpha,\beta>0,\alpha\ne\beta)$ is

(1) 0 (2) 1 (3) 2 (4) 3

7. Let f and g be two function with f'' and g'' existing everywhere. If $f(x)g(x)=2\,\forall x$ and $f'(x)g'(x)\ne 0$. Then $\frac{f''(x)}{f'(x)}=\frac{g''(x)}{g'(x)}$:

(1) has at least one real root (2) has at least two real roots

(3) has at least three real roots (4) has no real roots

8. If [.] denotes the greatest integer function then domain of the real valued function $\log_{\left[x+\frac{1}{2}\right]}|x^2+x-6|$ is

(1) $\left(\frac{1}{2},1\right)\cup(1,\infty)$ (2) $\left[0,\frac{3}{2}\right]\cup(2,\infty)$ (3) $\left[\frac{3}{2},2\right)\cup(2,\infty)$ (4) $(0,1]\cup\left(\frac{3}{2},\infty\right)$

9. If $p,q\in R$ and $p^2+q^2-pq-p-q+1\le 0$ then $\begin{vmatrix}1 & 2p & 3\\ 3q & -1 & -5p\\ p & q & p\end{vmatrix}$ is equal to:

(1) 1 (2) –1 (3) –2 (4) 0

10. The line $\frac{x-2}{3}=\frac{y+1}{2}=\frac{z-1}{-1}$ intersects the curve $xy = c^2$, z = 0 if c is equal to

(1) ± 1 (2) $\pm\frac{1}{3}$ (3) $\pm\sqrt{5}$ (4) ± 2

11. If $\angle A=90^0$ in ΔABC, then $\tan^{-1}\left(\frac{c}{a+b}\right)+\tan^{-1}\left(\frac{b}{a+c}\right)$ is equal to: (where a, b, c are the sides opposite to angles A, B, C respectively)

(1) 0 (2) 1 (3) $\frac{\pi}{4}$ (4) $\frac{\pi}{6}$

12. $\int\frac{(x^3-1)^{1/4}}{x^{19/4}}dx$, is equal to: (where c is a constant of integration)

(1) $\frac{4}{15}$ (2) $\frac{4}{15}\left[1-\frac{1}{x^3}\right]^{5/4}+c$ (3) $\frac{4}{15}\left[1+\frac{1}{x^3}\right]^{5/4}+c$ (4) $\frac{4}{15}\left[1+\frac{1}{x^3}\right]^{-5/4}+c$

13. $\lim_{x\to a^-}\left(\frac{|x|^3}{a}-\left[\frac{x}{a}\right]^3\right)(a>0)$; where [.] represent G.I.F., is equal to

(1) $a^2 – 3$ (2) $a^2 – 1$ (3) a^2 (4) 0 for $a\le 1$ and a^2 for $a > 1$

14. The area bounded by the curves $y = x^2 – 2x + 2$ and its inverse is given by:

(1) $\frac{1}{3}$ (2) $\frac{2}{3}$ (3) $\frac{5}{3}$ (4) $\frac{4}{3}$

15. A line makes some angle θ with each of the x-axis and z-axis. If angle β, which it makes with y-axis is such that $\sin^2\beta = 3\sin^2\theta$, then $\cos^2\theta$ equals:

(1) $\frac{2}{3}$ (2) $\frac{1}{5}$ (3) $\frac{3}{5}$ (4) Such a line doesn't exist

16. If Rolle's theorem holds for the function $f(x) = 2x^3 + bx^2 + cx$, $x\in[-1,1]$, at the point $x=\frac{1}{2}$, then 2b + c equals.

(1) 1 (2) –1 (3) 2 (4) –3

17. The number of points at which $g(x)=\frac{1}{1+\frac{2}{f(x)}}$ is not differentiable where $f(x)=\frac{1}{1+\frac{1}{x}}$ is:

(1) 1 (2) 2 (3) 3 (4) 4

18. Area bounded by the curves x = 0 and x + 2|y| = 1 is:

(1) $\frac{1}{4}$ (2) $\frac{1}{2}$ (3) 1 (4) 2

19. The solution of $\tan(\cos^{-1}x)=\sin\left(\cot^{-1}\left(\frac{1}{2}\right)\right)$ is:

(1) $x=-\frac{\sqrt{5}}{4}$ (2) $x=\frac{\sqrt{5}}{4}$ (3) $x=-\frac{\sqrt{5}}{3}$ (4) $x=\frac{\sqrt{5}}{3}$

20. Which of the following functions is differentiable at x = 0 ?

(1) $\cos(|x|)+|x|$ (2) $\cos(|x|)-|x|$ (3) $\sin(|x|)+|x|$ (4) $\sin(|x|)-|x|$

21. The matrix $A=\begin{bmatrix}1 & 0 & -k\\ 2 & 1 & 3\\ k & 0 & 1\end{bmatrix}$ is non-invertible for:

(1) k = 1 (2) k = –1 (3) k = 0 (4) No real k

22. The variable plane $(2\lambda + 1)x + (3 – \lambda)y + z = 4$ always passes through the line:

(1) $\frac{x}{2}=\frac{y}{3}=\frac{z+4}{1}$ (2) $\frac{x}{1}=\frac{y}{2}=\frac{z}{-3}$ (3) $\frac{x}{1}=\frac{y}{1}=\frac{z-4}{-7}$ (4) None of these

23. If $\vec{a}, \vec{b}$ and $\vec{c}$ are unit vectors, then $|\vec{a}-\vec{b}|^2+|\vec{b}-\vec{c}|^2+|\vec{c}-\vec{a}|^2$ does NOT exceed:

(1) 1 (2) 9 (3) 8 (4) 6

24. If $\vec{a}, \vec{b}$ and $\vec{c}$ are unit coplanar vectors, then the scalar triple product $[2\vec{a}-\vec{b}\;\; 2\vec{b}-\vec{c}\;\; 2\vec{c}-\vec{a}]$ is equal to:

(1) 0 (2) 1 (3) $-\sqrt{3}$ (4) $\sqrt{3}$

25. In a certain city 40% of the people have brown hair, 25% have brown eyes and 15% have brown eyes as well as brown hair. If a person selected at random has brown hair, the probability that he also has brown eyes, is equal to

(1) $\frac{2}{5}$ (2) $\frac{1}{4}$ (3) $\frac{1}{2}$ (4) $\frac{3}{8}$

26. Five horses are in a race. Mr. A selects two of the horses at random and bets on them. If all the possible outcomes are equally likely (including the possibilities of tie), then the probability that Mr. A will win the bet is

(1) $\frac{2}{5}$ (2) $\frac{1}{5}$ (3) $\frac{274}{541}$ (4) None of these

27. The area bounded by the curves y = lnx, y = ln|x|, y = |ln x| and y = |ln|x|| is

(1) 4 sq. units (2) 6 sq. units (3) 10 sq. units (4) None of these

28. The integral $\int_{-1/2}^{1/2}\left\{[x]+\log\left(\frac{1+x}{1-x}\right)\right\}dx$ equals.

(1) $-\frac{1}{2}$ (2) 0 (3) 1 (4) $2\log\frac{1}{2}$

29. Let $P(x) = a_0 + a_1x^2 + a_2x^4 + \ldots\ldots\ldots + a_nx^{2n}$ be a polynomial in a real variable x with $0 < a_0 < a_1 < a_2 < \ldots\ldots\ldots < a_n$. The function P(x) is:

(1) neither a maximum nor a minimum (2) only one maximum

(3) only one minimum (4) only one maximum and only one minimum

30. The sides of an equilateral triangle are increasing at the rate of 2 cm/s. The rate at which the area increases, when the side is 10 cm is

(1) $\sqrt{3}$ sq. unit/s (2) 10 sq. units/s (3) $10\sqrt{3}$ sq. units/s (4) $\frac{10}{\sqrt{3}}$ sq. units/s

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ପ୍ରାଇସ୍ ନାଟକ

ଆଲିୟା ଭଟ୍ଟଙ୍କ ଜିଦ୍‌କୁ ମାନିବାକୁ ପଡ଼ିବ। ନିକଟରେ ଏକ ଆପାର୍ଟମେଣ୍ଟ କିଣିବାକୁ ସେ ଯେଉଁ ନିଷ୍ପତ୍ତି ନେଲେ ତାକୁ ନେଇ ଚର୍ଚ୍ଚା। କିଛି ଦିନ ପୂର୍ବେ ସେ ବମ୍ବେର ଜୁହୁଠାରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି। ଏହାର ପ୍ରକୃତ ମୂଲ୍ୟ ୭.୮ କୋଟି ଥିବା ବେଳେ ତାହାକୁ କିଏ ଅଧିକ ପ୍ରାଇସ୍‌ରେ କିଣିବ ତାକୁ ନେଇ ଏକ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ଶେଷରେ ଅଳ୍ପ ସମୟ ଭିତରେ ଏହି ପ୍ରାଇସ୍ ନାଟକର ଅବସାନ ଘଟାଇଥିଲେ ଆଲିୟା। ବାସ୍, ଏକାଥରେ ଏହାର ଡବଲ ପ୍ରାଇସ୍ ଦେବାକୁ ରାଜି ବୋଲି କହିବା ପରେ ତାହାକୁ ଆଉ କେହି ଚ୍ୟାଲେଞ୍ଜ କରି ନ ଥିଲେ। ସୂଚନାଯୋଗ୍ୟ, ଜୁହୁରେ ଏହା ହେଉଛି ଆଲିୟାଙ୍କର ତୃତୀୟ ଫ୍ଲାଟ୍।

ସମୟ ହୋଇନାହିଁ

ପରିଣିତି କେବେ ବାହା ହେବେ–ଏହି ପ୍ରଶ୍ନର ଉତ୍ତର ପାଇବାକୁ ତାଙ୍କ ପ୍ରଶଂସକମାନେ ଚାହିଁ ବସିଛନ୍ତି। ଶୁଣିବାକୁ ମିଳୁଥିଲା ଯେ, ତାଙ୍କ ସମ୍ପର୍କିୟା ଭଉଣୀ ପ୍ରିୟଙ୍କା ଚୋପ୍ରା ଘରସଂସାର କରିବା ପରେ ପରିଣିତି ଖୁବ୍‌ଶୀଘ୍ର ସତସତିକା ବୋହୂ ସାଜିବେ। ହେଲେ ନିକଟରେ ଏପରି କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି ସେ। 'ବର୍ତ୍ତମାନ ମ୍ୟାରେଜ କରିବା ଯୋଜନା ନାହିଁ। ଏ ବିଷୟରେ ମୁଁ ଚିନ୍ତା ମଧ୍ୟ କରିନାହିଁ। କିଏ କ'ଣ କହିଲା ତାକୁ ନେଇ ମୁଁ ଟେନ୍‌ସନ ନେବାକୁ ଚାହେଁନା। ଯେତେବେଳେ ମ୍ୟାରେଜ କରିବି ତାହାର ଯଥେଷ୍ଟ ପୂର୍ବରୁ ସମସ୍ତଙ୍କୁ ଜଣାଇ ଦେବି ବୋଲି କହିଛନ୍ତି ପରିଣିତି।'

ଆଲିୟା

ପରିଣିତି

ରିୟା

ଜଣେ ନାୟିକା ଆଠ ନାୟକ

ଜଣେ ନାୟିକାକୁ ଆଠ ନାୟକ। ସମସ୍ତଙ୍କ ମନରେ ଇଚ୍ଛା କେମିତି ସେ ସୁନ୍ଦରୀକୁ ବାହା ହେବେ। ହେଲେ ସେହି ତରୁଣୀ ମନରେ ଆଉ ଜଣେ ପୂର୍ବରୁ ବସା ବାନ୍ଧି ସାରିଛନ୍ତି। ତେବେ ଏଭଳି ପ୍ରେମ ଯୁଦ୍ଧରେ କିଏ ଜିତୁଛି ? ନାୟିକା ଜଣକ କାହାକୁ ସ୍ୱାମୀ ଭାବରେ ଗ୍ରହଣ କରୁଛି? ସେଭଳି ଏକ ମଜାଦାର ପ୍ରେମ କାହାଣୀକୁ ନେଇ ପ୍ରଯୋଜକ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ ପ୍ରସ୍ତୁତ କରିଛନ୍ତି ଓଡିଆ ସିନେମା 'ପ୍ରେମ ପାଇଁ ମହାଭାରତ'। ହଁ, ସେ ନାୟିକା ଜଣକ ହେଲେ ରିୟା ଏବଂ ତାଙ୍କୁ ପ୍ରେମ ଫାସରେ ବାନ୍ଧିବାକୁ ଚାହୁଁଥିବା ଆଠଜଣ ନାୟକ ହେଲେ ସମ୍ମିତ, ଶ୍ରୀତମ, ବବି ମିଶ୍ର, ସମରେଶ, ପିଣ୍ଟୁ ନନ୍ଦ, ପୁପିନ୍ଦର, ବିଜୁ ବଡଜେନା ଏବଂ ଗୁଲ୍ଲୁ। 'ଏହି ଫିଲ୍ମରେ କମେଡିଆନ୍ ଗୁଲ୍ଲୁ ପ୍ରଥମ ଥର ପାଇଁ ଖଳନାୟକ ଭାବରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିଥିବା ବବି, ଶ୍ରୀତମ, ସମରେଶ, ପୁପିନ୍ଦର, ପିଣ୍ଟୁ ଏବଂ ବିଜୁ ଏଥିରେ ଦର୍ଶକଙ୍କୁ ହସେଇବାକୁ ପୂରା ଦମ୍‌ରେ ଉଦ୍ୟମ କରିବେ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଏଥିରେ ଦୃଶ୍ୟାୟିତ ଗୀତଗୁଡିକର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଚଳିତ ସରସ୍ୱତୀ ପୂଜାରେ ଏହି ଫିଲ୍ମଟି ପରଦା ଉପରକୁ ଆସିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ମଞ୍ଚ ମଣିଷ ଅମର ରହିବେ

ଓଡ଼ିଆ ଚଳଚ୍ଚିତ୍ର ଅପେକ୍ଷା ମଞ୍ଚ ଜଗତରେ ରାମଚନ୍ଦ୍ର ପ୍ରତିହାରୀ ଜଣେ ପ୍ରତିଭାଶାଳୀ ଅଭିନେତା। ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଯେଉଁ କେତେଜଣ କଳାକାର ଥିଲେ ତନ୍ମଧ୍ୟରେ ସେ ଜଣେ ଭିନ୍ନ ବ୍ୟକ୍ତିତ୍ୱ ଥିଲେ।୧୦ ବର୍ଷ ତଳର କଥା। ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ କଳାକାରଙ୍କ ଦ୍ୱାରା ଭୁବନେଶ୍ୱର ମହାପାତ୍ରଙ୍କ ରଚିତ ନାଟକ

ରାମଚନ୍ଦ୍ର ପ୍ରତିହାରୀ

'ବାଉଁଅ ଝିଅ' ମଞ୍ଚସ୍ଥ କରାଯାଇଥିଲା। ସେହି ନାଟକରେ ରାମଚନ୍ଦ୍ର ପ୍ରତିହାରୀ ଏବଂ ଅଭିନେତା ନୃତ୍ୟଗୁରୁ ଗୋପୀକୃଷ୍ଣ ବେହେରା ଅଭିନୟ କରୁଥାଆନ୍ତି। ଉଭୟଙ୍କ ଅଭିନୟ ଦର୍ଶକମାନଙ୍କୁ ଏତେ ବିମୋହିତ କରିଥିଲା ଯେ, ଉପସ୍ଥିତ ଦର୍ଶକ ନାଟକ ଶେଷହେବା ପର୍ଯ୍ୟନ୍ତ (ରାତି ୧୧.୩୦) ତାହାକୁ ଉପଭୋଗ କରିଥିଲେ। ରାମଚନ୍ଦ୍ର ପ୍ରତିହାରୀଙ୍କ ପରି କଳାକାର ମିଳିବା ମୁସ୍କିଲ। ଚଳଚ୍ଚିତ୍ର ଜୀବନରେ ସେ ଜୀବନବ୍ୟାପୀ ସାଧନା ପାଇଁ ମର୍ଯ୍ୟାଦାଜନକ 'ଜୟଦେବ ପୁରସ୍କାର' ପାଇଥିଲେ। ଅଭିନେତା ରାମଚନ୍ଦ୍ର ପ୍ରତିହାରୀ ଯେତେବେଳେ ଅସୁସ୍ଥ ହୋଇପଡନ୍ତି ପ୍ରାୟ ମୋ ସହ ଫୋନ୍‌ରେ କଥା ହୁଅନ୍ତି। ସଂସ୍କୃତି ବିଭାଗ ପକ୍ଷରୁ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ବେଳେ ଅନେକ ସମୟରେ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କଳାକାର ଜୀବନ। ସ୍ୱାଭିମାନ ପାଇଁ ସେମାନେ ଦୁଃଖକଷ୍ଟକୁ ମନରେ ଚାପିରଖି ରହିଯାଆନ୍ତି। ସେ ସମୟରେ ଅନ୍ନପୂର୍ଣ୍ଣାର ନାଟକକୁ ନେଇ ବଞ୍ଚିବା ଦିଗରେ ଏହି କଳାକାରମାନେ ସଂଗ୍ରାମ କରୁଥିଲେ। ଭଲ ନାଟକ ହେଲେ ତାହା ମାସ ମାସ ଧରି ଚାଲୁଥିଲା। ରାମଚନ୍ଦ୍ର ବାବୁଙ୍କ କ୍ଷେତ୍ରରେ ଭିନ୍ନତା ଥିଲା ଯେ ସେ ଶ୍ରୀମନ୍ଦିର ସେବକ ଥିଲେ। ଅଭିନୟ ପେସା ସହ ମନ୍ଦିର ନିଶାରେ ସେ ସବୁକିଛି ଭୁଲି ଯାଉଥିଲେ। ବାର୍ଦ୍ଧକ୍ୟ ବେଳେ ପୂର୍ବ କଷ୍ଟ ଯୋଗୁ ତାଙ୍କ ଶରୀର ବେଳକୁ ବେଳ ବିଗିଡି ଯାଇଥିଲା। ସ୍ୱାସ୍ଥ୍ୟ ସହ ସଂଗ୍ରାମରେ ଆଜି ରାମଚନ୍ଦ୍ର ହାରିଗଲେ। ହେଲେ ତାଙ୍କର ଅଭିନୟକୁ ଯିଏ ଥରେ ଦେଖିଛି ସେ ତାଙ୍କୁ କେବେ ଭୁଲିପାରିବ ନାହିଁ। ମଞ୍ଚ ଜଗତରେ ରାମଚନ୍ଦ୍ର ପ୍ରତିହାରୀ ଅମର ହୋଇ ରହିବେ।

–**ଦିଲୀପ ହାଲି**, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଅପେରା ହାଲଚାଲ

କଥା ୧୦ ବର୍ଷର

ଅପେରା ଜଗତର ଅନ୍ୟତମ ଚର୍ଚ୍ଚିତ ଯୋଡ଼ି ମୁନା–ନମିତା। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଏହି ଯୋଡ଼ି ଅଭିନୟ ସହ ଜଡିତ। ଭିନ୍ନ ଭିନ୍ନ ଭୂମିକାରେ ଦୁହେଁ ଅବତୀର୍ଣ୍ଣ ହୋଇ ଦର୍ଶକଙ୍କୁ ଯୋଗାଇଛନ୍ତି ମନୋରଞ୍ଜନର ଭରପୂର ଖୋରାକ। ବର୍ତ୍ତମାନ ଦୁହେଁ ଧଉଳି ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି। ୨୦୦୪ରୁ ଆରମ୍ଭ ହୁଏ ନମିତାଙ୍କ ଅଭିନୟ କ୍ୟାରିୟର। 'କାଖରେ କଳସୀ ମୁଣ୍ଡରେ ଗରା, ଫୁଲେଇ ଜହ୍ନ, ଧନରେ ଗେଲ କରିବାକୁ ମନ' ଆଦି ନାଟକ ତାଙ୍କୁ ଅଭିନୟକୁ କ୍ୟାରିୟର କରିବାକୁ ବେଶ୍ ଅନୁପ୍ରେରିତ କରିଥିଲା। ଅପରପକ୍ଷରେ ବାଘାଯତୀନ ଲୋକନାଟ୍ୟ ପରିବେଷିତ ନାଟକ 'ଧରମ ଭାଇ'ରୁ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ ମୁନା। ତା'ପରେ 'ଅଦେଖା ଲୁହ, ତୋ ଲାଗି ଗୋପଦାଣ୍ଡ ମନା, ଅଗ୍ନିପରୀକ୍ଷା, ଭାରତରେ ପୁଣି ମହାଭାରତ, ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ, ପରଦେଶୀ ମେଘ, ସଉତୁଣୀ' ପରି ନାଟକରେ ମୁନାଙ୍କ ନିଖୁଣ ଅଭିନୟ ସ୍ପଷ୍ଟ ବାରି ହୋଇପଡିଥାଏ। ପାର୍ବତୀ ଗଣନାଟ୍ୟର ନାଟକ 'କହିଲେ ତତେ ତୁ ଝୁରିବୁ ମୋତେ'ରେ ପ୍ରଥମ ଥର ପାଇଁ ମୁନା–ନମିତା ଯୋଡିକୁ ଦେଖିବାକୁ ମିଳିଥିଲା। ତା'ପରେ ସଉତୁଣୀ, ନାଁ ଦେବେ ଆପଣ, ବନ୍ଧୁ ପ୍ରେମେ ବନ୍ଧା ପଡିଛି ଏବଂ ବିଶ୍ୱ ରଙ୍ଗମହଲ ପରିବେଷିତ 'ସ୍ୱାମୀମାନେ ସାବଧାନ' ଆଦି ନାଟକ ଏହି ଯୋଡିକୁ ଆହୁରି ଲୋକପ୍ରିୟ କରାଇ ପାରିଥିଲା।

ମୁନା–ନମିତା

ମାଧୁରୀଙ୍କ ଆଶା

ଅନିଲ–ମାଧୁରୀ

ଦିନ ଥିଲା, ମାଧୁରୀଙ୍କ ଆକ୍ଟିଂକୁ ନେଇ ବଲିଉଡ୍ ଉଠୁଥିଲା ପଡୁଥିଲା। କେବଳ ସେତିକି ନୁହେଁ, ନିଜ ଡ୍ୟାନ୍ସରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଖୁବ୍‌ଶୀଘ୍ର ସେ ପୁଣିଥରେ ବଡ ପରଦାରେ ତାଙ୍କର ଡ୍ୟାନ୍ସ କମାଲ ଦେଖାଇବାକୁ ଯାଉଛନ୍ତି। ଚଳଚ୍ଚିତ୍ରଟି ହେଲା 'ଟୋଟାଲ ଧମାଲ'। ଏଥିରେ ଦୃଶ୍ୟାୟିତ 'ପୈସା ଏ ପୈସା' ଗୀତରେ ତାଙ୍କର ନାଚ ଏବେଠାରୁ ଭାଇରାଲ ହୋଇସାରିଲାଣି। ଅନ୍ୟପକ୍ଷରେ ଏହି ଗୀତଟି ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ମାଧୁରୀ। ଖାସ୍ କଥା ହେଲା, ଦୀର୍ଘ ୧୯ ବର୍ଷ ପରେ ପୁଣିଥରେ ଅନିଲ କପୁର ଏବଂ ମାଧୁରୀ ଏକାଠି ଅଭିନୟ କରିଛନ୍ତି। ଇନ୍ଦ୍ର କୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତବର୍ଷ ଫେବୃୟାରୀ ୨୨ରେ ରିଲିଜ ହେବାର ଯୋଜନା ରହିଛି।

ନୂଆ ସିନେମା

ବୋବାଲ ଟୋକା

ବୋବାଲ ଟୋକା। ଟାଇଟଲରୁ ଯାହା ଜଣାପଡୁଛି, ଏହାର କାହାଣୀରେ ରୋମାନ୍ସ, ଆକ୍ସନ, କମେଡି ନିଶ୍ଚୟ ଥିବ। କିନ୍ତୁ ଏହାକୁ ବେଶ୍ ଭିନ୍ନ ଢଙ୍ଗରେ ପରିବେଷଣ କରିବାକୁ ଚେଷ୍ଟା କରିଛନ୍ତି ନିର୍ଦ୍ଦେଶକ ସୁଧାକର ବସନ୍ତ। 'ଫିଲ୍ମର କାହାଣୀ ମୋତେ ପ୍ରଭାବିତ କରିଥିଲା, ତେଣୁ ତାହାକୁ ଫୁଲ୍ ଜଷ୍ଟିସ ଦେବାକୁ ପଛାଇ ନ ଥିଲି ବୋଲି କହନ୍ତି ସୁଧାକର।' ଅପରପକ୍ଷରେ ଏହାର ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ପ୍ରକାଶ ଶ୍ରୀଚନ୍ଦନ।

କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ ମଧ୍ୟ କରିଛନ୍ତି। ଚିତ୍ରଟିର ନାୟକ ସାଜିଛନ୍ତି ପ୍ରଦୀପ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ତପସ୍ୟା। ଶାନ୍ତି ସୁଧାକର ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଉକ୍ତ ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ରଚନା କରିଛନ୍ତି ମନୋଜ ମହାନ୍ତି ଏବଂ ସେଗୁଡିକୁ ସ୍ୱର ଦେଇଛନ୍ତି ଗୌରୀ ଶଙ୍କର। କଣ୍ଠଦାନ କରିଛନ୍ତି ଆଶୁତୋଷ, ଗୌତମ ଗିରି, ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ, ତାରିକ ଅଜିଜ୍ ଏବଂ ଶ୍ୱେତା ମିଶ୍ର। ପ୍ରଦୀପ ଏବଂ ତପସ୍ୟାଙ୍କ ବ୍ୟତୀତ ପ୍ରଜ୍ଞା, ପ୍ରତିଭା ପଣ୍ଡା, ଜୀବନ ପଣ୍ଡା, ପପି ସନ୍ତୁକା ଏଥିରେ ଅଭିନୟ କରିଛନ୍ତି।

ଚଳଚ୍ଚିତ୍ର 'ବୋବାଲ ଟୋକା'ରେ ପ୍ରଦୀପ–ତପସ୍ୟା

ଗବେଷଣା ଏବଂ ଉନ୍ନତୀକରଣ ଇକୋସିଷ୍ଟମକୁ ତ୍ୱରାନ୍ୱିତ କରିବା ଲାଗି ଜର୍ମାନୀରେ ନୂଆ କରି ଆର୍ ଆଣ୍ଡ ଡି ସେଣ୍ଟର ସ୍ଥାପନ କରାଯାଇଛି।
–ପଓ୍ୱନ ମୁଞ୍ଜାଲ, ଅଧ୍ୟକ୍ଷ, ହିରୋ ମୋଟୋକର୍ପ

ଅନ୍ତରୀଣ ବଜେଟରେ କର୍ପୋରେଟ ଟିକସରେ ହ୍ରାସ ଏବଂ ଆୟକର ଛାଡ଼ ସୀମାରେ ବୃଦ୍ଧି ହେବାର ଆବଶ୍ୟକତା ରହିଛି।
– ରାଜୀବ ତଲଓ୍ୱାର, ସଭାପତି, ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି

ସଂକ୍ଷେପରେ

ଗୃହଋଣ ସବ୍‌ସିଡି ସହାୟତା କରିବ ଆୟକର ବିଭାଗ

ନୂଆଦିଲ୍ଲୀ,୩୦-୧: ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏଓ୍ୱାଇ)ର ସବ୍‌ସିଡି ଲାଭ ପହଞ୍ଚାଇବାରେ ଆୟକର ବିଭାଗ ସାହାଯ୍ୟ କରିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଘର କିଣିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ ସବ୍‌ସିଡିଯୁକ୍ତ ଋଣ ଅନୁମୋଦନ ପାଇବା ଲାଗି ଏଣିକି ଅଧିକ ଦିନ ଅପେକ୍ଷା କରିବାକୁ ପଡିବ ନାହିଁ। ଆୟକର ତଥ୍ୟକୁ ବିଶ୍ଳେଷଣ କରି ସମ୍ଭାବ୍ୟ ଲାଭାର୍ଥୀ ଚିହ୍ନଟ ହେବା ପରେ ଆୟକର ବିଭାଗ ପକ୍ଷରୁ ସେମାନଙ୍କୁ ଏକ ସାର୍ଟିଫିକେଟ ପ୍ରଦାନ କରାଯିବ। ଏହାକୁ ବ୍ୟବହାର କରି ପିଏମ୍‌ଏଓ୍ୱାଇ ଅନ୍ତର୍ଗତରେ ସବ୍‌ସିଡିଯୁକ୍ତ ଋଣ ମିଳିବା ସହଜ ହେବ।

ଏନ୍‌ଏସ୍‌ସିରୁ ଇସ୍ତଫା ଦେଲେ ୨ ସ୍ୱାଧୀନ ସଦସ୍ୟ

ନୂଆଦିଲ୍ଲୀ,୩୦-୧: ନ୍ୟାଶନାଲ ଷ୍ଟାଟିଷ୍ଟିକାଲ କମିଶନ(ଏନ୍‌ଏସ୍‌ସି)ର ଅବଶିଷ୍ଟ ୨ ସ୍ୱାଧୀନ ସଦସ୍ୟ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ମୋଟ୍ ଘରୋଇ ଉତ୍ପାଦ(ଜିଡିପି)ର ବ୍ୟାକ୍ ସିରିଜ ଜାରି କରିବା ଏବଂ ନୂଆ ଆର୍ଥିକ ଜଣଗଣନା ଶୁଭାରମ୍ଭ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରୁ ସେମାନଙ୍କୁ ଦୂରେଇ ରଖାଯାଇଥିଲା ବୋଲି ଅଧ୍ୟକ୍ଷ ପି.ସି.ମୋହନନ ଏବଂ ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସର ପ୍ରଫେସର ଜେ.ଭି.ମୀନାକ୍ଷୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ କହିଛନ୍ତି ଯେ, ଇସ୍ତଫା ଦେଇଥିବା ୨ ସଦସ୍ୟ କେବେ ହେଲେ ନିଜର ଅସନ୍ତୋଷ କୌଣସି ବୈଠକରେ ପ୍ରକାଶ କରି ନ ଥିଲେ।

ୟେସ୍ ବ୍ୟାଙ୍କରେ ନିଯୁକ୍ତ ହେବେ ଦୁଇ ନୂଆ ଡାଇରେକ୍ଟର

ମୁମ୍ବାଇ,୩୦-୧: ୟେସ୍ ବ୍ୟାଙ୍କର ଦୁଇ ପ୍ରମୋଟର ରାଣା କପୁର ଓ ମଧୁ କପୁରଙ୍କ ଗ୍ରୁପ୍ ବୋର୍ଡରେ ନିଜର ସ୍ୱତନ୍ତ୍ର ଡାଇରେକ୍ଟର ନିଯୁକ୍ତ କରିବାକୁ ରାଜି ହୋଇଛନ୍ତି। ୟେସ୍ ବ୍ୟାଙ୍କର ଅନ୍ତରୀଣ ଏମ୍‌ଡି ତଥା ସିଇଓ ଭାବେ ଅଣ ଏକଜିକ୍ୟୁଟିଭ ତଥା ଅଣ ସ୍ୱାଧୀନ ଡାଇରେକ୍ଟର ଅଜୟ୍ କୁମାରଙ୍କ ନାମକୁ ମଧ ସେମାନେ ରିଜର୍ଭ ବ୍ୟାଙ୍କକୁ ସୁପାରିସ କରିଛନ୍ତି। ରବନୀତ ସିଂହ ଗିଲ୍ ଚଳିତ ବର୍ଷ ମାର୍ଚ୍ଚରେ ୟେସ୍ ବ୍ୟାଙ୍କର ନୂତନ ସିଇଓ ତଥା ଏମ୍‌ଡି ଭାବେ ଦାୟିତ୍ୱ ନେବେ।

ଅନିବାର୍ଯ୍ୟ କାରଣବଶତଃ ନିୟମିତ ସ୍ତମ୍ଭ 'ଅର୍ଥର ଅର୍ଥ' ପ୍ରକାଶ ପାଇପାରୁନାହିଁ।

ହାଇସ୍ପିଡ୍ ଟ୍ରେନ୍, ଆଧୁନିକୀକରଣ ଉପରେ ଫୋକସ୍

ନୂଆଦିଲ୍ଲୀ,୩୦–୧

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଫେବୃୟାରୀ ପହିଲାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଅନ୍ତରୀଣ ବଜେଟ ସହ ରେଳ ବଜେଟ ଏକାଠି ଉପସ୍ଥାପନ କରାଯିବ। ଚଳିତ ବର୍ଷର ରେଳ ବଜେଟରେ ହାଇସ୍ପିଡ୍ ଟ୍ରେନ୍, ରେଳର ଆଧୁନିକୀକରଣ ଓ ସୁରକ୍ଷା ଉପରେ ଫୋକସ୍ ରହିବ ବୋଲି ଜଣାପଡିଛି। ରେଲଓ୍ୱେକୁ ୭୦ରୁ ୭୫ ହଜାର କୋଟି ଟଙ୍କାର ବଜେଟ ସହାୟତା ମିଳିପାରେ। ଗତ ବର୍ଷ ଏହା ୫୫ ହଜାର କୋଟି ଟଙ୍କା ଥିଲା।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ରେଳମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ୨୦୧୯ ରେଳ ବଜେଟ ଉପସ୍ଥାପନ କରିବା ବେଳେ କୌଣସି ନୂଆ ଟ୍ରେନ ସମ୍ପର୍କରେ ଘୋଷଣା କରିବେ ନାହିଁ। ବରଂ ସେ ସ୍ଥାନରେ କେତେକ ଟ୍ରେନର ସ୍ପିଡ୍ ବଢ଼ାଇବା ସହିତ କେତେକ ସେମି ହାଇସ୍ପିଡ୍ ଟ୍ରେନ ସମ୍ପର୍କରେ ଘୋଷଣା କରିପାରନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଏହା ଅନ୍ତରୀଣ ବଜେଟ ହୋଇଥିବାରୁ ଚଳିତ ବର୍ଷ ରେଲଓ୍ୱେର କେଉଁ ବିଭାଗକୁ କେତେ ଅର୍ଥ ମିଳିବ ସେ ସମ୍ପର୍କରେ ବିସ୍ତାରିତ ଘୋଷଣା ହୋଇ ନ ପାରେ। ଚଳିତ ବର୍ଷର ରେଳ ବଜେଟ ତିନୋଟି ମୁଖ୍ୟ ବିନ୍ଦୁ- ଅଧିକ ସୁରକ୍ଷା, ଦ୍ରୁତଗାମୀ ଓ ଅଧିକ ଉନ୍ନତ ରେଲଓ୍ୱେ ଉପରେ ପର୍ଯ୍ୟବସିତ ହେବ। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାନୁଯାୟୀ, ଆସନ୍ତା ରେଳ ବଜେଟରେ ଭାରତୀୟ ରେଳକୁ ଅଧିକ ସୁରକ୍ଷିତ ପରିବହନକାରୀ ଭାବେ ଦର୍ଶାଇବାକୁ ଉଦ୍ୟମ ହେବ। ଏହି କାରଣରୁ ଟ୍ରେନ ସୁରକ୍ଷା ଓ୍ୱାର୍ନିଂ ସିଷ୍ଟମ, ଜିପିଏସ୍ ଆଧାରିତ ଟ୍ରେନ ଟ୍ରାକ୍ ସିଷ୍ଟମ, ଅତ୍ୟାଧୁନିକ ଯନ୍ତ୍ରପାତି ମାଧ୍ୟମରେ ଟ୍ରାକ୍ ମେଣ୍ଟେନାନ୍ସ ଉପରେ ବଜେଟରେ ଗୁରୁତ୍ୱ ଦିଆଯିବ। ମଡର୍ନ ସିଗ୍‌ନାଲ ସିଷ୍ଟମ ଲଗାଇବା ଲାଗି ବଜେଟରେ ୧୨ ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇପାରେ। ଏହାଛଡ଼ା ଯାତ୍ରୀଙ୍କୁ ଅଧିକ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ବଡ଼ ରେଳଷ୍ଟେଶନରେ ଏସ୍କାଲେଟର, ଲିଫ୍ଟ, ଓ୍ୱାଇ-ଫାଇ ଯୋଗାଣ ଓ ସିସିଟିଭି କ୍ୟାମେରା ଲଗାଇବା ନେଇ ଘୋଷଣା ହୋଇପାରେ। ରାଏବରେଲି ଓ ଚେନ୍ନାଇ କୋଚ୍ ଫ୍ୟାକ୍ଟ୍ରି ପାଇଁ ଅତିରିକ୍ତ ବଜେଟ ସହାୟତା ମିଳିପାରେ। ଏହାବ୍ୟତୀତ ଦିବ୍ୟାଙ୍ଗ ସହାୟକ ଷ୍ଟେଶନ ନିର୍ମାଣ ଉପରେ ବଜେଟରେ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ଟ୍ରେନ୧୮ ଓ ଟ୍ରେନ ୨୦ ଯୋଜନାରେ ଅଧିକ ସହାୟତା ଘୋଷଣା ସମ୍ଭବ। ତା'ଛଡ଼ା ଟ୍ରେନ୧୮କୁ ଅଧିକ ଷ୍ଟେଶନରୁ ଚଳାଇବା ନେଇ ଘୋଷଣା କରିପାରନ୍ତି ରେଳମନ୍ତ୍ରୀ । ରେଳ ମନ୍ତ୍ରଣାଳୟ ପକ୍ଷରୁ ଅଧିକ ବଜେଟ ସହାୟତା ଦେବାକୁ ଅନୁରୋଧ କରାଯାଇଥିଲା।

ରେଳ ବଜେଟ ୨୦୧୯

ଅନ୍ତରୀଣ ବଜେଟ ଆସିବ: ଅର୍ଥ ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୩୦–୧: କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଫେବୃୟାରୀ ପହିଲାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି ବୋଲି କେତେକ ମିଡିଆ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ଖଣ୍ଡନ କରି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସରକାର ପୂର୍ଣ୍ଣାଙ୍ଗ ନୁହେଁ ବରଂ ଅନ୍ତରୀଣ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଲୋକ ସଭା ନିର୍ବାଚନ ପାଖେଇ ଆସିଲେ ବିଦାୟୀ ସରକାର ପୂର୍ଣ୍ଣାଙ୍ଗ ବଜେଟ ବଦଳରେ ଅନ୍ତରୀଣ ବଜେଟ ଅଥବା ଲେଖାନୁଦାନ ଉପସ୍ଥାପନ କରନ୍ତି। ନୂଆ ସରକାର କ୍ଷମତାକୁ ଆସିବା ପରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ ହୁଏ, ଏହା ସଂସଦୀୟ ପରମ୍ପରା ରହିଛି।

ଚଳିତବର୍ଷ ଉପସ୍ଥାପିତ ହେବନି ଅର୍ଥନୈତିକ ସର୍ଭେ ରିପୋର୍ଟ

କେନ୍ଦ୍ର ସରକାରଙ୍କ ଅନ୍ତିମ ତଥା ଅନ୍ତରୀଣ ବଜେଟ ଫେବୃୟାରୀ ପହିଲାରେ ଉପସ୍ଥାପିତ ହେବାକୁ ଯାଉଛି। ତେବେ ସଂସଦର ବଜେଟ ଅଧିବେଶନ ଚଳିତ ମାସ ୩୧ରୁ ଆରମ୍ଭ ହେବାକୁ ଯାଉଛି ଯାହା ଫେବୃୟାରୀ ୧୩ ଯାଏ ଚାଲିବ। ପରମ୍ପରା ଅନୁଯାୟୀ କେନ୍ଦ୍ର ବଜେଟ ଉପସ୍ଥାପନର ଦିନେ କିମ୍ବା ଦୁଇଦିନ ପୂର୍ବରୁ ସରକାର ଅର୍ଥନୈତିକ ସର୍ଭେ ରିପୋର୍ଟ ସଂସଦରେ ଉପସ୍ଥାପନ କରନ୍ତି। ବଜେଟ ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ଉଭୟ ସଦନକୁ ଉଦ୍‌ବୋଧନ ଦେବା ପରେ ହିଁ ସରକାର ୨୦୧୮ ବର୍ଷ ଲାଗି ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହା ଉଭୟ ହିନ୍ଦୀଓ ଇଂଲିଶ୍‌ରେ ଉପସ୍ଥାପିତ ହୋଇଥିଲା। ତେବେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ହୋଇଛି। ସରକାର ଅନ୍ତରୀଣ ବଜେଟ ଉପସ୍ଥାପନ କରୁଥିବାରୁ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସାଧାରଣତଃ ଦେଶର ଅର୍ଥନୀତିର ସ୍ଥିତି ଜଣାଇବା ଲାଗି ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯାଏ। କେଉଁ କ୍ଷେତ୍ରରେ ତ୍ରୁଟି ରହିଛି, କେଉଁ କ୍ଷେତ୍ରରେ ଅଧିକ ସୁଧାର ଆବଶ୍ୟକ ତାହାକୁ ରିପୋର୍ଟ ଜରିଆରେ ଜଣାଇ ଦିଆଯାଏ। ବଜେଟ କିପରି ହେବାକୁ ଯାଉଛି ଏହାର ଝଲକ ସର୍ଭେ ରିପୋର୍ଟରୁ ଜଣାପଡିଯାଏ। ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତାଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଅର୍ଥନୈତିକ ରିପୋର୍ଟରେ ଗତବର୍ଷର ଆର୍ଥିକ ସ୍ଥିତିକୁ ତର୍ଜମା କରିବା ପରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଏ।

କଟକରେ ହୋଣ୍ଡାର ସଡ଼କ ସଚେତନତା

କାର୍ଯ୍ୟକ୍ରମ ଅବସରରେ କମ୍ପାନୀ ଅଧିକାରୀଙ୍କ ସହ ଛାତ୍ରୀଛାତ୍ର।

ଭୁବନେଶ୍ୱର,୩୦–୧

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ କଟକ ଜିଲାର ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜିଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବପିଢିଙ୍କ ମଧ୍ୟରେ ସଡ଼କ ସଚେତନତାକୁ ବଢାଇବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ପ୍ରତି ମାସରେ ୧୫,୦୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବାକୁ କମ୍ପାନୀ ଯୋଜନା ରଖିଛି। କଟକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୫୦ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ହୋଣ୍ଡା ପାଇଁ ସୁରକ୍ଷା ସବୁଠାରୁ ବଡ ପ୍ରାଥମିକତା ବୋଲି କମ୍ପାନୀର ବ୍ରାଣ୍ଡ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି। ପିଲାମାନଙ୍କୁ ସାରା ପରିବାର ପାଇଁ ସୁରକ୍ଷା ଆମ୍ବାସାଡାର କରିବା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ ବୋଲି ସେ କହିଛନ୍ତି।

ମହିନ୍ଦ୍ରା ଆଣିଲା ନୂଆ ଟ୍ରକ୍

ମୁମ୍ବାଇ,୩୦–୧

ମହିନ୍ଦ୍ରା ଟ୍ରକ୍ ଆଣ୍ଡ ବସ୍ ଡିଭିଜନ (ଏମ୍‌ଟିବି) ପକ୍ଷରୁ ନୂଆ ଫ୍ୟୁରିଓ ଟ୍ରକ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ମଧ୍ୟମ ବାଣିଜ୍ୟିକ ଯାନ (ଆଇସିଭି) ବର୍ଗରେ ଏହା ଗ୍ରାହକଙ୍କୁ ଅଧିକ ଲାଭ ପ୍ରଦାନ କରିବ ବୋଲି କମ୍ପାନୀ ପ୍ରକାଶ କରିଛି। ଏହାର ଫ୍ୟୁରିଓ-୧୨ ୧୯ଫୁଟ ଏଚ୍‌ଏସ୍‌ଡି ଭାରିଆଣ୍ଟର ବଜାର ଦର ୧୭.୪୫ ଲକ୍ଷ ଟଙ୍କା ଥିବା ବେଳେ ଫ୍ୟୁରିଓ-୧୪ ୧୯ଫୁଟ ଏଚ୍‌ଏସ୍‌ଡି ଭାରିଆଣ୍ଟ ୧୮.୧୦ ଲକ୍ଷ ଟଙ୍କା ରହିଛି। ଗ୍ରାହକଙ୍କ ପ୍ରତି ରହିଥିବା ପ୍ରତିବଦ୍ଧତା ଆଧାରରେ ଏଭଳି ନୂଆ ରେଞ୍ଜର ଯାନକୁ ବଜାରକୁ ଛଡ଼ା ଯାଇଥିବା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ପଓ୍ୱନ ଗୋଏଙ୍କା କହିଛନ୍ତି। ଏହା ଗୁଣବତ୍ତାବିଶିଷ୍ଟ ସେବା ପ୍ରଦାନ ସହ ଗ୍ରାହକଙ୍କ ମନ ଜିଣିବାରେ ସହାୟକ ହେବ ବୋଲି କମ୍ପାନୀର ଅଟୋମୋଟିଭ ସେକ୍ଟର ସଭାପତି ରାଜନ ଓ୍ୱାଧେରା କହିଛନ୍ତି। ମଡେଲରେ ଗ୍ରାହକମାନେ ଟୋଟାଲ କଷ୍ଟ ଅଫ୍ ଓନରଶିପ, ଓ୍ୱାରେଣ୍ଟି, ମେଣ୍ଟେନାନ୍ସ ଖର୍ଚ୍ଚରେ ସ୍ୱଳ୍ପତା ପାଇବେ ବୋଲି କମ୍ପାନୀର ବସ୍ ଆଣ୍ଡ ଟ୍ରକ୍ ଡିଭିଜନ କନଷ୍ଟ୍ରକଶନ ଇକ୍ୟୁପମେଣ୍ଟ ଡିଭିଜନ ସିଇଓ ବିନୋଦ ସହାୟ କହିଛନ୍ତି।

କ୍ରିସ୍ ଏଲ୍‌ଇଡିକୁ ଓ୍ୱାର୍ଲଡ ସିଗ୍‌ନେଚର ଆଓ୍ୱାର୍ଡ

ଭୁବନେଶ୍ୱର,୩୦–୧

ଗୁଣବତ୍ତା ସମ୍ପନ୍ନ ଏଲ୍‌ଇଡି ନିର୍ମାଣ କ୍ଷେତ୍ରରେ ଯୋଗଦାନ ଲାଗି ଚଳିତ ବର୍ଷ କ୍ରିସ୍ ଇଣ୍ଡିଜେନସ ଇକ୍ୱିପମେଣ୍ଟ ପ୍ରାଇଭେଟ ଲିମିଟେଡକୁ 'ଓ୍ୱାର୍ଲଡ ସିଗ୍‌ନେଚର ଆଓ୍ୱାର୍ଡ' ୨୦୧୯ ପ୍ରଦାନ କରାଯାଇଛି। କମ୍ପାନୀର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଇଂ ପ୍ରଶାନ୍ତ କୁମାର ମହାନ୍ତି ଗୋଆଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବଲିଉଡ ଅଭିନେତା ଗୋବିନ୍ଦାଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୨୦୧୪ରେ ରାଜ୍ୟରେ ଏହି କମ୍ପାନୀ ସ୍ଥାପନ ହୋଇଥିଲା। କ୍ରିସ୍ ଏଲ୍‌ଇଡି ବ୍ରାଣ୍ଡ ନାମରେ କମ୍ପାନୀ ଏହାର ପ୍ରଡକ୍ଟଗୁଡ଼ିକୁ ବଜାରରେ ଉପଲବ୍ଧ କରାଉଛି। ଉପଭୋକ୍ତାଙ୍କ ଆବଶ୍ୟକତା ଅନୁସାରେ ଆଲୋକ ବ୍ୟବସ୍ଥା ସମାଧାନ ପ୍ରଦାନ ଦିଗରେ ଉଦ୍ୟମ ଜାରି ରହିଥିବା ପ୍ରତିଷ୍ଠାତା ମହାନ୍ତି କହିଛନ୍ତି। ଗ୍ରାହକଙ୍କୁ ଅଭିନବ ଏବଂ ଗୁଣାତ୍ମକ ପ୍ରଡକ୍ଟ ଯୋଗାଣ ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

THE ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.25/OMC Dtd.30.01.2019

ADVERTISEMENT FOR RECRUITMENT OF EXECUTIVES IN OMC LTD.

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and a play a catalytic role in the growth of industrialization, OMC caters to the requirements of mineral based industries & metal production of 8.87 Million Tons with an annual turnover of Rs.2853 crores during Financial Year 2017-18.
The Corporation invites application from dynamic & competent professionals in different discipline as follows.

1. VACANCY

Sl. No.	Name of the Post & Grade	Scale of Pay	Category of Posts				Total Posts
			SC	ST	SEBC	UR	
1	Dy. General Manager (Min.), E-5 Grade	Rs.78,800/- to 1,30,400/-	-	-	-	03	3
2	Sr. Manager (Min.), E-4 Grade	Rs.67,700/- to 1,12,100/-	-	-	-	02	2
3	Manager (Min.), E-3 Grade	Rs.67,700/- to 1,12,100/-	01	01	-	-	2
4	Dy. General Manager (Geology), E-5 Grade	Rs.78,800/- to 1,30,400/-	-	-	-	01	1
5	Manager (Persnl.), E-3 Grade	Rs.67,700/- to 1,12,100/-	01	-	-	02(1-W)	3
6	Manager (Fin.), E-3 Grade	Rs.67,700/- to 1,12,100/-	-	-	01	03(1-W)	4
7	Dy. Manager (Fin.), E-2 Grade	Rs.67,700/- to 1,12,100/-	02(1-W)	01	-	01	4
8	Dy. Manager (Civil), E-2 Grade	Rs.67,700/- to 1,12,100/-	-	01(W)	-	-	1
9	Sr. Manager (Mech.), E-4 Grade	Rs.67,700/- to 1,12,100/-	-	-	-	01	1
10	Manager (Mech.), E-3 Grade	Rs.67,700/- to 1,12,100/-	-	-	-	01	1
11	Dy. General Manager (Electrical), E-5 Grade	Rs.78,800/- to 1,30,400/-	-	-	-	01	1
12	Sr. Manager (Electrical), E-4 Grade	Rs.67,700/- to 1,12,100/-	-	-	01	01	2
13	Manager (Electrical), E-3 Grade	Rs.67,700/- to 1,12,100/-	-	01	-	01	2
14	Sr. Manager (Security), E-4 Grade	Rs.67,700/- to 1,12,100/-	-	-	-	01	1

Interested eligible candidates are requested to download the application format from OMC website: **www.omcltd.in** and submit the same duly filled in & signed along with attested copies of Certificates/ Testimonials , experience certificate in support of their eligibility by **Speed Post /Courier** in a cover superscribed **"APPLICATION FOR THE POST OF ___________"** so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 20.02.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)

Odisha State Health & Family Welfare Society
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8,
Bhubaneswar-751012, District-Khordha (Odisha),
Phone/Fax: 0674- 2392480/79

Advt. No . 01/19 **NOTICE** **Date: 31/01/2019**
Ref.: Advt. No. 51/18 dt. 27.12.18.

No.832-E:- The advertisement for the position of Management Consultant - (IT EVIN) made vide Advt. No. 51/18 dt. 27.12.18, published in "The Samaja" (all Odisha editions), "The Dharitri" (all Odisha editions) and "The New Indian Express" (Odisha edition only) is hereby cancelled as no candidate found suitable for the said post.

Sd./-
Mission Director
NHM, Odisha
10084/11/0077/1819

ZILLA SWASTHYA SAMITI, KALAHANDI
DISTRICT PROGRAMME MANAGEMENT UNIT
NATIONAL HEALTH MISSION
E-mail: dpmukalahandi@gmail.com,
Phone: 06670-330998

Advt. No: 167 **Date: 28.01.2019**

NOTICE INVITING BID
FOR EQUIPMENT, AIDS & DRUGS FOR DEIC (RBSK) O/O CDM&PHO, KALAHANDI

No.830-E:- Bids are invited from eligible firms/company/ agency/suppliers/distributors to supply the Equipments, Aids & Drugs to DEIC, RBSK KALAHANDI. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.kalahandi.nic.in. The last date of submission of bid is on or before 15.02.2019 by 04 PM to the O/o- CDM&PHO, Kalahandi through Speed Post/Regd. Post/ Courier only. The undersigned reserves the right to cancel any or all the bids without assigning any reason thereof.

Sd./- Chief District Medical & Public Health Officer, Kalahandi
10076/11/0020/1819

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, P/1, Nayapalli, Bhubaneswar - 751 013, Odisha
(CIN : L27203OR1981GOI000920)
A NAVRATNA COMPANY

NOTICE

Notice is hereby given pursuant to Regulation 29 and 47 of the SEBI (Listing Obligations and Disclosure Requirements) Regulations, 2015, that a meeting of the Board of Directors of the Company will be held on Friday, the 8th February, 2019 to consider inter-alia the Unaudited Financial Results (standalone) for the quarter and nine-months ended 31st December, 2018.
Information in this regard is also available on the website of the Company i.e. www.nalcoindia.com and on the website of the Stock Exchanges i.e. www.bseindia.com and www.nseindia.com.

For National Aluminium Company Ltd.
sd/-
(N. K. MOHANTY)
Place : Bhubaneswar
Date: 29.01.2019
COMPANY SECRETARY & COMPLIANCE OFFICER

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.
Utkalika କାରିଗର ସହାୟତା କେନ୍ଦ୍ର, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର

ବିଜ୍ଞାପନ

ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଉଦୟପୁର, ରାଜସ୍ଥାନ ଠାରେ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଅନିବାର୍ଯ୍ୟ କାରଣ ବଶତଃ ଘୁଞ୍ଚାଇ ଦିଆଯାଇଛି। ଧରିତ୍ରୀ ଓ ସମାଜରେ ପୂର୍ବ ପ୍ରକାଶିତ ତାରିଖରେ ନହୋଇ ଏହା **୦୮/୦୨/୧୯ ଠାରୁ ୧୭/୦୨/୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ସହିତ ହାଲ୍, ସୁନାବେଡ଼ା ଠାରେ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ୦୮/୦୨/୧୯ ଠାରୁ ୧୭/୦୨/୧୯ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଦର୍ଶନୀରେ** ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୦୨/୦୨/୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା** ପୃଥକ ପୃଥକ ଭାବରେ ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ।

ସ୍ୱା/-
ପରିଚାଳନା ନିର୍ଦ୍ଦେଶକ

ଶ୍ରୀସନ୍ଥଙ୍କ ଆଚରଣ ଠିକ୍ ନ ଥିଲା: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୩୦।୧

ସ୍ପଟ୍ ଫିକ୍ସିଂ ମାମଲା

ସ୍ପଟ୍ ଫିକ୍ସିଂ ମାମଲାରେ ଆଜୀବନ ବାସନ୍ଦର ସମ୍ମୁଖୀନ ହୋଇଥିବା ପୂର୍ବତନ ଦ୍ରୁତ ବୋଲର ଏସ୍. ଶ୍ରୀସନ୍ଥଙ୍କ ଭୂମିକାକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ପୂରା ଘଟଣାକ୍ରମରେ ଶ୍ରୀସନ୍ଥଙ୍କ ଆଚରଣ ଠିକ୍ ନ ଥିଲା ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୧୩ ସଂସ୍କରଣର ଏକ ମ୍ୟାଚ୍‌ରେ ଶ୍ରୀସନ୍ଥଙ୍କୁ ସ୍ପଟ୍ ଫିକ୍ସିଂ କରିବା ନେଇ ପ୍ରସ୍ତାବ ଦିଆଯାଇଥିଲା। ତେବେ ଏ ନେଇ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ କାହିଁକି ଅବଗତ କରାଇ ନ ଥିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟରେ ଶ୍ରୀସନ୍ଥଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସଲମାନ ଖୁର୍ସିଦ୍ ପକ୍ଷ ରଖିଥିଲେ। ୨୦୧୩ ମେ'ରେ ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ଓ କିଙ୍ଗ୍ସ ଏକାଦଶ ପଞ୍ଜାବ ମଧ୍ୟରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍ ଅବସରରେ ସ୍ପଟ୍ ଫିକ୍ସିଂ ହୋଇଥିବାର ଏବଂ ଶ୍ରୀସନ୍ଥ କାହାଠାରୁ ଅର୍ଥ ଗ୍ରହଣ କରିଥିବାର କୌଣସି ପ୍ରମାଣ ନାହିଁ ବୋଲି ଖୁର୍ସିଦ କହିଛନ୍ତି। ତେବେ ସଙ୍ଗେସଙ୍ଗେ ଏ ସଂକ୍ରାନ୍ତରେ ବିସିସିଆଇକୁ କାହିଁକି ଜଣାଇ ନ ଥିଲ ବୋଲି କୋର୍ଟ ପଚାରିଥିଲେ। ଶୁଣାଣି ଅବସରରେ ଅଭିଯୁକ୍ତ ବୁକିଙ୍କ ସହିତ ଶ୍ରୀସନ୍ଥ ଟେଲିଫୋନ୍‌ରେ କଥା ହେବା ସନ୍ଦର୍ଭରେ ସୁପ୍ରିମକୋର୍ଟ ଖୁର୍ସିଦଙ୍କୁ ଏନେଇ ପ୍ରଶ୍ନ ପଚାରିଥିଲେ।

ଖୁର୍ସିଦ ଶ୍ରୀସନ୍ଥଙ୍କ ପକ୍ଷ ରଖି କହିଥିଲେ ଯେ, ସେ ଗୋଟିଏ ଓଭରରେ ୧୪ ରନ ବ୍ୟୟ କରିବାର ଥିଲା। କିନ୍ତୁ ସେ ୧୩ ରନ ଦେଇଥିଲେ। ଯେତେବେଳେ କି ସେ ବିଶ୍ୱର ଦୁଇ ବିପଜ୍ଜନକ ବ୍ୟାଟ୍ସମ୍ୟାନ ଆଡାମ ଗିଲକ୍ରୀଷ୍ଟ ଓ ଶନ୍ ମାର୍ଶଙ୍କୁ ବୋଲିଂ କରିଥିଲେ। ଟେଲିଫୋନ ରେକର୍ଡରୁ ସ୍ପଟ ଫିକ୍ସିଂ ହୋଇଥିବା କୌଣସି ପ୍ରମାଣ ମିଳିନାହିଁ। ଦିଲ୍ଲୀ ପୋଲିସ ତରଫରୁ ଦିଆଯାଇଥିବା ପ୍ରମାଣ ତଥା ଦସ୍ତାବିଜକୁ ତଳ କୋର୍ଟ ଗ୍ରହଣ କରି ନ ଥିଲେ ବୋଲି ଖୁର୍ସିଦ୍ କହିଛନ୍ତି। ଅତିକମ୍‌ରେ ସମ୍ମାନ ଫେରିପାଇବାକୁ ମୁଁ ଚାହୁଁଛି। ମୋର ପେସାଦାର କ୍ୟାରିୟର ନଷ୍ଟ ହେଉଛି ବୋଲି ଶ୍ରୀସନ୍ଥ କହୁଥିବା ଖୁର୍ସିଦ ନ୍ୟାୟଳୟଙ୍କୁ ଅବଗତ କରାଇଥିଲେ। ଅପରପକ୍ଷରେ କ୍ରିକେଟ ପ୍ରାଶାସକ କମିଟି (ସିଓଏ) ତରଫରୁ ବରିଷ୍ଠ ଓକିଲ ପରାଗ ତ୍ରିପାଠୀ ପକ୍ଷ ରଖିଥିଲେ ଓ ଟେଲିଫୋନ୍ ରେକର୍ଡର ବୈଧତା ଓ ସତ୍ୟତା ନେଇ ପ୍ରଶ୍ନ ଉଠାଇଥିଲେ। ଫେବୃୟାରୀ ୨୦ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିରେ ନିଜ ତଥ୍ୟ ରଖିବାକୁ ତ୍ରିପାଠୀଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୧୫ରେ ଏକ ନିମ୍ନ ଅଦାଲତ ୩୫ ବର୍ଷୀୟ ଶ୍ରୀସନ୍ଥଙ୍କୁ ଦୋଷମୁକ୍ତ କରିଥିଲେ। ତେବେ ଏହାପରେ କେରଳ ହାଇକୋର୍ଟ ଏହାକୁ ଖାରଜ କରି ପୁଣି ଥରେ ବାସନ୍ଦାଦେଶ ଲାଗୁ କରିଥିଲେ। ଫଳରେ ହାଇକୋର୍ଟଙ୍କ ରାୟ ବିରୋଧରେ ଶ୍ରୀସନ୍ଥ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ। ଉଲ୍ଲେଖଥାଉ କି, ୨୦୧୩ ଆଇପିଏଲ୍ ଖେଳାଯିବା ଅବସରରେ ସ୍ପଟ ଫିକ୍ସିଂ ଅଭିଯୋଗରେ ଦିଲ୍ଲୀ ପୋଲିସ ଶ୍ରୀସନ୍ଥଙ୍କ ସମେତ ଅଜିତ ଚାଣ୍ଡିଲା ଓ ଅଙ୍କିତ୍ ଚଭନ୍‌ଙ୍କୁ ଗିରଫ କରିଥିଲା। ୨୦୧୫ ଜୁଲାଇରେ ଏକ ନିମ୍ନ ଅଦାଲତ ଏହି ୩ କ୍ରିକେଟରଙ୍କ ସମେତ ଏହି ମାମଲାରେ ୩୬ଜଣ ଅଭିଯୁକ୍ତଙ୍କୁ ଦୋଷମୁକ୍ତ ବୋଲି ରାୟ ଦେଇଥିଲେ। ଏହା ସତ୍ତ୍ୱେ ବିସିସିଆଇ ଶ୍ରୀସନ୍ଥଙ୍କ ଉପରୁ ବାସନ୍ଦ ଉଠାଇ ନ ଥିଲା।

D.D.C.E.
UTKAL UNIVERSITY
UTKAL UNIVERSITY D.D.C.E. EDUCATION FOR ALL
BHUBANESWAR-751007
Advt-8

TENDER NOTICE

Sealed offers are invited for DDCE, Utkal University from reputed firms for the following:

A. AMC for Air Conditioner.
B. Pest Control-Anti Termite Treatment.
C. Manpower Supply.

For more information, details of terms & conditions, date lines and offer formats please visit our website **www.ddceutkal.ac.in. (The last date for submission of tender by person/post is on 14.02.2019 (till 5.00 P.M)**

DIRECTOR

GOVERNMENT OF ODISHA
HOME (ELECTIONS) DEPARTMENT
TENDER CALL NOTICE
CORRIGENDUM / ADDENDUM

File No. VE (A) -07/2018 /Elec. Dated : 30.01.2019

No. 366-D: The last date for submission of Bids - 07.02.2019 (02.30 PM) and opening of Eligibility and Technical Bid is 07.02.2019 (03.00 PM).

For details please visit CEO website www.ceoorissa.nic.in and Government of Odisha website www.odisha.gov.in

Sd./- Chief Electoral Officer
Odisha, Bhubaneswar

12001/11/0030/1819

OFFICE OF THE PRINCIPAL
JANATA COLLEGE, BOINDA, DIST- ANGUL
No. 01 **Dt. 31.01.2019**

QUOTATION CALL NOTICE

Sealed quotations are invited from registered firms/ authorized dealers having valid GST, PAN and Income Tax clearance for procurement of Hostel furniture, Water Purifier with Cooler, Desktop Computers, Laboratory Equipment, Sports Equipment, First-Aid Box, Fire Extinguisher and Dustbin from Assistance for non-civil expenses under OHEPEE, Department of Higher Education, Govt. of Odisha. Details specifications, terms and conditions are available in the college website: **www.janatacollegeboinda.org.in**.

The quotations should reach the office of the undersigned on or before 20.02.2019 through Regd. Post/Speed Post. The authority reserves the right to reject or cancel any or all quotation without assigning any reason thereof.

Janata College, Boinda
Mob: 9439124676 **Principal**

See **Career Appointment** on every **Wednesday & Saturday**

Government of Odisha
Department of Women & Child Development and Mission Shakti

NOTICE

No. 1522 / WCDMS, **Date: 29.01.2019**

No.69-g: In pursuance to this Department's Advertisement for the Post of District Project Co-ordinator (DPC), MAMATA (during the month of October, 2018), the list of eligible Candidates at (Annexure-A) and list of ineligible candidates along with grounds of rejection at (Annexure-B) have been uploaded in the Department Website i.e. **http://www.wcdodisha.gov.in.**

The applicants concerned may visit the department website to know the status of their applications. The candidates, whose name appear in the ineligible list on ground of age/ qualification/ experience/ computer proficiency/ photograph etc., may file their objection through E-mail to odishamamata@gmail.com and dirwcd.or@nic.in in support of their eligibility within 10 days from publication of this notice positively, failing which the applications will be summarily rejected. The eligible candidates may keep in touch with this department website for further notice.

Sd./- Director,
ICDS & Social Welfare

33001/11/0028/1819

Government of Odisha
Social Security & Empowerment of PwDs Department
SIDR Building, Capital Hospital Campus, Unit-6, Bhubaneswar-751001

OPEN TENDER
for Outsourcing of Manpower

No. 877 **Date: 29.01.2019**

No.19-gg:- The tender aims to approve successful bidder/ bidders that will be responsible for outsourcing of manpower for its ANAND HUB at Bhubaneswar under ABADAN Scheme. The details of scope of work, eligibility criteria and submission of details can be downloaded from website http://www.ssepd.gov.in.

1. Availability of tender document: SSEPD website www.ssepd.gov.in
2. Date and time for submission of the tender documents: By speed post/ Registered post / courier/ hand in all working days up to 1:00 PM of 11/02/2019.

This tender does not entail any commitment on the part of SSEPD Department, Govt. of Odisha either financial or otherwise. SSEPD Department, Govt. of Odisha reserves the right to accept or reject any or all tenders without incurring any obligation to inform the affected applicant/s of the grounds. The tenders will be evaluated based on the information provided.

Sd./-
Director, SSEPD, Odisha

46001/11/0037/1819

ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE ENGINEER, L. I. DIVISION, SAMBALPUR CAMP AT L.I. SUB-DIVISION OFFICE, JHARSUGUDA
e-mail I.D - eeolicsbp@gmail.com
e-Procurement Notice for Jharsuguda District
Identification No. EEOLICSBP-17/18-19 Dt.30.01.2019
No. CAD-1342

01	Name of work	Installation & Improvement of 52 nos. LIPs in DMF Grant under Jharsuguda District
02	Estimated cost	Rs.03.00 lakhs to Rs.43.00 lakhs
03	Period of completion	90 to 120 days
04	Date & Time of availability of bid document in the portal	From 10.00 Hrs. of 04.02.2019 to 17.00 Hrs. of 13.02.2019.
05	Date & Time of opening of bids	11.00 Hrs. of 14.02.2019
06	Name and Address of the officer inviting bid	Executive Engineer, L.I. Division, Sambalpur Camp at L.I. Sub-Division, Jharsuguda

Further details can be seen from the website www.tendersorissa.gov.in.

Sd./- Executive Engineer,
L.I. Division, Sambalpur

32308/11/0025/1819

GOVERNMENT OF ODISHA
DEPARTMENT OF WATER RESOURCES
Office of the Executive Engineer
Padampur Investigation Division, Padampur
Pin-768036, Email: executiveengineerpid@gmail.com
1196-A

Government of Odisha "e" Procurement Notice

Bid Identification No.- EEPID-02/2018-19 (Online) dated 30.01.2019

1	Nature of work	Pre-construction Survey Works for design of earth dam.
2	No. of works	02 (Two) Nos.
3	Estimated Cost	Rs. 28.56 Lakhs.
4	Period of Completion	As per DTCN
5	Date & Time of availability of bid document in the portal	04.02.2019 at 10:00 AM to 18.02.2019 upto 05.00 PM
6	Last date/time for receipt of bid in the portal	18.02.2019 upto 05:00 PM
7	Date of opening of Bid	19.02.2019 at 11AM
8	Name & Address of the Officer Inviting Bid	Executive Engineer, Padampur Investigation Division, Padampur, PO- Rajborasambar, Dist.- Bargarh, PIN- 768036.

Further details can be seen from the e-Procurement Portal https://tendersodisha.gov.in

Sd./- Executive Engineer
Padampur Investigation Division
Padampur

32086/11/0005/1819

THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

NOTICE INVITING TENDER NO.01/OMC/C/CT/2019

No. CAD-1341 : Tender from the registered Civil contractors are invited having registration of PF, PAN and GST for the below noted works.

Sl. No.	Name of the works	Estimated Cost (In Lakhs)	Time period of the work	Class of Cont-ractor	E.M.D in D.D. (in Rs.)	Cost of Bid document (Rs.)
1	Development of settling pond near back side Sukurangi U.P.School at Sukurangi Mines in the district of Jajpur.	4.26	One month	D & C	4260.00	2000.00 + 18% GST
2	Renovation to compound wall near gate no.1 of 'D' Quarry, pump shed & duty room of 'F' Quarry and providing transparent sheet to toilet blocks of South Kaliapani Mines in the district of Jajpur.	3.46	One month	D & C	3460.00	2000.00 + 18% GST
3	Sinking of one no of tube well inside parking yard in the district of Jajpur.	2.15	One month	D & C	2150.00	2000.00 + 18% GST
4	Inside & outside painting to Central Hospital at Central Township, Kaliapani in the district of Jajpur.	4.46	One month	D & C	4460.00	2000.00 + 18% GST
5	Construction of kitchen near community centre for OISF personnel at Central Township, Kaliapani in the district of Jajpur.	4.47	One month	D & C	4470.00	2000.00 + 18% GST
6	Repairing to qtr no.D/2, D/3 & C/8 and 6nos. of E-type qtrs(E/159, E/94, E/106, E/99, E/107, E/113) at Central Township, Kaliapani in the district of Jajpur.	3.99	One month	D & C	3990.00	2000.00 + 18% GST

01. Date & time of selling of bids: - From dt.04.02.2019 to dt.13.02.2019 up to 3.00PM.
02. Last date and time of submission of bids at allocated Tender Box:-Dt.13.02.2019 up to 5.00PM.
03. Date & time of opening of bid: - Dt.14.02.2019 at 11.00 AM.
04. For the details you may refer D.T.C.N.
05. Tender inviting authority: Sr. Manager (Civil), OMC, Kaliapani.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

Sd/-29.01.19
Sr.Manager (Civil), Kaliapani

30005/11/0170/1819

OFFICE OF THE PRINCIPAL
UTKAL SANGEET MAHAVIDYALAYA, BHUBANESWAR
Sachivalaya Marg, Unit-IV, Bhubaneswar, Pin-751001, E-mail: principalusm@gmail.com, Website: www.usmodisha.com, Phone No.: 0674-2503956 & 2974105
No. 142/ USM., **dated 29.01.2019**

TENDER CALL NOTICE

No.41-RR:- Sealed tenders are invited from reputed and registered Event Management firms having GSTN & up to date GST Clearance Certificate with five years working experience for necessary arrangements relating to the organization of Jayadev Samaroha, 2019 (USM Annual Fest.) by Utkal Sangeet Mahavidyalaya, BBSR, scheduled to be conducted from 17.02.2019 to 20.02.2019 (The Items & its break-up is available in the USM Office & in the USM Website i.e. www.usmodisha.com). Interested Event Management firms are intimated to submit their tenders latest by 11.02.2019 and it will be opened on 12.02.2019 at 12 Noon.

The Principal reserves the right to accept or reject any tender without assigning any reason thereof.

Sd./- (Shri Bijay Kumar Nayak, I.A.S.)
PRINCIPAL,
Utkal Sangeet Mahavidyalaya, Bhubaneswar

03011/11/0004/1819

GOVT. OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel. 06766-258301(O), eMail: se_nerwkjr@rediffmail.com
"e" Procurement Notice for Road Works
No.1528-O:- **Identification No. Road Online NCB No.253**
No. 421 / Date:28-01-2019

1. Name of the work : Road Works under OMBADC in the District of Keonjhar.
2. Estimated Cost : As per Annexure in NIT.
3. Class of Contractor (Eligible) : As per Annexure in NIT.
4. Period of Completion : As per Annexure in NIT.
5. Other details :

Procurement Officer	Bid Identi-fication No.	Availability of tender On-line for bidding		Last Date & Time of seeking Tender Clarifica-tion.	Date & Time of Opening of Tender in O/o S.E.N.E.R.W. Circle, Keonjhar	
		From	To		Technical Bid	Financial Bid
1	2	3	4	5	6	7
Superintending Engineer, North Eastern Rural Works Circle, Keonjhar	Road Online NCB No.253	Dt.31.01.19 at 11.00 A.M.	Dt.14.02.19 up to 3.00 P.M.	Dt.13.02.19 up to 3.00 P.M.	Dt.15.02.19 at 11.00 A.M.	Dt.18.02.19 at 11.00 A.M.

- Further details can be seen from the website: www.tendersorissa.gov.in.

25048/11/0046/1819 **Sd./- Superintending Engineer, N.E.R.W. Circle, Keonjhar**

OFFICE OF THE SUPERINTENDING ENGINEER
RURAL WORKS CIRCLE, BERHAMPUR
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287, E-Mail / E-Despatch
No. 1529-O

NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender /38-2018-19/BPR

Identification No	Name of work	No. of Works	Approx. Estimated Cost (In lakh)	Class of Contractor	Period of Completion
Online Tender / 38- 2018 -19 / BPR	Bridge Works under BSY	04 Nos.	From Rs. 121.25 lakhs to Rs. 350.53 Lakhs	"B" Class, "A" Class or "Special" Class as applicable	10 (Ten), 11 (Eleven) & 15 (Fifteen) Calendar Month as provided

Procurement Officer	Bid Identification No	Availability of tender online for bidding	
		From	To
Superintending Engineer, R.W.Circle, Berhampur	Online Tender/38-2018-19/ BPR	04.02.2019 at 10.00 A.M.	18.02.2019 upto 3.00 P.M.

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: - www.tendersodisha.gov.in

25071/11/0055/1819 **Sd/-Superintending Engineer, R.W.Circle, Berhampur**

GOVERNMENT OF ODISHA, OFFICE OF THE SUPERINTENDENDING ENGINEER
CENTRAL CIRCLE, RURAL WORKS, BHUBANESWAR
No. 258 / Date: 28.01.2019
No. 1531-O

"e" Procurement Notice for PMGSY-II (Batch-I) Works for the year 2018-19

1. Name of the work : PMGSY-II (Batch-I) Package for the year 2018-19
2. Total No. of packages : 59 Nos.
3. Estimated Cost of the Package : Varies from Rs. 60.20 Lakhs to Rs. 918.90 lakhs
4. Class of Contractor
   a) Estimated cost more than Rs. 40.00 lakhs upto Rs. 3.00 crores : B Class & A Class (of Odisha PWD) or relevant class of other licensing authorities
   b) Estimated cost more than Rs. 3.00 crores upto Rs. 6.00 crores : A Class & Special class (of Odisha PWD) or relevant class of other licensing authorities
   c) Estimated cost more than Rs. 6.00 crores & upto Rs. 15.00 crores : Special class & Super class (of Odisha PWD) or relevant class of other licensing authorities
5. Period of Completion : 09 (Nine) calendar months for the works costing less than Rs. 3.00 crores and 11 (eleven) calendar months for the work costing more than Rs. 3.00 crores
6. Offered rates by bidder : The offered rate by the contractor shall be excluding GST.
7. Other details :

Procurement Officer	Bid Identifi-cation No.	Availability of Tender online for bidding		Last Date & Time of seeking tender clarification	Date & time of submission of original financial instrument along with affidavit regarding correctness of information	Date & time of opening of tender	
		From	To			Technical Bid	Financial Bid
1	2	3	4	5	6	7	8
Superintending Engineer, Central Circle, Rural Works, Bhubaneswar	Tender-Online- C.C. - 03 of 2019	07.02.19 at 11.00AM	27.02.19 upto 5.00PM	23.02.19 upto 3.00PM	28.02.2019 to 02.03.2019 upto 5.00PM (During office hour)	06.03.19 at 11.00AM	16.03.19 at 11.00AM

Further details can be seen from the website www.pmgsytenders.gov.in.

25082/11/0030/1819 ***Sd./- Superintending Engineer, Central Circle, Rural Works, Bhubaneswar***

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର– ୨୦୧୮ ପାଇଁ ମନୋନୟନ ଦରଖାସ୍ତ ଆହ୍ୱାନ
No. 11-TT

No. 970/ SYS., SYS-SPW-AWARD-0001/2019 Dated : 29.01.2019

କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା, ଭୁବନେଶ୍ୱର ରାଜ୍ୟରେ କ୍ରୀଡ଼ାର ବିକାଶ, ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷ, କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କ୍ରୀଡା ସାମ୍ବାଦିକଙ୍କୁ ୨୦୧୮ ମସିହା ପାଇଁ ନିମ୍ନଲିଖିତ ବିଭାଗମାନଙ୍କରେ ସମ୍ମାନଜନକ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ପ୍ରଦାନ ନିମନ୍ତେ ମନୋନୟନ / ଦରଖାସ୍ତ ଆହ୍ୱାନ କରୁଛନ୍ତି।

୦୧. ରାଜ୍ୟରେ କ୍ରୀଡାର ବିକାଶ କ୍ଷେତ୍ରରେ ଆଜୀବନ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର (Biju Patnaik Sports Award for Lifetime Achievement in Promotion of Sports & Games.)
୦୨. ୨୦୧୮ ମସିହାରେ (ତା ୦୧.୦୧.୨୦୧୮ ରିଖ ରୁ ତା ୩୧.୧୨.୨୦୧୮ ରିଖ ମଧ୍ୟରେ) ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବା ନିମନ୍ତେ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡାବିତ୍ ସମ୍ମାନ (Biju Patnaik Sports Award for Outstanding Performance in Sports & Games) for the year 2018.
୦୩. କ୍ରୀଡା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଉପଲବ୍ଧି ପାଇଁ ବିଜୁ ପଟ୍ଟନାୟକ କ୍ରୀଡା ପ୍ରଶିକ୍ଷକ ପୁରସ୍କାର (Biju Patnaik Sports Award for Excellence in Coaching).
୦୪. କ୍ରୀଡାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବୋତ୍କୃଷ୍ଟ ଅବଦାନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର (Biju Patnaik Sports Award for Best Contribution to Promotion of Sports & Games).
୦୫. କ୍ରୀଡା ସାମ୍ବାଦିକତା କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଉପଲବ୍ଧ ପାଇଁ ବିଜୁ ପଟ୍ଟନାୟକ କ୍ରୀଡା ସାମ୍ବାଦିକ ପୁରସ୍କାର (Biju Patnaik Sports Award for Excellence in Sports Journalism).

ଏ ସମ୍ପର୍କିତ ବିଶେଷ ବିବରଣୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡା ଅଧିକାରୀ, ସମସ୍ତ ରାଜ୍ୟସ୍ତରୀୟ କ୍ରୀଡା ସଂଘ, ଓଡ଼ିଶା କ୍ରୀଡା ପରିଷଦ, ସତ୍ୟବ୍ରତ ଷ୍ଟାଡିୟମ, କଟକ, ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ, ନୟାପଲ୍ଲୀ, ସି–୧, ଭୁବନେଶ୍ୱର–୧୨ରେ ସମସ୍ତ କାର୍ଯ୍ୟ ଦିବସମାନଙ୍କରେ ମିଳିପାରିବ। ଏତଦ୍‌ବ୍ୟତୀତ ଏହି ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ଯୋଜନାର ସରକାରୀ ସଂକଳ୍ପ, ମନୋନୟନ ସଂକ୍ରାନ୍ତୀୟ ଯୋଗ୍ୟତା ବିଭିନ୍ନ ବିଭାଗର କ୍ରୀଡା ପୁରସ୍କାର ପାଇଁ ନିର୍ଦ୍ଧାରିତ ଫର୍ମ ଇତ୍ୟାଦିର ବିବରଣୀ କ୍ରୀଡା ଓ ଯୁବସେବା ବିଭାଗର ୱେବସାଇଟ୍ www.dsysodisha.gov.inରେ ମଧ୍ୟ ଉପଲବ୍ଧ ଅଟେ।

ଏହି ପୁରସ୍କାର ନିମନ୍ତେ ମନୋନୟନ ଦରଖାସ୍ତ / ପ୍ରସ୍ତାବ/ସୁପାରିସ, ବ୍ୟକ୍ତି ବିଶେଷ, ସମସ୍ତ ରାଜ୍ୟସ୍ତରୀୟ କ୍ରୀଡା ସଂଘମାନେ ନିର୍ଦ୍ଧାରିତ ଫର୍ମରେ ତା ୩୧.୦୩.୨୦୧୯ରିଖ ମଧ୍ୟରେ କମିଶନର ତଥା ଶାସନ ସଚିବ, କ୍ରୀଡା ଓ ଯୁବସେବା ବିଭାଗ, ଓଡ଼ିଶା, ସି–୧, ନୟାପଲ୍ଲୀ, ଭୁବନେଶ୍ୱର–୧୨ରେ ଦାଖଲ କରିବାକୁ ଅନୁରୋଧ।

29001/11/0076/1819 **ସ୍ୱା./– କମିଶନର ତଥା ଶାସନ ସଚିବ**

ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ, ସୁନ୍ଦରଗଡ଼
DISTRICT MINERAL FOUNDATION, SUNDARGARH
(1st Floor, DMF Office), District Rural Development Agency
Email : dmfsundergarh@gmail.com, Sundargarh- 770001,
Tel/Fax No. : 06622-273846
Letter No. 88 / (DMF) **Dated : 20.01.2019**

TENDER CALL NOTICE
Bid Indentification No.- SNG-DMF-13/2018-19

1	The Collector, Sundargarh on behalf of Governor of Odisha inviting percentage rate bid in single cover system in OFF-LINE mode from eligible contractors with valid licenses for Building Works as detailed in DTCN (For details visit www.sundergarh.nic.in)	
2	Nature of Works	Building
3	Number of Works	03 Numbers
4	Tender (Bid) Cost	Rs. 6,000 and Rs. 10,000/-
5	Tender Value	Rs. 47.05 Lakhs to Rs. 76.79 Lakhs. See the details in Tender Call Notice available in (www.sundergarh.nic.in)
6	Places and block where works will be executed	Hemgir block of Sundargarh District. See the details in Tender Call Notice available in (www.sundergarh.nic.in)
7	Class of Contractor	"B" & "A"
8	Availability of bid document in the website	From 31.01.2019 (11.00 A.M.) to 14.02.2019 (5.00 P.M.)
9	Mode of Receipt of Bids	Through Registered Post / Speed Post (Indian Post Offices) only.
10	Date of opening of Bid	Date : 15.02.2019 at 11.00 A.M.
11	The bidders have to participate in OFF-LINE bidding only. Further details can be seen from the Sundargarh District website (www.sundergarh.nic.in). Any addendum / corrigendum/ cancellation of tender can also be seen in the said website.	

Sd./- Collector & Chairperson
DMF, Sundargarh

> ଭାରତ ବିପକ୍ଷ ଦିନିକିଆ ସିରିଜରେ ଆମ ବୋଲରମାନେ ମ୍ୟାଚ୍ ମଧ୍ୟଭାଗରେ ଉଇକେଟ୍ ଅକ୍ତିଆର କରିବାରେ ବିଫଳ ହେଲେ, ଯାହା ଆମକୁ ମହଙ୍ଗା ପଡ଼ିଲା ।
> – ମିଚେଲ ସାଣ୍ଟନର, ନ୍ୟୁଜିଲାଣ୍ଡ ସ୍ପିନର

> ବିରାଟ ଓ ରୋହିତ୍ ଯେଉଁଭଳି ଉଚ୍ଚସ୍ତରୀୟ ଫିଟ୍‌ନେସ ବଜାୟ ରଖିଛନ୍ତି ଆମେ ସେହିଭଳି ଫିଟ୍ ରହିବାକୁ ଚାହୁଁ ।
> – ଶୁବମନ ଗିଲ୍, ଯୁବ ଭାରତୀୟ କ୍ରିକେଟର

ସଂକ୍ଷେପରେ

ଭାରତର ଲଗାତର ୨ୟ ବିଜୟ

ଜାକର୍ତ୍ତା, ୩୦।୧(ପି.ଟି.)- ଇଣ୍ଡୋନେସିଆ ଗସ୍ତରେ ଥିବା ଭାରତୀୟ ମହିଳା ଫୁଟ୍‌ବଲ ଟିମ୍ ଲଗାତର ୨ୟ ବିଜୟ ହାସଲ କରିଛି। ବୁଧବାର ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ଭାରତ ୨-୦ ଗୋଲରେ ଜିତିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭାରତ ପକ୍ଷରୁ ସଞ୍ଜୁ ପ୍ରଥମ ଗୋଲସ୍କୋର କରିଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍ ସମାପ୍ତ ହେବାର ଠିକ୍ ପୂର୍ବରୁ ଡାନ୍‌ଗମେଇ ଗ୍ରେସ୍ ଆଉ ଏକ ଗୋଲ କରି ଭାରତକୁ ୨-୦ ଗୋଲରେ ବିଜୟୀ କରାଇଥିଲେ। ଏଥିପୂର୍ବରୁ ରବିବାର ଖେଳାଯାଇଥିବା ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲାକୁ ଭାରତ ୩-୦ ଗୋଲରେ ବିଜୟୀ ହୋଇଥିଲା।

ନ୍ୟୁଜିଲାଣ୍ଡ ଟି୨୦ ଦଳ ଘୋଷିତ

ଅକ୍‌ଲାଣ୍ଡ,୩୦।୧: ଭାରତୀୟ ଦଳ ବିପକ୍ଷ ଆଗାମୀ ଟି୨୦ ସିରିଜ୍ ଲାଗି ନ୍ୟୁଜିଲାଣ୍ଡ ଦଳ ବୁଧବାର ଘୋଷଣା ହୋଇଛି। ଏହି ଦଳରେ ଦୁଇ ନୂଆ ମୁହଁ ସ୍ଥାନ ପାଇଛନ୍ତି। ବ୍ୟାଟିଂ ଅଲ୍‌ରାଉଣ୍ଡର ଡାର୍ଲି ମିଚେଲ ଓ ପେସର ବ୍ଲେୟର ଟିକନରଙ୍କୁ ପ୍ରଥମ ଥର ପାଇଁ ଜାତୀୟ ଦଳରେ ସ୍ଥାନ ମିଳିଛି। ମିଚେଲଙ୍କୁ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଲାଗି ଦଳରେ ରଖାଯାଇଥିବାବେଳେ ଟିକନର କେବଳ ଅନ୍ତିମ ମୁକାବିଲାରେ ଲୋକି ଫର୍ଗୁସନଙ୍କ ସ୍ଥାନ ନେବେ। କେନ୍ ୱିଲିୟମସନ ଦଳର ନେତୃତ୍ୱ ନେବେ। **ନ୍ୟୁଜିଲାଣ୍ଡ ଟି୨୦ ଦଳ:** କେନ୍ ୱିଲିୟମସନ(ଅଧିନାୟକ), କଲିନ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ (ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍ ପାଇଁ), ମାର୍ଟିନ ଗୁପ୍‌ଟିଲ, ସ୍କଟ୍ କୁଗଲେଜିନ, ଡାର୍ଲି ମିଚେଲ, କଲିନ ମୁନ୍‌ରୋ, ମିଚେଲ ସାଣ୍ଟନର, ଟିମ୍ ସେଫର୍ଟ (ଉଇକେଟକିପର), ଇଶ ସୋଧି, ଟିମ୍ ସୌଦି, ରସ୍ ଟେଲର, ବ୍ଲେୟର ଟିକନର (୩ୟ ମ୍ୟାଚ୍ ଲାଗି)।

ରାଇଜିଂ ଜିତିଲା ଉଦ୍‌ଘାଟନୀ ମ୍ୟାଚ

ଭୁବନେଶ୍ୱର, ୩୦।୧(କ୍ରୀଡ଼ା ପ୍ରତିନିଧି): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ତ୍ରିଦଳୀୟ କ୍ରିକେଟ ଲିଗ୍ ବୁଧବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ଆୟୋଜକ ପାରାମାଉଣ୍ଟକୁ ୩୧ ରନରେ ପରାସ୍ତ କରିଛି। ପାରାମାଉଣ୍ଟ ସ୍ପୋର୍ଟିଂର ସଭାପତି ପ୍ରତାପ ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରାଇଜିଂ ଷ୍ଟୁଡେଣ୍ଟ୍ସ ୩୫.୧ ଓଭରରେ ୧୭୪ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ମିତ୍ରଭାନୁ ପଣ୍ଡା ସର୍ବାଧିକ ୫୬ ଓ ନୀତିନ ସାମନ୍ତରାୟ ୪୩ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ଆଶୁତୋଷ ନାୟକ ୩ଟି ଏବଂ ମିନାଲ ପରିଡ଼ା ଓ ସ୍ୱୟଂ ସାର୍ଥକ ରାଉତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୭୫ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୩ ରନ କରିବାକୁ ସକ୍ଷମ ହୋଇଥିଲା। ମିନାଲ ପରିଡ଼ା ୪୧ ଓ ଅଂଶୁମାନ ସାହୁ ୨୮ ରନ କରିଥିବାବେଳେ ବିଜୟୀ ଦଳର ନୀତିନ ସାମନ୍ତରାୟ ୩ଟି ଓ ସାଇ ଆଚାର୍ଯ୍ୟ ୨ଟି ଉଇକେଟ ନେଇଥିଲେ। ରାଇଜିଂ ଷ୍ଟୁଡେଣ୍ଟ୍ସ ଦଳର ନୀତିନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପାରାମାଉଣ୍ଟ ସ୍ପୋର୍ଟିଂର ପୂର୍ବତନ ଖେଳାଳି ଦୀପ୍ତି ରଞ୍ଜନ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ କଟକର ଜୁଭେନାଇଲ କ୍ରିକେଟ ଏକାଡେମୀ ଓ ପାରାମାଉଣ୍ଟ ମଧ୍ୟରେ ଗୁରୁବାର ଅନୁଷ୍ଠିତ ହେବ।

ଭାରତ ଏ'ରେ ରାହୁଲ

ମୁମ୍ବାଇ,୩୦।୧: ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲଙ୍କୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦିନିକିଆ ସିରିଜ୍‌ର ମଧ୍ୟରେ ସୁଯୋଗ ଦିଆଯିବା ପରେ ତାଙ୍କୁ ୪ ଦିନିଆ ଦଳରେ ମଧ୍ୟ ସାମିଲ କରାଯାଇଛି। ୧୩ ତାରିଖରୁ ଖେଳାଯିବାକୁ ଥିବା ୪ ଦିନିଆ ମ୍ୟାଚ୍ ଲାଗି ଘୋଷିତ ଭାରତ ଏ' ଦଳରେ ରାହୁଲଙ୍କୁ ସ୍ଥାନ ଦିଆଯାଇଛି। ଅଙ୍କିତ ବାୱ୍ରେନେଙ୍କ ଘୋଷିତ ୧୪ ଜଣିଆ ଦଳର ନେତୃତ୍ୱ ନେବେ। ପ୍ରିୟଙ୍କ ପାଞ୍ଚାଲ ଓ ଅଭିମନ୍ୟୁ ଈଶ୍ୱରନ ଦଳରେ ବ୍ୟାଟ୍ସମ୍ୟାନ ଭାବେ ସ୍ଥାନ ପାଇଛନ୍ତି। ଆନ୍ଧ୍ର ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକାର ଭରତ ଓ ଅଲରାଉଣ୍ଡର ଜଲଜ ସକ୍ସେନାଙ୍କୁ ଦଳରେ ସାମିଲ କରାଯାଇଛି। ଦଳରେ ସ୍ପିନର ଭାବେ ମୟଙ୍କ ମାର୍କଣ୍ଡେ ଓ ଶାହାବାଜ ନଦିମ ସ୍ଥାନ ପାଇଥିବାବେଳେ ଦ୍ରୁତ ବୋଲରଙ୍କ ବିଭାଗ ନବଦୀପ ସାଇନି, ଶାର୍ଦ୍ଦୁଳ ଠାକୁର, ଅଭେଷ ଖାଁ ଓ ବରୁନ ଆରୋନ ଦଳରେ ରହିଛନ୍ତି। **ଭାରତୀୟ ଏ' ଦଳ:** ଅଙ୍କିତ ବାୱ୍ରେନେ (ଅଧିନାୟକ), ଲୋକେଶ ରାହୁଲ, ପ୍ରିୟଙ୍କ ପାଞ୍ଚାଲ, ରିକି ଭୁଇ, ସିଦ୍ଧେଶ ଲାଡ, କେ. ଏସ୍. ଭରତ (ଉଇକେଟକିପର), ଜଲଜ ସକ୍ସେନା, ଶାହବାଜ ନଦୀମ, ମୟଙ୍କ ମାର୍କଣ୍ଡେ, ନବଦୀପ ସାଇନି, ଶାର୍ଦ୍ଦୁଳ ଠାକୁର ଓ ଅଭେଶ ଖାଁ ଓ ବରୁନ ଆରୋନ।

ରୋହିତଙ୍କ ଉପରେ ନଜର

ହାମିଲଟନ, ୩୦।୧(ପି.ଟି.)

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଗୁରୁବାର ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଚତୁର୍ଥ ଦିନିକିଆ ମ୍ୟାଚ୍ ଖେଳାଯିବ। ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ଫଳରେ ୨୦୦ତମ ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଥିବା କାମଚଳା ଅଧିନାୟକ ରୋହିତ ଶର୍ମାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୩-୦ରେ ଅଗ୍ରଣୀ ହେବା ସହ ଭାରତ ଆଗୁଆ ସିରିଜ୍ ହାତେଇ ନେଇଛି। ଫଳରେ ରୋହିତ୍‌ଙ୍କ ନେତୃତ୍ୱରେ ଭାରତ ଏହି ବିଜୟଧାରା ବଜାୟ ଲକ୍ଷ୍ୟରେ ରହିଛି। କାମଚଳା ଅଧିନାୟକ ଭାବେ ରୋହିତଙ୍କ ରେକର୍ଡ ଜବରଦସ୍ତ ରହିଛି। ଦିନିକିଆ ଫର୍ମାଟରେ ୩ଟି ଦ୍ୱିଶତକ ହାସଲ କରିଥିବା ରୋହିତ୍ ସେଡନ୍ ପାର୍କର ଏହି ବ୍ୟାଟିଂ ଫ୍ରେଣ୍ଡଲି ଉଇକେଟ ପୁଣି କମାଲ କରିବେ ବୋଲି ଆଶା କରାଯାଉଛି। ୪-୦ରେ ଅଗ୍ରଣୀ ହେଲେ ଭାରତ ସବୁ ଫର୍ମାଟ ଦୃଷ୍ଟିକୋଣରୁ ୫୨ ବର୍ଷ ମଧ୍ୟରେ ସର୍ବବୃହତ୍ ସିରିଜ ବିଜୟ ହାସଲ କରିବ। ୧୯୭୬ରେ ନ୍ୟୁଜିଲାଣ୍ଡ ଗସ୍ତ କରିବା ପରଠାରୁ ଭାରତ ପାଇଁ ଏହା ସର୍ବବୃହତ୍ ସିରିଜ ବିଜୟ ସାବ୍ୟସ୍ତ ହେବ।

ସିରିଜର ବାକି ଦୁଇଟି ମ୍ୟାଚ୍‌ରେ ଭାରତ ତା'ର ବେଞ୍ଚ୍ ଷ୍ଟ୍ରେନ୍ଥକୁ ପରୀକ୍ଷା କରିବ। ଯୁବ ଖେଳାଳିମାନେ ମ୍ୟାଚ୍‌ର ଭିନ୍ନ ଭିନ୍ନ ସ୍ଥିତି ଅନୁଭବ କରିବା ସହ ଅଭିଜ୍ଞତା ହାସଲ କରିବେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଆଘାତ ସମସ୍ୟା ସେତେଟା ଗୁରୁତର ନୁହଁ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ତାଙ୍କ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ନେଇ ସେତେଟା ବ୍ୟସ୍ତ ହେବାର ନାହିଁ। ତେବେ ଗୁରୁବାର ଟସ୍ ପଡିବା ପୂର୍ବରୁ ସେ ଖେଳିବେ କି ନା ତାହା ଜଣାପଡିବ। ଧୋନୀ ଖେଳିଲେ ଦଳୀୟ ସଂଯୋଜନାରେ କୌଣସି ପରିବର୍ତ୍ତନ ହେବ ନାହିଁ। କାରଣ ସେ କୋହଲିଙ୍କ ସ୍ଥାନରେ ଖେଳିବେ। କୋହଲିଙ୍କୁ ଦୁଇଟି ଦିନିକିଆରୁ ବିଶ୍ରାମ ଦିଆଯାଇଛି। ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଶୁବମନ ଗିଲ ଏହି ମ୍ୟାଚ୍‌ରେ ପଦାର୍ପଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୧୯ ବର୍ଷୀୟ ଶୁବମନ କୋହଲିଙ୍କ ଭଳି ଶଟ୍ ଖେଳୁଥିବା କୁହାଯାଉଛି। ୧୯ ବର୍ଷରେ ଶୁବମନଙ୍କର ମୁଁ ୧୦ ପ୍ରତିଶତ ଖେଳୁ ନ ଥିଲି ବୋଲି କୋହଲି ଭାରତର ସିରିଜ ବିଜୟ ପରେ କହିଥିଲେ। ଫଳରେ ଏହି ଯୁବ ବ୍ୟାଟ୍ସମ୍ୟାନଙ୍କୁ ନେଇ ପ୍ରଶଂସକଙ୍କ ଉତ୍ସୁକତା ବଢିବାରେ ଲାଗିଛି। କୋଚ୍ ରବି ଶାସ୍ତ୍ରୀ ଓ ରୋହିତ ଶୁବମନଙ୍କୁ ୪ ନମ୍ବରରେ ବ୍ୟାଟିଂ କରିବାକୁ ସୁଯୋଗ ଦେଇପାରନ୍ତି। ଯଦିଓ ଏହି କ୍ରମରେ ଅମ୍ବାତି ରାୟୁଡୁ ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ଯଦି ଧୋନୀ ଓ ଗିଲ୍ ଖେଳନ୍ତି ତେବେ ଦୀନେଶ କାର୍ତ୍ତିକଙ୍କୁ ବିଶ୍ରାମ ଦିଆଯାଇ ପାରେ।

ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ଭାରତୀୟ ବୋଲିଂ ବିଭାଗକୁ ଦୃଢ କରିଛନ୍ତି। ୩ଟି ମ୍ୟାଚ୍‌ରୁ କୁଲଦୀପ ୮ ଓ ଚହଲ ୬ଟି ଉଇକେଟ ହାସଲ କରିଛନ୍ତି। ଦୁଇ ବୋଲର ମୋଟ ଉପରେ ୧୪ଟି ଉଇକେଟ ହାସଲ କରିଛନ୍ତି। କ୍ରମାଗତ ଭାବେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ତାରକା ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଇପାରେ। ସେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜଠାରୁ କ୍ରମାଗତ ଭାବେ ଖେଳି ଆସୁଛନ୍ତି। ସାମିଙ୍କୁ ବିଶ୍ରାମ ଦିଆଗଲେ ଖଲିଲ ଅହମ୍ମଦ କିମ୍ବା ମହମ୍ମଦ ସିରାଜଙ୍କୁ ପୁଣି ସୁଯୋଗ ମିଳିପାରେ। ଫଳରେ ବିଶ୍ୱକପ୍ ପାଇଁ ଜଣେ ରିଜର୍ଭ ପେସ୍ ବୋଲରଙ୍କର ଚୟନ ହୋଇପାରିବ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ସମସ୍ୟାରେ ରହିଛି। ଅଧିନାୟକ କେନ୍ ୱିଲିୟମସନ ଏକଥା ସ୍ୱୀକାର କରିଛନ୍ତି। ଭାରତ ଆମକୁ ସବୁ ବିଭାଗରେ ପରାସ୍ତ କରିଛି ବୋଲି ସେ କହିଛନ୍ତି। କୁଲଦୀପ ଓ ଚହଲଙ୍କୁ ସମ୍ମୁଖୀନ ହେବାରେ ଘରୋଇ ବ୍ୟାଟ୍ସମ୍ୟାନ ବିଫଳ ହୋଇଛନ୍ତି। ୱିଲିୟମସନ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର ହାସଲ କରିପାରି ନାହାନ୍ତି। ସେ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍‌ରୁ ୬୪, ୨୦ ଓ ୨୮ ରନ ସଂଗ୍ରହ କରିଛନ୍ତି। ମାର୍ଟିନ ଗୁପ୍ଟିଲ ବେଶ୍ ବିପଜ୍ଜନକ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସଫଳ ହୋଇ ପାରିନାହାନ୍ତି। ଟମ୍ ଲାଥମ ଓ ରସ ଟେଲର ବେଳେ ବେଳେ ଭଲ ପ୍ରଦର୍ଶନ କରିଛନ୍ତି।

ଆଜି ଚତୁର୍ଥ ଦିନିକିଆ
- ସମୟ: ସକାଳ ୭.୩୦
- ସ୍ଥାନ: ହାମିଲଟନ
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଯୁବ ଖେଳାଳିଙ୍କ ପାଇଁ ସୁଯୋଗ

ମହିନ୍ଦର ଅମରନାଥ

ଅଷ୍ଟ୍ରେଲିଆକୁ ହରାଇବା ଭାରତୀୟ କ୍ରିକେଟ ଦଳ ପାଇଁ ଏକ ବଡ଼ ଉପଲବ୍ଧି ଥିଲା। କିନ୍ତୁ ଘରୋଇ ନ୍ୟୁଜିଲାଣ୍ଡକୁ ହରାଇବା ଆହୁରି ଏକ ବଡ଼ ସଫଳତା ବୋଲି ମୁଁ ଭାବୁଛି। କାରଣ ୨୦୦୯ ପରଠାରୁ ଭାରତ ନ୍ୟୁଜିଲାଣ୍ଡ ମାଟିରେ ଗୋଟିଏ ହେଲେ ବି ଦିନିକିଆ ମ୍ୟାଚ୍ ଜିତିପାରି ନଥିଲା। ବିରାଟ କୋହଲି ପୁଣି ଥରେ ଅଧିନାୟକ ଭାବେ ଦଳକୁ ନିଜ ନେତୃତ୍ୱ ଓ ପ୍ରଦର୍ଶନ ବଳରେ ଜିତାଇବାରେ ସକ୍ଷମ ହୋଇଛନ୍ତି।

ଟିମ୍ ଇଣ୍ଡିଆର କମ୍ବିନେଶନ ଅତ୍ୟନ୍ତ ଚମତ୍କାର। ବିଶ୍ୱ କ୍ରିକେଟରରେ, ଭାରତ ନିକଟରେ ବୋଲରଙ୍କୁ ନେଇ ବିବିଧତା ରହିଛି। ବିଭିନ୍ନ ଦଳ ଓ ଭିନ୍ନ ଭିନ୍ନ ପରିସ୍ଥିତିରେ ଭାରତ ଏହି ବୋଲରମାନଙ୍କୁ ବ୍ୟବହାର କରିପାରିବ। ଭାରତୀୟ ବୋଲିଂ ଲାଇନ୍‌କୁ ସୁଦୃଢ଼ କରିଛନ୍ତି ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ। ଏହି ଦୁଇ ସ୍ପିନରଙ୍କ ବୋଲିଂ ଶୈଳୀ ଭିନ୍ନ ପ୍ରକାର ହୋଇଥିବାର ଦଳ ଏହାର ଫାଇଦା ଉଠାଇପାରୁଛି। ବର୍ତ୍ତମାନ ଏହି ଦୁଇଜଣଙ୍କ ଭଳି ସ୍ପିନର ବିଶ୍ୱରେ କେଉଁଠାରେ ମିଳିବେ ନାହିଁ। ଏହା ଭାରତ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି।

ବର୍ତ୍ତମାନ ଭାତରୀୟ ଦଳ ଅତ୍ୟନ୍ତ ସୁଦୃଢ଼ ମନେହେଉଛି। ୮୦ ଓ ୯୦ ଦଶକର ୱେଷ୍ଟଇଣ୍ଡିଜ ଦଳ ଭଳି ଭାରତ ଏବେ ପୂରା ଆତ୍ମବିଶ୍ୱାସର ସହ ଖେଳୁଛି। ଏବେ ଭାରତକୁ ନେଇ ବିଶ୍ୱର ଅନ୍ୟ ଦଳଗୁଡିକ ବେଶ୍ ଚିନ୍ତିତ ରହୁଛନ୍ତି। ମୋଟାମୋଟି ଉପରେ ଆଗାମୀ ବିଶ୍ୱକପ୍ ପାଇଁ ଭାରତର ପ୍ରସ୍ତୁତି ଅତ୍ୟନ୍ତ ସୁନ୍ଦର ବୋଲି କୁହାଯାଇପାରେ। କେତେଜଣ ଖେଳାଳିଙ୍କୁ ନେଇ ଭାରତ ପରୀକ୍ଷା ନିରୀକ୍ଷା କରିଛି ଓ ସେମାନେ ସଫଳ ହୋଇଛନ୍ତି। ତେଣୁ ବିଶ୍ୱକପ୍ ପାଇଁ ଦଳ ଚୟନ କରିବା ବେଳେ ଚୟନକର୍ତ୍ତାମାନେ ନିଶ୍ଚିତ ଭାବେ ସମସ୍ୟାରେ ପଡିବେ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜ ପରେ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ କେତୋଟି ମାସ ରହିବ। ପୁଣି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ମଧ୍ୟ ଖେଳାଯିବ। ତେବେ ବିଶ୍ୱକପ୍ ଦଳ ଚୟନ ବେଳେ ଆଇପିଏଲ୍ ପ୍ରଦର୍ଶନକୁ ମାପକାଠି ରୂପେ ବ୍ୟବହାର କରାଯିବା ଠିକ୍ ହେବ ନାହିଁ। ଆନ୍ତର୍ଜାତିକ କ୍ରିକେଟରେ ପ୍ରଦର୍ଶନକୁ ଭିତ୍ତିକରି ବିଶ୍ୱକପ ଦଳ ଚୟନ କରାଯିବା ଉଚିତ୍ ହେବ।

ଚଳିତ ସିରିଜର ଅନ୍ତିମ ଦୁଇଟି ଦିନିକିଆ ଓ ଟି୨୦ ସିରିଜରୁ କୋହଲିଙ୍କୁ ବିଶ୍ରାମ ଦେବା ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ଓ ଏହା ନିଶ୍ଚିତ ଭାବେ ଏକ ଚତୁର ନିଷ୍ପତ୍ତି। କୋହଲି ଗତକେତେ ମାସ ହେବ ସବୁ ଫର୍ମାଟରେ ଖେଳିଆସୁଛନ୍ତି। ପୁଣି ତାଙ୍କ ଅନୁପସ୍ଥିତିରେ ଅନ୍ୟ ଯୁବ ଖେଳାଳିମାନଙ୍କ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି ହୋଇ ପାରିବ। କୋହଲିଙ୍କ ଅନୁପସ୍ଥିତିରେ ଭାରତ ସିରିଜ୍‌ରେ କ୍ଲିନ୍ ସୁଇପ୍ କରିପାରିବ ନାହିଁ ବୋଲି ଘରୋଇ ଦଳ ଚିନ୍ତା କରୁଥିବ। ତେବେ ଭାରତ ସିରିଜ ଜିତିସାରିଛି। ଅତିକମ୍‌ରେ ଭାରତ ୩-୨ରେ ସିରିଜ ଜିତିବା ଏକ ପ୍ରକାର ନିଶ୍ଚିତ ହୋଇ ସାରିଛି। (ଗେମ୍ ପ୍ଲାନ୍)

ଜାପାନ କରାଟେ ସୋତୋକାଇ ଟ୍ରେନିଂ ସେମିନାରରେ ଭାଗ ନେଇଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ସହ।

ଟପ୍ସରେ ସାମିଲ ହେଲେ ଓଡ଼ିଆ ପାରା ଆଥ୍‌ଲେଟ୍ ଜୟନ୍ତୀ

ନୂଆଦିଲ୍ଲୀ, ୩୦।୧(ପି.ଟି.)

ପାରା-କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ଯାଇ ବୁଧବାର ୧୨ଜଣ ପାରା ଆଥ୍‌ଲେଟ୍‌ଙ୍କୁ ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ରେ ସାମିଲ କରାଯାଇଛି। ଯେଉଁଥିରେ ଦୁଇଥର ଏସିଆନ୍ ସ୍ୱର୍ଣ୍ଣ ପଦକ ବିଜୟୀ ହାଇଜମ୍ପର ଶରଦ କୁମାର ରହିଛନ୍ତି। ସେହିଭଳି ଓଡ଼ିଶା (ସାକ୍ଷୀଗୋପାଳ)ର ଟ୍ରାକ୍ ଆଣ୍ଡ ଫିଲ୍ଡ ପାରା ଆଥ୍‌ଲେଟ୍ ଜୟନ୍ତୀ ବେହେରା ମଧ୍ୟ ଏହି ୧୨ଜଣିଆ ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ପାରା-ଆଥ୍‌ଲେଟିକ୍ସ, ପାରା-ଶୁଟିଂ, ପାରା-ସୁଇମିଂ ଓ ପାରା-ପାୱାରଲିଫ୍ଟିଙ୍ଗ ୪ଟି କ୍ରୀଡ଼ା ବିଭାଗର ସମୀକ୍ଷା କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୦ ଟୋକିଓ ଅଲିମ୍ପିକକୁ ଲକ୍ଷ୍ୟରେ ରଖି ଏହି ଆଥ୍‌ଲେଟ୍‌ମାନଙ୍କୁ ଟପ୍ସ ପାଇଁ ଚୟନ କରାଯାଇଛି ବୋଲି ସାଇ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ବର୍ତ୍ତମାନର ବିଶ୍ୱ ର୍‍ୟାଙ୍କିଙ୍ଗ୍ ଓ ନିକଟ ଅତୀତର ପ୍ରଦର୍ଶନକୁ ଲକ୍ଷ୍ୟ ରଖି ପାରା-ଆଥ୍‌ଲେଟ୍‌ମାନଙ୍କୁ ଚୟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଟପ୍ସରେ ସାମିଲ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ଅଲିମ୍ପିକ ପୂର୍ବ ପ୍ରସ୍ତୁତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ।

ଟପ୍ସରେ ସାମିଲ ହୋଇଥିବା ୧୨ ପାରା-କ୍ରୀଡ଼ାବିତ୍: ଶରଦ କୁମାର (ପୁରୁଷ ହାଇଜମ୍ପ), ବରୁଣ ଭଟି (ପୁରୁଷ ହାଇଜମ୍ପ), ସନ୍ଦୀପ ଚୌଧାରୀ, ସୁମିତ୍, ସୁନ୍ଦର ସିଂ ଗୁରଜାର, ରିଙ୍କୁ (ସମସ୍ତେ ପୁରୁଷ ଜାଭେଲିନ୍ ଥ୍ରୋ), ଅମିତ୍ ସରୋହା (ପୁରୁଷ କ୍ଲବ ଥ୍ରୋ), ବୀରେନ୍ଦର (ପୁରୁଷ ଶଟ୍‌ପୁଟ୍), ଜୟନ୍ତୀ ବେହେରା (ମହିଳା ୪୦୦ ମିଟର), ମନିଷ ନରୱାଲ, ସିଂହରାଜ (ଉଭୟ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଓ ୫୦ ମିଟର ମିକ୍ସଡ୍ ପିସ୍ତଲ), ଦୀପେନ୍ଦର (ପୁରୁଷ ୧୦ ମିଟର ପିସ୍ତଲ)।

ଜାପାନ କରାଟେ ସୋତୋକାଇ ଟ୍ରେନିଂ ସେମିନାର

ଭୁବନେଶ୍ୱର, ୩୦।୧(କ୍ରୀଡ଼ା ପ୍ରତିନିଧି)

ଜାପାନ କରାଟେ ସୋତୋକାଇର ଟ୍ରେନିଂ ସେମିନାର ଲୋୟଲା ସ୍କୁଲଠାରେ ସଫଳତାର ସହ ସମ୍ପନ୍ନ ହୋଇଛି। ଓକିନାୱା କରାଟେ ସ୍କୁଲ, ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ସେମିନାରରେ ୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସ କରାଟେକାଙ୍କୁ ଟ୍ରେନିଂ ଦେଇଥିଲେ। ତାଙ୍କୁ ଇନ୍‌ଷ୍ଟ୍ରକ୍ଟର ମଧୁସ୍ମିତା ଭଞ୍ଜଦେଓ ଓ ଚିରସ୍ମିତା ଭଞ୍ଜଦେଓ ସହାୟତା କରିଥିଲେ। ଲୋୟଲା ସ୍କୁଲ ପ୍ରିନ୍ସିପାଲ ଫାଦର ଭିକ୍ଟର ମିସ୍ଥିଅ ସମସ୍ତ କରାଟେକାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସିରିଜ ଜିତିଲା ଦକ୍ଷିଣ ଆଫ୍ରିକା

କେପ୍ ଟାଉନ, ୩୦।୧

ନିର୍ଣ୍ଣାୟକ ତଥା ୫ମ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନକୁ ୭ ଉଇକେଟ୍‌ରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ୩-୨ରେ ସିରିଜ ଜିତିନେଇଛି। ସିରିଜ ୨-୨ରେ ବରାବର୍ ରହିଥିବାରୁ ଏହି ମ୍ୟାଚ୍ ଉଭୟ ଦଳ ପାଇ ଗୁରୁତ୍ୱପୂର୍ଣ୍ଣ ଥିଲା। ବୁଧବାର ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ୍ ହରାଇ ୨୪୦ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ଫାଖର ଜମାନ (୭୦ ରନ) ଓ ନିମ୍ନକ୍ରମରେ ଇମାଦ ୱାସିମ (୪୭ ରନ୍, ୩୧ ବଲ)ଙ୍କ ଉପଯୋଗୀ ଇନିଂସ ଖେଳିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଡ୍ୱେଇନ ପ୍ରିଟୋରିୟସ ଓ ଆଣ୍ଡିଲେଫେଲୁକୱାଓ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଘରୋଇ ଦଳ ଓପନର କ୍ୱିଣ୍ଟନ ଡି'କକ୍ (୮୩ ରନ, ୫୮ ବଲ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୪୦ ଓଭରରେ ୩ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ ଓ ରସି ଭାନ୍ ଡର୍ ଡୁସେନ ୫୦ ରନ ଲେଖାଏ କରି ଅପରାଜିତ ରହିଥିଲେ।

ଭାରତୀୟ ଦଳରେ ଓଡ଼ିଶାର ୪

ଭୁବନେଶ୍ୱର, ୩୦।୧(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ଜୁନିୟର ମହିଳା ହକି ଦଳ ଫ୍ରାନ୍ସ ବିପକ୍ଷରେ ଫେବୃୟାରୀ ୮ରୁ ୧୩ ପର୍ଯ୍ୟନ୍ତ ୪ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ମ୍ୟାଚ ଗୁଡ଼ିକ ଉତ୍ତର ପ୍ରଦେଶର ଲକ୍ଷ୍ନୌ ଓ ଗୋରଖପୁରଠାରେ ଖେଳାଯିବ। ଏହି ସିରିଜ ପାଇଁ ବୁଧବାର ଘୋଷିତ ଭାରତୀୟ ଦଳରେ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଫିଲିସିଆ ଟପ୍ପୋ, ମିଡ୍‌ଫିଲ୍ଡର ମାରିଆନା କୁଜୁର, ଫରୱାର୍ଡ ଜିଓ୍ୱନ କିଶୋରୀ ଟପ୍ପୋ ଏବଂ ଆଜମିନା କୁଜୁର। ହକି ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଖେଳାଳି ତାଲିକା ଅନୁସାରେ ସାଲିମା ଟେଟେ ଭାରତୀୟ ଦଳର ନେତୃତ୍ୱ ନେବେ ଏବଂ ଲାଲରେମସିଆମି ଉପଅଧିନାୟିକା ଦାୟିତ୍ୱ ତୁଲାଇବେ। ସିରିଜର ପ୍ରଥମ ୨ଟି ମ୍ୟାଚ ଫେବୃୟାରୀ ୮ ଓ ୯ ତାରିଖରେ ଲକ୍ଷ୍ନୌରେ ଖେଳାଯିବ। ତୃତୀୟ ମ୍ୟାଚ ୧୧ରେ ଗୋରଖପୁରରେ ଏବଂ ୪ର୍ଥ ମ୍ୟାଚ ୧୩ତାରିଖରେ ଲକ୍ଷ୍ନୌରେ ଅନୁଷ୍ଠିତ ହେବ।

ଫ୍ରାନ୍ସ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ମନୋନୀତ ଭାରତୀୟ ଜୁନିୟର ମହିଳା ହକି ଦଳ।

ଜୁନିୟର ମହିଳା ହକି

ଭାରତୀୟ ଦଳ

ଗୋଲକିପର: ବିଚୁ ଦେବୀ ଖାରିବାମ୍, ଖୁସ୍‌ବୁ। ଡିଫେଣ୍ଡର: ଫିଲିସିଆ ଟପ୍ପୋ, ଗଗନଦୀପ କୌର, ସାଲିମା ଟେଟେ(ଅଧିନାୟିକା), ପ୍ରିୟଙ୍କା, ସୁମନ ଦେବୀ ଥୁଡବାମ୍, ଈଶିକା ଚୌଧାରୀ। ମିଡ୍‌ଫିଲ୍ଡର: ମହିମା ଚୌଧାରୀ, ପ୍ରଭଲେନ କୌର, ମାରିଆନା କୁଜୁର, ରୀତ୍, ବଲଜୀତ କୌର, ପ୍ରୀତି। ଫରୱାର୍ଡ: ଲାଲରେମସିଆମି, ଶର୍ମିଳା ଦେବୀ, ମୁମତାଜ ଖାଁ, ଜିଓ୍ୱନ କିଶୋରୀ ଟପ୍ପୋ, ଆଜମିନା କୁଜୁର, ଜ୍ୟୋତି।

ଜୁନିୟର କୁସ୍ତିରେ ଭାଗନେବ ଓଡ଼ିଶା

ଜୁନିୟର କୁସ୍ତି ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀମାନେ କୋଚ୍‌ଙ୍କ ସହ।

ଭୁବନେଶ୍ୱର, ୩୦।୧(ସ୍ପୋର୍ଟ୍ସ ବ୍ୟୁରୋ)

ଗୁଜରାଟର ସୁରଟରେ ଆସନ୍ତା ୧ରୁ ୪ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଜୁନିୟର କୁସ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଓଡ଼ିଶା ପୁରୁଷ ଓ ମହିଳା ଦଳ ଯାତ୍ରା ଆରମ୍ଭ କରିଛନ୍ତି।

ପୁରୁଷ ଦଳ: ସଦାଶିବ ବାରିକ (୫୭ କେ.ଜି.), କୃଷ୍ଣଚନ୍ଦ୍ର ଖୁଣ୍ଟିଆ (୬୧ କେ.ଜି.), ଲୋକନାଥ ପାଢୀ (୬୫ କେ.ଜି.), କାଳି ପ୍ରସାଦ ବେହେରା (୭୦ କେ.ଜି.), ଶିବଶଙ୍କର ପୂଜାପଣ୍ଡା (୭୪ କେ.ଜି.) ଓ ଅଭିଷେକ ନାୟକ (୭୯ କେ.ଜି.)।
ମହିଳା ଦଳ: ରୋଜାଲିନ୍ ପାଲ୍ (୫୦ କେ.ଜି.), ଶିବାନୀ ଜେନା (୫୩ କେ.ଜି.), ପୂଜା ମହାରଣା (୫୫ କେ.ଜି.), ଚିନ୍ମୟୀ ସାମଲ (୫୭ କେ.ଜି.), ବିସ୍ମୁଟି ସାମଲ (୫୯ କେ.ଜି.) ଓ ରାଜମୋହିନୀ ମୁଖୀ (୭୨ କେ.ଜି.)।
କୋଚ୍- କୃଷ୍ଣଚନ୍ଦ୍ର ଦାସ, ଟିମ୍ ମ୍ୟାନେଜର- ସନ୍ତୋଷ କୁମାର ଦାସ।

କଳିଙ୍ଗ ଷ୍ଟାଡିୟମରେ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ

ଭୁବନେଶ୍ୱର, ୩୦।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଫୁଟବଲ ପ୍ରେମୀଙ୍କ ପାଇଁ ଶୁଭ ଖବର ନେଇ ଆସୁଛି ଫେବୃୟାରୀ। ଏହି ମାସରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ ଏକାଧିକ ଫୁଟବଲ ମ୍ୟାଚ। ଏଠାରେ ଆଇ-ଲିଗ୍‌ର ୪ଟି ମ୍ୟାଚ ହେବାକୁ ଯାଉଥିବାବେଳେ ପ୍ରଥମଥର ପାଇଁ ଏକ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ସ୍ୱାଦ ପାଇବେ ଓଡ଼ିଶା କ୍ରୀଡ଼ାପ୍ରେମୀ। ଅଲ୍‌ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ଓ ଓଡ଼ିଶା ସରକାରଙ୍କ ମିଳିତ ଆୟୋଜନରେ ଫେବୃୟାରୀ ମଧ୍ୟଭାଗରେ ଏହି ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ଫୁଟବଲ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତ ସମେତ ଇରାନ, ନେପାଳ ଓ ମ୍ୟାନମାର ଦଳ ଭାଗନେବେ। ସମ୍ପ୍ରତି ର୍‍ୟାଙ୍କିଙ୍ଗ୍‌ର ୬୦ତମ ସ୍ଥାନରେ ଥିବା ଭାରତୀୟ ମହିଳା ଫୁଟବଲ ଦଳ ୨୦୨୦ ଏଏଫସି ମହିଳା ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡ ପାଇଁ ଯୋଗ୍ୟତା ପାଇଛି। ଏହି ଦ୍ୱିତୀୟ ରାଉଣ୍ଡ ପାଇଁ ପ୍ରସ୍ତୁତ ହେବାକୁ ଏଆଇଏଫଏଫ ଭାରତୀୟ ଦଳକୁ ହଂକଂ ଓ ଇଣ୍ଡୋନେସିଆରେ ମ୍ୟାଚ ଖେଳିବା ସୁଯୋଗ ଦେଇଛି। ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ବ୍ୟତୀତ ଚଳିତ ବର୍ଷ ସୁପର କପ୍ ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ହେବା ସମ୍ଭାବନା ରହିଛି।

ଆଇ-ଲିଗ୍: ଆରୋଜ୍-ନେରୋକା ମ୍ୟାଚ ଶୁକ୍ରବାର

ଚଳିତ ଆଇ ଲିଗ୍ ଫୁଟବଲର ଏକ ମ୍ୟାଚ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମକୁ ଘରୋଇ ପଡ଼ିଆଭାବେ ବ୍ୟବହାର କରୁଥିବା ଇଣ୍ଡିଆନ ଆରୋଜ ଏହି ମ୍ୟାଚରେ ନେରୋକା ଏଫସିକୁ ଭେଟିବ। ଏହି ମ୍ୟାଚ ପୂର୍ବରୁ ଗୁରୁବାର ନେରୋକା ଦଳ ଅପରାହ୍ନ ୨ଟା ଏବଂ ଆରୋଜ ଅପରାହ୍ନ ୪ଟାରେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିବ। ଏହାକୁ ମିଶାଇ ଇଣ୍ଡିଆନ ଆରୋଜ କ୍ରମାଗତ ୪ଟି ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳିବା କାର୍ଯ୍ୟକ୍ରମ ରହିଛି। ଦଳ ୫ ତାରିଖରେ ମିନର୍ଭା ପଞ୍ଜାବ, ୮ରେ ଚେନ୍ନାଇ ସିଟି ଏବଂ ୨୪ରେ ରିୟଲ କଶ୍ମୀର ସହିତ ଖେଳିବ। ସମସ୍ତ ମ୍ୟାଚ ଅପରାହ୍ନ ୨ଟାରେ ଖେଳାଯିବ। ବୁଧବାର ସୁଦ୍ଧା ଇଣ୍ଡିଆନ ଆରୋଜ ୧୪ଟି ମ୍ୟାଚ ଖେଳି ୪ ବିଜୟ, ୧ ଡ୍ର, ୯ ପରାଜୟ ସହ ୧୩ ପଏଣ୍ଟ ପାଇ ଟେବୁଲର ୮ମ ସ୍ଥାନରେ ରହିଛି। ଦଳ ୯ଟି ଗୋଲ ଦେଇଥିବାବେଳେ ୧୮ ଗୋଲ ବରଣ କରିଛି। ତେଣୁ ଗୋଲ ସ୍କୋରିଂରେ ଦଳ ଦୁର୍ବଳ ରହିଥିବା ପରିସଂଖ୍ୟାନରୁ ଜଣା ପଡୁଛି। ଅନ୍ୟପକ୍ଷରେ ନେରୋକା ୧୪ଟି ମ୍ୟାଚ ଖେଳି ୬ ବିଜୟ, ୪ ଡ୍ର ଏବଂ ୪ ପରାଜୟ ସହିତ ୨୨ ପଏଣ୍ଟ ପାଇ ୫ମ ସ୍ଥାନ ଅଧିକାର କରିଛି। ଦଳ ୧୭ ଗୋଲ ଦେଇଥିବାବେଳେ ୧୩ ଗୋଲ ବରଣ କରିଛି। ତେଣୁ ନେରୋକାକୁ ଟକ୍କର ଦେବାକୁ ହେଲେ ଇଣ୍ଡିଆନ ଆରୋଜକୁ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ପଡ଼ିବ। ଚେନ୍ନାଇ ସିଟି ୩୦, ଚର୍ଚ୍ଚିଲ ବ୍ରଦର୍ସ ୨୮ ଓ ରିୟଲ କଶ୍ମୀର ୨୮ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷ ୩ ସ୍ଥାନ ଅଧିକାର କରିଛନ୍ତି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୩୧/୨୦୧୯ Bhubaneswar, Thursday, January 31/2019

ସଂକ୍ଷେପରେ

୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ ଅଫିସ/ ବାରଙ୍ଗ, ୩୦।୧ (ଡି.ଏନ୍.ଏ.): କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ବୁଧବାର ବାରଙ୍ଗ ରେଳ ଷ୍ଟେଶନରେ ଚଢ଼ାଉ କରାଯାଇ ୫୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଏହାର ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ବିଭାଗ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ପଦାସାହି ଅଞ୍ଚଳର ରମେଶ ଚନ୍ଦ୍ର ବେଉରା(୩୨)। ରମେଶ ଏକ ବ୍ରାଉନ ସୁଗାର ମାମଲାରେ ଗିରଫ ହୋଇ ଜେଲ ଯାଇଥିବାବେଳେ ଗତ ୨୬ ତାରିଖରେ ଜେଲରୁ ଜାମିନରେ ଆସିଥିଲେ। ବୁଧବାର ମଧ୍ୟାହ୍ନରେ ଷ୍ଟେଶନରେ ଜଣେ ବେପାରୀ ବ୍ରାଉନ ସୁଗାର ନେଇ ଆସିଥିବା ସୂଚନା ମିଳିଥିଲା। ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ ଓ ଗାଲୁରାମ ସୋରେନଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ରମେଶଙ୍କୁ ଗିରଫ କରିଥିଲା। ଇନ୍ସପେକ୍ଟର ସାମଲଙ୍କ କହିବାନୁଯାୟୀ, ବାରଙ୍ଗ ରେଳ ଷ୍ଟେଶନରେ ଯାତ୍ରୀଙ୍କ ଗହଳି ସେତେଟା ନ ଥାଏ। ସେଠାରେ କିଛି କଲେଜ ପିଲା ଓ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଇ ମଦ, ଗଞ୍ଜେଇ, ବ୍ରାଉନ ସୁଗାର ଆଦି ନିଶା କାରବାର କରୁଛନ୍ତି।

ନାବାଳିକାଙ୍କୁ ଅସଦାଚରଣ, ଜେଲଗଲେ ଟ୍ୟୁଶନ୍ ସାର୍

ସାକ୍ଷୀଗୋପାଳ, ୩୦।୧ (ଡି.ଏନ୍.ଏ.): ସତ୍ୟବାଦୀ ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଟ୍ୟୁଶନ ସାର୍‌ଙ୍କୁ ଜେଲ ଯିବାକୁ ପଡିଛି। ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ଡାକି ସେଠାରେ ଅସଦାଚରଣ କରୁଥିବା ନେଇ ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କୁ କାନ୍ଦିକାନ୍ଦି କହିଥିଲେ। ପରିବାର ଲୋକେ ଏହି ଅଭିଯୋଗ ପ୍ରଥମେ ଗ୍ରାମର ମୁରବିମାନଙ୍କୁ ଜଣାଇବା ପରେ ଟ୍ୟୁଶନ ସାର୍‌ଙ୍କୁ ପଚରାଉଚରା କରିଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ସତ୍ୟବାଦୀ ଥାନା କେସ ନଂ ୧୯/୧୯ ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ଟ୍ୟୁଶନ ସାର୍ କୃଷ୍ଣଚନ୍ଦ୍ର ପରିଡ଼ାଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ଡାକ୍ତରୀ ମାଇନା କରାଯିବା ପରେ କୃଷ୍ଣଙ୍କୁ ପୁରୀ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ପୁରୀ ଜେଲକୁ ପଠାଇ ଦିଆଯାଇଛି। ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

■ ଶ୍ରୀମନ୍ଦିରରେ ସମୟାନୁବର୍ତ୍ତିତା

କର୍ମଚାରୀଙ୍କ କ୍ଷେତ୍ରରେ ବି ଲାଗୁ ହେଉ

ପୁରୀ ଅଫିସ,୩୦।୧

ମହାପ୍ରଭୁଙ୍କ ସେବାରେ ସମୟାନୁବର୍ତ୍ତିତା ରକ୍ଷା କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ମନ୍ଦିର ସେବାପୂଜାରେ ଶୃଙ୍ଖଳା ଆସିବ ଓ ଭକ୍ତମାନେ ମଧ୍ୟ ଠାକୁରଙ୍କୁ ଠିକ୍ ଭାବେ ଦର୍ଶନ କରିପାରିବେ। ନିର୍ଘଣ୍ଟ ସମୟରେ ନୀତି ଚାଲିଲେ ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ବି ବୃଦ୍ଧି ପାଇବ। ଏଥିସହ ଶ୍ରଦ୍ଧାଳୁମାନେ ଭଲ ଅନୁଭୂତି ନେଇ ଫେରିବେ। କିନ୍ତୁ ମନ୍ଦିର ପ୍ରଶାସନ ସମୟାନୁବର୍ତ୍ତିତାର ଯେଉଁ ନୂଆ ନିୟମ ବାହାର କରିଛି ତାହା କେବଳ ସେବାୟତଙ୍କ ପାଇଁ ଉଦ୍ଦିଷ୍ଟ ନ ହେଉ। ଶ୍ରୀମନ୍ଦିରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ନିୟମ ଲାଗୁ କରାଯାଉ ବୋଲି ସେବାୟତମାନେ କହିଛନ୍ତି।

ଏ ସମ୍ପର୍କରେ ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ମନ୍ଦିରରେ ଶୃଙ୍ଖଳା ଆଣିବା ଲାଗି କେବଳ ସେବାୟତଙ୍କ ପାଇଁ ନିୟମ ବାହାର କରିବା ଠିକ୍ ନୁହେଁ। କାରଣ ଠାକୁରଙ୍କ କାର୍ଯ୍ୟ କେବଳ ସେବାୟତ କରୁନାହାନ୍ତି। ଏଥିପାଇଁ ଅନେକ କର୍ମଚାରୀ ଓ ପ୍ରଶାସନିକ ଅଧିକାରୀ ବି ରହିଛନ୍ତି। ତେଣୁ ଯେଉଁ ନିୟମ ହେଉଛି ତାହା ସେବକଙ୍କ ସହ ଅନ୍ୟ କର୍ମଚାରୀଙ୍କ ପାଇଁ ମଧ୍ୟ ଲାଗୁ ହେବା ଦରକାର। ଏହାଦ୍ୱାରା ମନ୍ଦିରରେ ଶୃଙ୍ଖଳା ଆସିପାରିବ।

ସେହିପରି ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ତଥା ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଯେଉଁମାନେ ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରଖି ଜଣେ ସେବକ ହିସାବରେ ସେବା କରୁଛନ୍ତି ମନ୍ଦିର ପ୍ରଶାସନର ଏହି ନିୟମ ସେମାନଙ୍କ ପାଇଁ କୌଣସି ଫରକ ପକାଇବ ନାହିଁ। କିନ୍ତୁ କେତେଜଣ ମୁଷ୍ଟିମେୟ ସେବକ ଅଛନ୍ତି ଯେଉଁମାନେ ନିଜକୁ ଭଗବାନ ବୋଲି ଭାବି ମହାପ୍ରଭୁଙ୍କ ସେବା ପୂଜାରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ଏହା ଅଡୁଆ ଲାଗିପାରେ। କିନ୍ତୁ ଏହା ସ୍ୱାଗତଯୋଗ୍ୟ। ସମୟାନୁବର୍ତ୍ତିୟତାର ଏହି ନିୟମ ସେବକ, କର୍ମଚାରୀ ଏବଂ ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ପ୍ରଜୁଜ୍ୟ ହେବା ଦରକାର ବୋଲି ଦାସମହାପାତ୍ର କହିଛନ୍ତି।

ସୂଚନାଥାଉ କି, ମଙ୍ଗଳବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ନୀତି ଶୃଙ୍ଖଳା ପାଇଁ କଠୋର ନିଷ୍ପତ୍ତି ନେଇଛି ମନ୍ଦିର ପ୍ରଶାସନ। ଯେଉଁ ପାଳିଆ ସେବକ ତିନିଥର ନୀତିରେ ବିଳମ୍ବ କରିବେ ତାଙ୍କୁ ସେବାରୁ ବହିଷ୍କାର କରାଯିବ। ଏପରି କି ଜାଣିଶୁଣି ଯଦି କେହି ଥରେ ବି ବିଳମ୍ବ କରୁଥିବା ଜଣାପଡିବ ତେବେ ତାଙ୍କୁ ବି ସେବାରୁ ବିଦା କରାଯିବ। ଏହାବ୍ୟତୀତ ପୂର୍ବରୁ ମଧ୍ୟ ସମୟାନୁବର୍ତ୍ତିତା ନେଇ ପାଳିଆ ସେବକଙ୍କୁ ଚିଠି ମାଧ୍ୟମରେ ତାଗିଦ୍ କରାଯାଇଛି।

ସ୍ୱେଚ୍ଛାକୃତ ଅବସର ନେଲେ ଏସ୍‌ସିବି ପ୍ରିନ୍ସିପାଲ

■ ଜୟଶ୍ରୀ ମହାନ୍ତିଙ୍କୁ ପ୍ରିନ୍ସିପାଲ ଦାୟିତ୍ୱ

■ ଆଜି ଅବସର ନେବେ ଅଧୀକ୍ଷକ

କଟକ ଅଫିସ, ୩୦।୧

ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ସିଦ୍ଧାର୍ଥ ଦାସ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ତାଙ୍କ ଆବେଦନକୁ ସରକାର ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତ ଏକ ଚିଠି ମେଡିକାଲ କଲେଜକୁ ବୁଧବାର ରାତିରେ ଆସି ପହଞ୍ଚିଛି। ଏହି ଅନୁଯାୟୀ ଗୁରୁବାର ପ୍ରଫେସର ଦାସ ଦାୟିତ୍ୱ ହସ୍ତାନ୍ତର କରିବେ। ତାଙ୍କ ସ୍ଥାନରେ ରେଡିଓଲୋଜି ବିଭାଗର ବରିଷ୍ଠ ପ୍ରଫେସର ଜୟଶ୍ରୀ ମହାନ୍ତିଙ୍କୁ ପ୍ରିନ୍ସିପାଲ ଦାୟିତ୍ୱ ଅର୍ପଣ କରାଯାଇଛି। ଅନ୍ୟପକ୍ଷରେ ଗୁରୁବାର ମଧ୍ୟ ମେଡିକାଲ ଅଧୀକ୍ଷକ ପ୍ରଫେସର ପି.କେ. ଦେବତା ଚାକିରିରୁ ଅବସର ଗ୍ରହଣ କରିବେ। ତାଙ୍କ ସ୍ଥାନରେ ନୂଆ ଅଧୀକ୍ଷକ ଦାୟିତ୍ୱ ନେବେ।

■ ଦଇତାପତି ନିଯୋଗ

ବିଭିନ୍ନ ପଦବୀ ଲାଗି ନିର୍ବାଚନ ଆଜି

ପୁରୀ ଅଫିସ,୩୦।୧

■ ସଭାପତି, କୋଷାଧ୍ୟକ୍ଷ ପଦବୀରେ ଜଣେ ପ୍ରାର୍ଥୀ

■ କାର୍ଯ୍ୟକାରୀ କମିଟିରୁ ସୂର୍ଯ୍ୟନାରାୟଣଙ୍କ ଇସ୍ତଫା

ଦଇତାପତି ନିଯୋଗରେ ଘଡ଼ିକେ ଘୋଡ଼ା ଛୁଟୁଛି। ପ୍ରଥମରୁ ନିଯୋଗରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରୁ ନିର୍ବାଚନକୁ ନେଇ ଟଣାଓଟରା ଚାଲିଥିଲା। ଶେଷରେ ଉଭୟ ପକ୍ଷ ସହମତିରେ ଗତ ୨୮ ତାରିଖରେ ନିର୍ବାଚନ ହୋଇଥିଲା। ନିର୍ବାଚନରେ ଦୁଇପକ୍ଷର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୧୫ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିଭିନ୍ନ ପଦପଦବୀରେ କିଏ ରହିବ ତାହା ବିଧିବଦ୍ଧ ଭାବେ ଚୂଡ଼ାନ୍ତ ହୋଇନାହିଁ। ଗୁରୁବାର ଏହି ୧୫ ଜଣିଆ କମିଟି ସଦସ୍ୟଙ୍କ ମଧ୍ୟରେ ନିର୍ବାଚନ ହୋଇ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଆଦି ନିର୍ବାଚିତ ହେବେ। ତେବେ ସଭାପତି ଏବଂ କୋଷାଧ୍ୟକ୍ଷ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ଆଗ୍ରହୀ ଅଛନ୍ତି। ତେଣୁ ସେମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ମନୋନୀତ ହେବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ଅପରପକ୍ଷରେ ନିଯୋଗ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବୁଧବାର ନବନିର୍ବାଚିତ କାର୍ଯ୍ୟକାରୀ କମିଟିରୁ ଇସ୍ତଫା ଦେଇଛନ୍ତି ସୂର୍ଯ୍ୟନାରାୟଣ ସ୍ୱାଇଁ ମହାପାତ୍ର। ସେ ତାଙ୍କ ଇସ୍ତଫାପତ୍ର ନିଯୋଗ ନିର୍ବାଚନ ଅଧିକାରୀ ଆଇନଜୀବୀ ଅନ୍ନଦା ଶଙ୍କର ଜେନାଙ୍କ ପାଖକୁ ପଠାଇଛନ୍ତି।

ସୂର୍ଯ୍ୟନାରାୟଣ ତାଙ୍କ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି ଯେ, ଦଇତାପତି ନିଯୋଗ ନିର୍ବାଚନରେ ସମସ୍ତ ଭାଗାରୀଙ୍କ ସଦିଚ୍ଛା, ସମର୍ଥନ ଭଲପାଇବା ଏବଂ ବିପୁଳ ପରିମାଣରେ ଭୋଟ ଦେଇ ତାଙ୍କୁ ଜିତାଇଥିବାରୁ ସେ ସମସ୍ତଙ୍କ ପାଖରେ ଚିର କୃତଜ୍ଞ। ହେଲେ ବ୍ୟକ୍ତିଗତ କାରଣ ଯୋଗୁ ସେ ୧୫ ଜଣିଆ କାର୍ଯ୍ୟକାରୀ କମିଟିରେ ନ ରହୁଥିବାରୁ ଇସ୍ତଫାପତ୍ର ଦେଇଛନ୍ତି। ତେବେ ତାଙ୍କ ଇସ୍ତଫାପତ୍ର ଗ୍ରହଣ ହୋଇଛି କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ।

ସୂଚନାଥାଉ କି, ଗତ ୨୮ ତାରିଖରେ ଦଇତାପତି ନିଯୋଗ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୧୫ଜଣ କାର୍ଯ୍ୟକାରିଣୀ କମିଟିକୁ ନିର୍ବାଚିତ ହୋଇଛନ୍ତି।

ରାଜ୍ୟ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ନିବେଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩୦।୧

ବର୍ତ୍ତମାନ ଓଡ଼ିଶା କୃଷି ଉତ୍ପାଦନରେ ଉନ୍ନତି କରିବା ସହ କୃଷିଜାତ ସାମଗ୍ରୀର ବଳକା ରାଜ୍ୟ ଭାବେ ପରିଗଣିତ ହେଉଛି। ମାତ୍ର ଉତ୍ପାଦିତ ସାମଗ୍ରୀର ପ୍ରକ୍ରିୟାକରଣ ନେଇ ରାଜ୍ୟରେ ସେହି ଅନୁସାରେ ସୁବିଧା ନାହିଁ। ଋତୁ ଅନୁଯାୟୀ ଉତ୍ପାଦନ କରାଯାଉଥିବା କୃଷି ସାମଗ୍ରୀର ସଂରକ୍ଷଣ, ଉକ୍ତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକୁ ଋଣ ଯୋଗାଣ ଏବଂ ବଜାର ସୁବିଧା ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ରାଜ୍ୟ ସରକାର ମିଲେଟ ପ୍ରକ୍ରିୟାକରଣ ଏବଂ ଜୈବିକ କୃଷି ନୀତି ଆଣିବା ନେଇ ଯୋଜନା ରଖିଥିବା ଆପିକଲର ପରିଚାଳନା ନିର୍ଦ୍ଦେଶକ ଏସ୍.ଏସ୍. ଦେ ସୂଚନା ଦେଇଛନ୍ତି। ଓଡ଼ିଶା ଇଣ୍ଟରନ୍ୟାଶନାଲ ଏମ୍ଏସ୍ଏମ୍ଇ ଟ୍ରେଡ ଫେୟାର ଅବସରରେ ଦେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଲାଭ ଉଦ୍ୟୋଗୀମାନେ ନେବା ଉଚିତ।

ବିଶ୍ୱର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତ ଏବଂ ଚାଇନାରେ ପ୍ୟାକେଜିଂ ଯୁକ୍ତ ସାମଗ୍ରୀ ବ୍ୟବହାର ସର୍ବୋଚ୍ଚ ସ୍ତରରେ ରହିଛି। ଏହି କ୍ଷେତ୍ରରେ ଖାଦ୍ୟ ପ୍ରକ୍ରିୟାକରଣର ଅଂଶ ୫୬%। ଏଣୁ ଉକ୍ତ କ୍ଷେତ୍ରରେ ନିବେଶ ନେଇ ବିଶେଷ ସମ୍ଭାବନା ରହିଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ପ୍ୟାକେଜିଂର ନିର୍ଦ୍ଦେଶକ ଏନ.ସି. ଶାହା କହିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଲାଗି ଏକ ସ୍ୱତନ୍ତ୍ର ନୋଡାଲ ଏଜେନ୍ସି ଆଣିବା ଆବଶ୍ୟକ ବୋଲି ଓଡ଼ିଶା ୟଙ୍ଗ ଏଣ୍ଟରପ୍ରିନିୟର ଆସୋସିଏଶନର ସଭାପତି ବିରଞ୍ଚି ନାରାୟଣ ମିଶ୍ର ଏଥିରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଏମଏସ୍ଏମ୍ଇ ବିଭାଗର ଉପସଚିବ ମାନସୀ ମାନ୍ଧତା, ମ୍ୟୁନିସିପାଲ ଆଡମିନିଷ୍ଟ୍ରେଶନ ନିର୍ଦ୍ଦେଶକ ସଙ୍ଗ୍ରମିତ ନାୟକ, କ୍ୟୁସିଆଇର ବରିଷ୍ଠ ନିର୍ଦ୍ଦେଶକ ଏ.ରାଜ, ରାଜ୍ୟ ପ୍ରଦୂଷଣ ବୋର୍ଡର ସଦସ୍ୟ ସଚିବ ଦେବୀଦତ୍ତ ବିଶ୍ୱାଳ, ଶିଳ୍ପ ନିର୍ଦ୍ଦେଶକ ପ୍ରଣବଜ୍ୟୋତି ନାଥ ପ୍ରମୁଖ ଉପସ୍ଥିତ ଥିଲେ।

ଖଣି କ୍ଷେତ୍ରରେ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ଲାଗି ଆହ୍ୱାନ

ଭୁବନେଶ୍ୱର,୩୦।୧

ବର୍ତ୍ତମାନ ଖଣିଗୁଡ଼ିକରେ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବାର ଆବଶ୍ୟକତା ରହିଛି। କେବଳ ଓଡ଼ିଶା ନୁହେଁ ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଖଣି କ୍ଷେତ୍ରରେ ପ୍ରତ୍ୟକ୍ଷ ନିଯୁକ୍ତି ହ୍ରାସ ଘଟିଛି। ଯନ୍ତ୍ରପାତିର ବହୁଳ ବ୍ୟବହାର ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହି କ୍ଷେତ୍ରରେ କିଭଳି ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହୋଇ ପାରିବ ସେ ଉପରେ ଧ୍ୟାନ ଦେବାକୁ ରାଜ୍ୟ ଖଣି ଏବଂ ଇସ୍ପାତ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଆର୍.କେ. ଶର୍ମା ଖଣି କମ୍ପାନୀଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଅନୁଷ୍ଠିତ ଦ୍ୱିତୀୟ ଇଣ୍ଡିଆ ମାଇନଟେକ କାର୍ଯ୍ୟକ୍ରମ ଅବସରରେ ଶର୍ମା କହିଛନ୍ତି, ଏବେ ବି ଅନେକ କ୍ଷେତ୍ର ରହିଛି ଯେଉଁଠାରେ କମ୍ପାନୀଗୁଡ଼ିକ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିପାରିବେ। କାର୍ଯ୍ୟକ୍ରମ ଅବସରରେ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ଉପନିର୍ଦ୍ଦେଶକ ଏଲ.ଏଲ୍. ବିଶ୍ୱକର୍ମା, କଳିଙ୍ଗ କମର୍ସିଆଲ କର୍ପୋରେଶନ ଲିମିଟେଡର ସ୍ୱାଧୀନ ନିର୍ଦ୍ଦେଶକ ଆର୍.ସି. ମହାନ୍ତି, ଆଇସିସି ରାଜ୍ୟ ପରିଷଦ ଅଧ୍ୟକ୍ଷ ଏମ୍.ସି. ଥୋମାସ, ଉପାଧ୍ୟକ୍ଷ ଜେ.ବି. ପାଣି, ଟିପିସି ସହପ୍ରତିଷ୍ଠାତା ଅଜୟ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ନେଇ ହାଇକୋର୍ଟରେ ମାମଲା

କଟକ ଅଫିସ, ୩୦।୧

■ ପୁରୀ ଜିଲାରେ ଶ୍ରମିକଙ୍କୁ ମିଳୁନି ୧୦୦ ଦିନର କାମ

■ ୪ ସପ୍ତାହ ମଧ୍ୟରେ କାମ ଯୋଗାଇଦେବାକୁ ନିର୍ଦ୍ଦେଶ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପୁରୀ ଜିଲାରେ ବିଫଳ ହୋଇଛି। କଣାସ ଓ ସତ୍ୟବାଦୀ ଅଞ୍ଚଳର ବହୁ ହିତାଧିକାରୀ ୧୦୦ ଦିନର କାମ ପାଇନାହାନ୍ତି। ଏନେଇ ଦୁଇ ହିତାଧିକାରୀ ସୁଦର୍ଶନ ବିଶ୍ୱାଳ ଓ ପ୍ରମୋଦ ପରିଡ଼ା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପିଟିଶନରେ ସେମାନେ ରାଜ୍ୟ ପଞ୍ଚାୟତିରାଜ ସଚିବ, କେନ୍ଦ୍ର ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟର ସଚିବ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ପୁରୀ ଜିଲାପାଳ ଓ ପିଡିଙ୍କୁ ପକ୍ଷଭୁକ୍ତ କରିଥିଲେ। ଆବେଦନର ଶୁଣାଣି କରି ବିଚାରପତି ବିଶ୍ୱଜିତ ମହାନ୍ତି ୪ ସପ୍ତାହ ମଧ୍ୟରେ ୧୦୦ ଦିନର କାମ ପାଇବାରୁ ବଞ୍ଚିତ ଦୁଇ ହିତାଧିକାରୀଙ୍କୁ କାମ ଯୋଗାଇଦେବାକୁ ଆଦେଶ ଦେଇଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ ଗୋପୀନାଥ ମିଶ୍ରଙ୍କ କହିବା ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲୋକଙ୍କୁ ୧୦୦ ଦିନର କାମ ଯୋଗାଇଦେବା ପାଇଁ ବ୍ୟବସ୍ଥା ରହିଛି। ଆବେଦନର ୧୫ ଦିନ ମଧ୍ୟରେ ଯଦି କାମ ଯୋଗାଇ ଦିଆ ନ ଯାଏ ତେବେ ଆବେଦନକାରୀଙ୍କୁ କ୍ଷତିପୂରଣ ଦେବାର ମଧ୍ୟ ବ୍ୟବସ୍ଥା ରହିଛି। ଏହାବାଦ୍ କାମ ନ ପାଇ ଯଦି ଆବେଦନକାରୀ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାନ୍ତି ତେବେ ୭ ଦିନ ମଧ୍ୟରେ ଅଭିଯୋଗର ଶୁଣାଣି କରି କାର୍ଯ୍ୟ ନିଶ୍ଚିତ କରିବାର ପ୍ରାବଧାନ ରହିଛି। କିନ୍ତୁ ପୁରୀ ଜିଲାରେ ଯୋଜନାର ପ୍ରକଳ୍ପ ନିର୍ଦ୍ଦେଶକ କାମ ଦେବା ନିମନ୍ତେ ଚିଠି କରିବା ପରେ ମଧ୍ୟ ତାହାକୁ ଅଣଦେଖା କରାଯାଇଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ଏନେଇ ପୁରୀର ନୀଳାଚଳ କୃଷକ ମହାସଂଘ ଓ ସାମାଜିକ ସଂଗଠନ ଭଏସ୍ ଟୁ ଭଏସ୍‌ଲେସ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରୁ ଜିଲାରେ ମୋଟ ୭୮୮୫ ଆବେଦନକାରୀଙ୍କୁ ୧୦୦ ଦିନର କାମ ମିଳି ନ ଥିବା ନେଇ ମଧ୍ୟ ଉକ୍ତ ପିଟିଶନରେ ଦର୍ଶାଯାଇଛି। ଆଡ୍‌ଭୋକେଟ ମିଶ୍ରଙ୍କ ସହିତ ଅମ୍ବିକା ମଲିକ ଓ ଯଯାତି କେଶରୀ ସେନାପତି ମାମଲା ପରିଚାଳନାରେ ସହାୟତା କରୁଛନ୍ତି।

ବିଶ୍ୱନାଥ ରଥ ଭାରତ ନାରିକେଳ ବିକାଶ ବୋର୍ଡ ଉପାଧ୍ୟକ୍ଷ

ପୁରୀ ଅଫିସ,୩୦।୧

ବିଶିଷ୍ଟ ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଡ. ବିଶ୍ୱନାଥ ରଥ ଭାରତ ସରକାରଙ୍କ ନାରିକେଳ ବିକାଶ ବୋର୍ଡର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବୁଧବାର ଚେନ୍ନାଇରେ ବୋର୍ଡର କାର୍ଯ୍ୟକାରିଣୀ ବୈଠକରେ ଏହି ଫଳାଫଳ ଘୋଷଣା କରାଯାଇଛି। ୨୦୧୫ ମସିହାରୁ ଡ. ରଥ ନାରିକେଳ ବୋର୍ଡର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିଲେ। ପ୍ରଥମ ଓଡ଼ିଆ ଭାବେ ଏହି ସଫଳତା ପାଇଥିବା ଡ. ରଥ କହିଛନ୍ତି, ଓଡ଼ିଶା ତଥା ଭାରତରେ ନଡ଼ିଆ ଚାଷ ଓ ଚାଷୀମାନଙ୍କର ଉନ୍ନତି ପାଇଁ ସେ ଆଗକୁ ଅଧିକ ପ୍ରୟାସ କରିବେ। ଏହି ସଫଳତା ପାଇଁ ସେ ସମସ୍ତ ନଡ଼ିଆ ଚାଷୀ, କେନ୍ଦ୍ର କୃଷିମନ୍ତ୍ରୀ ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

■ ସରିଲା ଆଇଏଫ୍‌ଏଫ୍‌ବି

'ଏ ଷ୍ଟାର୍ ଷ୍ଟଡେଡ୍ ସ୍କାଏ' ଶ୍ରେଷ୍ଠ ଫିଲ୍ମ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ, ଭୁବନେଶ୍ୱର(ଆଇଏଫ୍‌ଏଫ୍‌ବି) ବୁଧବାର ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆନନ୍ଦ ପଟ୍ଟବର୍ଦ୍ଧନଙ୍କ ବହୁଚର୍ଚ୍ଚିତ ଫିଲ୍ମ 'ରିଜନ୍' ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ପଟ୍ଟବର୍ଦ୍ଧନ ଅତିଥି ଭାବେ ଯୋଗଦେଇ ମହୋତ୍ସବରେ ପ୍ରଦର୍ଶିତ ହୋଇଥିବା ଚଳଚ୍ଚିତ୍ରର ଯୁବ ନିର୍ମାତାମାନଙ୍କୁ ପୁରସ୍କୃତ କରିଥିଲେ।

ଚଳିତବର୍ଷ ଆଇଏଫ୍‌ଏଫ୍‌ବିରେ ଶ୍ରେଷ୍ଠ ଫିଲ୍ମ ଭାବେ ଏଫ୍‌ଟିଆଇଆଇ, ପୁଣେର ଆସିଫ୍ ମୋୟଲଙ୍କ ଫିଲ୍ମ 'ଏ ଷ୍ଟାର୍ ଷ୍ଟଡେଡ୍ ସ୍କାଏ' ପ୍ରଥମ ପୁରସ୍କାର ପାଇଥିଲା। ଭାରତର ଏକ ଛୋଟ ସହର ଉପରେ ନିର୍ମିତ ଏହି ଫିଲ୍ମରେ ଦୁର୍ଘଟଣାରେ ଏକ ଗାଇର ମୃତ୍ୟୁ ପରେ କିଭଳି ଭୟାନକ ଦଙ୍ଗା ସୃଷ୍ଟି ହୋଇଛି, ତାହା ଦେଖିବାକୁ ମିଳିଥିଲା। ଏଭଳି ପରିସ୍ଥିତିରେ ଜଣେ ମୁସଲମାନ ଶ୍ରମିକ ଜୀବିକା ଅର୍ଜନ ପାଇଁ କିଭଳି ନିଜ ପରିଚୟକୁ ଗୋପନ ରଖି ବଞ୍ଚିବାକୁ ଚେଷ୍ଟା କରୁଛି, ତାହା ଫିଲ୍ମର ମୁଖ୍ୟଭାଗ ଥିଲା। ସେହିଭଳି ଦ୍ୱିତୀୟ ଶ୍ରେଷ୍ଠ ଫିଲ୍ମ ଭାବେ ପୁରସ୍କୃତ ହୋଇଥିଲା ଅହମ୍ମଦାବାଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜାଇନ୍‌ର ଛାତ୍ର ଅନନ୍ତ ପି. ମୋହନଙ୍କ ମାଲାୟାଲମ୍ ଫିଲ୍ମ 'ନାଡାକ୍କେଟାନ୍ଦନ୍'। ଦିଆସିଲି ଖୋଳ, ଷ୍ଟିକର୍, କଏନ୍, ଫିଦର୍ ଆଦି ସଂଗ୍ରହ କରୁଥିବା ଜଣେ ୧୦ବର୍ଷୀୟ ବାଳକ 'ସାଙ୍କୁ'ର କାହାଣୀ ଉପରେ ଫିଲ୍ମଟି ଆଧାରିତ ହୋଇଥିଲା। ଏହାବ୍ୟତୀତ ଫିଲ୍ମ 'ଫ୍ୟାମିସ୍‌ଡ ରୋଡ୍' ସ୍ୱତନ୍ତ୍ର ବିଭାଗରେ ପୁରସ୍କାର ପାଇଥିଲା। ଏହି ଚଳଚ୍ଚିତ୍ର ମହୋତ୍ସବରେ ଚଳିତବର୍ଷ ସମଗ୍ର ଦେଶରୁ ୭୫ଜଣ ଛାତ୍ରୀଛାତ୍ରଙ୍କ ଫିଲ୍ମ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଥିବା ବେଳେ ସେଥିମଧ୍ୟରୁ ଶ୍ରେଷ୍ଠ ଫିଲ୍ମ ଚୟନ କରାଯାଇଥିଲା। ଜାତୀୟ ପୁରସ୍କାର ବିଜେତା ସୁବାସ ଦାସ, ଡିଜାଇନର୍ ପଙ୍କଜା ସେଠୀ, କଣ୍ଠଶିଳ୍ପୀ ରାମହରି ଜେନା ପ୍ରମୁଖ ଜୁରୀ ପ୍ୟାନେଲରେ ଥିବାବେଳେ ସେମାନେ ଦୁଇଟି ଫିଲ୍ମକୁ ପୁରସ୍କାର ପାଇଁ ଚୟନ କରିଥିଲେ।

ଭୁବନେଶ୍ୱର ସୂଚନା ଭବନଠାରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଶହୀଦ ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ 'ମୁକ୍ତିକଥା' ଉନ୍ମୋଚନ କରୁଛନ୍ତି।

କାଠଯୋଡ଼ି କୂଳରେ ହେବ ଗାନ୍ଧିଜୀଙ୍କ ଭବ୍ୟ ସ୍ମାରକୀ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

■ ୬୦ ଲକ୍ଷ ବ୍ୟୟରେ ପ୍ରତି ଜିଲାରେ ଗାନ୍ଧୀ ଜୟନ୍ତୀ

■ ସମସ୍ତ ଗାନ୍ଧୀ ସ୍ମୃତିର ପୁନରୁଦ୍ଧାର, ଗାନ୍ଧୀ ରଚନାର ପୁନଃ ମୁଦ୍ରଣ

■ ଖୁବ୍‌ଶୀଘ୍ର ଖଣ୍ଡଗିରି ପାଦଦେଶରେ ଗାନ୍ଧୀ ବ୍ୟାଖ୍ୟାନ କେନ୍ଦ୍ର

ଓଡ଼ିଶା ସହ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କ ନିବିଡ଼ ଥିଲା। ଗାନ୍ଧିଜୀ ନିଜ ଜୀବନକାଳ ମଧ୍ୟରେ ୮ଥର ଓଡ଼ିଶା ଆସିଥିଲେ। ତାଙ୍କ ଓଡ଼ିଶା ଗସ୍ତର ଅମ୍ଳାନ ସ୍ମୃତିକୁ ଚିର ଉଜ୍ଜୀବିତ କରି ରଖିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ରାଜ୍ୟ ସରକାର ଏବଂ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ମିଳିତ ଉଦ୍ୟମରେ ଖଣ୍ଡଗିରି ପାଦଦେଶରେ ନୂଆଦିଲ୍ଲୀର ବିର୍ଲା ଭବନ ଢାଞ୍ଚାରେ ଶାଶ୍ୱତ ଗାନ୍ଧୀ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କରାଯାଉଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ବୁଧବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶହୀଦ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପଣ୍ଡା ଏହା କହିଛନ୍ତି। କାଠଯୋଡ଼ି ନଦୀକୂଳରେ ହୋଇଥିବା ଗାନ୍ଧିଜୀଙ୍କ ବିରାଟ ସାଧାରଣ ସଭାର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ନଦୀ ବାଲିରେ ଗାନ୍ଧିଜୀଙ୍କ ଏକ ଭବ୍ୟ ସ୍ମାରକୀ ନିର୍ମାଣ କରାଯିବ। ଏଥିପାଇଁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ବ୍ୟୟବରାଦ କରିଥିବା ସେ କହିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟର ୩୦ଟି ଜିଲାରେ ୬୦ ଲକ୍ଷ ଟଙ୍କା ବିନିଯୋଗରେ ଗାନ୍ଧୀ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳନ କରାଯିବ। ରାଜ୍ୟରେ ଥିବା ସମସ୍ତ ଗାନ୍ଧୀ ସ୍ମୃତିର ପୁନରୁଦ୍ଧାର ଓ ଗାନ୍ଧୀ ରଚନାର ପୁନଃ ମୁଦ୍ରଣ କରାଯିବ। ସାରା ରାଜ୍ୟରେ ଗାନ୍ଧୀ ଜୟନ୍ତୀ ପାଳନ କମିଟି ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କମିଟିର ଅଧ୍ୟକ୍ଷ ରହିବେ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏ ସବୁ ସମାହିତ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ଗାନ୍ଧିଜୀଙ୍କ ମହାପ୍ରୟାଣର ଏହି୭୧ତମ ପୂର୍ତ୍ତି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏବଂ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଯୋଗଦେଇ ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ଓ ସର୍ବୋଦୟ ନୀତି ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡ. ପାବକ କାନୁନ୍‌ଗୋ ଗାନ୍ଧିଜୀଙ୍କ ଜୀବନ ଦର୍ଶନର ପ୍ରାସଙ୍ଗିକତା ଯୁଗ ଯୁଗ ଧରି ରହିଛି ଓ ରହିଥିବ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ 'ମୁକ୍ତିକଥା' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଖ୍ୟାତି ହେଲା ବୀରତ୍ୱପୂର୍ଣ୍ଣ କାର୍ଯ୍ୟର ସୁଗନ୍ଧ। - ସକ୍ରେଟିସ

ସଂକ୍ଷେପରେ

ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ନିମାପଡ଼ା,୩୦।୧(ଡି.ଏନ୍.ଏ): ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରିଥିବା ଅଭିଯୋଗରେ ନିମାପଡ଼ା ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିଆଳି ଥାନା ଅଞ୍ଚଳର ବିଷ୍ଣୁଚରଣ ନାୟକ। ସୂଚନା ଅନୁଯାୟୀ, ନିଆଳି ଥାନା ଅଞ୍ଚଳର ବିଷ୍ଣୁଚରଣ ଉକ୍ତ ନାବାଳିକା ଛାତ୍ରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗତ ୨୮ ତାରିଖରେ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକା ଛାତ୍ରୀଙ୍କ ଭଉଣୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୪୦/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଖବରପାଇ ଅପହୃତା ନାବାଳିକାଙ୍କୁ ମଙ୍ଗଳବାର ବ୍ରହ୍ମଗିରି ଥାନା ଅଞ୍ଚଳରୁ ଉଦ୍ଧାର କରିବା ସହ ବିଷ୍ଣୁଚରଣଙ୍କୁ ଗିରଫ କରିଥିଲା। ଉଭୟ ନାବାଳିକା ଓ ଅପହରଣକାରୀ ଯୁବକଙ୍କ ବୁଧବାର ନିମାପଡ଼ା ମେଡିକାଲରେ ଡାକ୍ତରୀମାଇନା କରାଯାଇଥିଲା। ଏହାପରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।

ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ, ରାସ୍ତାରୋକୋ

ନିମାପଡ଼ା,୩୦।୧(ଡି.ଏନ୍.ଏ): ଚାରିଛକ ଫାଣ୍ଡି ଅନ୍ତର୍ଗତ ଚାରିଛକ ବଜାରରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ବ୍ରହ୍ମକୁଣ୍ଡି ଗ୍ରାମର ମାନସୀ ସାହୁ(୪୫)। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଅସ୍ତରଙ୍ଗ ଥାନା ପାଟଳଦା ଗ୍ରାମର ସୁବୋଧ ସେଠୀଙ୍କୁ ଗିରଫ କରିଛି। ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ ମାନସୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ମାନସୀ ଗ୍ରାମରୁ ଚାରିଛକ ବଜାରକୁ ଆସୁଥିବା ବେଳେ କାକଟପୁରରୁ ନିମାପଡ଼ା ଅଭିମୁଖେ ଆସୁଥିବା ଏକ ଫର୍ଣ୍ଣିଚର ବୋଝେଇ ଟ୍ରକ୍(ଓଆର ୦୯ଜି ୫୮୯୭)ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଉତ୍ୟକ୍ତ ଲୋକେ ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ଗାଡି ଭଙ୍ଗାରୁଜା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ ଟ୍ରକ୍‌କୁ ଜବତ କରିଛି। ଏ ସମ୍ପର୍କରେ ମୃତ ମହିଳାଙ୍କ ପୁଅ ମନୋରଞ୍ଜନ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୪୨/୧୯)ରୁଜୁ କରି ଟ୍ରକ୍ ଡ୍ରାଇଭର ସୁବୋଧଙ୍କୁ ଗିରଫ କରିଛି। ମୃତ ମହିଳାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଯାଇଥିବା ବେଳେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବେପାରୁଆ ଗାଡି ଚଳାଇବା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।

ବିକେ ବିଦ୍ୟାପୀଠ କଲ୍ୟାଣ ସମିତି ବାର୍ଷିକ ଉତ୍ସବ

ବାଙ୍କୀ,୩୦।୧(ସ୍ୱ.ପ୍ର.): ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ପୁରାତନ ଛାତ୍ର କଲ୍ୟାଣ ସମିତି ତରଫରୁ ଜାତମୁଣ୍ଡିଆ ଅରାଚଣ୍ଡୀ ଠାକୁରାଣୀଙ୍କ ପ୍ରାଙ୍ଗଣରେ ବୁଧବାର ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ନୀଳମଣି ତ୍ରିପାଠୀ ଅଧକ୍ଷତା କରିଥିଲେ। ୧୯୬୬ମସିହା ବ୍ୟାଚର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି ସମିତି ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ସମିତିର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଡ.ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଡ.ଭାସ୍କରଚନ୍ଦ୍ର ବେହେରା , ପୂର୍ବତନ ଶିକ୍ଷକ ଦୀନବନ୍ଧୁ ପଣ୍ଡା ଓ ଗୋପବନ୍ଧୁ ଭଞ୍ଜଙ୍କ ସ୍ମୃତିଚାରଣ କରାଯାଇଥିଲା। ସମିତିର ସମ୍ପାଦକ ପ୍ରେମାନନ୍ଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଗୋପୀମୋହନ କର ଓ ଅବସରପ୍ରାପ୍ତ କର୍ମଚାରୀ ସୁଦର୍ଶନ ମହାପାତ୍ରଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭ୍ୟ ଶେଷଦେବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସିଆରିଆ ମଠରେ ବାବାଜିଙ୍କ ଦେହାନ୍ତ

ନରସିଂହପୁର, ୩୦।୧ (ଡି.ଏନ.ଏ): ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ସିଆରିଆସ୍ଥିତ ରଘୁନାଥ ବଲ୍ଲଭ ଜୀ ମଠରେ ରହୁଥିବା ବାବାଜିଙ୍କ ବୁଧବାର ଦେହାନ୍ତ ଘଟିଛି । ସେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମର ଲକ୍ଷ୍ମୀଧର ତ୍ରିପାଠୀ (୮୦)। ସକାଳୁ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଶୋଇବା ଘର କୋଠରିରୁ ଉଦ୍ଧାର କରାଯାଇଥିଲା। କାନପୁର ଥାନାରେ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ଏକ ସ୍ୱାଭାବିକ ମୃତ୍ୟୁ ବୋଲି କାନପୁର ପୋଲିସ ଅଧିକାରୀ ଶିବ ଚରଣ ବେହେରା କହିଛନ୍ତି।

ଅଗ୍ନିକାଣ୍ଡ ରିପୋର୍ଟ ପାଇଁ ଲାଞ୍ଚ

■ସହାୟତା ନ ଦେଇ ଦେଖାଇଲେ ନାଲିଆଖି

■୨୪ ଘଣ୍ଟା ପରେ ବିପନ୍ନଙ୍କୁ ମିଳିନାହିଁ ସରକାରୀ ସହାୟତା

ମାହାଙ୍ଗା,୩୦।୧(ସ୍ୱ.ପ୍ର.)

ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ବଦଳରେ ତାଙ୍କୁ ହାତଗୁଞ୍ଜା ମଗାଯାଉଛି। ଏନେଇ ମାହାଙ୍ଗା ତହସିଲ ଅନ୍ତର୍ଗତ ଭେଡା ପଞ୍ଚାୟତସ୍ଥିତ ଭେଡା ଗ୍ରାମର ଭରତ ଚନ୍ଦ୍ର ସାମଲ ଏବଂ ସାବିତ୍ରୀ ସାମଲ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଭରତ ଓ ତାଙ୍କର ବିବାହିତ ଝିଅ ସାବିତ୍ରୀ ସାମଲ ଗୋଟିଏ ଘରେ ନ ରହି ପାଖାପାଖି ପଡୋଶୀ ଭଳି ରୁହନ୍ତି। ଏହି ଠିକଣାରେ ସାବିତ୍ରୀଙ୍କ ରାଶନ କାର୍ଡ,ଭୋଟର ପରିଚୟ ପତ୍ର ଏବଂ ଆଧାରକାର୍ଡ ସବୁ ରହିଛି। ଗତ ମଙ୍ଗଳବାର ରାତିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ସେମାନଙ୍କ ୩ ବଖରା ଜଳିଯାଇଛି। ଏଥିସହ ଘରର ସମସ୍ତ ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି। ଖବରପାଇ କୁଆଁପାଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ପରେ ମଉଦା ରାଜସ୍ୱ ନିରୀକ୍ଷକ ଗଣେଶ୍ୱର ହେମ୍ବ୍ରମ ସେଠାକୁ ତଦନ୍ତ ପାଇଁ ଯାଇଥିଲେ। ଅଗ୍ନିକାଣ୍ଡରେ ୨ ପରିବାରର ଗୃହ ପୋଡିଥିବା ବେଳେ ସେ ଏହାକୁ ଗୋଟିଏ ପରିବାର ବୋଲି ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏନେଇ ଭରତ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଇଥିଲେ। ମାତ୍ର ରିପୋର୍ଟରେ ୨ ପରିବାର ଦର୍ଶାଇବା ପାଇଁ ହେମ୍ବ୍ରମ୍ ୧୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଭରତ ବୁଧବାର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତହସିଲଦାର ଅନୁପସ୍ଥିତ ଥିବାରୁ ନାଜରଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ନାଜର ତାଙ୍କୁ ନିୟମକାନୁନ ପଢ଼ାଇବା ସହ ନାଲି ଆଖି ଦେଖାଇଥିଲେ ବୋଲି ଭରତ କହିଛନ୍ତି। ଅଗ୍ନିକାଣ୍ଡରେ ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଅଦ୍ୟାବିଧି ତାଙ୍କ ପରିବାରକୁ କୌଣସି ସରକାରୀ ସହାୟତା ମିଳିପାରିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ହେମ୍ବ୍ରମ୍ ଏହି ଅଭିଯୋଗକୁ ଅସ୍ୱୀକାର କରିବା ସହ ସାବିତ୍ରୀ ସାମଲଙ୍କ ନାମରେ ପୋଡିଯାଇଥିବା ଘରର କୌଣସି ରେକର୍ଡ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ତହସିଲଦାର ଦିଲୀପ ମହାରଣା କହିଛନ୍ତି , ଅଫିସ କାର୍ଯ୍ୟରେ ସେ ବାହାରକୁ ଯାଇଥିଲେ। ଫେରିବା ପରେ ଅଭିଯୋଗ ସମ୍ପର୍କରେ ଖବର ପାଇଛି ବୋଲି ସେ କହିଛନ୍ତି। ଅପରପକ୍ଷେ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ତହସିଲ କାର୍ଯ୍ୟାଳୟକୁ ଡକାଯାଇଥିଲା । ଭରତ ଏଠାକୁ ଆସିଥିଲେ ମଧ କୌଣସି ସହାୟତା ନ ନେଇ ଚାଲି ଯାଇଥିବା ତହସିଲର ଜଣେ କର୍ମଚାରୀଙ୍କଠାରୁ ସୂଚନା ଦେଇଛନ୍ତି।

ପୋଡ଼ିଯାଇଥିବା ଘର।

ଝିଅକୁ ଦେଇପାରିଲେନି ଔଷଧ
ବାଇକ୍ ଧକ୍କାରେ ବାପା ମୃତ

ନରସିଂହପୁର, ୩୦।୧ (ଡି.ଏନ.ଏ.)

ଝିଅ ପାଇଁ ଔଷଧ ଆଣିବାକୁ ଯାଇ ବାପାଙ୍କ ମୃତ୍ୟୁ ଘଟିଛି । ଏହିଭଳି ଦୁଃଖଦ ଘଟଣା ଘଟିଛି କଟକ ଜିଲା କାନପୁର ଥାନା ଅନ୍ତର୍ଗତ କନ୍ଧବେରେଣୀ ଗ୍ରାମରେ। ମୃତକ ଜଣକ ହେଲେ ଥାନା ଅନ୍ତର୍ଗତ ରଙ୍ଗଡାବ ଗ୍ରାମର କୃଷ୍ଣ ଚନ୍ଦ୍ର ପାତ୍ର (୬୦)। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କୃଷ୍ଣଙ୍କ ଝିଅ ବାତ ରୋଗରେ ପୀଡ଼ିତ। ଅପରାହ୍ନରେ ଝିଅକୁ ବାତ ମାରିବାରୁ ଔଷଧ ଆଣିବାକୁ ଗୋପପୁର ଗ୍ରାମକୁ ଯାଇଥିଲେ। ଫେରୁଥିବା ବେଳେ କନ୍ଧବେରେଣୀ ଗ୍ରାମ ଛକରେ ଏହି ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣା ପରେ ବାଇକ ଚାଳକ ସେଠାରୁ ଫେରାର ହୋଇଯାଇଥିବା ବେଳେ ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ମୃତ୍ୟୁ ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

■ ବିଜେଡିର କର୍ମୀ ସମ୍ମିଳନୀ
ୱାର୍ଡ ସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ଗୁରୁତ୍ୱ

କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ସାଲେପୁର, ୩୦।୧ (ଡି.ଏନ୍.ଏ)

ସାଲେପୁର ବିଜେଡି ପକ୍ଷରୁ ଦ୍ୱୀପାଞ୍ଚଳର ପୁରୁଣାହାଟ ପଞ୍ଚାୟତରେ ୱାର୍ଡ କମିଟି ବୈଠକ ଓ କର୍ମୀ ସମ୍ମିଳନୀ ସୋଗଲସ୍ଥିତ ଚଣ୍ଡୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରୁଣାହାଟ ପଞ୍ଚାୟତ ବିଜେଡି ସଭାପତି ବ୍ରହ୍ମାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଜୁ କୃଷକ ଜିଲା ସଭାପତି ତଥା ବିଜେଡି ନେତା ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ୱାର୍ଡ କମିଟି ବୈଠକର ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ସଂଗଠନକୁ ୱାର୍ଡ ସ୍ତରରୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମେ ସମ୍ମାନିତ ଅତିଥିଭାବେ ରାଜ୍ୟ ସମବାୟ ବ୍ୟାଙ୍କ୍ ନିର୍ଦ୍ଦେଶକ ଚିତ୍ତରଞ୍ଜନ ପୁହାଣ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ଭୂୟାଁ, ଚିତ୍ତରଞ୍ଜନ ମହାନ୍ତି, ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ କମଳାକାନ୍ତ ନାୟକ ଓ ଯୁବନେତା ତ୍ରୈଲୋକ୍ୟନାଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

ଶିଶୁ ମନ୍ଦିରର ବାର୍ଷିକ ବିଜ୍ଞାନମେଳା

ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ସାଲେପୁର, ୩୦।୧ (ଡି.ଏନ୍.ଏ)

ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପିନାଥପୁର ପଞ୍ଚାୟତସ୍ଥିତ ସାଇ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ବୁଧବାର ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ପ୍ରଶାନ୍ତ କୁମାର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଳା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ସାଲେପୁର ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ରଜନୀକାନ୍ତ ଦାଶ, ମୁଖ୍ୟବକ୍ତା ନିଶ୍ଚିନ୍ତକୋଇଲି ବ୍ଲକ୍ ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ୍ କୁମାର ଦାଶ, ଅନ୍ୟତମ ସମ୍ମାନିତ ଅତିଥି ସିଆର୍‌ସିସି ଜ୍ୟାକି ଅମିନ୍, ରବେୟା ସରୱାର୍ ଓ ଫାର୍ମାସିଷ୍ଟ ପ୍ରଦ୍ୟୁମ୍ନ କୁମାର ଶତପଥୀ ଯୋଗଦେଇଥିଲେ। ଅତିଥିମାନେ ବିଜ୍ଞାନର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପିଲାଙ୍କ ଦ୍ୱାରା ସ୍ୱଚ୍ଛ ଭାରତ, ଜୀବଜଗତ, ଔଷଧୀୟ ବୃକ୍ଷ, ପୁଷ୍ପ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଐତିହାସିକ ପୀଠସ୍ଥଳୀର 'ଫଟୋସହ ବିବରଣୀ', ଐତିହାସିକ ମହାପୁରୁଷଙ୍କର ଫଟୋ ପ୍ରଦର୍ଶନୀ, ବିଭିନ୍ନ ପ୍ରକାର ଶସ୍ୟ, ହସ୍ତକର୍ମ ଆଦି ସ୍ଥାନ ପାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁଜୀ ମାଧବଚନ୍ଦ୍ର ସ୍ୱାଇଁ, ଗୁରୁମା ଡଲି ଭୂୟାଁ, ସ୍ୱର୍ଣ୍ଣମୟୀ ଦାସ, ସବିତା ବେହେରା, ରୀନା ଦାସ ଓ ଲକ୍ଷ୍ମୀପ୍ରିୟା ସାମଲ ପ୍ରମୁଖ ପରିଚାଳନା କରିଥିଲେ। ବିଜୟ କୁମାର ଶତପଥୀ, ମନୋଜ କୁମାର ବସ୍ତିଆ, ଅତିଶ କୁମାର ସାମଲ ଓ କାହ୍ନୁଚରଣ ପ୍ରଧାନଙ୍କ ସମେତ ବହୁ ଅଭିଭାବକ ଏଥିରେ ଉପସ୍ଥିତ ରହି ପ୍ରକଳ୍ପ କାର୍ଯ୍ୟରେ ପିଲାମାନଙ୍କୁ ସହଯୋଗ କରିଥିଲେ।

ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ

ମାହାଙ୍ଗା,୩୦।୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ତ୍ରିବେଣୀଶ୍ୱର ମନ୍ଦିର ପରିସରରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଦସ୍ୟ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅତିଥିଭାବେ ଅବସରପ୍ରାପ୍ତ ତହସିଲଦାର ଶ୍ୟାମଚରଣ ତରାଇ ଯୋଗଦେଇ ବୈଠକର ତାପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ମଞ୍ଚର ସଭାପତିଭାବେ ଧ୍ରୁବଚରଣ ସାହୁ, ଉପସଭାପତି ରମେଶ ଚନ୍ଦ୍ର ସାମଲ, ସମ୍ପାଦକ କରୁଣାକର ନାୟକ,ସହ ସମ୍ପାଦକ ଅନଙ୍ଗ କୁମାର ମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ନିର୍ମଳ କୁମାର କାନୁନ୍‌ଗୋଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟାଭାବେ ଶିବଚରଣ ଜେନା, ଅକ୍ଷୟ କୁମାର ଦାଶ, କ୍ଷୀରୋଦ କୁମାର ସାହୁ, ଭରତ ଚନ୍ଦ୍ର ମହାରଣା, ଚନ୍ଦ୍ରମଣି ବାରିକ, ଜଳଧର ପରିଡାଙ୍କୁ ଚୟନ କରାଯାଇଥିଲା। ସଦସ୍ୟଭାବେ ମଧୁସୂଦନ ସାହୁ,ଅନଙ୍ଗ କୁମାର ମହାପାତ୍ର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା ।

ଭିଏତ୍‌ନାମ ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

ଭିଏତ୍‌ନାମର ରାଷ୍ଟ୍ରଦୂତ ମି.ଫାନ ସାନ୍ସ ଚାଉ ସୂର୍ଯ୍ୟମନ୍ଦିର ପରିଦର୍ଶନ କରୁଛନ୍ତି।

କୋଣାର୍କ, ୩୦।୧(ଡି.ଏନ୍.ଏ.)

ଭାରତରେ ଅବସ୍ଥାପିତ ଭିଏତ୍‌ନାମର ରାଷ୍ଟ୍ରଦୂତ ମି.ଫାନ ସାନ୍ସ ଚାଉ ବୁଧବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଭିଏତ୍‌ନାମ ରାଷ୍ଟ୍ରଦୂତ ଚାଉ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରାଷ୍ଟ୍ରଦୂତ ଚାଉଙ୍କୁ ଗାଇଡ ପ୍ରଦୀପ୍ତ ମଲ୍ଲ ମନ୍ଦିର ସମ୍ପର୍କରେ ଅବଗତ କରିଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେ ଏଠାକାର କଳା ସଂସ୍କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ରାଷ୍ଟ୍ରଦୂତଙ୍କ ଗସ୍ତ ସମୟରେ କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

ଫୁଟବଲ ଟୁର୍ନାମେଣ୍ଟ: ସେମିଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ

ବାଙ୍କୀ, ୩୦।୧ (ସ୍ୱ.ପ୍ର.)

ବାଙ୍କୀ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଥିଲା ୪ର୍ଥ ଦିନ । ଏହି ଅବସରରେ ସ୍ପୋର୍ଟ୍ସ ହଷ୍ଟେଲ କଟକ ଓ ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ୩-୦ ଗୋଲରେ ବାଙ୍କୀ ଆଥଲେଟିକକୁ ହରାଇ ସ୍ପୋର୍ଟ୍ସ ହଷ୍ଟେଲ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଓ ବାଙ୍କୀ ଆଥଲେଟିକ ଆସୋସିଏଶନ୍ ଉପସଭାପତି ବିବେକାନନ୍ଦ ସାମଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଞ୍ଜୀବ ଦାସ ଏହାକୁ ପରିଚାଳନା କରିଥିବା ବେଳେ କୃପାସିନ୍ଧୁ ପ୍ରଧାନ ଓ ଆଦର୍ଶ ମହାପାତ୍ର ସହଯୋଗ କରିଥିଲେ। ଗୁରୁବାର ଖେଳ ଧର୍ମଶାଳା ସ୍ପୋର୍ଟ୍ସ ଏକାଦଶ ଓ ମଙ୍ଗଳାକ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା ପ୍ରକାଶ କରିଛନ୍ତି।

ସାମ୍ପ୍ରଦାୟିକ ସଦ୍‌ଭାବନା ଦିବସ

ସାଲେପୁର, ୩୦।୧ (ଡି.ଏନ୍.ଏ.)

ସାଲେପୁର ବ୍ଲକ୍ ଅନ୍ତର୍ଗତ ମୁତାରିଫା ପଞ୍ଚାୟତସ୍ଥିତ କାଜିବଜାର ଠାରେ ବାମପନ୍ଥୀ ଦଳ ପକ୍ଷରୁ ବୁଧବାର ସାମ୍ପ୍ରଦାୟିକ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ମୁତାରିଫା ପଞ୍ଚାୟତର ସମିତି ସଭ୍ୟ ତଥା ସିପିଆଇ ନେତା ଉଦୟ କେଶରୀ ବର୍ମା ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶ୍ରମିକ ନେତା ତ୍ରୈଲୋକ୍ୟ ନାଥ, ସିପିଆଇ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି, ବରିଷ୍ଠ ବାମପନ୍ଥୀ ନେତା ପୀତାମ୍ବର ଲେଙ୍କା, କେଶବ ଷଡ଼ଙ୍ଗୀ, ରାଜକିଶୋର ମଲ୍ଲିକ୍ ଓ ସୁବାସିନୀ ଭଦ୍ର ପ୍ରମୁଖ ଯୋଗଦେଇ ବାପୁଜୀଙ୍କ ରାଷ୍ଟ୍ରପତି ଥିବା ତ୍ୟାଗ ଓ ବଳିଦାନକୁ ପ୍ରଶଂସା କରିଥିଲେ। ଏଥିସହ ଭାଜାପାର ସାମ୍ପ୍ରଦାୟିକତାବାଦ ନୀତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପୁରୁଷୋତ୍ତମ ସାହୁ, ଝରିଆ ଭୋଇ, ଜଗନ୍ନାଥ ବେହେରା, ରଞ୍ଜନ ସାହୁ, ନିମେଇ ସ୍ୱାଇଁ ଓ ବୈକୁଣ୍ଠ ନାୟକ ପ୍ରମୁଖ ଯୋଗଦେଇଥିଲେ। ସିପିଆଇ ନେତା ଆୟୁବ୍ ଖାଁ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବାମପନ୍ଥୀ ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସଦ୍‌ଭାବନା ଦିବସରେ ବାମପନ୍ଥୀ ଦଳର ନେତା।

■ସାରଳା ମହୋତ୍ସବ ୨୦୧୯ ଉଦ୍‌ଯାପିତ
ସାରଳା ସାହିତ୍ୟ ସମାଜ ପାଇଁ ଦର୍ପଣ ସଦୃଶ

ରଘୁନାଥପୁର, ୩୦ ।୧(ଡି.ଏନ.ଏ.)

ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ଶୁଦ୍ରମୁନି ପୁରସ୍କାର ପ୍ରଦାନ କରାଯାଉଛି।

ସାରଳା ସାହିତ୍ୟ ନୀତି ଆଦର୍ଶର କଥା କୁହେ। ଏହାର ପ୍ରତ୍ୟେକ ଫର୍ଦ୍ଦରେ ଭରି ରହିଛି ଦିଗଦର୍ଶନର ବାର୍ତ୍ତା। ଏହାକୁ ପାଥେୟ କରି ଜୀବନ ଅତିବାହିତ କରିବାର ସ୍ୱପ୍ନ ଦେଖାଇଛନ୍ତି ଶୁଦ୍ରମୁନି ସାରଳା ଦାସ। ସାରଳା ସାହିତ୍ୟ ସମାଜ ପାଇଁ ଦର୍ପଣ ସଦୃଶ ବୋଲି ରଘୁନାଥପୁର ବ୍ଲକ ପୁରଣଓଡପଡାସ୍ଥିତ ସଂକେତ ଆଇଟିଆଇ ପରିସରରେ ଅନୁଷ୍ଠିତ ସାରଳା ମହୋତ୍ସବ ୨୦୧୯ ଉଦ୍‌ଯାପନୀ ଅବସରରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ଅତିଥି ଭାବେ ଗୁରୁ ନିମାକାନ୍ତ ରାଉତରାୟ, ସୌଦାମିନୀ ମହାନ୍ତି, ଶିବାନୀ ଭଟ୍ଟାଚାର୍ଯ୍ୟ, ଦୁର୍ଗେଶନନ୍ଦିନୀ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ହୋଇ ସାରଳା ମାଟିର ମାହାତ୍ମ୍ୟ ତଥା ସାରଳା ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ଶୁଦ୍ରମୁନି ସମ୍ମାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ପୁଷ୍ପିତା ମିଶ୍ର ଓ ଗୁରୁ ଅଶୋକ କୁମାର ଦାସଙ୍କୁ ସାରଳା ସମ୍ମାନରେ ଭୂଷିତ କରାଯାଇଥିଲା। ଦୁଇଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଗୁରୁ ସୁରେନ୍ଦ୍ର ତିପାଠୀ, ଗୁରୁ ମହେଶଚନ୍ଦ୍ର ସାହୁ, ସୁଶ୍ରୀ ପ୍ରଣତି ପାତ୍ରଙ୍କ ପକ୍ଷରୁ ଓଡ଼ିଶୀ କଣ୍ଠ ସଙ୍ଗୀତ, ଗୁରୁ ଦିବାକର ପରିଡା ଓ ପ୍ରତାପ ମିଶ୍ରଙ୍କ ଦ୍ୱାରା ମର୍ଦ୍ଦଳ, ବ୍ରଜକିଶୋର ମଲ୍ଲିକ, ରୋଜି ସ୍ୱାଇଁ, ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଏହାଛଡା ଜିଲାରେ ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଯୋଗୀଙ୍କୁ ନେଇ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହେବା ସହ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ନିର୍ଦ୍ଦେଶକ ବଦ୍ରିନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବାବେଳେ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିପିନ୍ ବିହାରୀ ଦାସମହାରାଜ ଓ ଏମ୍‌ପି ଡା. କୁଳମଣି ସାମଲ ଯୋଗ ଦେଇଥିଲେ। ଶେଷରେ ଭାଇସ ପ୍ରିନ୍ସପାଲ ଆଲୋକ ରଞ୍ଜନ ଦାଶ ଓ ସାଥୀଙ୍କ ତତ୍ତ୍ୱାବଧାନରେ ସଂକେତ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

"ପଦ୍ମପତ୍ରରେ ଥିବା ପାଣି ଯେଭଳି ଢଳଢଳ ହୁଏ, ଜୀବନ ସେହିପରି ଚଞ୍ଚଳ।
- ଆଦି ଶଙ୍କରାଚାର୍ଯ୍ୟ

ଆଜି କ'ଣ କେଉଁଠି

କଟକ

- କଟକ ଜିଲା ଜୁନିୟର ରେଡ୍‌କ୍ରସ ସୋସାଇଟି ପକ୍ଷରୁ ଜେଆର୍‌ସି ରାଲିର ଉଦ୍‌ଯାପନୀ ଉତ୍ସବ, ନୂଆବଜାର ହାଇସ୍କୁଲ, ଅପରାହ୍ନ ୨ଟା।
- ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ୧୯ଶ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଉଦ୍‌ଯାପନୀ ଉତ୍ସବ, କଳା ବିକାଶ କେନ୍ଦ୍ର, ଅପରାହ୍ନ ୫ଟା ୩୦।

କଣ୍ଟାପଡ଼ା ପଞ୍ଚାୟତ ସମିତିର ୫ମ ବୈଠକ

କଣ୍ଟାପଡ଼ା,୩୦।୧(ଡି.ଏନ୍.ଏ): କଣ୍ଟାପଡା ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ସ୍ଥାନୀୟ ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ବିଦ୍ୟାଳୟରେ ରହିଥିବା ଶିକ୍ଷକ ସମସ୍ୟା ସମେତ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କାଳିଆ, ମିଶନ ଶକ୍ତି, ଉନ୍ନୟନ ପ୍ରକଳ୍ପ, ଉଦ୍ୟାନ ପ୍ରକଳ୍ପ, ଜଳସେଚନ ପ୍ରକଳ୍ପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲିକ, ୮ନଂ ଜିଲା ପରିଷଦ ସଭ୍ୟା ପୁଷ୍ପଲତା ଦାସ, ୯ନଂ ଜିଲା ପରିଷଦ ସଭ୍ୟ କୈଳାସ ମହାରଣା ଓ ବିଡିଓ କେ. ଅଶୋକ କୁମାରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖୁଣ୍ଟୁଣୀ,୩୦।୧(ଡି.ଏନ୍.ଏ): ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ଚରଣ ବାରିକ, ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ନରେନ୍ଦ୍ର ସେନାପତି, ସମ୍ମାନିତ ଅତିଥିଭାବେ ସରପଞ୍ଚ ରଞ୍ଜନ ବେଉରା, ଲକ୍ଷ୍ମୀଧର ବିଶ୍ୱାଳ, ସ୍କୁଲ ପରିଚାଳନା କମିଟି ଅଧକ୍ଷ ରାଜୁରାମ ସେଠୀ, ପୂର୍ବତନ ସରପଞ୍ଚ ବ୍ରହ୍ମାନନ୍ଦ ବେଉରା ଓ ପରିଚାଳନା କମିଟି ସଦସ୍ୟ ବସନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ବରିଷ୍ଠ ଶିକ୍ଷକ ପର୍ଶୁରାମ ସେଠୀ ଅତିଥି ପରିଚୟ, ବାର୍ଷିକ ବିବରଣୀ ଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଶଶଧର ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଗାନ୍ଧିଜୀଙ୍କ ଶ୍ରାଦ୍ଧ ଦିବସ

ଫୁଲନଖରା, ୩୦।୧(ଡି.ଏନ୍.ଏ.): ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀସ୍ମୃତି ପୀଠରେ ଗାନ୍ଧିଜୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କଟକ ନଗର କଂଗ୍ରେସ କମିଟି ସମ୍ପାଦକ ପ୍ରଶାନ୍ତ ମହାନ୍ତିଙ୍କ ଅଧକ୍ଷତାରେ କଂଗ୍ରେସ କର୍ମୀମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୀତବାସ ମହାପାତ୍ର, ଜ୍ଞାନ ରଞ୍ଜନ ଭୂୟାଁ, ରବୀନ୍ଦ୍ର ବେହେରା, ତ୍ରିନାଥ ମହାନ୍ତି, ରାମଚନ୍ଦ୍ର ଦଳାଇ, ମନୋରଞ୍ଜନ ଖଟୁଆ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

ଧର୍ମପରାୟଣା ମହିଳାଙ୍କ ପରଲୋକ

କଟକ ସଦର,୩୦।୧(ଡି.ଏନ୍.ଏ): କଟକ ସଦର ବ୍ଲକ ଅର୍ଚ୍ଚିଲି ଗ୍ରାମର ସର୍ବେଶ୍ୱର ମିଶ୍ରଙ୍କ ମା' ମେନକା ମିଶ୍ରଙ୍କ(୯୧)ଙ୍କ ରବିବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ ପୁଅ ସିଦ୍ଧେଶ୍ୱର ମିଶ୍ରଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ କରାଯାଇଥିଲା।

ଭାରତ ରତ୍ନ, ପଦ୍ମଶ୍ରୀ ମନୋନୀତ ବ୍ୟକ୍ତିତ୍ୱଙ୍କୁ ଅଭିନନ୍ଦନ

କଟକ ଅଫିସ, ୩୦।୧: ଭାରତ ରତ୍ନ ଓ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ଦୈତାରୀ ନାୟକ, କମଳା ପୂଜାରୀ ଓ ଡି. ପ୍ରକାଶ ରାଓଙ୍କୁ ଅଭିନନ୍ଦନ ଜଣାଇଛି ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ। ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଫୋରମ ସଭାପତି ଆଇନଜୀବୀ ବରଦା ପ୍ରସନ୍ନ ପଟ୍ଟନାୟକ, ଉପ-ସଭାପତି ଆଇନଜୀବୀ ତାପସ ଦ୍ୱିବେଦୀ ଓ ଅନ୍ୟ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

■ କମିଶନରେଟ ପୋଲିସର ବାର୍ଷିକ ଅପରାଧ ପରିସଂଖ୍ୟାନ ରିପୋର୍ଟ

ଟୁଇନ୍ ସିଟିରେ ବଢ଼ିଛି ଅପରାଧ

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

ବଳାତ୍କାର ୨୮%, ହତ୍ୟା ୭.୪% ବୃଦ୍ଧି ପାଇଛି

ଟୁଇନ୍ ସିଟି ଭୁବନେଶ୍ୱର-କଟକରେ ଅପରାଧ ବଢ଼ି ଚାଲିଛି। ଦିନ ହେଉ ଅବା ରାତି, ସହରବାସୀ ସର୍ବଦା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପୋଲିସ ପକ୍ଷରୁ ଯେତେ ବ୍ୟବସ୍ଥା କରାଗଲେ ମଧ୍ୟ ଅପରାଧୀଙ୍କ ଉପରେ ତାହାର କୌଣସି ପ୍ରଭାବ ପଡୁନାହିଁ। ବରଂ ଦିନକୁ ଦିନ ବଳାତ୍କାର, ହତ୍ୟା, ଲୁଟ୍ ଭଳି ସଙ୍ଗିନ ଅପରାଧ ବୃଦ୍ଧି ପାଉଛି, ଯାହାର ଉଦାହରଣ ହେଉଛି କମିଶନରେଟ ପୋଲିସର ବାର୍ଷିକ ଅପରାଧ ପରିସଂଖ୍ୟାନ ରିପୋର୍ଟ। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଉଭୟ ସହରରେ ଅପରାଧ ବୃଦ୍ଧି ପାଇଥିବା ଏଥିରେ ଦର୍ଶାଯାଇଛି।

ବୁଧବାର କମିଶନରେଟ ମୁଖ୍ୟାଳୟରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଉକ୍ତ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି। ଦ୍ୱୈତନଗରୀରେ ହତ୍ୟା, ବ୍ରାଉନସୁଗାର ବ୍ୟବସାୟ, ଦେହ ବ୍ୟବସାୟ, ଡକାୟତି, ଲୁଟ୍ ଆଦି ଆପରାଧିକ କାର୍ଯ୍ୟକଳାପ ବଢ଼ିଛି। ୨୦୧୫, ୨୦୧୬, ୨୦୧୭ ତୁଳନାରେ ୨୦୧୮ରେ ମୋଟ ଉପରେ ୫% ପ୍ରତିଶତ ଅପରାଧ ବୃଦ୍ଧିପାଇଛି ବୋଲି କମିଶନର ରିପୋର୍ଟ ଆଧାରରେ ସୂଚନା ଦେଇଛନ୍ତି।

କମିଶନରଙ୍କ ସୂଚନା ମୁତାବକ, ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ଅପରାଧ ସଂଖ୍ୟା ଅପେକ୍ଷାକୃତ ବୃଦ୍ଧିପାଇଛି। ବେକାରି ଓ ସହରୀକରଣ ଅପରାଧ ବୃଦ୍ଧିର ମୂଳ କାରଣ ପାଲଟିଛି। ଅପରାଧ ତାଲିକା ଅନୁସାରେ ଉଭୟ ସହରରେ ବଳାତ୍କାର ୨୮%, ହତ୍ୟା ୭.୪%, ରାହାଜାନି ୧୫.୭%, ମୋଟର ଯାନ ଦୁର୍ଘଟଣା ୧୩.୫%, ଡକାୟତି ୫.୭%, ଚୋରି ୦.୬%, ଆଇନ ଶୃଙ୍ଖଳା ପରିସ୍ଥିତି ୫% ବୃଦ୍ଧି ପାଇଛି। ସଂଗଠିତ ଓ ଯୋଜନାବଦ୍ଧ ଅପରାଧ ୨୦୧୮ରେ କମିଛି। ଅନ୍ୟ ବଡ଼ ସହର ଅପେକ୍ଷା ଟୁଇନ୍ ସିଟି ସୁରକ୍ଷିତ ଅଛି ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ରେ ମୋଟ ୧୦୬୮ ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ୧୦୬୭ ଜଣ ଗିରଫ ହୋଇଛନ୍ତି। ଏନ୍‌ଡିପିଏସ୍ ଆକ୍ଟରେ ୫୦ଟି ମାମଲା ରୁଜୁ ହୋଇଛି ଏବଂ ୮୩ ଜଣ ଗିରଫ ହୋଇଛନ୍ତି। ୨୦୧୮ରେ ଉଭୟ ସହରରେ ୫୧ଟି ବନ୍ଧୁକ ଓ ୧୫୬ଟି ଗୁଳି ଜବତ ହେବା ସହ ୧୩୮ ଜଣ ଗିରଫ ହୋଇଛନ୍ତି। ଏନ୍‌ବିଡବ୍ଲ୍ୟୁ ବଳରେ ୪୩୯୫ ଜଣ ଗିରଫ ହୋଇଛନ୍ତି। ସେହିଭଳି ବିଭିନ୍ନ ଜରିମାନା ବାବଦରେ ସାଢ଼େ ୭ କୋଟି ଟଙ୍କା ଆଦାୟ ହୋଇଛି।

ଚୋରି ଏବଂ ଡକାୟତି ପୋଲିସ ପାଇଁ ଚ୍ୟାଲେଞ୍ଜ ବୋଲି କମିଶନର ସ୍ୱୀକାର କରିଛନ୍ତି। ଅପରାଧୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଏବେ ପୋଲିସ ପୁରୁଣା ଫାଇଲ ଖୋଲିବ ବୋଲି ସେ କହିଛନ୍ତି। ୧୨ ବର୍ଷରେ ହୋଇଥିବା ଅପରାଧର ଫାଇଲ ଖୋଲାଯିବ। ଅଭ୍ୟାସଗତ ଅପରାଧୀ, ଚୋରି, ଡକାୟତି ଉପରେ ନଜର ରଖାଯିବା ସହିତ ଅପରାଧୀଙ୍କୁ ଶାସ୍ତି ଦେବା ପାଇଁ ପୋଲିସ ଉଦ୍ୟମ କରିବ। ଆଗାମୀ ନିର୍ବାଚନ କିଭଳି ଭାବରେ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି।

ପୋଲିସ ମୁଖ୍ୟାଳୟରେ ଶହୀଦ ଦିବସ

ପୋଲିସ ମୁଖ୍ୟାଳୟରେ ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଉଛି।

କଟକ ଅଫିସ, ୩୦।୧

ରାଷ୍ଟ୍ରୀୟ ଶହୀଦ ଦିବସ ଉପଲକ୍ଷେ ଓଡ଼ିଶା ପୋଲିସ ପକ୍ଷରୁ ବୁଧବାର ପୋଲିସ ମୁଖ୍ୟାଳୟରେ ଶହୀଦ ଦିବସ ପାଳନ କରାଯାଇଛି। ଆଇଜି ପିଏସ୍ ରଣପିସେଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୀରବ ପ୍ରାର୍ଥନା ସହ ମହାତ୍ମା ଗାନ୍ଧୀଙ୍କ ସମେତ ଅନ୍ୟ ଶହୀଦମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ସମସ୍ତ ପୋଲିସ ଅଫିସର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ଦେଶବ୍ୟାପୀ ଶହୀଦ ଦିବସ ଭାବେ ପାଳନ କରାଯାଉଛି।

■ ତେଲେଙ୍ଗାପେଣ୍ଠରେ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ

ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

କଟକ ଅଫିସ, ୩୦।୧

ଜିଲା ପ୍ରଶାସନ ଓ ସିଏମ୍‌ସି ପକ୍ଷରୁ ବୁଧବାର କଟକ ତେଲେଙ୍ଗାପେଣ୍ଠଠାରେ ମହାତ୍ମା ଗାନ୍ଧୀଙ୍କ ୭୧ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳେ ସିଏମ୍‌ସି ମେୟର ମୀନାକ୍ଷୀ ବେହେରା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ଜାତୀୟ ସଙ୍ଗୀତ, ବନ୍ଦେ ମାତରଂ ଏବଂ ରଘୁପତି ରାଘବ ରାଜାରାମ ପରିବେଷଣ କରିଥିଲେ। ପରେ ସର୍ବଧର୍ମ ପ୍ରାର୍ଥନା ସଭା ଏବଂ ସାଧାରଣ ସଭା ଆୟୋଜିତ ହୋଇଥିଲା। ସର୍ବଧର୍ମ ପ୍ରାର୍ଥନା ସଭାରେ ଶୁକଦେବ ସ୍ୱାଇଁ ଗୀତା, ଦେବଦତ୍ତ ନାୟକ ବାଇବେଲ ଓ ମହମ୍ମଦ କାଶିଫ୍ ହଲିମ୍ କୋରାନ୍ ପାଠ କରିଥିଲେ। ସାଧାରଣ ସଭାରେ ମେୟର ବେହେରା ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଗାନ୍ଧିଜୀଙ୍କ ଦର୍ଶନର ମୂଳ ତତ୍ତ୍ୱ ସତ୍ୟ ଓ ଅହିଂସାର ପୂଜାରୀ ହୋଇ କର୍ତ୍ତବ୍ୟ ପ୍ରତି ପ୍ରତିଜ୍ଞାବଦ୍ଧ ରହିଲେ ଆଜିର ଛାତ୍ରୀଛାତ୍ର ସୁନାଗରିକ ହୋଇପାରିବେ ବୋଲି କହିଥିଲେ। କର୍ପୋରେଟର ରାଜ କୁମାରୀ ସ୍ୱାଇଁ ଗାନ୍ଧିଜୀଙ୍କ ଉପରେ ଆଲୋକପାତ କରିଥିଲେ। ଗାନ୍ଧି ସ୍ମୃତି ସଂସଦର ପୂର୍ବତନ ସହ ସମ୍ପାଦକ ନୀହାର ରଞ୍ଜନ ରାୟ ବିଶ୍ୱ ଶାନ୍ତି ପାଇଁ ଗାନ୍ଧୀ ଦର୍ଶନ ଏକ ରକ୍ଷାକବଚ ଭାବେ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଥିଲେ। ସେହିପରି ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧକ୍ଷତାରେ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ଅବସରରେ ଦେଶର ଅମର ଶହୀଦ୍‌ମାନଙ୍କ ସ୍ମୃତିରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ମଦ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ମଦ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ମଦମୁକ୍ତି ଅଭିଯାନ କମିଟି କର୍ମକର୍ତ୍ତା।

କଟକ ଅଫିସ, ୩୦।୧

ଗାନ୍ଧୀଙ୍କ ପୁଣ୍ୟ ତିଥିରେ ମଦମୁକ୍ତି ଅଭିଯାନର ନିଆରା ପ୍ରୟାସ

ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥି ପାଳନ ଅବସରରେ ଓଡିଶା ମଦମୁକ୍ତି ଅଭିଯାନ କମିଟି ତରଫରୁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ରାଜ୍ୟରେ ମଦ କାରବାରର ପ୍ରସାର, ପ୍ରଚାର ଓ ସମ୍ପ୍ରସାରଣ ବନ୍ଦ କରିବା ପାଇଁ କମିଟି ପକ୍ଷରୁ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ସମାବେଶ କରାଯାଇଥିଲା। ଏହି ଅବସରରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ଥିବା ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଜିଲାପାଳଙ୍କ ଜରିଆରେ ପଠାଯାଇଛି। ଗାନ୍ଧିବାଦୀ ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। କଟକ ନାଗରିକ ମଞ୍ଚର ଚିତ୍ତରଞ୍ଜନ ମହାନ୍ତି, ଇନାମୁଲ ହକ୍, ଆଡ୍‌ଭୋକେଟ ସୁକାନ୍ତ ନାୟକ, ବସ୍ତିବାସିନ୍ଦା ମହାସଂଘର ଖଗେଶ୍ୱର ସେଠୀ, ଆମ୍ବେଦକର ମହିଳା ସମିତିର ନୟନା ନାୟକ, ସାମାଜିକ କର୍ମୀ ଡଲି ଦାଶ, ପ୍ରୋଜେକ୍ଟ ସ୍ୱରାଜ୍ୟର ରୁକ୍‌ସାନା ଖାନ ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ ନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ମଦ କାରବାର ସମାଜରେ ସୁପ୍ତ ମହାମାରୀ ରୂପେ କାୟା ବିସ୍ତାର କରୁଛି। ଯୁବ ସମାଜ ପଥଭ୍ରଷ୍ଟ ଓ ନୀତିଭ୍ରଷ୍ଟ ହେଉଥିବାବେଳେ ବହୁ ପରିବାର ଛାରଖାର ହୋଇଯାଇଛି। ଅକାଳରେ ଅନେକ ଜୀବନ ଚାଲିଯାଉଥିବାବେଳେ ମହିଳାଙ୍କ ଉପରେ ହିଂସା ବଢ଼ିଛି। ତେଣୁ ମଦକୁ ଓଡିଶାରେ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଓଡିଶା ମଦମୁକ୍ତି ଅଭିଯାନ କମିଟି ତରଫରୁ ବିଗତ କିଛିବର୍ଷ ହେବ ପ୍ରଚେଷ୍ଟା ଜାରି ରହିଛି। ବିଭିନ୍ନ ସମୟରେ ଏହି କମିଟି ସରକାରଙ୍କ ପାଖରେ ତାର ଦାବି ଉପସ୍ଥାପନ କରିଆସିଛି।

ଯନ୍ତ୍ରୀଙ୍କ ବଦଳି ନେଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି

କଟକ ଅଫିସ, ୩୦।୧

କଟକ ସଦର ଅଞ୍ଚଳରେ କାର୍ଯ୍ୟ କରୁଥିବା ଜଣେ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଭାଜପା ନେତା ଦିଲୀପ ମଲିକ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଯନ୍ତ୍ରୀ ଜଣକ ଏଠାରେ ୧୦ ବର୍ଷ ଧରି ରହିଛନ୍ତି। ୨୦୦୯ ଓ ୨୦୧୦ ମସିହାରେ ନିର୍ବାଚନ ପରିଚାଳନାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ରହିଥିବାବେଳେ ୨୦୧୨ ମସିହାରୁ ସେ ଏହି ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି। ତାଙ୍କର ତତ୍ତ୍ୱାବଧାନରେ ୨୦୧୮-୧୯ ଆର୍ଥିକବର୍ଷରେ କଟକ ମହାନଗର ନିଗମ ଓ କଟକ ସଦର ବ୍ଲକ ଅଞ୍ଚଳର ୨୩ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଉନ୍ନୟନ କାମକୁ ଯନ୍ତ୍ରୀ ଜଣକ ନିୟନ୍ତ୍ରଣ କରୁଛନ୍ତି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ସେ ଶାସକ ଦଳର ହାତବାରିସୀ ସାଜିବେ। ତେଣୁ ନିର୍ବାଚନୀ ବିଜ୍ଞପ୍ତି ପୂର୍ବରୁ ଉକ୍ତ ଯନ୍ତ୍ରୀଙ୍କୁ ତୁରନ୍ତ ବଦଳି କରିବା ପାଇଁ ମଲିକ ଦାବି କରିଛନ୍ତି।

ପୂର୍ବତନ ଏମ୍‌ପି ବ୍ରହ୍ମାନନ୍ଦ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ, ୩୦।୧

ନୀଳଚକ୍ର ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ଆଇନଜୀବୀ ତଥା ପୂର୍ବତନ ଏମ୍‌ପି ବ୍ରହ୍ମାନନ୍ଦ ପଣ୍ଡାଙ୍କ ତିରୋଧାନ ଦିବସ ବୁଧବାର ଅନୁଷ୍ଠିତ ହୋଇଛି। ଡା. ନିଳାଦ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠାନର କର୍ମକର୍ତ୍ତା ଗଡଗଡିଆସ୍ଥିତ ମହାନଦୀ ଘାଟରେ ତିଳତର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କ୍ରିମନାଲ ବାର ଆସୋସିଏଶନ ପରିସରରେ ଏକ ସ୍ୱେଚ୍ଛାକୃତ ମଧୁମେହ ରୋଗ ପରୀକ୍ଷା ଶିବିରକୁ ହାଇକୋର୍ଟ ବିଚାରପତି ଜେ.ପି. ଦାଶ, କଟକ ଜିଲା ଜଜ୍ ବାଳକୃଷ୍ଣ ମହାପାତ୍ର ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଅକ୍ଷୟ ପତି, ପ୍ରଦୀପ ପରିଡ଼ା, ବିଷ୍ଣୁପ୍ରିୟା ବେହେରା ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାଣିଗ୍ରାହୀ ପରିଚାଳନା କରିଥିଲେ।

୬ ଚେକ୍‌ଡ୍ୟାମର ଶିଳାନ୍ୟାସ

ଚେକ୍‌ଡ୍ୟାମ ଶିଳାନ୍ୟାସ ଅବସରରେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଅନ୍ୟମାନେ।

ଚୌଦ୍ୱାର,୩୦।୧(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରହାଟସ୍ଥିତ କୁଜିବରଠାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୬ଟି ଚେକ୍‌ଡ୍ୟାମର ଶିଳାନ୍ୟାସ ବୁଧବାର ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଚେକ୍‌ଡ୍ୟାମ ନିର୍ମାଣ ହେଲେ ଶତାଧିକ ହେକ୍ଟର ଚାଷଜମିକୁ ଜଳଯୋଗାଣ ହୋଇପାରିବ ବୋଲି ବିଧାୟକ ବିଶ୍ୱାଳ କହିଥିଲେ। ଏହି ଉତ୍ସବରେ ବ୍ଲକ ଅଧକ୍ଷା ଜୟଶ୍ରୀ ପ୍ରଧାନ, ଜିଲାପରିଷଦ ସଭ୍ୟ ଶ୍ରୀଧର ରାଉଳ, କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ ରାଜେଶ କୁମାର ମଣ୍ଡଳ, ଦୁର୍ଗାପ୍ରସନ୍ନ ରାଉତ, ତମସା ସ୍ୱାଇଁ, ଆଗ୍ରାହାଟ ସରପଞ୍ଚ ନରହରି ଦେହୁରୀ, ସମିତିସଭ୍ୟ ସନ୍ତୋଷ ଦେହୁରୀ, ଜୟନ୍ତ ବରାଳ, ଉମେଶ ଚନ୍ଦ୍ର ସାହାଣୀ, ନାଗମଣି ମହାନ୍ତି, ଚକ୍ରଧର ପ୍ରଧାନ, କରୁଣାକର ବେହେରା, ମଧୁସୂଦନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

ଭୋଟର ତାଲିକା ସଂଶୋଧନ ନେଇ ବୈଠକ

କଟକ ସଦର,୩୦।୧(ଡି.ଏନ୍.ଏ)

କଟକ ସଦର ବ୍ଲକର ୧୩୨ଟି ବୁଥ ଭୋଟର ତାଲିକାରେ ତ୍ରୁଟି ହୋଇଛି। ଏହି ତ୍ରୁଟିକୁ ସଂଶୋଧନ ପାଇଁ ବୁଧବାର କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ ଲିପିକା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ଟି ପଞ୍ଚାୟତର ସମସ୍ତ ବୁଥସ୍ତରୀୟ ଅଧିକାରୀ ତଥା ଅଙ୍ଗନୱାଡ଼ି କର୍ମୀମାନେ ଯୋଗଦେଇଥିଲେ। ଭୋଟର ତାଲିକାରେ ନାମଯୋଗ କରିବା ଓ କାଟିବା ପାଇଁ ଦିଆଯାଇଥିବା ଫର୍ମକୁ ଠିକ୍ ଭାବେ ଅନୁଧ୍ୟାନ ନ କରି ଡାଟା ଏଣ୍ଟ୍ରି କରାଯାଇଥିବାରୁ ଏପରି ସମସ୍ୟା ଦେଖାଯାଇଥିବା ଜଣାପଡ଼ିଛି। ଫଳରେ ବହୁ ସଂଖ୍ୟକ ଯୋଗ୍ୟ ଭୋଟର ଆସନ୍ତା ନିର୍ବାଚନରେ ମତଦାନ କରିବାରୁ ବଞ୍ଚିତ ହେବେ। ୨ଦିନ ମଧ୍ୟରେ ତ୍ରୁଟି ସୁଧାରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଦରକାର ବୋଲି କଟକ ସଦର ତହସିଲଦାର ସଞ୍ଜୟ କୁମାର ପ୍ରତିହାରୀ ଓ ଜିପିଇଓ ଯାଜ୍ଞସେନୀ ଗୋଚ୍ଛାୟତ ପ୍ରସ୍ତାବ ଦେଇଥିଲେ। ନୂତନ ଭୋଟର ତାଲିକା ବୁଥ୍‌ମାନଙ୍କରେ ପ୍ରଦର୍ଶିତ ହେବା ପରେ ନାମ କଟିଥିବା ଲୋକମାନେ ପାଟିତୁଣ୍ଡ କରୁଥିବା ଅଙ୍ଗନୱାଡ଼ି କର୍ମୀ କହିଥିଲେ। ଏ ସମ୍ପର୍କରେ ଜିଲାପାଳ ଓ ଉପଜିଲାପାଳଙ୍କୁ ଜଣାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ୨୦୦୪ରେ ମଧ୍ୟ ଭୋଟର ତାଲିକାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସେହି ବର୍ଷ ନିର୍ବାଚନ ବେଳେ ତରବରିଆ ଭାବେ ଭୋଟରଙ୍କ ନାମ କାଟି ଦିଆଯାଇଥିଲା। ଫଳରେ ଅନେକ ଭୋଟର ଭୋଟ ଦେବାରୁ ବଞ୍ଚିତ ହୋଇଥିଲେ।

କୁଷ୍ଠ ରୋଗମୁକ୍ତ ଲୋକଙ୍କୁ ଥଇଥାନ କରାଯାଉ

କଟକ ଅଫିସ, ୩୦।୧

ବୁଧବାର କଟକ ଅର୍ବାନ ଲେପ୍ରୋସି ସେଣ୍ଟରଠାରେ କୁଷ୍ଠ ରୋଗ ନିରାକରଣ ଦିବସ ପାଳିତ ହୋଇଯାଇଛି। ଭାରତୀୟ କୁଷ୍ଠ ରୋଗୀ ମହାସଂଘ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଗବେଷଣା ପ୍ରତିଷ୍ଠାନ ସହାୟତାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କୁଷ୍ଠ ରୋଗରୁ ମୁକ୍ତିପାଇଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଏକ ଅକ୍ଷମତା ଚିହ୍ନଟକରଣ ଶିବିର ଅନୁଷ୍ଠିତ ହୋଇଥିଲା। ଗାନ୍ଧୀକଲୋନୀ, ନେହେରୁ କଲୋନୀ, କୁଷ୍ଠାଶ୍ରମ, ଚୌଦ୍ୱାର କଲୋନୀ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମୋଟ ୪୫୩ଜଣଙ୍କ ମଧ୍ୟରୁ ୨୬୧ଜଣ ଚିହ୍ନଟ ହୋଇଥିଲା। ଏହି ଅବସରରେ କୁଷ୍ଠ ରୋଗ ଓ ରୋଗୀଙ୍କୁ ନେଇ ସରକାରୀ ଉଦାସୀନତା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର କୁଷ୍ଠ ରୋଗମୁକ୍ତ ଲୋକଙ୍କୁ ଥଇଥାନ କରିବାକୁ ମତପ୍ରକାଶ ପାଇଥିଲା।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟକୁ ଆଧାର କରି ଅତିଥିମାନେ କହିଲେ, ୧୯୮୨-୮୩ରୁ ୨୦୦୦ ମସିହା ପର୍ଯ୍ୟନ୍ତ ବିଶ୍ୱରେ ୧୦ ନିୟୁତ କୁଷ୍ଠ ରୋଗୀଙ୍କ ମଧ୍ୟରୁ ଭାରତରେ ୭.୪ ନିୟୁତ ଏବଂ ଓଡ଼ିଶାରେ ୬ ଲକ୍ଷ କୁଷ୍ଠ ଆକ୍ରାନ୍ତ ବହୁବିଧ ଚିକିତ୍ସା ନେଇ ରୋଗମୁକ୍ତ ହୋଇପାରିଛନ୍ତି। ସେମାନଙ୍କ ଖାଦ୍ୟ, ବାସଗୃହ, ଶିକ୍ଷା, ନିଯୁକ୍ତି ଏବଂ ଚିକିତ୍ସା କ୍ଷେତ୍ରରେ ମୌଳିକ ଆବଶ୍ୟକତା ପୂରଣ ହୋଇପାରୁ ନ ଥିବାରୁ ଦୟନୀୟ ଜୀବନ ବିତାଉଛନ୍ତି। ରାଜ୍ୟରେ କୁଷ୍ଠରୋଗୀ ସଂଖ୍ୟା ବଢ଼ି ଚାଲିଥିବାବେଳେ ଜଣେ ହେଲେ କୁଷ୍ଠ ରୋଗୀଙ୍କୁ ଘରଡିହ, ବିଜୁ ପକ୍କାଘର ଯୋଜନାରେ ଘର ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବୀମା କାର୍ଡ ମିଳିନାହିଁ। ସେହିପରି କୁଷ୍ଠ ରୋଗୀଙ୍କ କଲ୍ୟାଣ ପାଇଁ ଗଠିତ ହୀନ୍ଦ୍ କୁଷ୍ଠ ନିବାରଣ ସଂଘର କାର୍ଯ୍ୟକାରୀ ଓ ସାଧାରଣ ପରିଷଦ ବୈଠକ ୨୦୧୧ରୁ ବସି ନ ଥିବା ଅଭିଯୋଗ ଉଠିଥିଲା। ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କର୍ପୋରେଟର ତାପସ ସାମନ୍ତରାୟ, ପ୍ରଦୀପ ପ୍ରଧାନ, ଦୁର୍ଯ୍ୟୋଧନ ସାହୁଙ୍କ ସମେତ ସିଡିଏମ୍‌ଓ ବିଭୁତି ଭୂଷଣ ନାୟକ ଉପସ୍ଥିତ ଥିଲେ।

■ ବିଭିନ୍ନ ସ୍ଥାନରେ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ

'ମହାତ୍ମା ଗାନ୍ଧୀଙ୍କ ବଳିଦାନକୁ ବୃଥା ହେବାକୁ ଦିଆଯିବନି'

କଟକ ଅଫିସ, ୩୦।୧

ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ନୀରବ ସଂଗ୍ରାମୀ ଥିଲେ ମହାତ୍ମାଗାନ୍ଧୀ। ସେ ଥିଲେ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ରାଜନୈତିକ ନେତା। ସେ ଅଖଣ୍ଡ ଭାରତ ପାଇଁ ବର୍ଷ ବର୍ଷ ଧରି ଉଦ୍ୟମ ଜାରି ରଖିଥିଲେ। ଭାରତର ଏକତା, ଶାନ୍ତି, ସମୃଦ୍ଧି ପାଇଁ ମହାତ୍ମା ଗାନ୍ଧୀଙ୍କ ବଳିଦାନକୁ କେବେ ବି ବୃଥା ଓ ବ୍ୟର୍ଥ ହେବାକୁ ଦିଆଯିବ ନାହିଁ। ଗାନ୍ଧିଜୀ ଆଜିବି ଭାରତ ତଥା ବିଶ୍ୱ ପାଇଁ ଆଦର୍ଶ ବୋଲି ବୁଧବାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ତାଙ୍କ ୭୨ତମ ତିରୋଧାନ ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ।

ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ଗୋବିନ୍ଦ ଦାସ ଅଧକ୍ଷତା କରିଥିଲେ। କଟକ ଜିଲା ଉତ୍କଳ ସମ୍ମିଳନୀ ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନରାଜ ଶବର ସାହିଠାରେ ଅନୁଷ୍ଠିତ

ସ୍ୱରାଜ ଆଶ୍ରମରେ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ।

କାର୍ଯ୍ୟକ୍ରମରେ ଗୌରମଣି ଦେହୁରୀ ସଭାପତିତ୍ୱ କରିଥିଲେ। ନିଶା ନିବାରଣ ଅଭିଯାନର ସମ୍ପାଦକ ରମାକାନ୍ତ ମଣ୍ଡଳ, ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, ବିମଳା ବେହେରା, ଅଶାନ୍ତି ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଐତିହାସିକ ସ୍ୱରାଜ ଆଶ୍ରମଠାରେ ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ, କଟକ ମହାନଗର ନିଗମ ଓ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଯୋଗଦେଇ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, କେଦାରନାଥ ବେହେରା, ଅକ୍ଷୟ କୁମାର ବେହେରା, ଉପେନ୍ଦ୍ର ବେହେରା, ସବିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସିପିଏମ୍ କଟକ ଜିଲା ଅଫିସରୁ ଏକ ଶୋଭାଯତ୍ରା ବାହାରି ମେଡିକାଲ କେନାଲ ରୋଡ ଗାନ୍ଧୀଛକଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ଅନୁଷ୍ଠିତ ସଭାରେ ପ୍ରତାପ ମହାପାତ୍ର, ରବିନାରାୟଣ ମଲ୍ଲିକ, ଅଭୟ ସ୍ୱାଇଁ, ଇଂ ମନମୋହନ ପତି, ମୋହିନୀ ମୋହନ ସାମଲ, ଗୋକୁଳାନନ୍ଦ ବେହେରା, ଗୋପାଳ ରାଉତ, ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କଟକ ମେହେନ୍ତର ସଂଘ ସଭାଗୃହରେ ଅନୁଷ୍ଠିତ ସଭାରେ ଓଡ଼ିଶା ସମ୍ପୂର୍ଣ୍ଣ କ୍ରାନ୍ତି ଅଭିଯାନର ସଭାପତି ଆଇନଜୀବୀ ଶିଶିର ଦାସ ପୌରୋହିତ୍ୟ କରିଥିଲେ। କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂ, ସାମ୍ୟବାଦୀ ନେତା ବୀଣାପାଣି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ତରଞ୍ଜନ ମହାନ୍ତି, ପ୍ରଶାନ୍ତ ଦାସ, ଡ. ବନଲତା ଦେବୀ, ଡ. ସତ୍ୟ ରାୟ, ପ୍ରତାପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କେଦାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

ପଦ୍ମପତ୍ରରେ ଥିବା ପାଣି ଯେଭଳି ଢଳଢଳ ହୁଏ, ଜୀବନ ସେହିପରି ଚଞ୍ଚଳ।
- ଆଦି ଶଙ୍କରାଚାର୍ଯ୍ୟ

ସଂକ୍ଷେପରେ

ଅପହୃତା କଲେଜ ଛାତ୍ରୀ ଉଦ୍ଧାର

ବୋଲଗଡ଼,୩୦।୧(ଡି.ଏନ.ଏ.): ବୋଲଗଡ ଥାନା ଅଞ୍ଚଳରୁ ମଙ୍ଗଳବାର ଅପହୃତା ଜଣେ ଛାତ୍ରୀଙ୍କୁ ପିପିଲିରୁ ପୋଲିସ ଉଦ୍ଧାର କରିଛି। ପରୀକ୍ଷା ଦେଇ ସ୍କୁଟିରେ କଲେଜରୁ ଘରକୁ ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ମଙ୍ଗଳବାର ଅପରାହ୍ନରେ କାର୍ ଯୋଗେ ତାଙ୍କୁ ଅପହରଣ କରିନେଇଥିଲେ। ଛାତ୍ରୀଙ୍କ ପିତା ବୋଲଗଡ଼ ଥାନାରେ ଏ ନେଇ ଅଭିଯୋଗ କଲାପରେ ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଅନୁସନ୍ଧାନ କରି ପୁରୀ ଜିଲାର ଜନୈକ ବ୍ୟକ୍ତିଙ୍କ ଘରୁ ଛାତ୍ରୀଙ୍କୁ ଉଦ୍ଧାର କରିଛି। ଛାତ୍ରୀଙ୍କ ଡାକ୍ତରୀମାଇନା କରାଯିବା ସହ କୋର୍ଟରେ ବୟାନ ରେକର୍ଡ ପରେ ତାଙ୍କ ପିତାଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

ପଞ୍ଚାୟତରେ ମିଶନ ଶକ୍ତି ପକ୍ଷରୁ ପ୍ରତିଯୋଗିତା

ଯାଁଳା,୩୦।୧(ଡି.ଏନ.ଏ.): ସରକାର ବିଭିନ୍ନ ଯୋଜନାରେ ନାରୀମାନଙ୍କୁ ସଶକ୍ତ କରିବାକୁ ମିଶନ ଶକ୍ତି ଦ୍ୱାରା ଉତ୍ସାହିତ କରୁଛନ୍ତି। ଏହି ଅବସରରେ ଜଟଣୀ ବ୍ଲକର ୨ ପଞ୍ଚାୟତରେ ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ମିଶନ ଶକ୍ତି ପକ୍ଷରୁ ମଦନପୁର ଓ ଯାଁଳା ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ନେଇ ବିଭିନ୍ନ ପ୍ରତିଯୋଗିତା ବୁଧବାର କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଦଖଲ କରିଥିବା ମହିଳାମାନେ ପୁରସ୍କୃତ ହୋଇଥିଲେ। ଯାଁଳା ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା ଓ ମଦନପୁର ସରପଞ୍ଚ ରଶ୍ମିତା ନାୟକ ଏହାକୁ ପରିଚାଳନା କରିଥିଲେ। ଜଟଣୀ ବ୍ଲକର ସିଡିପିଓ ସତ୍ୟଭାମା ଦେଈ ଓ ସୁପରଭାଇଜର ମନୋରମା ମିଶ୍ର ଏବଂ ଦୁଇ ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ୮୦ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିଲେ।

କୁହୁଡି ଜନତା ହାଇସ୍କୁଲର ବାର୍ଷିକ ଉତ୍ସବ

ଟାଙ୍ଗୀ(ଖୋର୍ଦ୍ଧା)୩୦।୧(ଡି.ଏନ.ଏ.): କହୁଡି ଜନତା ହାଇସ୍କୁଲର ୬୩ ତମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଭାରତୀ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁହୁଡି ସରପଞ୍ଚ ବିପିନ ଉଦୟସିଂହ, ରତନପୁର ସରପଞ୍ଚ ସୁବାସିନୀ ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ବିଦ୍ୟାଧର ବେହେରା, ସିଆରସିସି ଲଳିତ ନାରାୟଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୭୨ ଜଣ ପ୍ରତିଯୋଗୀଙ୍କୁ ପୁରସ୍କାର ସ୍ୱରୂପ ପାଠ୍ୟ ଉପକରଣ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ରଘୁନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଜାତିଆଣ ଆକ୍ଷେପ କରି ମାଡମରା ଯିବା ଘଟଣା

ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ଖୋର୍ଦ୍ଧା ଅଫିସ,୩୦।୧: ଜାତିଆଣ ଆକ୍ଷେପ କରି ମାଡମାରିବା ମାମଲାରେ ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ ଚୁପ୍ ରହିଥିବାରୁ ଅଭିଯୋଗକାରୀ ବୁଧବାର ଖୋର୍ଦ୍ଧା ଏସ୍‌ପିଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ତେବେ ଏସ୍‌ପିଙ୍କ ଅନୁପସ୍ଥିତି କାରଣରୁ ଅତିରିକ୍ତ ଏସ୍‌ପିଙ୍କୁ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଗତ ୧୨ ତାରିଖ ସନ୍ଧ୍ୟାର ଘଟଣା। ନରଣଗଡର ସୁନୀଲ ନାୟକ ଅଟୋ ଯୋଗେ ଗାଁକୁ ଫେରୁଥିଲେ। ତାପଙ୍ଗ ରେଳବାଇ କ୍ରସିଂଠାରେ ବାମପାର୍ଶ୍ୱ ଲେବୁଲ କ୍ରସିଂ ବନ୍ଦ ଯୋଗୁ ଅଟୋ ଷ୍ଟାର୍ଟ ବନ୍ଦ କରି ଅଟକି ରହିଥିଲେ। ତେବେ ପଛ ପାଖ ଗାଡିରୁ ନରଣଗଡ ଗାଁର ରତ୍ନାକର ଶିକାରୀ ଓହ୍ଲାଇ ଅଶ୍ଳୀଳ ଭାଷାରେ ଜାତିଆଣ ଆକ୍ଷେପ ସହ ମାରପିଟ କରିଥିଲେ। ଏ ନେଇ ସେ ସମୟରେ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୪/୧୯ରେ ମାମଲା ରୁଜୁ କରିଥିଲା।

ବାବା ବାଲୁଙ୍କେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ସେମିରେ

ବେଗୁନିଆ,୩୦।୧(ଡି.ଏନ.ଏ.): ବେଗୁନିଆ କଲେଜ ପଡିଆରେ ଚାଲୁଥିବା ବାବା ବାଲୁଙ୍କେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ୪ର୍ଥ ଦିବସ ମ୍ୟାଚରେ ଖୋର୍ଦ୍ଧାର ଶବର ସ୍ପୋର୍ଟିଂ କ୍ଲବ ସେମିକୁ ଉନ୍ନୀତ ହୋଇଛି। ଶବର ସ୍ପୋର୍ଟିଂ କ୍ଲବ ଅରଗୁଳର ଗୋଲ୍ଡେନ କ୍ଲବକୁ ୧-୦ ଗୋଲରେ ହରାଇଥିଲା। ଅତିଥି ଭାବେ ଦେବରାଜ ସେନାପତି ଯୋଗଦେଇ ମ୍ୟାଚକୁ ଶୁଭାରମ୍ଭ କରିଥିଲେ। ମ୍ୟାଚ ପ୍ରଥମାର୍ଦ୍ଧ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧ ଖେଳ ସମାପ୍ତର ୩ ମିନିଟ୍ ପୂର୍ବରୁ ବିଜୟ ଦଳର ଖେଳାଳି ଚେତନ ନାୟକ ବିଜୟ ସୂଚକ ଗୋଲ ସ୍କୋର କରିଥିଲେ।

■ କମିଶନରେଟ ପୋଲିସର ବାର୍ଷିକ ଅପରାଧ ପରିସଂଖ୍ୟାନ ରିପୋର୍ଟ

ଟୁଇନ୍ ସିଟିରେ ବଢ଼ିଛି ଅପରାଧ

ବଳାତ୍କାର ୨୮%, ହତ୍ୟା ୭.୪% ବୃଦ୍ଧି ପାଇଛି

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

ଟୁଇନ୍ ସିଟି ଭୁବନେଶ୍ୱର-କଟକରେ ଅପରାଧ ବଢ଼ି ଚାଲିଛି। ଦିନ କି ରାତି, ସହରବାସୀ ସର୍ବଦା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପୋଲିସ ପକ୍ଷରୁ ଯେତେ ବ୍ୟବସ୍ଥା କରାଗଲେ ମଧ୍ୟ ଅପରାଧୀଙ୍କ ଉପରେ ତାହାର କୌଣସି ପ୍ରଭାବ ପଡୁନାହିଁ। ବରଂ ଦିନକୁ ଦିନ ବଳାତ୍କାର, ହତ୍ୟା, ଲୁଟ୍ ଭଳି ସଙ୍ଗିନ ଅପରାଧ ବୃଦ୍ଧି ପାଉଛି, ଯାହାର ଉଦାହରଣ ହେଉଛି କମିଶନରେଟ ପୋଲିସର ବାର୍ଷିକ ଅପରାଧ ପରିସଂଖ୍ୟାନ ରିପୋର୍ଟ। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଉଭୟ ସହରରେ ଅପରାଧ ବୃଦ୍ଧି ପାଇଥିବା ଏଥିରେ ଦର୍ଶାଯାଇଛି। ବୁଧବାର କମିଶନରେଟ ମୁଖ୍ୟାଳୟରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଉକ୍ତ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି। ଦ୍ୱୈତନଗରୀରେ ହତ୍ୟା, ବ୍ରାଉନସୁଗାର ବ୍ୟବସାୟ, ଦେହ ବ୍ୟବସାୟ, ଡକାୟତି, ଲୁଟ୍ ଆଦି ଆପରାଧିକ କାର୍ଯ୍ୟକଳାପ ବଢ଼ିଛି। ୨୦୧୫, ୨୦୧୬, ୨୦୧୭ ତୁଳନାରେ ୨୦୧୮ରେ ମୋଟ ଉପରେ ୫% ପ୍ରତିଶତ ଅପରାଧ ବୃଦ୍ଧିପାଇଛି ବୋଲି କମିଶନର ରିପୋର୍ଟ ଆଧାରରେ ସୂଚନା ଦେଇଛନ୍ତି।

ଭୁବନେଶ୍ୱର ଏବଂ କଟକରେ ଅପରାଧ ସଂଖ୍ୟା ଅପେକ୍ଷାକୃତ ବୃଦ୍ଧିପାଇଛି। ବେକାରି ଓ ସହରୀକରଣ ଅପରାଧ ବୃଦ୍ଧିର ମୂଳ କାରଣ। ଅପରାଧ ତାଲିକା ଅନୁସାରେ, ଉଭୟ ସହରରେ ବଳାତ୍କାର ୨୮%, ହତ୍ୟା ୭.୪%, ରାହାଜାନି ୧୫.୭%, ମୋଟର ଯାନ ଦୁର୍ଘଟଣା ୧୩.୫%, ଡକାୟତି ୫.୭%, ଚୋରି ୦.୬%, ଆଇନ ଶୃଙ୍ଖଳା ପରିସ୍ଥିତି ୫% ବୃଦ୍ଧି ପାଇଛି। ସଙ୍ଗଠିତ ଓ ଯୋଜନାବଦ୍ଧ ଅପରାଧ ୨୦୧୮ରେ କମିଛି। ଅନ୍ୟ ବଡ଼ ସହର ଅପେକ୍ଷା ଟୁଇନ୍ ସିଟି ସୁରକ୍ଷିତ ଅଛି ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ରେ ମୋଟ ୧୦୬୮ ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ୧୦୬୭ ଜଣ ଗିରଫ ହୋଇଛନ୍ତି। ଏନ୍‌ଡିପିଏସ୍ ଆକ୍ଟରେ ୫୦ଟି ମାମଲା ରୁଜୁ ହୋଇଛି ଏବଂ ୮୩ ଜଣ ଗିରଫ ହୋଇଛନ୍ତି। ୨୦୧୮ରେ ଉଭୟ ସହରରେ ୫୧ଟି ବନ୍ଧୁକ ଓ ୧୫୬ଟି ଗୁଳି ଜବତ ହେବା ସହ ୧୩୮ ଜଣ ଗିରଫ ହୋଇଛନ୍ତି। ଏନ୍‌ବିଡବ୍ଲ୍ୟୁ ବଳରେ ୪୩୯୫ ଜଣ ଗିରଫ ହୋଇଛନ୍ତି। ସେହିଭଳି ବିଭିନ୍ନ ଜରିମାନା ବାବଦରେ ସାଢ଼େ ୭ କୋଟି ଟଙ୍କା ଆଦାୟ ହୋଇଛି। ଚୋରି ଏବଂ ଡକାୟତି ପୋଲିସ ପାଇଁ ଚ୍ୟାଲେଞ୍ଜ ବୋଲି କମିଶନର ସ୍ୱୀକାର କରିଛନ୍ତି। ଅପରାଧୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଏବେ ପୋଲିସ ପୁରୁଣା ଫାଇଲ ଖୋଲିବ ବୋଲି ସେ କହିଛନ୍ତି। ୧୨ ବର୍ଷରେ ହୋଇଥିବା ଅପରାଧର ଫାଇଲ ଖୋଲାଯିବ। ଅଭ୍ୟାସଗତ ଅପରାଧୀ, ଚୋରି, ଡକାୟତି ଉପରେ ନଜର ରଖାଯିବା ସହିତ ଅପରାଧୀଙ୍କୁ ଶାସ୍ତି ଦେବା ପାଇଁ ପୋଲିସ ଉଦ୍ୟମ କରିବ ବୋଲି କମିଶନର କହିଛନ୍ତି। ସେହିପରି ଆଗାମୀ ନିର୍ବାଚନ କିଭଳି ଭାବେ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ ଅଧିକାରୀଙ୍କୁ ନେଇ କମିଶନରେଟ ମୁଖ୍ୟାଳୟରେ ଆଲୋଚନାଚକ୍ର ହୋଇଥିଲା। କମିଶନରେଟ ପୋଲିସ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି।

କ୍ରୀଡ଼ା, ପୁରସ୍କାର ବିତରଣ ଉତ୍ସବ

ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୩୦।୧

ଖୋର୍ଦ୍ଧା ବ୍ଲକର ମଳିପଡାସ୍ଥିତ ବାଙ୍ଗୁର ଶିକ୍ଷାସଦନରେ ୩୪ ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରହରି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରତୀୟ ତୈଳ ନିଗମର ଦକ୍ଷିଣ ପୂର୍ବାଞ୍ଚଳ ଆଞ୍ଚଳିକ କାର୍ଯ୍ୟକାରୀ ଅଧକ୍ଷ ପିସି ଚୌବେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ତହସିଲଦାର ଦେବ ଜୟସିଂହ, ସ୍କୁଲ ପରିଚାଳନା ସମିତି ସଭାପତି ପ୍ରକାଶ ଚନ୍ଦ୍ର ମାନ୍ଧତା ଯୋଗ ଦେଇଥିଲେ। ସିନିୟର ବିଭାଗର ଅରୁଣ ଦେହୁରୀ ଓ ଜ୍ୟୋତିଶ୍ରୀ ଫତେସିଂ, ଜୁନିୟର ବିଭାଗରେ ଆଶିଷ ଜେନା ଓ ସୋନି ଭୋଇ ଚାମ୍ପିୟନ ଏବଂ ବେଷ୍ଟ ଷ୍ଟୁଡେଣ୍ଟ ସୋନାଲି ଚମ୍ପତି ପୁରସ୍କୃତ ହୋଇଥିଲେ।

■ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘ

କାରିଗରଙ୍କ ବିଭିନ୍ନ ସମସ୍ୟା ଦୂର ପାଇଁ ଦାବି

ମହାସଂଘ ପକ୍ଷରୁ ଅନୁଷ୍ଠିତ ବୈଠକ।

ଜଟଣୀ, ୩୦।୧(ଡି.ଏନ.ଏ.)

ଓଡ଼ିଶା ସ୍ୱର୍ଣ୍ଣରୌପ୍ୟ ଶିଳ୍ପୀ ମହାସଂଘ ପକ୍ଷରୁ ଜଟଣୀରେ ବୁଧବାର ଖବରଦାତା ସମ୍ମିଳନୀ ମାଧ୍ୟମରେ ସେମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ଦୂର କରିବା ଦିଗରେ ସରକାର ଦୃଷ୍ଟି ଦେଉ ନ ଥିବା ନେଇ ସୂଚନା ଦେଇଥିଲେ। ସୁନା ରୁପା କାରିଗରମାନଙ୍କୁ ଶିଳ୍ପୀର ମାନ୍ୟତା, ସ୍ୱର୍ଣ୍ଣକାର ପିଲାମାନଙ୍କୁ ଆଇଟିଆଇରେ ଶିକ୍ଷା ପ୍ରଦାନ ସୁବିଧା ଓ ଷ୍ଟାଇପେଣ୍ଡ ପ୍ରଦାନ, ଚାକିରିରେ ସଂରକ୍ଷଣ, ବନ୍ଦ କରି ଦିଆଯାଇଥିବା ଶିକ୍ଷାକ୍ଷେତ୍ରରେ ଷ୍ଟାଇପେଣ୍ଡ ପୁଣି ପ୍ରଚଳନ, ବୃତ୍ତି ହରାଇଥିବା ବୟସ୍କ ସ୍ୱର୍ଣ୍ଣକାରଙ୍କୁ ମାସିକ ୪ ହଜାର ଟଙ୍କା ଭତ୍ତା, ଘରଡିହ ପ୍ରଦାନ, ବ୍ୟାଙ୍କରେ ସ୍ୱର୍ଣ୍ଣ ପରୀକ୍ଷକଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଆଦି ରହିଥିବା ବିଭିନ୍ନ ସମସ୍ୟା ନେଇ ମହାସଂଘର ସଭାପତି ରମେଶ ଚନ୍ଦ୍ର ସାଥୁଆ, ଉପସଭାପତି ଶଙ୍କର ପ୍ରସାଦ ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ କହିଥିଲେ। ଏ ନେଇ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟା ଦୂର କରା ନ ଯିବା ପରିତାପର ବିଷୟ ବୋଲି କହିଥିଲେ। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଥିଲେ। ଏଥିରେ ମହାସଂଘର କର୍ମକର୍ତ୍ତା ଅକ୍ଷୟ କୁମାର ସାଥୁଆ, ସୁରେନ୍ଦ୍ର କୁମାର ସାହୁ, ଜଟଣୀ ଶାଖାର ସଭାପତି ବି. ମୋହନ ରାଓ, ଉପସଭାପତି ରାଜେନ୍ଦ୍ର ସୋନି, ସମ୍ପାଦକ ପ୍ରଦୀପ ମହାରଣା ଶ୍ରୀକାନ୍ତ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଆଙ୍କୁଲାଚଟି ହାଇସ୍କୁଲରେ ପୁରସ୍କାର ବିତରଣ ଉତ୍ସବ

ଟାଙ୍ଗୀ (ଖୋର୍ଦ୍ଧା),୩୦।୧(ଡି.ଏନ.ଏ.)

ଆଙ୍କୁଲାଚଟିସ୍ଥିତ ପଞ୍ଚୁପଲ୍ଲୀ ସୋମନାଥ ସରକାରୀ ନୋଡାଲ ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ପ୍ରଧାନଶିକ୍ଷକ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ ମୁଖ୍ୟଅତିଥି, ବାଲୁଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଜିତେନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଚିଲିକା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କସ୍ତୁରୀଚରଣ ପ୍ରଧାନ, ସିଆରସିସି ଶରତ କୁମାର ବାରିକ, ସାମାଜିକକର୍ମୀ ମୋହନ ସୁନ୍ଦର ଶତ୍ରୁଶଲ୍ୟ, ମାନଗୋବିନ୍ଦ ପାଇକରାୟ ଓ କାଶୀନାଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଓ ଗତ ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା ।

ଶ୍ରୀରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ରଜତ ଜୟନ୍ତୀ

ବୋଲଗଡ଼,୩୦।୧(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ଦେଉଳିସ୍ଥିତ ଶ୍ରୀ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ ମହାବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରତିଷ୍ଠାତା ଭାଗୀରଥି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରଫେସର ହରିହର ହୋତା ମୁଖ୍ୟଅତିଥି ଓ ପରୀକ୍ଷା ନିୟନ୍ତ୍ରକ ମଧୁସୂଦନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ଷଡ଼ଙ୍ଗୀ, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧକ୍ଷ ବଟକୃଷ୍ଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ଦୈତାରୀ ଦାଶ ସ୍ୱାଗତ ଅଭିଭାଷଣ ଓ ଅଧ୍ୟାପକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସ୍ମରଣିକା 'ବ୍ରଜବନ' ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।

ଜୟନ୍ତୀ ଉତ୍ସବରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ।

■ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଆଟେଣ୍ଡାଣ୍ଟଙ୍କୁ ମାଡ଼ମାରି ୨ ଗିରଫ

ଖୋର୍ଦ୍ଧା ଅଫିସ,୩୦।୧

ଚିକିତ୍ସାରେ ବିଳମ୍ବକୁ ନେଇ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଟେଣ୍ଡାଣ୍ଟଙ୍କୁ ମାଡମରା ଘଟଣାରେ ସ୍ଥାନୀୟ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୀମପୁରର ରାକେଶ କୁମାର ସାହୁ ଓ ଗୋପୀନାଥପୁରର ଅନନ୍ତ ସିଂ ସାମନ୍ତ। ସେମାନଙ୍କୁ ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ଯିବାକୁ ପଡିଛି। ଗୁରୁବାର ରାତିରେ ଭୀମପୁରର ଶଙ୍କର ପ୍ରଧାନ ଓ ରାକେଶ ଏବଂ ଅନନ୍ତ ଦୁଇଟି ଭିନ୍ନ ଭିନ୍ନ ବାଇକ୍ ଯୋଗେ ଯାଉଥିବା ବେଳେ ଦୁର୍ଘଟଣା ଘଟି ଆହତ ହୋଇଥିଲେ। ଚିକିତ୍ସା ପାଇଁ ତିନିଜଣ ମଧ୍ୟରାତ୍ରିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତେବେ ସେଠାରେ ଚିକିତ୍ସାରେ ବିଳମ୍ବ ହୋଇଥିବା ଅଭିଯୋଗ କରି କାର୍ଯ୍ୟରତ ଆଟେଣ୍ଡାଣ୍ଟ ବିଜୟ କୁମାର ମହାପାତ୍ରଙ୍କୁ ମାଡ ମରାଯାଇଥିଲା। ଏ ନେଇ ବିଜୟ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସିସି କ୍ୟାମେରାରୁ ଅନନ୍ତ ଓ ରାକେଶ ଏବଂ ଶଙ୍କର ମାଡ ମାରିଥିବା ଜଣାପଡିବା ପରେ ଅନନ୍ତ ଓ ରାକେଶଙ୍କୁ ଗିରଫ କରାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ଶଙ୍କର ବ୍ରହ୍ମପୁରରେ ଚିକିତ୍ସିତ ହେଉଛନ୍ତି। ସୁସ୍ଥତା ପରେ ଶଙ୍କର ଗିରଫ ହେବେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

ବିଜେଡିର କର୍ମୀ ସମ୍ମିଳନୀ

ସମ୍ମିଳନୀରେ ଉପସ୍ଥିତ ରାଜନେତା ଓ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୩୦।୧

ବାଣପୁରରେ ବୁଧବାର ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ନେତା ମାନସ ରଞ୍ଜନ ମଙ୍ଗରାଜକୁ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋପୀନାଥ ମହାରଣାଙ୍କ ସଭାପତିତ୍ୱରେ ଜୀବନଦେଈପୁର ମା' ମଙ୍ଗଳାଙ୍କ ମନ୍ଦିରରେ ଅନୁଷ୍ଠିତ ସଭାରେ ମାନସ ଯୋଗଦେଇ ବାଣପୁରବାସୀଙ୍କ ଉନ୍ନତିକୁ ଅଗ୍ରାଧିକାର ଦେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଛାତ୍ର ଜନତା ଦଳର ସଭାପତି ରାଣା ପ୍ରତାପ ପାତ୍ର, ଯୁବ ବିଜେଡି ସାଙ୍ଗଠନିକ ସମ୍ପାଦକ ଜଗତ୍ ବଲ୍ଲଭ ମହାରଥା, ଯୁବ ବିଜେଡିର ସାଧାରଣ ସମ୍ପାଦକ ସମୀର ପ୍ରଧାନ, ଉପଦେଷ୍ଟା ଅମରେଶ ଜେନା, କେନ୍ଦ୍ରାପଡା ଜିଲା ସଭାପତି ଧ୍ରୁବ ଚରଣ ସାହୁ, ବାଣପୁର ବ୍ଲକ ଉପାଧକ୍ଷ ଅଜୟ ରାଉଳ, ପୂର୍ବତନ ବ୍ଲକ ଅଧକ୍ଷ ମାନସ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ଅସାଧାରଣ ବୀରତ୍ୱର ଗାଥା ରଖିଗଲେ ହେମନ୍ତ

ବେଗୁନିଆ,୩୦।୧(ଡି.ଏନ.ଏ.)

ବେଗୁନିଆ ବ୍ଲକ ଅଠରାଙ୍ଗ ଗ୍ରାମର ଶହୀଦ ହେମନ୍ତ କୁମାର ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ପାଇଁ ବୁଧବାର ବେଗୁନିଆ ପଞ୍ଚାୟତ ସମିତି ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତି ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଖିଳେଶ ମହାପାତ୍ର, ବାସନ୍ତି ସାହୁ, ସୁଜାତା ସାହୁ, ସିଆରସିସି ରବୀନ୍ଦ୍ର ସାହୁଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ତେବେ ସାଧାରଣତନ୍ତ୍ର ଦିବସରେ ଦେଶ ପାଇଁ ଲଢି ଆତଙ୍କବାଦୀଙ୍କ ଗୁଳିରେ ଶହୀଦ ହୋଇଥିବା ହେମନ୍ତ ଅସାଧାରଣ ବୀରତ୍ୱର ଗାଥା ବେଗୁନିଆ ଅଞ୍ଚଳବାସୀଙ୍କ ପାଇଁ ରଖି ଗଲେ।

କର୍ମକର୍ତ୍ତା ନିର୍ବାଚନ

ଖୋର୍ଦ୍ଧା ଅଫିସ,୩୦।୧

ଖୋର୍ଦ୍ଧା ମ୍ୟୁନିସିପାଲିଟି ଏମ୍ପ୍ଲଇଜ୍ ଆସୋସିଏଶନର ସାଧାରଣ ବୈଠକ ଅନୁଷ୍ଠିତ ହୋଇ କର୍ମକର୍ତ୍ତା ନିର୍ବାଚନ ହୋଇଛନ୍ତି। ସଭାପତି ଭାବେ ରତିକାନନ୍ଦ ପଟ୍ଟନାୟକ, ସୁଦର୍ଶନ ସ୍ୱାଇଁ ଉପସଭାପତି ନିର୍ବାଚିତ ହୋଇଛନ୍ତି। ସେହିପରି ସୁବାସ ଚନ୍ଦ୍ର ଦୋରା ସମ୍ପାଦକ, ରବି କାଣ୍ଡି ସହସମ୍ପାଦକ, ସୁଧାକର ଶତପଥୀ କ୍ୟାଶିୟର, ଏକ୍‌ଜିକ୍ୟୁଟିଭ ବଡିକୁ ୬ ଜଣ ଓ ୨ଜଣ ଅଡିଟର ଭାବେ ନିର୍ବାଚିତ ହୋଇଛନ୍ତି।

ସମସ୍ୟା ଦୂର ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ

ଜଟଣୀ, ୩୦।୧(ଡି.ଏନ.ଏ.)

ଜଟଣୀ ନିର୍ବାଚନମଣ୍ଡଳୀରେ ଅନେକ ସମସ୍ୟା ରହିଛି। ଏହିସବୁ ସମସ୍ୟା ଦୂର ହୋଇ ନ ପାରିବା ପଛରେ ସ୍ଥାନୀୟ ଅଞ୍ଚଳର ଦୁର୍ବଳ ନେତୃତ୍ୱ ଦାୟୀ ବୋଲି ଭୁବନେଶ୍ୱର ବ୍ଲକର ପୂର୍ବତନ ଅଧକ୍ଷ ପର୍ଶୁନାଥ ସୁବୁଦ୍ଧି ବୁଧବାର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଏଣୁ ଉପଯୁକ୍ତ ନେତୃତ୍ୱ ହିଁ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ଜଟଣୀରେ ପହଞ୍ଚାଇ ଏହାକୁ ସାକାର କରିପାରିବେ ବୋଲି କହିଥିଲେ। ଜଟଣୀ ତହସିଲ ଅନ୍ତର୍ଗତ ୧୩ଟି ମୌଜାର ଏକଲକ୍ଷ ପାଖାପାଖି ସ୍ଥିତିବାନ ରୟତଙ୍କ ଜମି ସମସ୍ୟା ସହ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ଫ୍ଲାଏଓଭର ବ୍ରିଜ୍ ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘବର୍ଷ ହେବ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନ ହେବା, ହ୍ରାସ ପାଉଥିବା ଭୂତଳ ଜଳସ୍ତର ବୃଦ୍ଧି ପାଇଁ ଆବଶ୍ୟକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉ ନ ଥିବା ସେ କହିଥିଲେ। ଏହାଛଡ଼ା ଖୋର୍ଦ୍ଧାରୋଡ଼ ରେଳଷ୍ଟେଶନ ନାମ ପରିବର୍ତ୍ତନ କରି ଜଟଣୀ କରିବା ଓ ତୁରନ୍ତ ଏଠାରେ କୋର୍ଟ ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି। ବିଡ଼ିଏ ଅଧୀନରେ ଜଟଣୀ ରହିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗର ଶାଖା କାର୍ଯ୍ୟାଳୟଟିଏ ଏଠାରେ ନାହିଁ। ଫଳରେ ବିଭିନ୍ନ କାର୍ଯ୍ୟ ନେଇ ଲୋକଙ୍କୁ ବାରମ୍ବାର ଭୁବନେଶ୍ୱର ଯିବାକୁ ପଡୁଛି। ଉପରୋକ୍ତ ସମସ୍ୟା ସହ ରହିଥିବା ଅନ୍ୟ ଅସୁବିଧା ଦୂର କରିବାକୁ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସାକ୍ଷାତ୍ କରି ଦାବି ଉପସ୍ଥାପନ କରିବେ ବୋଲି ସେ କହିଥିଲେ।

■ ଖୋର୍ଦ୍ଧା ଜିଲାପରିଷଦ ବୈଠକ

ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ନାପସନ୍ଦ

ଖୋର୍ଦ୍ଧା ଅଫିସ,୩୦।୧

କକ୍ଷତ୍ୟାଗ କରି ପ୍ରତିବାଦ କଲେ ଭାଜପା ଓ ବିଜେଡି ସଦସ୍ୟ

ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ୫ମ ଜିଲା ପରିଷଦର ୪ର୍ଥ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଚେୟାରମ୍ୟାନ ପ୍ରଫୁଲ୍ଲ ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉନ୍ନୟନ କାର୍ଯ୍ୟକୁ ନେଇ ଅଧିକାଂଶ ସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏପରି କି କିଛି ଜିଲା ପରିଷଦ ସଭ୍ୟଙ୍କୁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ବ୍ୟବହାର ଖରାପକୁ ନେଇ ପ୍ରତିବାଦରେ ଭାଜପାର ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ। ଭାଜପା ସଦସ୍ୟଙ୍କ ସହ କେତେଜଣ ବିଜେଡି ସଦସ୍ୟ ମଧ୍ୟ ଅନୁରୂପ ଭାବେ କକ୍ଷତ୍ୟାଗ କରିଥିଲେ। ପରେ ଜିଲାପାଳ ଓ ଜିଲା ପରିଷଦ ଅଧକ୍ଷଙ୍କ ହସ୍ତକ୍ଷେପ ପରେ କକ୍ଷତ୍ୟାଗ କରିଥିବା ସଦସ୍ୟମାନେ ଫେରି ଆସିବା ପରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲାର ଟାଙ୍ଗୀ, ବାଣପୁର ଓ ଚିଲିକା ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାର୍ଯ୍ୟ ନିମ୍ନମାନର ହେଉଛି। କିଛି ରାସ୍ତାର କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ଗମ୍ଭାରିମୁଣ୍ଡାଠାରୁ ବାଣପୁରକୁ ନିର୍ମାଣ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ବର୍ଷେ ଭିତରେ ନଷ୍ଟ ହୋଇଗଲାଣି। ଭାଟପଡାଠାରୁ ଗୋଡିଝର ପର୍ଯ୍ୟନ୍ତ ରାସ୍ତା କାମ କଚ୍ଛପ ଗତିରେ ଚାଲିଛି। ଏହିପରି କିଛି କାର୍ଯ୍ୟର ଉଦାହରଣ ଦେଇ ସ୍ଥାନୀୟ ଅଞ୍ଚଳର କିଛି ଜିଲା ପରିଷଦ ସଭ୍ୟ ଅଭିଯୋଗ କରିବା ପରେ ସହକାରୀ ଯନ୍ତ୍ରୀ ଖରାପ ବ୍ୟବହାର ଦେଖାଇଥିଲେ। ଅପରପକ୍ଷେ କେତେଜଣ ଜିଲା ପରିଷଦ ସଭ୍ୟ ଅଭିଯୋଗ କରିଥିଲେ ଉନ୍ନୟନ କାର୍ଯ୍ୟରେ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ସହଯୋଗ କରୁନାହାନ୍ତି। ଯାହାଦ୍ୱାରା ଯୋଜନାଗୁଡିକରୁ ସାଧାରଣ ଲୋକେ ସୁଫଳ ପାଉନାହାନ୍ତି। ସେହିଭଳି ବୋରୱେଲ, ଆତ୍ମା କମିଟି ଭଙ୍ଗ ସମ୍ପର୍କରେ କେତେଜଣ ସଭ୍ୟ ଉପ କୃଷି ନିର୍ଦ୍ଦେଶକଙ୍କୁ ପ୍ରଶ୍ନ କରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଫଳରେ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୦୧୯-୨୦ର ବାର୍ଷିକ ଶ୍ରମ ବ୍ୟୟ ଅଟକଳ, ୨୦୧୮-୧୯ର ଅତିରିକ୍ତ ବାର୍ଷିକ କାର୍ଯ୍ୟ ଖସଡା ଅନୁମୋଦିତ ହୋଇଛି। ସେହିପରି କାଳିଆ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ବାଣପୁରରେ ୫୦୦ ଛାତ୍ରୀଛାତ୍ରଙ୍କ ପାଇଁ ୨ଜଣ ଶିକ୍ଷକ ଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ମୋ ସ୍କୁଲ, ଗ୍ରାମ୍ୟ ଜଳଯୋଗାଣ, ପରିମଳ, ରାସ୍ତା ଓ ଗୃହ ନିର୍ମାଣ ଆଦି ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା। ଅନ୍ୟପକ୍ଷେ ୨୦୧୯ରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏଣୁ ଖୋର୍ଦ୍ଧା ଜିଲାର ବିଧାୟକ ଓ ଏମ୍‌ପିମାନେ ବୈଠକରେ ଯୋଗ ଦେବାକୁ ଗୁରୁତ୍ୱ ଦେଇ ଶାନ୍ତିପୂର୍ଣ୍ଣ ଭାବେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ସରୋଜ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।



ପଦ୍ମପତ୍ରରେ ଥିବା ପାଣି ଯେଭଳି ଢଳଢଳ ହୁଏ,
ଜୀବନ ସେହିପରି ଚଞ୍ଚଳ।
- ଆଦି ଶଙ୍କରାଚାର୍ଯ୍ୟ

ସଂକ୍ଷେପରେ

ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ, ରାସ୍ତାରୋକୋ

ନିମାପଡ଼ା,୩୦।୧(ଡି.ଏନ୍.ଏ): ଚାରିଛକ ଫାଣ୍ଡି ଅନ୍ତର୍ଗତ ଚାରିଛକ ବଜାରରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ବ୍ରହ୍ମକୁଣ୍ଡି ଗ୍ରାମର ମାନସୀ ସାହୁ(୪୫)। ଏହି ଘଟଣାରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଅସ୍ତରଙ୍ଗ ଥାନା ପାଟଳଦା ଗ୍ରାମର ସୁବୋଧ ସେଠୀଙ୍କୁ ଗିରଫ କରିଛି। ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ ମାନସୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ମାନସୀ ଗ୍ରାମରୁ ଚାରିଛକ ବଜାରକୁ ଆସୁଥିବା ବେଳେ କାକଟପୁରରୁ ନିମାପଡ଼ା ଅଭିମୁଖେ ଆସୁଥିବା ଏକ ଫର୍ଣ୍ଣିଚର ବୋଝେଇ ଟ୍ରକ୍(ଓଆର ୦୯ଜି ୫୮୯୭)ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାପରେ ଉତ୍ୟକ୍ତ ଲୋକେ ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ଗାଡି ଭଙ୍ଗାରୁଜା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ ଟ୍ରକ୍‌କୁ ଜବତ କରିଛି। ଏ ସମ୍ପର୍କରେ ମୃତ ମହିଳାଙ୍କ ପୁଅ ମନୋରଞ୍ଜନ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୪୨/୧୯)ରୁଜୁ କରି ଟ୍ରକ୍ ଡ୍ରାଇଭର ସୁବୋଧଙ୍କୁ ଗିରଫ କରିଛି। ମୃତ ମହିଳାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଯାଇଥିବା ବେଳେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବେପାରୁଆ ଗାଡି ଚଳାଇବା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବରଲେଖା ହେବା ବେଳକୁ ରାସ୍ତାରୋକୋ ଜାରି ରହିଥିବା ଜଣାପଡିଛି।

ଆମ ପୋଲିସ କାର୍ଯ୍ୟକ୍ରମ

ନିମାପଡ଼ା,୩୦।୧(ଡି.ଏନ୍.ଏ): ନିମାପଡ଼ା ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ଆମ ପୋଲିସ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଜେଲର ବାବୁଲି ବାରିକ, ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଶିକ୍ଷାବିତ୍ ଅମରେଶ ନନ୍ଦନ ସାହୁ, ନିମାପଡ଼ା ଥାନା ଆଇଆଇସି ହରମୋହନ ନାୟକ, ଅଧାପକ ସୁବ୍ରତ ମହାନ୍ତି, ଏନଏସିର ପୂର୍ବତନ ଅଧକ୍ଷ ସନାତନ ପ୍ରଧାନ ପ୍ରମୁଖ ଯୋଗଦେଇ ଆମ ପୋଲିସ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ଜନସାଧାରଣ ବିଭିନ୍ନ କ୍ଷେତ୍ରରେ ପୋଲିସକୁ ସହଯୋଗ କରିବା ଦିଗରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଆଇନଜୀବୀ, ଶିକ୍ଷକ, କଲେଜର ଏନସିସି କ୍ୟାଡେଟ, ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମୁଖ ଯୋଗଦେଇଥିଲେ।

■ ମୁନିନ୍ଦାରେ ଜାତୀୟ ଗ୍ରାମୀଣ ଗାନ୍ଧୀ ଉତ୍ସବ ଉଦ୍‌ଘାଟିତ

ଗ୍ରାମାଞ୍ଚଳ ହିଁ ଭାରତର ଆତ୍ମା: ରାଜ୍ୟପାଳ

କଣାସ, ୩୦।୧(ଡି.ଏନ୍.ଏ.)

ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଯୁବ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଗାନ୍ଧିଜୀ ଗ୍ରାମାଞ୍ଚଳକୁ ଭଲ ପାଉଥିଲେ। ଗ୍ରାମାଞ୍ଚଳର ସଧାରଣ ଲୋକଙ୍କୁ ସଚେତନ କରାଇବା ଥିଲା ତାଙ୍କ ଲକ୍ଷ୍ୟ। ଭାରତର ଆତ୍ମାକୁ ଦେଖିବାକୁ ହେଲେ ଗ୍ରାମାଞ୍ଚଳକୁ ଆସ ବୋଲି ସେ କହୁଥିଲେ। ଭାରତବର୍ଷର ପ୍ରକୃତ ସଂସ୍କୃତି ଗ୍ରାମାଞ୍ଚଳରେ ହିଁ ଅଛି। ଭାରି ଶିଳ୍ପ ସ୍ଥାପନ ଦ୍ୱାରା ଗାଁର କୁଟୀରଶିଳ୍ପ ଭାଙ୍ଗିଯାଇଛି। ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ କେବଳ ଗ୍ରାମାଞ୍ଚଳର ସମୃଦ୍ଧି ଦ୍ୱାରା ସମ୍ଭବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁନିନ୍ଦା ଜାତୀୟ ଗ୍ରାମୀଣ ଗାନ୍ଧୀ ଉତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି। ମୁନିନ୍ଦାସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱମୁକ୍ତି ଓ ସ୍କୁଲ ପୁରାତନ ଛାତ୍ର ପରିଷଦ ପକ୍ଷରୁ ୩ଦିନିଆ ଗାନ୍ଧୀ ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଆଡଭୋକେଟ ଜେନେରାଲ ବିପିନ ବିହାରୀ ରଥ, ଏମ୍‌ପି ତଥା କବି ଡ. ପ୍ରସନ୍ନ ପାଟ୍ଟଶାଣୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ହୋତା, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ପୁରୀ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଗାନ୍ଧିଜୀଙ୍କ ଅହିଂସା ଓ ଅସହଯୋଗ ଅସ୍ତ୍ରର ସ୍ମୃତି ଚାରଣ କରିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଭ୍ୟର୍ଥନା ସମିତିର ସଭାପତି ଡା. ଶଶାଙ୍କ ଚୂଡାମଣି ଅତିଥି ପରିଚୟ କରାଇବା ସହ ସ୍ୱାଗତ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ଉପରେ ଲିଖିତ ବିଶେଷାଙ୍କକୁ ରାଜ୍ୟପାଳ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅଧିକାରୀ ମାନସ ଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ଅଧିକାରୀ ଜିତେନ୍ଦ୍ରୀୟ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଓଡ଼ିଶାରେ ଗାନ୍ଧିଜୀ ଫଟୋଚିତ୍ର ପ୍ରଦର୍ଶନୀକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। 'ବିଶ୍ୱମୁକ୍ତି' ମୁଖ୍ୟ କାର୍ଯ୍ୟନିର୍ବାହୀ ସବିତା ଦାସଙ୍କ ସଂଯୋଜନାରେ ଡା.ରଥ, ଗାନ୍ଧୀ ସାହିତ୍ୟିକ ଗୌରାଙ୍ଗ ଚରଣ ପରିଡା, କବି ସନ୍ତୋଷ କୁମାର ମିଶ୍ର, ଶିକ୍ଷାବିତ ଅଜୟ ବାହାଦୁର ସିଂହ, ଯୁବ ପ୍ରତିଭା ସସ୍ମିତା ଜେନା ଓ ସୁଶ୍ରୀ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ରାଜ୍ୟପାଳ ବିଶ୍ୱମୁକ୍ତି ରାଷ୍ଟ୍ରୀୟ ସମ୍ମାନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟପାଳ ମୁନିନ୍ଦା ଆସିବା ରାସ୍ତାରେ ବେରବୋଇ ଗାନ୍ଧୀ ସ୍ମୃତିପୀଠସ୍ଥ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ଗାନ୍ଧୀ ସ୍ମୃତିପୀଠରୁ ପହଞ୍ଚିଲା ଅହିଂସା ଓ ପ୍ରଗତି ଜ୍ୟୋତି

ବେରବୋଇ ଗାନ୍ଧୀ ସ୍ମୃତିପୀଠରୁ ତାଙ୍କ ମହାପ୍ରୟାଣ ଦିବସରେ ଅହିଂସା ଓ ପ୍ରଗତି ଜ୍ୟୋତି ଅଣାଯାଇ ମୁନିନ୍ଦା କେ.ପି.ପି. ହାଇସ୍କୁଲ ପରିସରସ୍ଥ ଜାତୀୟ ଗ୍ରାମୀଣ ଗାନ୍ଧୀ ଉତ୍ସବ ମଞ୍ଚରେ ସ୍ଥାପନ କରାଯାଇଛି। ବେରବୋଇ ଗାନ୍ଧୀ ସ୍ମାରକୀ ସମିତିର ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ଓ କସ୍ତୁରବା ଗ୍ରାମସେବା ଟ୍ରଷ୍ଟ ଅଧକ୍ଷା ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଥିବା ପ୍ରଦୀପରୁ ଜାତୀୟ ଗ୍ରାମୀଣ ଗାନ୍ଧୀ ଉତ୍ସବର ଆୟୋଜକ ପ୍ରଧାନଙ୍କୁ ଅହିଂସା ଓ ପ୍ରଗତି ଜ୍ୟୋତି ପ୍ରଦାନ କରିଥିଲେ। ମହାତ୍ମା ଗାନ୍ଧୀ ଅମର ରହେ, ଭାରତ ମାତାକୀ ଜୟ ଧ୍ୱନି ଦେଇ ଶତାଧିକ ଗାନ୍ଧୀପ୍ରେମୀ ୬ କି.ମି. ସଡକ ପରିକ୍ରମା କରି ମୁନିନ୍ଦା କେ.ପି.ପି. ହାଇସ୍କୁଲରେ ପହଞ୍ଚିଥିଲେ। ଗାନ୍ଧୀ ଦର୍ଶନ ଗବେଷକ ତଥା ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡା, ଗାଦିବ୍ରହ୍ମ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡା.ସରୋଜ କୁମାର ପଣ୍ଡା, ଅଧ୍ୟାପକ ତ୍ରିନାଥ ପରିଡା, ପ୍ରଧାନ ଶିକ୍ଷକ ହୃଷୀକେଶ ବଳିୟାରସିଂହ, ସୂର୍ଯ୍ୟନାରାୟଣ ଜେନା, ଡ. ଲକ୍ଷ୍ମୀଧର ପାଇକରାୟ, ସାମାଜିକ କର୍ମୀ ଅନାମ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଶତାଧିକ ଗାନ୍ଧୀପ୍ରେମୀ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସୂତ୍ର, ପୁଷ୍ପମାଲ୍ୟ, ଧୂପ, ଦୀପ ଅର୍ପଣ କରିବା ପରେ ସର୍ବଧର୍ମ ପ୍ରାର୍ଥନା ଆବୃତି କରିଥିଲେ। କସ୍ତୁରବା ଗ୍ରାମ ସେବା କେନ୍ଦ୍ରର ସଂଯୋଜିକା ଜୟନ୍ତୀ ବିଶ୍ୱାଳ ଓ ଗାନ୍ଧୀ ସ୍ମାରକୀ ସମିତି ସଭାପତି ଅକ୍ଷୟ ନାୟକ ପ୍ରମୁଖ ସହଯୋଗ କରିଥିଲେ।

କାଳିଆ ଯୋଜନାରେ ମନ୍ତ୍ରୀ ଭାଇଙ୍କ ନାଁ

ପୁରୀ ଅଫିସ,୩୦।୧

କାଳିଆ ଯୋଜନାରେ ହିତାଧିକାରୀଙ୍କୁ ଅନୁଦାନ ପ୍ରଦାନର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ପୁରୀରେ କରିଥିଲେ। କିନ୍ତୁ ଏହି ତାଲିକାରେ ଏବେ ବଡ଼ବଡ଼ିଆଙ୍କ ନାଁ ରହିଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ତାଲିକାରେ ୪/୫ଜଣ ମନ୍ତ୍ରୀଙ୍କ ଭାଇଙ୍କ ନାଁ ରହିଛି। ଏଥିସହ ଆଉ ଡଜନେ ମନ୍ତ୍ରୀଙ୍କ ନାମ ବି ଚର୍ଚ୍ଚାକୁ ଆସିଲାଣି। ପୁରୀ ଜିଲାର ଜଣେ ପୂର୍ବତନ ମନ୍ତ୍ରୀଙ୍କ ଭାଇଙ୍କ ନାମ ମଧ୍ୟ ଏଥିରେ ରହିଛି। ତେଣୁ ଏହି ଦୁର୍ନୀତିରୁ ଓଡ଼ିଶାକୁ ମୁକ୍ତି ଦେବା ଦରକାର ବୋଲି କହିଛନ୍ତି ଧର୍ମେନ୍ଦ୍ର।

ମନ୍ତ୍ରୀଙ୍କ ନାଁ ନେଲେ ପାପ ବଢ଼ିବ

ଜବାବ ମାଗୁଛି ଓଡ଼ିଶା ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀ ଜିଲା ସମ୍ପର୍କରେ ବକ୍ତବ୍ୟ ରଖୁଥିଲେ। ସବୁଥିରେ ଏହି ଜିଲାକୁ ଅବହେଳିତ କରାଯାଇଛି। କୁମ୍ଭକର୍ଣ୍ଣ ନିଦରେ ଶୋଇଥିବା ନବୀନ ପଟ୍ଟନାୟକ ଏବଂ ତାଙ୍କର କୁମ୍ଭକର୍ଣ୍ଣ ଭଳିଆ ମନ୍ତ୍ରୀ କହି ଅଟକି ଯାଇଥିଲେ। ଜିଲାର ଏହି ମନ୍ତ୍ରୀଙ୍କ ନାଁ ନେବି ନାହିଁ ବୋଲି କହିଥିଲେ। ମନ୍ତ୍ରୀଙ୍କ ନାଁ ନେଇ ମହାପ୍ରଭୁଙ୍କ ସ୍ଥାନରେ ମୁଁ ଅଧିକ ପାପୀ ହେବା ପାଇଁ ଚାହୁଁନି ବୋଲି ଶାଣିତ ଢଙ୍ଗରେ ଆକ୍ଷେପ କରିଥିଲେ ଧର୍ମେନ୍ଦ୍ର। ମଣିଷ ଭାବେ ବହୁତ ପାପ ଆମ ଦ୍ୱାରା ହେଉଛି। କିନ୍ତୁ ସେ ନାଁକୁ ନେଇ ମୁଁ ଆଉ ପାପୀ ହେବା ପାଇଁ ଚାହୁଁନି ବୋଲି କହିଥିଲେ। ଏହାକୁ ନେଇ ସମାବେଶରେ ବେଶ୍ କିଛି ସମୟ ହାସ୍ୟରୋଳ ହୋଇଥିଲା।

ମଞ୍ଚରେ ନ ଥିଲେ ଜିଲା ସଭାପତି

ପୁରୀ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ଜବାବ ମାଗୁଛି ଓଡ଼ିଶା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ବହୁ ତୁଙ୍ଗ ନେତାଙ୍କୁ ଦେଖିବାକୁ ମିଳିଥିଲା। କିନ୍ତୁ ଜିଲା ଭାଜପା ସଭାପତିଙ୍କୁ ମଞ୍ଚରେ କିମ୍ବା ସମାବେଶ ସ୍ଥଳରେ ଦେଖିବାକୁ ମିଳି ନ ଥିଲା। ଏହାକୁ ନେଇ ବିଭିନ୍ନ ପ୍ରକାର ଆଲୋଚନା ଶୁଣିବାକୁ ମିଳିଥିଲା। କେହି କେହି ଦଳୀୟ କନ୍ଦଳ କଥା ମଧ୍ୟ କହୁଥିଲେ। ତେବେ ଏ ସମ୍ପର୍କରେ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଆସନ୍ତା ୨/୩ ତାରିଖରେ ପୁରୀରେ ହେବାକୁ ଥିବା ଭାଜପା ଜନଜାତି ମୋର୍ଚ୍ଚାର ଜାତୀୟ ମହାଅଧିବେଶନ ପ୍ରସ୍ତୁତିରେ ସେ ବ୍ୟସ୍ତ ଥିବାରୁ ସମାବେଶରେ ଯୋଗଦେଇ ପାରି ନ ଥିବା କହିଥିଲେ।

୮ଦଫା ଦାବି ନେଇ ଡାକ୍ତରଙ୍କ ଧାରଣା

ଧାରଣାରେ ବସିଥିବା ଡାକ୍ତରମାନେ।

ପୁରୀ ଅଫିସ,୩୦।୧

୮ଦଫା ଦାବି ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ, ପୁରୀ ଜିଲା ଶାଖା ପକ୍ଷରୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାରଣା ଦିଆଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି, ଠିକା ଓ ଅସ୍ଥାୟୀ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି, ୨୦୧୮ ଓଏମ ଓ ଏଚଏସ କ୍ୟାଡର ରୁଲ ପ୍ରତ୍ୟାହାର, ଅବସର ବୟସ ସୀମା ୬୨ବର୍ଷକୁ ବୃଦ୍ଧିକୁ ବିରୋଧ, କାର୍ଯ୍ୟ ସମୟ ନିର୍ଘଣ୍ଟ, ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଛୁଟି ମଞ୍ଜୁର, ବଦଳି ନୀତି ପ୍ରଚଳନ ପ୍ରଭୃତି ରହିଛି। ଓମ୍‌ସାର ରାଜ୍ୟ ସମ୍ପାଦକ ଡା. ପବିତ୍ର ମୋହନ ମଲ୍ଲିକଙ୍କ ନେତୃତ୍ୱରେ ଏଡିଏମଓ (ମେଡିକାଲ) ଡା. ବ୍ରଜବନ୍ଧୁ ଦାଶ, ଏଡିଏମଓ (ପରିବାର କଲ୍ୟାଣ) ପର୍ଶୁରାମ ଚମ୍ପତିରାୟ, ଡା. ଅମିତ ପଣ୍ଡା, ଡା. ରବୀନ୍ଦ୍ର କୁମାର ଘଡାଇ, ଡା. ଆଶିଷ ମହାପାତ୍ରଙ୍କ ସମେତ ଶତାଧିକ ଡାକ୍ତର ମୁଖ୍ୟଚିକିତ୍ସାଳୟ ପରିସରରେ ପର୍ଯ୍ୟାୟକ୍ରମେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏହି ଅବସରରେ ଓମ୍‌ସାର ରାଜ୍ୟ ସମ୍ପାଦକ ମଲ୍ଲିକ କହିଲେ, ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଆସନ୍ତା ଫେବୃୟାରୀ ୧ଓ ୨ରେ ସମସ୍ତ ଡାକ୍ତର ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ନିମାପଡ଼ା,୩୦।୧(ଡି.ଏନ୍.ଏ): ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରିଥିବା ଅଭିଯୋଗରେ ନିମାପଡ଼ା ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିଆଳି ଥାନା ଅଞ୍ଚଳର ବିଷ୍ଣୁଚରଣ ନାୟକ। ସୂଚନା ଅନୁଯାୟୀ, ନିଆଳି ଥାନା ଅଞ୍ଚଳର ବିଷ୍ଣୁଚରଣ ଉକ୍ତ ନାବାଳିକା ଛାତ୍ରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗତ ୨୮ତାରିଖରେ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକା ଛାତ୍ରୀଙ୍କ ଭଉଣୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୪୦/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଖବରପାଇ ଅପହୃତା ନାବାଳିକାଙ୍କୁ ମଙ୍ଗଳବାର ବ୍ରହ୍ମଗିରି ଥାନା ଅଞ୍ଚଳରୁ ଉଦ୍ଧାର କରିବା ସହ ବିଷ୍ଣୁଚରଣଙ୍କୁ ଗିରଫ କରିଥିଲା। ଉଭୟ ନାବାଳିକା ଓ ଅପହରଣକାରୀ ଯୁବକଙ୍କ ବୁଧବାର ନିମାପଡ଼ା ମେଡିକାଲରେ ଡାକ୍ତରୀମାଇନା କରାଯାଇଥିଲା। ଏହାପରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।

ପୁରୀ ବେଳାଭୂମିରେ ବୁଧବାର ଅକ୍ଟେଭ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଣିପୁର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବୀରହରେକୃଷ୍ଣପୁରକୁ ଐତିହ୍ୟ ଗ୍ରାମ ମାନ୍ୟତା ଦାବି

ପୁରୀ ଅଫିସ, ୩୦।୧: ସ୍ୱାଧୀନତା ସଂଗ୍ରାମୀ ଶହୀଦ ଜୟୀ ରାଜଗୁରୁଙ୍କ ଗାଁ ବୀରହରେକୃଷ୍ଣପୁରକୁ ଐତିହ୍ୟ ଗ୍ରାମର ମାନ୍ୟତା ଦେବା ପାଇଁ ଦାବି କରିଛି ଶ୍ରୀଜଗନ୍ନାଥ ସେନା। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ନେଇ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସେନା ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଭାରତର ଅନ୍ୟତମ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଜୟୀ ରାଜଗୁରୁ। ବ୍ରିଟିଶ ସରକାର ବିରୋଧରେ ପୁରୀ ଜିଲାରୁ ସେ ସ୍ୱାଧୀନତା ସଂଗ୍ରାମର ବହ୍ନି ଜାଳି ମାର୍ଗ ପ୍ରଦର୍ଶନ କରିଥିଲେ। ତାଙ୍କୁ ଅତି ବର୍ବରୋଚିତ ଭାବେ ବ୍ରିଟିଶ ସରକାର ହତ୍ୟା କରିଥିଲା। ବୀରହରେକୃଷ୍ଣପୁରକୁ ଐତିହ୍ୟ ଗ୍ରାମର ମାନ୍ୟତା ଦେବାକୁ ଆମେ ନିବେଦନ କରୁଛୁ। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବକ ହେଉଛନ୍ତି ଚାଖି ଖୁଣ୍ଟିଆ। ଶ୍ରୀକ୍ଷେତ୍ର ମାଟିରୁ ଯାଇ ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈଙ୍କ ସେନାରେ ଅନ୍ୟତମ ସେନାପତି ସାଜି ବ୍ରିଟିଶ ସରକାର ବିରୋଧରେ ଲଢ଼େଇ କରି କଳାପାଣିରେ ବନ୍ଦୀ ହୋଇଥିଲେ। ସେଠାରୁ ସମୁଦ୍ରରେ ପହଁରି ପୁରୀ ଆସିଥିଲେ। ତେଣୁ ଏହି ମହାନ୍ ବରପୁତ୍ରଙ୍କୁ ଭାରତ ସରକାର ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ କଲେ ପୁରୀବାସୀ ତଥା ସମଗ୍ର ଓଡ଼ିଆ ଜାତି ଚିର କୃତଜ୍ଞ ରହିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।



ସୂର୍ଯ୍ୟମନ୍ଦିର ସମ୍ମୁଖରେ ଭିଏତ୍‌ନାମ ରାଷ୍ଟ୍ରଦୂତ ମି.ଫାନ ସାନ୍ସ ଚାଉ।

ଭିଏତ୍‌ନାମ ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ, ୩୦।୧(ଡି.ଏନ୍.ଏ.)

ଭାରତରେ ଅବସ୍ଥାପିତ ଭିଏତ୍‌ନାମର ରାଷ୍ଟ୍ରଦୂତ ମି.ଫାନ ସାନ୍ସ ଚାଉ ବୁଧବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଭିଏତ୍‌ନାମ ରାଷ୍ଟ୍ରଦୂତ ଚାଉ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରାଷ୍ଟ୍ରଦୂତ ଚାଉଙ୍କୁ ଗାଇଡ ପ୍ରଦୀପ୍ତ ମଲ୍ଲ ମନ୍ଦିର ସମ୍ପର୍କରେ ଅବଗତ କରିଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେ ଏଠାକାର କଳା ସଂସ୍କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ରାଷ୍ଟ୍ରଦୂତଙ୍କ ଗସ୍ତ ସମୟରେ କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

ପାରା ହତ୍ୟା ମାମଲା: ଜଣେ ମହିଳାଙ୍କ ସମେତ ୪ଗିରଫ

ପୁରୀ ଅଫିସ,୩୦।୧

ଗିରଫ ହୋଇଥିବା ଅଭିଯୁକ୍ତମାନେ।

ଜବତ ବନ୍ଧୁକ।

- ୨ବନ୍ଧୁକ ଜବତ
- ଭାଗୁ, ପ୍ରମୋଦ ରିମାଣ୍ଡରେ ଆସିବେ

ବହୁ ଚର୍ଚ୍ଚିତ ପାରା ଓରଫ ସଞ୍ଜୟ ବେହେରା ହତ୍ୟାକାଣ୍ଡରେ କୁମ୍ଭାରପଡ଼ା ପୋଲିସ ବୁଧବାର ଆଉ ୪ଜଣଙ୍କୁ ଗିରଫ କରି ଜେଲ ପଠାଇଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଗିରଫମାନେ ହେଲେ ଏକାଧିକ ମାମଲାର ଅଭିଯୁକ୍ତ ବାଲିଘାଟର ଭାଗୀରଥି ଓରଫ ଭାଗୁ ପ୍ରଧାନ, ରଞ୍ଜନ ରାଉଳ, ବାଟଗାଁର ପ୍ରମୋଦ ଭୋଳ ଏବଂ ପିକେଆରଆଇଟି କଲୋନୀର ଅର୍ପିତା ପଟ୍ଟନାୟକ (ମୁଖ୍ୟ ଅଭିଯୁକ୍ତ ଡେଙ୍ଗା ମୁନାଙ୍କ ସ୍ତ୍ରୀ)। ପୋଲିସ ଗୁଳିକାଣ୍ଡରେ ବ୍ୟବହୃତ ଗୋଟିଏ ୭.୬ ଏମଏମ ବନ୍ଧୁକ ଭାଗୁଙ୍କଠାରୁ ଏବଂ ଅନ୍ୟ ଏକ ବନ୍ଧୁକ ପ୍ରମୋଦଙ୍କ ଠାରୁ ଜବତ କରିଛି।

ପୂର୍ବରୁ ଏହି ମାମଲାରେ ପୋଲିସ ନବକଳେବର ରୋଡର ତପନ ସାମନ୍ତରାୟ ଏବଂ ଫ୍ରେଣ୍ଡସ୍ କଲୋନୀର ବାବୁନି ପରିଡ଼ାଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ରମେଶ ପରିଡ଼ା ଓରଫ ଡେଙ୍ଗା ମୁନା ନିମାପଡ଼ା କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଅନ୍ୟତମ ଅଭିଯୁକ୍ତ ଜିତେନ୍ଦ୍ର ସାହୁ ଓରଫ ଜିତୁ ପୋଲିସ ଏନକାଉଣ୍ଟରରେ ଆହତ ହୋଇ ମେଡିକାଲରୁ ଫେରିବା ପରେ ନିମାପଡ଼ା ଜେଲରେ ଅଛନ୍ତି ବୋଲି ବୁଧବାର କୁମ୍ଭାରପଡ଼ା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିଟି ଡିଏସପି ପ୍ରଶାନ୍ତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରମାଣ ନଷ୍ଟ କରିବାରେ ଡେଙ୍ଗା ମୁନାଙ୍କୁ ସହଯୋଗ କରିବା ନେଇ ତାଙ୍କ ସ୍ତ୍ରୀ ଅର୍ପିତାଙ୍କୁ ଗିରଫ କରାଯାଇଛି ବୋଲି ସେ କହିଛନ୍ତି। ଡେଙ୍ଗା ମୁନାଙ୍କୁ ପୋଲିସ ୫ଦିନ ରିମାଣ୍ଡରେ ଆଣିଛି। ଆସନ୍ତା ଫେବୃୟାରୀ ୧ରେ ତାଙ୍କ ରିମାଣ୍ଡ ଅବଧି ସମାପ୍ତ ହେବ। ଅନ୍ୟପଟେ ଜିତୁଙ୍କୁ ବୁଧବାର ଠାରୁ ୩ଦିନ ଲାଗି ପିପିଲି ପୋଲିସ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ପ୍ରକାରେ, ପାରା ଗୁଳିକାଣ୍ଡ ପୂର୍ବରୁ ଡେଙ୍ଗା ମୁନା ଭାଗୁ ପ୍ରଧାନ ସହିତ ଏନେଇ ଆଲୋଚନା କରିଥିଲେ। ବିଭିନ୍ନ କାରଣକୁ ନେଇ ଭାଗୁ ଏବଂ ପାରାଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ପାରା ପୂର୍ବରୁ ଭାଗୁଙ୍କ ଉପରକୁ ଗୁଳି ଚାଳନା କରି ଚର୍ଚ୍ଚାକୁ ଆସିଥିଲେ। ଏପରି କି ପୋଲିସ ଦ୍ୱାରା ଏନକାଉଣ୍ଟର ମଧ୍ୟ ହୋଇଥିଲେ। ଅନ୍ୟପଟେ ଦାଦାବଟି ଓ ଗୁଣ୍ଡିଚା ମନ୍ଦିରଠାରେ ଟ୍ୟାକ୍ସି ଓ ଅଟୋ ଷ୍ଟାଣ୍ଡକୁ ନେଇ ଡେଙ୍ଗା ମୁନା ଗୋଷ୍ଠୀ ସହିତ ପାରାଙ୍କ ଶତ୍ରୁତା ରହିଥିଲା। ପାରାଙ୍କୁ ସବୁଦିନ ଲାଗି ରାସ୍ତାରୁ ହଟାଇବା ଲାଗି ଡେଙ୍ଗା ମୁନା ଭାଗୁଙ୍କ ସହିତ ମିଶି ଯୋଜନାବଦ୍ଧ ଭାବେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏହି ମାମଲାରେ ଭାଗୁ ମାଷ୍ଟରମାଇଣ୍ଡ ଭାବେ କାର୍ଯ୍ୟ କରିଥିଲେ। ଏନେଇ ସେ ଡେଙ୍ଗା ମୁନାଙ୍କୁ ବନ୍ଧୁକ ଦେଇଥିଲେ। ଗୁଳିମାଡ଼ ପରେ ଡେଙ୍ଗା ମୁନା ଭାଗୁଙ୍କୁ ବନ୍ଧୁକ ଫେରାଇ ଦେଇଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଥିବା ସିଟି ଡିଏସପି ପଟ୍ଟନାୟକ କହିଛନ୍ତି। ଏନେଇ ଭାଗୁକୁ ଥାନାକୁ ଆଣି ଜେରା ବେଳେ ସେ ସମସ୍ତ ଘଟଣା ସ୍ୱୀକାର କରିଥିଲେ। ଭାଗୁ ଓ ପ୍ରମୋଦଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚୁରା କରାଯିବ ବୋଲି ସିଟି ଡିଏସ୍‌ପି ପଟ୍ଟନାୟକ କହିଛନ୍ତି।

ଅନ୍ୟପଟେ ଅଭିଯୋଗରେ ଜଣେ ପୂର୍ବତନ କାଉନସିଲରଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ଦର୍ଶାଯାଇଥିବା ସତ୍ତ୍ୱେ ତାଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯାଇନାହିଁ ପ୍ରଶ୍ନରେ ସିଟି ଡିଏସପି ପଟ୍ଟନାୟକ କହିଲେ, ବର୍ତ୍ତମାନ ସୁଦ୍ଧା ସେପରି କୌଣସି ପ୍ରମାଣ ହସ୍ତଗତ ହୋଇନାହିଁ। ଅଭିଯୋଗ ପ୍ରମାଣିତ ହେଲେ, ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଚାପି ଦେବାକୁ ଉଦ୍ୟମ କରିଥିଲେ

ପାରା ହତ୍ୟା ମାମଲାରେ ତାଙ୍କ ପରିବାର ଲୋକେ ତଦନ୍ତର ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଥିଲେ। ଏନେଇ ଖବର ପରିବେଷଣ ପରେ ପୁରୀ ପୋଲିସ ଚେତା ପଶିଥିଲା। ନିଜର ଭାବମୂର୍ତ୍ତି ବଞ୍ଚାଇବାକୁ ଯାଇ ଭାଗୁ ପ୍ରଧାନଙ୍କୁ ଗିରଫ କରିଛନ୍ତି ବୋଲି ପରିବାର ଲୋକେ ଗଣମାଧ୍ୟମକୁ କହିଛନ୍ତି। ଖବର ପରିବେଷଣ ପର ଠାରୁ ହତ୍ୟା ଧମକ ଆସୁଛି ବୋଲି ପରିବାର ଲୋକେ କହିଛନ୍ତି। ଏନେଇ ସିଟି ଡିଏସପି ପଟ୍ଟନାୟକ କୁହନ୍ତି, ପାରା ପରିବାର ପୋଲିସ ବିରୋଧରେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଏହି ମାମଲାରେ ସମ୍ପୃକ୍ତ ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ।



ଖ୍ୟାତି ହେଲା ବୀରତ୍ୱପୂର୍ଣ୍ଣ କାର୍ଯ୍ୟର ସୁଗନ୍ଧ।
- ସକ୍ରେଟିସ

ଅନ୍ୟ ଅଞ୍ଚଳ ଖବର

ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲା
ଶ୍ରୀକାନ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା ସିବିଆଇ

ଭୁବନେଶ୍ୱର, ୩୦।୧(ବ୍ୟୁରୋ)- ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇଥିବା ବଙ୍ଗଳା ଫିଲ୍ମ ନର୍ମାତା ଶ୍ରୀକାନ୍ତ ମାହାତୋଙ୍କୁ ୩ ଦିନିଆ ରିମାଣ୍ଡରେ ନେଇଛି ସିବିଆଇ। ବୁଧବାର ସ୍ୱତନ୍ତ୍ର ସିବିଆଇ କୋର୍ଟ ଏନେଇ ଅନୁମତି ପ୍ରଦାନ କରିଛନ୍ତି। ରିମାଣ୍ଡ ସମୟରେ ସିବିଆଇ ତାଙ୍କଠାରୁ ଠକେଇ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, ଠକେଇ ସମ୍ପର୍କରେ ପଚରାଉଚରା ପାଇଁ ସବିଆଇ ତରଫରୁ ଶ୍ରୀକାନ୍ତଙ୍କୁ ୩ଥର ସମନ ପଠାଯାଇଥିଲେ ମଧ ସେ ହାଜର ହୋଇ ନ ଥିଲେ। ଗତ ୨୪ ତାରିଖ ସକାଳେ ସିବିଆଇର ଏକ ୬ ଜଣିଆ ଟିମ୍ ଶ୍ରୀକାନ୍ତଙ୍କୁ ସାଉଥ କୋଲକାତାସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ଗିରଫ କରିଥିଲା।

ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଅଟକ

ଭୁବନେଶ୍ୱର, ୩୦।୧(ବ୍ୟୁରୋ)- ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚାରଣ କରି ଖସି ପଳାଉଥିବା ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ରସୁଲଗଡ କେନାଲବନ୍ଧ ଅଞ୍ଚଳରେ ଜଣେ ନାବାଳିକାଙ୍କ ଘରେ କେହି ନ ଥିବା ବେଳେ ଯୁବକ ଜଣକ ତାଙ୍କ ଘରକୁ ଯାଇ ଅସଦାଚାରଣ କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଯୁବକ ଜଣକ ଦଉଡି ପଳାଉଥିଲେ। ଏହି ସମୟରେ ସ୍ଥାନୀୟ ଲୋକ ତାଙ୍କୁ କାବୁ କରିଥିଲେ।

ପୋଲିସ ମୁଖ୍ୟାଳୟରେ ଶହୀଦ ଦିବସ

କଟକ ଅଫିସ, ୩୦।୧- ରାଷ୍ଟ୍ରୀୟ ଶହୀଦ ଦିବସ ଉପଲକ୍ଷେ ଓଡ଼ିଶା ପୋଲିସ ପକ୍ଷରୁ ବୁଧବାର ପୋଲିସ ମୁଖ୍ୟାଳୟରେ ଶହୀଦ ଦିବସ ପାଳନ କରାଯାଇଛି। ଆଇଜି ପିଏସ୍ ରଣପିସେଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୀରବ ପ୍ରାର୍ଥନା ସହ ମହାତ୍ମା ଗାନ୍ଧୀଙ୍କ ସମେତ ଅନ୍ୟ ଶହୀଦମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ସମସ୍ତ ପୋଲିସ ଅଫିସର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ଦେଶବ୍ୟାପୀ ଶହୀଦ ଦିବସ ଭାବେ ପାଳନ କରାଯାଉଛି।

ଅସାଧାରଣ ବୀରତ୍ୱର ଗାଥା ରଖିଗଲେ ହେମନ୍ତ

ବେଗୁନିଆ, ୩୦।୧(ଡି.ଏନ.ଏ.)- ବେଗୁନିଆ ବ୍ଲକ ଅଠରାଙ୍ଗ ଗ୍ରାମର ଶହୀଦ ହେମନ୍ତ କୁମାର ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ପାଇଁ ବୁଧବାର ବେଗୁନିଆ ପଞ୍ଚାୟତ ସମିତି ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତି ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଖିଳେଶ ମହାପାତ୍ର, ବାସନ୍ତି ସାହୁ, ସୁଜାତା ସାହୁ, ସିଆରସିସି ରବୀନ୍ଦ୍ର ସାହୁଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

ନୟାହାଟ ଫାଣ୍ଡି ଅଞ୍ଚଳରେ ବଢୁଛି ନିଶା କାରବାର

ଗୋପ, ୩୦।୧(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ବ୍ଲକ ଅଧୀନ ନୟାହାଟ ଅଞ୍ଚଳ ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଭାବେ ପରିଚିତ। ଏଠାରେ ପ୍ରତ୍ୟେକ ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟୀମାନେ ଦ୍ରବ୍ୟ କିଣାବିକା ପାଇଁ ପହଞ୍ଚି ଥାନ୍ତି। ତେବେ ଗତ କେତେଦିନ ଧରି ଏହି ଅଞ୍ଚଳରେ କେତେଜଣ ଅସାଧୁ ବ୍ୟବସାୟୀ ନିଶା କାରବାର ଚଳାଇବା ସହ ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା ବୃଦ୍ଧି ପାଉଥିବା ନେଇ ଅଭିଯୋଗ

ନୀରବଦ୍ରଷ୍ଟା ସାଜିଛି ପୋଲିସ

ହେଉଛି। ଏ ସମ୍ପର୍କରେ ପୋଲିସ ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଅଭିଯୋଗ ପରେ ପୋଲିସ ଚଢ଼ାଉ କରି କେତେଜଣ ଛୋଟ ମୋଟ ଚୋରା ମଦ ବେପାରୀଙ୍କୁ ଗିରଫ କରୁଥିବା ବେଳେ ବଡ଼ ବଡ଼ ଅସାଧୁ ବ୍ୟବସାୟୀମାନେ ଖସି ଯାଉଛନ୍ତି। ଖବରରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ନୟାହାଟ ଫାଣ୍ଡି ଅଞ୍ଚଳରେ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବେଆଇନ ଭାବେ ଜୁଆ ଆଡ୍ଡା ଖୋଲାଯାଇ ଦିନ ଦ୍ୱିପ୍ରହରେ ଜୁଆ ଖେଳ ଚାଲୁଛି। ରାଜ୍ୟ ଓ ରାଜ୍ୟ ବାହାରର ପାନ ବ୍ୟବସାୟୀମାନେ ଏଠାକୁ ଆସୁଥିବାରୁ ଏ ଅଞ୍ଚଳର କେତେକ ଗୁଣ୍ଡା ଶ୍ରେଣୀର ଯୁବକ ପାନ ହାଟ, ପାଣିଛତ୍ର, ଦେସ୍ଥଳୀ, ବଉଲାଙ୍ଗ, ପଲ୍ଲିଛକ ସହିତ ବିଭିନ୍ନ ଛକରେ ଜୁଆ ଆଡ୍ଡା ଖୋଲିବା ସହିତ ଏହି ପାନ ବ୍ୟବସାୟୀମାନଙ୍କୁ ଜୁଆ ଖେଳିବାକୁ ପ୍ରବର୍ତ୍ତାଉଥିବା ଭଳି ଅଭିଯୋଗ ହେଉଛି। ଏପରି ଅଭିଯୋଗ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀଙ୍କ ପାଖରେ ଖବର ଥିଲେ ମଧ ତାଙ୍କର ନୀରବତା ଜୁଆ ଆଡ୍ଡା କରିଥିବା ଯୁବକମାନଙ୍କୁ ସୁହାଉଥିବା ଜଣାପଡ଼ିଛି। ଏଥିପ୍ରତି ଜିଲା ଏସ୍‌ପି ଡ. ସାର୍ଥକ ଷଡ଼ଙ୍ଗୀ, ଗୋପ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଧାନଙ୍କୁ ପଚାରିବାରେ ବେଆଇନ ନିଶା କାରବାରକୁ ନେଇ ଚଢ଼ାଉ କରାଯାଉଛି। ଜୁଆ ଆଡ୍ଡା ଉପରେ ମଧ ଖୁବ୍‌ଶୀଘ୍ର ଚଢ଼ାଉ କରାଯିବ ବୋଲି ସେ କହିଥିଲେ।

ବିଭିନ୍ନ ଦାବି ନେଇ ବୁଧବାର ପୁରୀ ରେଲୱେ ଷ୍ଟେଶନରେ ଠିକା ଶ୍ରମିକମାନେ ଧାରଣା ଦେଇଛନ୍ତି।

କୋଣାର୍କ ଏନ୍‌ଏସିରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ବିଧାୟକ ସୁରେନ୍ଦ୍ର ସେଠୀ ଏକ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

କୋଣାର୍କ, ୩୦।୧(ଡି.ଏନ୍.ଏ.)

କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ୩ଟି ସ୍ଥାନରେ ବୁଧବାର ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପକୁ କାକଟପୁର ବିଧାୟକ ଲୋକାର୍ପିତ କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୧୭/୧୮ବର୍ଷର ଆର୍ଥିକ ସହାୟତାରେ କୋଣାର୍କ ଜନସ୍ୱାସ୍ଥ୍ୟ ଅନୁଖଣ୍ଡ ପକ୍ଷରୁ ୨୦୧୮ରେ ୯ନମ୍ବର ୱାର୍ଡର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ନିକଟ ପିକେଡିଏ କଲୋନୀ, ୧୦ନମ୍ବର ୱାର୍ଡର କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସର ଓ ୧୧ନମ୍ବର ୱାର୍ଡର ବାଡିଆବନ୍ତ ଠାରେ ୩ଲକ୍ଷ ଗ୍ୟାଲେନ ବିଶିଷ୍ଟ ୩ଟି ଜଳଭଣ୍ଡାର କାର୍ଯ୍ୟ ଆରମ୍ଭ ହୋଇଥିଲା। କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ଟି ୱାର୍ଡକୁ ପାଇପଲାଇନ ମାଧ୍ୟମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଗତବର୍ଷ ନଭେମ୍ବର ୨୪ ତାରିଖରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜନ ସ୍ୱାସ୍ଥ୍ୟ ବିଭାଗର ଏସଡିଓ ଗିରିଶ ଚନ୍ଦ୍ର ବଳ, କୋଣାର୍କ ଜନ ସ୍ୱାସ୍ଥ୍ୟ ଅନୁଖଣ୍ଡର ଯନ୍ତ୍ରୀ ଦୀପ୍ତି ରଞ୍ଜନ ପାତ୍ର, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ.ଶ୍ରୀନିବାସ ଓ ନଗର ବିଜେଡି ସଭାପତି ଗୋପାଳଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ସେଠୀ ଏହି ପ୍ରକଳ୍ପ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇବା ସହ ବିଶୁଦ୍ଧ ପାନୀୟ ଜଳ ପ୍ରତ୍ୟେକ ଘରକୁ ସଂଯୋଗ କରିବା ପାଇଁ ଅନୁରୋଧ କରିଥିଲେ ।

ବିଜିପୁର ୟୁଜି ୟୁପି ସ୍କୁଲର ବାର୍ଷିକ ଉତ୍ସବ

ବ୍ରହ୍ମଗିରି, ୩୦।୧(ଡି.ଏନ୍.ଏ.)

ଆଜିର ଶିଶୁ ଫୁଲ କଳିକା ସଦୃଶ। ଏମାନେ ପ୍ରସ୍ଫୁଟିତ ହୋଇ ଦେଶ ଜାତିର ମାନ ରକ୍ଷା କରିଥାନ୍ତି। ଉତ୍ତମ ଶିକ୍ଷା ଏବଂ ସଂସ୍କାର ଶିଶୁଟିକୁ ଭଲ ମଣିଷ ଭାବେ ଗଢିଥାଏ। ଏହି ଶିଶୁମାନଙ୍କୁ ଉତ୍ତମ ଭାବେ ଗଢି ତୋଳିବାର ଭିତ୍ତିଭୂମି ହେଉଛି ବିଦ୍ୟାଳୟ। ଏକ ବିଦ୍ୟାଳୟ ଦେଶ ଗଠନର ମୁଖ୍ୟ ଭୂମିକା ନିର୍ବାହ କରିଥାଏ ବୋଲି ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବିଜିପୁର ୟୁଜି ୟୁପି ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ ଶିକ୍ଷା ଅଧିକାରୀ ଉଲ୍ଲାସ ଚନ୍ଦ୍ର ଜେନା କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ମହାରଥାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସଦାଶିବ ରାଉତ, ସରପଞ୍ଚ ପର୍ଶୁରାମ ସାହୁ, ଉର୍ମିଳା ଦଳାଇ, ଉଷାମଣୀ ଦେଇ, କୈଳାସ ଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ରହିଥିଲେ। ଆୟୋଜିତ ସଭାରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ନୃତ୍ୟ ନିର୍ଦ୍ଦେଶକ ଅନନ୍ତ ବେହେରାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଜମ୍ମେଶ୍ୱର ଦାସ, ଜ୍ୟୋତିର୍ମୟୀ ନାୟକ, ଜ୍ୟୋସ୍ନାରାଣୀ ଦାସ, ଦେବସ୍ମିତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

■ ପୁରୀରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରସଙ୍ଗ

ସବୁଦଳ ନିର୍ବାଚନୀ ଇସ୍ତାହାରରେ ରଖନ୍ତୁ

ପୁରୀ ଅଫିସ, ୩୦।୧

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ପୁରୀରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଦୀର୍ଘ ୭ ବର୍ଷ ହେଲା ଜନ ଆନ୍ଦୋଳନ ଚାଲିଛି। ଏ ନେଇ ବୁଧବାର ପୁରୀ କ୍ଲବ ସମ୍ମିଳନୀ କକ୍ଷରେ ବୁଦ୍ଧିଜୀବୀ ଓ ଆନ୍ଦୋଳନର ସଂଯୋଜକମାନଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କୁହାଯାଇଥିଲା ଯେ, ଜଗନ୍ନାଥ ଧାମର ସଂସ୍କୃତି, ଐତିହ୍ୟ ଏବଂ ଆବଶ୍ୟକତା ଦୃଷ୍ଟିରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ଏଠାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବାର ଯଥେଷ୍ଟ ଗୁରୁତ୍ୱ ରହିଛି। କେନ୍ଦ୍ରୀୟ ବିଦ୍ୟାଳୟ ହେଲେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ତଥା ମାଇଲ ଖୁଣ୍ଟ ପ୍ରତିଷ୍ଠା ହୋଇପାରିବ। ଗତ ୭ ବର୍ଷ ଧରି ଏହି ଆନ୍ଦୋଳନର ବିଭିନ୍ନ ସୋପାନ ତଥା ବୈଶିଷ୍ଟ୍ୟ ସମ୍ବନ୍ଧିତ ଏକ ମୁଖବନ୍ଧ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଥିଲା। ଆସନ୍ତା ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡ଼ିକର ନିର୍ବାଚନୀ ଇସ୍ତାହାରରେ ଏହାକୁ ସାମିଲ କରିବା ପାଇଁ ସଂଯୋଜକମାନେ ଅନୁରୋଧ କରିଥିଲେ। ସବୁ ଦଳ ଏହି ଦାବିକୁ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ରଖିଲେ ଏହା ବାସ୍ତବ ରୂପ ନେଇପାରିବ ବୋଲି ସଂଯୋଜକମାନେ ଆଶା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଶିକ୍ଷାବିତ୍ ଡ. ଅଜିତ ମହାପାତ୍ର, ଡ. ସନତ ମହାପାତ୍ର, ସାମାଜିକ କର୍ମୀ ଦେବାଶିଷ ରଥ, ଆଡ୍‌ଭୋକେଟ ସଂଗ୍ରାମ କେଶରୀ ଦାସ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର, ଗୋବର୍ଦ୍ଧନ ମଠ ମୁଖପାତ୍ର ମନୋଜ କୁମାର ରଥ, ପୁରୀ ବାର ଆସୋସିଏଶନ ସଭାପତି ପ୍ରେମାନନ୍ଦ ମହାନ୍ତି, ରାଜେଶ ମିଶ୍ର, ବିକାଶ ଦତ୍ତ, ସେବାୟତ ରଘୁନାଥ ଗୋଚ୍ଛିକାର ପ୍ରମୁଖ ଯୋଗଦେଇଥିଲେ।

ପୁରୀ କ୍ଲବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

ବଳଙ୍ଗା, ୩୦।୧(ଡି.ଏନ୍.ଏ.)

ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ଦୈତାରୀ ଉଚ୍ଚ ବିଦ୍ୟାଳୟ ଗୋପୀନାଥପୁରର ରୌପ୍ୟ ଜୟନ୍ତୀ ଫେବୃୟାରୀ ୧୧ ଓ ୧୨ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଧାୟକ ସମୀର ରଞ୍ଜନ ଦାଶ, ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ପୂର୍ବତନ ବିଧାୟକ ବିପିନ୍ ଦାସ, ସାମାଜିକ କର୍ମୀ ଦିଲୀପ ନାୟକ, ନାରିନେତ୍ରୀ ପ୍ରଭାତି ପରିଡା, ଅଧ୍ୟାପକ ଅଶୋକ କୁମାର ମିଶ୍ର ତଥା ଅନ୍ୟ କେତେକ ବିଭାଗୀୟ ଅଧିକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଜଗବନ୍ଧୁ ରାୟ, ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସ, ପୁରାତନ ଛାତ୍ର ସଂସଦ ସଭାପତି ଇନ୍ଦ୍ରମଣି ସାହୁ, ସମ୍ପାଦକ ନବ କିଶୋର ସାହୁ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପୋଷ୍ୟ ସନ୍ତାନ ଗ୍ରହଣ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ

ପୁରୀ ଅଫିସ, ୩୦।୧

ପୁରୀ ଜିଲା ଶିଶୁ ସୁରକ୍ଷା ଶାଖା ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ ଗୃହ ପରିସରରେ ବୁଧବାର ପୋଷ୍ୟ ସନ୍ତାନ ଗ୍ରହଣ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଡିଏମଓ (ପରିବାର କଲ୍ୟାଣ) ପର୍ଶୁରାମ ଚମ୍ପତିରାୟ ମୁଖ୍ୟ ଅତିଥି, ଅଣ ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଲଳିତ କୁମାର ଦାଶ, ଜିଲା ସମାଜ କଲ୍ୟାଣ ଅଧିକାରୀ କଲ୍ୟାଣୀ ଦେବୀ, ଜିଲା ପ୍ରକଳ୍ପ ପରିଚାଳକ(ଏନଏଚଏମ) ଟି. ତେଜେଶ୍ୱର ରାଓ, କଟକ ବସୁନ୍ଧରା ପରିଚାଳକ ଅକ୍ଷୟ କୁମାର ସ୍ୱାଇଁ, କଟକ ସିଡବ୍ଲୁସି ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୋଷ୍ୟ ସନ୍ତାନ ଗ୍ରହଣର ସରକାରୀ ବିଧି ବ୍ୟବସ୍ଥା, ସାମାଜିକ ବ୍ୟବସ୍ଥା, ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଯୋଗ୍ୟତା, ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତି, ଅନଲାଇନରେ ଶିଶୁଙ୍କ ସୂଚନା, ଅନଲାଇନ ପଞ୍ଜୀକରଣ, ବିପଦସଙ୍କୁଳ ପରିସ୍ଥିତିରୁ ଉଦ୍ଧାର ହୋଇଥିବା ଶିଶୁଙ୍କ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଣ ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ସ୍ନିଗ୍ଧାରାଣୀ ସାହୁ ଏବଂ ଜିଲା ଶିଶୁ ସୁରକ୍ଷା ଶାଖାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ମୁଖ୍ୟବକ୍ତା ବେଲେଶ୍ୱର ସାହୁ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

କଣାସ, ୩୦।୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ କଣାସଠାରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ସଭାପତି ସୁବାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିଶୁମନ୍ଦିରର ଗୁରୁମାଗୁରୁଜୀମାନଙ୍କ ନିଷ୍ଠାପର ଶିକ୍ଷାଦାନ ଯୋଗୁ ଶିଶୁମନ୍ଦିରର ଛାତ୍ରୀଛାତ୍ରମାନେ ସୁନାମ ଅର୍ଜନ କରିପାରୁଥିବା ସେ କହିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୁରୀ ବିଭାଗ କାର୍ଯ୍ୟବାହ ବେଲେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ କଣାସ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବୀରବର ପ୍ରଧାନ, ବିଦ୍ୟାମନ୍ଦିର ସମ୍ପାଦକ ପ୍ରଶାନ୍ତ କୁମାର ଭୋଳ, ପ୍ରଧାନ ଅଚାର୍ଯ୍ୟ ବାଣୀପ୍ରସନ୍ନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଅଚାର୍ଯ୍ୟ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ମହନ୍ତ ବନମାଳିଦାସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ମଞ୍ଚପରିଚାଳନା କରିଥିଲେ। ଶେଷରେ କୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।

ଯାତ୍ରୀନିବାସରୁ ଲିଙ୍ଗରାଜ ମନ୍ଦିରକୁ ବ୍ୟାଟେରି ଚାଳିତ ଯାନ

ପୁରୁଣା ଭୁବନେଶ୍ୱର, ୩୦।୧ (ଡି.ଏନ.ଏ.)

ବହୁ ପ୍ରତିକ୍ଷୀତ ଶ୍ରୀଲିଙ୍ଗରାଜ ମନ୍ଦିରର ଯାତ୍ରୀ ନିବାସ ନିର୍ମାଣ ହେବା ପରେ ଏବେ ଅନ୍ୟ ଏକ ଯୋଜନା ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଛି। ବୁଧବାର ୭ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ବ୍ୟାଟେରି ଚାଳିତ ଯାନ ବିଭାଗ ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡକୁ ପ୍ରଦାନ କରାଯାଇଛି। ଏହି ବ୍ୟାଟେରି ଚାଳିତ ଯାନରେ ୧୨ ଜଣ ଲୋକ ବସି ପାରିବେ। ବୋର୍ଡକୁ ୫ଟି ବ୍ୟାଟେରି ଚାଳିତ ଯାନ ଦେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ବୁଧବାର ଦୁଇଟି ଯାନ ଦିଆଯାଇଛି। ପ୍ରତ୍ୟେକ ଯାତ୍ରୀଙ୍କ ପାଖରୁ ମନ୍ଦିର ପର୍ଯ୍ୟନ୍ତ ଏହି ଯାନଗୁଡ଼ିକ ଚାଲିବ ବୋଲି ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ ସୂଚନା ଦେଇଛନ୍ତି। ରାସ୍ତାର ସଂକୋଚନ ନେଇ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ଗାଡ଼ିଗୁଡ଼ିକ ଯାତ୍ରୀ ନିବାସଠାରୁ ମନ୍ଦିର ପର୍ଯ୍ୟନ୍ତ ଏହି ଯାନଗୁଡ଼ିକ ସହାୟକ ହେବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ପୁରୀଅଫିସ, ୩୦।୧

ଗାନ୍ଧୀ ସ୍ମୃତି ପରିଷଦ ଓ ସର୍ବୋଦୟ ମେଳା କମିଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀସ୍ମୃତି ପୀଠଠାରେ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଇନଜିବୀ ଶିବ ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଉମାବଲ୍ଲଭ ମହାପାତ୍ର, ବିଜୟ କୁମାର ନନ୍ଦ, ଅନ୍ତର୍ଯ୍ୟାମୀ ନନ୍ଦ, ବିପିନ ବିହାରୀ ଦଳାଇ, ବଦ୍ରି ମିଶ୍ର, ଗୌରାଙ୍ଗ ଚନ୍ଦ୍ର ମହାପାତ୍ର, ନୀତା ଗୋସ୍ୱାମୀ, ବାସନ୍ତି ଲେଙ୍କାଙ୍କ ସମେତ ଶତାଧିକ ଗାନ୍ଧୀପ୍ରେମୀ ଯୋଗଦେଇଥିଲେ। ସେହିପରି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଅଦ୍ୱୈତ ବେଦାନ୍ତ ବିଭାଗ ପକ୍ଷରୁ ଗାନ୍ଧୀଙ୍କ ତିରୋଧାମ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଗାନ୍ଧୀଜୀଙ୍କ ନୀତି ଆଦର୍ଶ ସମ୍ପର୍କରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ର ଅନିଲ କୁମାର ଦାଶ, ମାମାଲି ବିଶ୍ୱାଳ, ସସ୍ମିତା ନାୟକ ପ୍ରମୁଖ ଗାନ୍ଧୀଙ୍କ ତ୍ୟାଗ, ନିଷ୍ଠା, ସ୍ୱରାଜ୍ୟ ଚେତନା ସମ୍ପର୍କରେ କହିଥିଲେ।

ଗାନ୍ଧୀପୀଠକୁ ଅବହେଳା ପ୍ରତିବାଦରେ ଧାରଣା

କଣାସ, ୩୦।୧(ଡି.ଏନ୍.ଏ.)

୧୯୩୮ ମସିହା ମାର୍ଚ୍ଚ ୨୫ ରୁ ୩୧ ପର୍ଯ୍ୟନ୍ତ ୭ଦିନ ଧରି ପୁରୀ ଜିଲା ଡେଲାଙ୍ଗ ବ୍ଲକ ବେରବୋଇ ଠାରେ ଗାନ୍ଧୀ ସେବା ସଂଘର ଚତୁର୍ଥ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତିର ପିତା ମହାତ୍ମା ଗାନ୍ଧୀ ତାଙ୍କ ସହଧର୍ମିଣୀ କସ୍ତୁରବା ଗାନ୍ଧୀ, ଡା. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଆଜାଦ୍, ଆଚାର୍ଯ୍ୟ କୃପାଳିନୀ, ଡ.ପ୍ରଫୁଲ ଘୋଷଙ୍କ ସମେତ ଅନେକ ଜନ ନାୟକ ସ୍ୱାଧୀନତା ସଂଗ୍ରାମୀ ଯୋଗଦେଇ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ରଣନୀତି ପ୍ରସ୍ତୁତ କରିଥିଲେ। ୧୯୭୦ ମସିହାରୁ ଏହି ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଗାନ୍ଧୀ ସେବା ସଂଘ ସ୍ମାରକୀ ସମିତି ଗଠନ କରାଗଲା। ମାତ୍ର ଏଭଳି ଏକ ପୀଠକୁ ରାଜ୍ୟ ସରକାର ଅଦ୍ୟାବଧି ଗୁରୁତ୍ୱ ନ ଦେବା ଏବଂ ପୀଠର ଉନ୍ନତୀକରଣ ନ କରିବାରୁ ଏହା ଲୋକଲୋଚନକୁ ଆସିପାରି ନାହିଁ। ଏହାର ପ୍ରତିବାଦରେ ବୁଧବାର ବେରବୋଇ ଗାନ୍ଧୀ ସ୍ମାରକୀ ସମିତି ଓ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ସକାଳ ୯ଟାରୁ ୧୨ ପର୍ଯ୍ୟନ୍ତ ପୀଠରେ ଧାରଣା ଦିଆଯାଇଥିଲା। ଗାନ୍ଧୀ ସ୍ମାରକୀ ସମିତି ସଭାପତି ଅକ୍ଷୟ ନାୟକ ଓ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘର ସଭାପତି ଅବନିକାନ୍ତ ରାଉତରାୟଙ୍କ ନେତୃତ୍ୱରେ ଉଭୟ ସଂଗଠନର ସଦସ୍ୟମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ଜାଳି ଶହୀଦ ଦିବସ ସ୍ମୃତି ଚାରଣ କରିଥିଲେ।

ବେରବୋଇ ଗାନ୍ଧୀ ସ୍ମାରକୀ ସମିତି ଓ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘର ସଦସ୍ୟମାନେ ଧାରଣାରେ ବସିଛନ୍ତି।

ଫ୍ଲାଟ୍ ଦେବା ଆଳରେ ୫ କୋଟି ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

ସୁଲଭ ଦରରେ ଲୋକମାନଙ୍କୁ ଫ୍ଲାଟ ଯୋଗାଇଦେବା ଆଳରେ ୫ କୋଟି ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ବୁଧବାର ଗିରଫ କରିଛି। ସେ ହେଲେ ପୁରୀ କୁମ୍ଭାରବସ୍ତ ଅଞ୍ଚଳର ରିୟଲ ଭାଲ୍ୟୁ ଡେଭଲପର ଆଣ୍ଡ ବିଲ୍ଡର୍ସ ପ୍ରାଇଭେଟ ଲିମିଟେଡର ରାମ ଚନ୍ଦ୍ର ପାତ୍ର। ଏହି ଠକେଇର ମୁଖ୍ୟ ଅଭିଯୁକ୍ତ ତଥା ଶ୍ରୀୟା ଇନ୍‌ଫାଷ୍ଟ୍ରକ୍‌ଚର ସର୍ଭିସେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଶେଖର ନାୟକଙ୍କୁ ଗତ ୩ ତାରିଖରେ ଇଓଡବ୍ଲ୍ୟୁ ଗିରଫ କରିଥିଲା।

ସୂଚନା ମୁତାବକ, ୨୦୧୪ ଏବଂ ୨୦୧୫ରେ ଶ୍ରୀୟା ଇନ୍‌ଫାଷ୍ଟ୍ରକ୍‌ଚର ନିର୍ଦ୍ଦେଶକ ହିମାଂଶୁ ପୁରୀ ଜିଲା ସିପସରୁବାଲି ଅଞ୍ଚଳରେ ଶ୍ରୀକ୍ଷେତ୍ର କଳିଙ୍ଗ କୁଟୀର ନାମକ ପ୍ରୋଜେକ୍ଟରେ ଫ୍ଲାଟ ଦେବା ନାଁରେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକଙ୍କଠାରୁ ପ୍ରାୟ ୫କୋଟି ଟଙ୍କା ଉଠାଇଥିଲେ। ଆପାର୍ଟମେଣ୍ଟ ପ୍ରୋଜେକ୍ଟ ପାଇଁ ରାମଚନ୍ଦ୍ର ଜାଗା ଯୋଗାଇବା ସହ ୩୫ ପ୍ରତିଶତ ଅଂଶୀଦାର ରହିବା ନେଇ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ଏଥିସହ ୩ବର୍ଷ ମଧ୍ୟରେ ଗ୍ରାହକମାନଙ୍କୁ ଫ୍ଲାଟ୍ ହସ୍ତାନ୍ତର କରିବାକୁ ଚୁକ୍ତି ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଦୁଇ ଜଣଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ହିମାଂଶୁଙ୍କ ଠାରୁ ଏକ ବଡ ପରିମାଣର ଅର୍ଥ ନେବା ପରେ ରାମଚନ୍ଦ୍ର ଧରାଛୁଆଁ ଦେଇ ନ ଥିଲେ। ଫଳରେ ଗ୍ରାହକମାନଙ୍କୁ ଫ୍ଲାଟ ମିଳି ନ ଥିଲା କି ସେମାନେ ଟଙ୍କା ଫେରସ୍ତ ପାଇପାରି ନ ଥିଲେ। ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ଦେବଦତ୍ତ ରାଉତରାୟ ଏ ନେଇ ଗତ ଡିସେମ୍ବର ୧୭ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ପକ୍ଷରୁ ଦଫା ୪୨୦/ ୪୦୬/ ୪୬୭/ ୪୬୮ / ୪୭୧ / ୧୨୦ବିରେ ଏକ ମାମଲା (୨୮ / ୧୮) ରୁଜୁ ହୋଇଥିଲା।